

ସମୁଦ୍ରର ସହରରୁ

ଡକ୍ଟର ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର

Digitized by PPRACHIN, SOA

ସମୁଦ୍ରର ସହରରୁ

ଡକ୍ଟର ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର

ଅଗ୍ନି
ଭୁବନେଶ୍ୱର

Digitized by PPRACHIN, SOA

ସମୁଦ୍ରର ସହରରୁ
© ଡକ୍ଟର ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର
କୈବଲ୍ୟ, ବଳଗଣ୍ଡି, ବଡ଼ଦାଣ୍ଡ, ପୁରୀ

ପ୍ରକାଶକ :
ଅଗ୍ନି
୬୮, ଖାରବେଳ ନଗର,
ଭୁବନେଶ୍ୱର

ପ୍ରଥମ ମୁଦ୍ରଣ :
ଫେବ୍ରୁୟାରୀ
୨୦୦୨

ମୁଦ୍ରଣ :
ଅପୂର୍ବା ଅଫସେଟ୍
୪୮, ମଧୁସୂଦନ ନଗର
ଭୁବନେଶ୍ୱର

ପ୍ରଚ୍ଛଦ :
ସୁଧୀର କୁମାର ଲେଙ୍କା

ମୂଲ୍ୟ :
ସତୁରି ଟଙ୍କା ମାତ୍ର

SAMUDRARA SAHARARU, by Dr. Swaraj Laxmi Mishra, Published by Agni, Bhubaneswar and Price-Rs 70/-(Seventy only)

Digitized by PPRACHIN, SOA

ଉତ୍ସର୍ଗ

ମୋର ପ୍ରିୟ ପାଠକ/ପାଠିକାଙ୍କ ହାତରେ-
ଯେଉଁମାନଙ୍କର ଅନୁକୋଟି ପ୍ରେରଣା
ମୋତେ ଏହି ସରସ୍ୱତ ଗୌରବ ଆଣିଦେଇଛି ।

-ଲେଖିକା

Digitized by PPRACHIN, SOA

କାହାଣୀ କ୍ରମ

ସଂପର୍କର ବରଗଛ	୫
ଅସ୍ମିତା	୨୦
ଗୀତ-ସେଇ ଏକା ସୁରର	୩୦
ଛୁଆ ସୁଅ	୪୮
ଆନ୍ନି ଥୋମାସ୍	୬୦
ଅକ୍ଷିଲ ଓ ମଶା ଉପାଖ୍ୟାନ	୬୮
ଛୁବେର	୭୯
ସାଥୀଟିଏ ଚାହେଁ	୯୦
ଅନ୍ତରୀଣ ଯାତ୍ରା	୯୮

Digitized by PPRACHIN, SOA

ସଂପର୍କର ବରଗଛ

ନିତି କଲେଜ ଯିବା ବାଟରେ ମୁଁ ତାକୁ ଭେଟେ ।

ମୋ ଆପାର୍ଟମେଣ୍ଟ ସିଧା ରାସ୍ତାରେ ଯାଉ ଯାଉ ଗୋଟାଏ ମୋଡ଼ ଡ଼ାହାଣପଟକୁ କଲେଜ ଯିବା ପାଇଁ । ଠିକ୍ ମୋଡ଼ ଉପରେ ଗୋଟାଏ ଝଙ୍କାଳିଆ ପଣସ ଗଛ । ଗଛ ଛାଇରେ ମଦନ ଦର୍ଜୀର କାଠ କେବିନ୍ । ସେଠି ଛୋଟ ମୋଟ ଗହଳିଥାଏ ସବୁବେଳେ । ସେଇ ରାସ୍ତାରେ ଧାଡ଼ି ଧାଡ଼ି ଆଗପଛ ହୋଇ ଅନେକ ସରକାରୀ କ୍ୱାର୍ଟର, ଛୋଟ, ବଡ ମଧ୍ୟମ ବର୍ଗର । କ୍ୱାର୍ଟର ଆଗରେ ଭିନ୍ନ ଭିନ୍ନ ଧରଣର ଗେଟ୍ । କିଛି ଲୁହା ଗ୍ରୀଲ୍‌ର ଆଉ କିଛି କାଠର । ଗେଟ୍ ଭିତରକୁ ବଗିଚା । ଜାତି ଜାତିକା ସାଜରେ ସଜେଇ ହେଇ ଠିଆ ହେଇ ଥିବା ବଗିଚା ସବୁ ରାସ୍ତା ଉପରୁ ହିଁ ପରିଚୟ କରେଇ ଦିଅନ୍ତି ଘର ଭିତରେ ରହୁଥିବା ମଣିଷ ମାନଙ୍କର ରୁଚି, ଠାଣି, ଏବଂ ପଦପଦବୀ ସହିତ । ଭଦ୍ର ପରିବେଶ । ପରିବେଶର ଆଭିଜାତ୍ୟ ଅଛି ମଧ୍ୟ ।

ଏଇ ପରିବେଶ ଭିତରେ ହିଁ ମୁଁ ତାକୁ ଦେଖି ଆସିଛି । ଅନେକ ଅନେକ ଦିନ ହେବ । ହିସାବ ନାହିଁ, ମାସେ ଦି' ମାସ ନୁହେଁ, ବର୍ଷେ କି ତାଠୁ ଅଧିକ । ପ୍ରାୟ ମୁଁ ଏଠାକୁ ବଦଳି ହୋଇ ଆସିବା ଦିନୁ । ଅବଶ୍ୟ ପରିବେଶ, ଚରିତ୍ର ଓ ରୁଚି ସହିତ ତାର କୌଣସି ମେଳ ନାହିଁ । ଅର୍ଥାତ୍ ଛବି ବହିରେ ଅଙ୍କା ହେଲାଭଳି ସୁନ୍ଦର ସାଜର ଘର, ମଣିଷ, ଫୁଲବଗିଚା, କଅଁଳ ଘାସର ସବୁଜ ଲନ୍ ସହିତ ତାକୁ ମିଶେଇ କଳ୍ପନାକଲେ ବେଖାପ ଲାଗେ । ଲାଗିବା ସ୍ୱାଭାବିକ । ଯେମିତି ସୁନ୍ଦର ମୁହଁଟି ଭିତରେ ଅରାଏ ଧଳାଚିହ୍ନ । ନହେଲେ ଆବୁଡ଼ା ଖାବୁଡ଼ା ହୋଇ ପୁଞ୍ଜାଏ ନାଲିଜାଇ ।

ଅବଶ୍ୟ ସିଏ ବି ଏମିତି କିଛି ଦୃଷ୍ଟି ଆକର୍ଷଣକଲା ଭଳି ବସ୍ତୁଟିଏ କି ଚରିତ୍ରଟିଏ ନୁହେଁ । ତଥାପି ଯେ, ସେ ଅନ୍ୟର ଦୃଷ୍ଟି ଆକର୍ଷଣ କଦବା କେବେ କରୁନଥିବ ଏକଥା ବି ନୁହେଁ । ଯଦିଓ ତାକୁ କେନ୍ଦ୍ରକରି କିଛି ଘଟଣା ବା ଦୁର୍ଘଟଣା କେବେ ଘଟିନି କି ଘଟିବା ସମ୍ଭବ ନୁହେଁ । ତେବେ ଘଣ୍ଟାରେ କଣ୍ଟା ମିଳେଇଲା ଭଳି ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସ୍ଥାନରେ, ନିର୍ଦ୍ଦିଷ୍ଟ ଢ଼ଙ୍ଗରେ ତାକୁ କିମ୍ବା ତାର ପାଟି ନଶୁଣିଲେ ଗଲା ଆଇଲା ଚିହ୍ନା ବାଟୋଇ ମାନଙ୍କୁ ନିଶ୍ଚେ ଖାପଛଡ଼ା ଲାଗୁଥିବ । ଯିମିତି କିଛି ହଜିଯାଇଛି, ଲିଭିଯାଇଛି ଅଥବା ଚଲାବାଟରେ ଚିହ୍ନପାଇଁ ହେଉପଛେ ଅଦରକାରୀ ଗୋଜପଥରଟେ ଏଠି ପଡିଥିଲା, ଉଠି ଯାଇଛି କିମ୍ବା ଥୁଣ୍ଟା ଖଜୁରିଗଛଟିଏ, କି କଣ୍ଟା ସିଜୁଫେଣି ଟାଏ ଥିଲା ଏଇ କୋଣରେ, ଗଲାଆସିଲା ବେଳକୁ କାନ୍ଧରେ ବାଜି ତାର ସ୍ଥିତି ଜଣେଇ ଦେଉଥିଲା । ଏବେ ନାହିଁ, ଖାଲି ଖାଲି ଲାଗୁଚି ଜାଗାଟା । ଅନ୍ୟମନସ୍କ ଭାବେ ହେଉପଛେ ଆଖି ମୁହୂର୍ତ୍ତେ ଖୋଜି

Digitized by PPRACHIN, SOA

ବସିବ, ଥିଲା ତ ଏଠି କୁଆଡେ ଗଲା ? ଯେମିତି ମୁଁ ଆଜି ତାକୁ ଖୋଜୁଛି । ଅନ୍ୟମାନେ ବି ଖୋଜୁଥିବେ ।

ଠିକ୍ ସେମିତି କଣ୍ଟାଥୁଣ୍ଟା ଗଛଟିଏ ଭଳି, ଗୋଜ ପଥରଟିଏ ଭଳି, ଅସଜଡା ଗଛରୁ ଅବାଗିଆ ଡାଳଟିଏ ଭଳି, ରାଣୀ ନୁହେଁ କି ମଣି ନୁହେଁ, ମହାରାଣୀକି ମହାମାନ୍ଵୀ ନୁହେଁ-ମଣିଷଟିଏ । ଆଖି ନାକ କାନ, ହାତଗୋଡ ଥିବା ଜୀବନଟିଏ । ତା ଭିତରେ ସୁନ୍ଦର ନିଷ୍କପଟ ସରଳ ଘାସଫୁଲ ଭଳି ନିରୁତା ମନଟିଏ-

ସିଏ -ଦୁଲି ! ଭିକାରୁଣୀ ଦୁଲି । ମାଗିଖାଇ ଦୁଲି । ଦୁଲିଦେଈ । କାହା ଦୟାର ଦାନ ଖଣ୍ଡେ ମୋଟା ସାତ-ଗଇଣ୍ଠା କପ୍ତା ବେଢ଼େଇ ହେଇଥିବା, ମଇଳା କୋଚଟ ତାଳିପକା ବ୍ୟାଗ ଭିତରେ ତାର ସଂଚିତ ସଂପତ୍ତି କହିଲେ, ଖଣ୍ଡେ ସିଲଭରବେଲା, ପ୍ଲାଷ୍ଟିକ୍ ଗ୍ଲାସ ଖଣ୍ଡେ ଚିରା ଚ଼ଦର, ନାଲି ଗାମୁଛା ଆଉ ପଲିଥିନ ମୁଣି ଭିତରେ କନା ଖଣ୍ଡିକରେ ବନ୍ଧା କିଛି ରେଜାପଇସା । ତା ସହିତ ଛୋଟ ଗୋଟିଏ କୋଥଳି ମୁଣି, ତା ଦିହରେ ଯତ୍ନରେ ସାଇତା ଖଣ୍ଡେ ତିଳକ, ନାଲିକନାରେ ବନ୍ଧା କିଛି ନିର୍ମାଲ୍ୟ ଆଉ ଦାନ୍ତ ଭଙ୍ଗା ପାନିଆଟିଏ । ବାସ୍ । ଅବଶ୍ୟ ହାତରେ ଖଣ୍ଡେ ବାଡ଼ି । କୁଆ କୁକୁର ତଡ଼ିବା ପାଇଁ । ବୟସ ଷାଠିଏ ପାଖାପାଖି । ଏଇ ଦୁଲି ଦେଈ ।

କଳା ନୁହେ ସାବେନି । ବଡ ଚ଼ଉଡା ମୁହଁରେ ବଡ ବଡ ଆଖି । ବେକରେ ତୁଳସୀ ମାଳି । କପାଳରେ ଚିତାକୁଟେଇ ମାଛିଟିଏ । ମୁଣ୍ଡରେ ଅଧାକଳା ଓ ଅଧା ପାଚିଲା ବାଳ । ଚିକ୍କଣ କରି କୁଣ୍ଡେଇ ବାଙ୍କ ଖୋସାଟିଏ ଡାହାଣ କାନ ଆଡ଼କୁ ଢ଼ଳି ପଡିଥିବ । ନାକ ଉପରକୁ ଟିକିଏ ତିଳକର ଚିତାଟିଏ । ମୋଟା ମୋଟି ଏଇ ତାର ସାଜ ।

ରାତିରେ ସେ କେଉଁଠି ଶୁଏ ମୁଁ ଠିକ୍ ଜାଣେନା । ତେବେ ମନ୍ଦିର ପାଖାପାଖି ତିଆରି ଚାଲିଥିବା ଅନେକ କୋଠାଘର ଭିତରୁ ଗୋଟିକରେ କେମିତି କଣ କରି ରାତିଟା କଟେଇଦିଏ । "ମୋର କଣ ଆଉ ଅନ୍ୟ ଆଶ୍ରା ଅଛି-ସେଇ ଇଟା ସିମେଣ୍ଟ ଆଡ଼େଇ ଗାଈ କୁକୁରଙ୍କ ଭିତରେ ରାତିଟା ଆଖିବୁଜି ପଡିଯିବା କଥା । କୋଉ ଶ' ନା ସଂପତ୍ତି ଅଛି ଯେ, ଚୋର ଛଡ଼େଇ ନବ । ଆଉରି କେତେ ମଜୁରିଆ ଶୋଉଛନ୍ତି ସେଠି । ଏ ଜୀବନ ତ ପଶୁର ଜୀବନ ମାଁ ...ଦୀର୍ଘ ନିଃଶ୍ଵାସ ପକାଏ ଦୁଲିଦେଈ । କୋଟି ଯୁଗର ହତାଶା ଫୁଟି ଉଠେ ତାର ବଡ଼ ବଡ଼ ଆଖି ଦି'ଟାରେ । ଜାଣେନା, କେତେ କାଳର ସ୍ମୃତି ସେଠି ହାବୁକା ଖାଉଥାଏ ।

ମୋ' ଘରଟା କଲେଜଠାରୁ ବେଶୀ ଦୂର ନୁହେଁ । ଚଲାବାଟ । ହଲି ଦୋହଲି ଗଲେ ବି ଦଶମିନିଟରୁ କମ୍ ଲାଗେ । କିନ୍ତୁ ମୁଁ କଲେଜ ଗଲାବେଳେ ପ୍ରାୟ ତରବର ହେଇ ଚାଲିଥାଏ । ପୁଣି ଚାଲୁ ଚାଲୁ ଆଗାମୀ କ୍ଲାସ ପାଇଁ ନିଜକୁ କିଛିଟା ପ୍ରସ୍ତୁତ ବି କରିନିଏ, କଣ ପଢ଼େଇବି, ନପଢ଼େଇବି । ଏଇଟା ମୋର ଗୋଟାଏ ଦୁର୍ବଳତା । କାରଣ ମୁଁ

Digitized by PPRACHIN, SOA

ଘରଭିତରେ ପଶିଲେ ହିଁ ଭୁଲିଯାଏ ଯେ, ମୋର ଆଉ ଗୋଟିଏ ପରିଚୟ ଅଛି । ପୁଣି ମୁଁ ନିଜକୁ ଅଧା ଅଧା କରି ବାଣ୍ଟି ପାରେନା । ଘରେ ବାହାରେ ସବୁଠି ସମସ୍ତେ ମୋତେ ଷୋଳଅଣା ଆଶା କରନ୍ତି । ଯେମିତି ମୁଁ ପୂର୍ଣ୍ଣତଃ ସେମାନଙ୍କର -ସେମାନଙ୍କ ପାଇଁ ନିଜକୁ ବିନିଯୋଗ କରେ । ମୁଁ ବି ଚାହେଁ ସବୁଠି ଷୋଳଅଣା ହେବାପାଇଁ । ଅଥଚ ହେଇପାରେନା । କୋଉଠି କେମିତି ଫାଙ୍କ ରହିଯାଏ । ସିଏ ଏକ ବିଷମ ଅବସ୍ଥା । ଅନେକ ଭୁଲ ବୁଝାମଣା । ବହୁ କୈଫିୟତ । ଅସରନ୍ତି ମନସ୍ତାପ ଏଥିପାଇଁ ।

ଏଇଥିପାଇଁ ତ ଜୀବନରେ ସବୁଠୁ ବେଶୀ ମୂଲ୍ୟ ଦେବାକୁ ପଡିଛି । ଗୋଟାଏ ଜଗତରୁ ଆଉଗୋଟିଏ ଜଗତକୁ ପାଦ ବଢ଼େଇଲା ବେଳେ ଏଇ ବିଷମ ଅବସ୍ଥାକୁ ମୁଁ ନିତି ସାମ୍ନା କରିଛି ।

ଇଏ କି ଏକ ଅଦ୍ଭୁତ ମାନସିକ ସ୍ଥିତି । ଚାରି ଆଡେ ଫାଙ୍କା । ଖାଲି ଶୂନ୍ୟ ଶୂନ୍ୟ.... ସେଇ ଅପ୍ରସ୍ତୁତ ଶୂନ୍ୟାବସ୍ଥା ଭିତର ଦେଇ ଭାସି ଭାସି ପ୍ରାୟ ଗଲାବେଳେ ରାସ୍ତାକଡ଼ରୁ ଜିମ୍ବା ପଣସ ଗଛର ଛାଇତଳୁ ଗୋଟାଏ କାତର କଣ୍ଠ ମୋ ବାଟ ଓଗାଳେ ଆସି । 'ଏ ପାଠପଢ଼ା ଝିଅ.... ହାତ ଘଣ୍ଟାରେ କେଇଟା ବାଜିଲା ଦା ....'' ମୋ ଅନ୍ୟମନସ୍କତା ଭାଙ୍ଗିଯାଏ । ସେମିତି କେବେ କେବେ ସମୟ କହିଦେଇ ଆଗକୁ ପାଦ ବଢ଼ାଏ ତ କେବେ କିଛି ଉତ୍ତର ନଦେଇ ଚାହିଁଦିଏ ଖାଲି ।

ମୋଠୁଁ ଉତ୍ତର ନଶୁଣିଲେ କିନ୍ତୁ ଦୁଲିଦେଇ ସନ୍ତୁଷ୍ଟ ହୁଏନା । ମୁଣ୍ଡପୋତି ଗାରୁ ଗାରୁ ହୁଏ । ପାଠ ପଢୁଛନ୍ତି ବୋଲି ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି । ପଦେ କଥା କହିଦେଲେ ପାଟି ସରିଯିବନା ଉଣାପଣ ହୋଇଯିବ....ଛିଆ ଲୋ....ଆଠଟା ବାଜିବକି କଣ .... କଥା ଅସ୍ପଷ୍ଟ ଶୁଭେ କ୍ରମଶଃ.... କଲେଜ ଆଡିକି ପାଦ ବଢ଼ାଏ ମୁଁ ଚଞ୍ଚଳ ଚଞ୍ଚଳ ତା' କଥାକୁ ନିଘା ନକରି । ହେଲେ ସତକୁ ସତ ଘଣ୍ଟାରେ ଆଠଟା ବାଜି ସାରିଥାଏ । ଆଠଟା ପନ୍ଦରରେ ମୋ' କ୍ଲାସ ।

ଦିନେ ଦିନେ ଦେଖେ, ଦାମ ବିଶୋଇ ପୁଅ ଦେବ ହାତରେ ବାମ୍ଫୁଆଣି ଚା' ଧରି ଡାକ ପକେଇ ଥାଏ ଦୁଲିକୁ । ''ବୁଢ଼ୀ ଚା' ତୋର ଥଣ୍ଡା ହେଇଯାଉଛି, ନେଇ ଯା' ଶୀଘ୍ର ।''

ପ୍ଲାଷ୍ଟିକ୍ ନାଲି ଗ୍ଲାସଟିକୁ ପୋଛି ପୋଛି ଯତ୍ନର ସହିତ ଦୁଲି ତଳେ ଥୋଇ ବସିପଡେ । ଦେବ ଚା' ଢ଼ାଳେ ।

''ବୁଢ଼ା ମୁଢ଼ି କିଛି ନାହିଁ ପୁଅ ଆଜି ? ରାତିର ରୁଟି ଭାଉଜ ରଖିନି ? ଭୋକରେ ପେଟ ଆଉଟି ପାଉଟି ହେଇଯାଉଛି । କାଲି ଏକାଦଶୀ ଥିଲା ତ...''

''ମଲା, ପୁଣି ଏଇ ଏକାଦଶୀ ଢ଼ଙ୍ଗ କାହିଁକି ମାଗିଯାଚି ତ ଚଳୁଛୁ...'' ରାସ୍ତା ଉପରକୁ ମଇଳା ଫୋପାଡିଲା ଭଳି ଦେବ ବୁଢ଼ୀ ଉଦ୍ଦେଶ୍ୟରେ କଥା ଫୋପାଡିଲା ।

Digitized by PPRACHIN, SOA

'ସେମିତି କହନା ପୁଅ । କପାଳରେ ଯାହା ଅଛି ନା, କଣ କରିବି କହ ....ଏଇ ନାଲିପାଣିର ନିଶା ତ ମୋତେ ଖାଇଲା ....ହଉବାପ ଠାକୁରେ ତୋତେ କୋଟି ପରମାୟୁ ଦିଅନ୍ତୁ...ଚା' ଶୋଷାତୁ ଶୋଷାତୁ ଢୁଲି କଲ୍ୟାଣ ଢ଼ାଳେ ଦାତା ଉପରେ ।

ଦେବ ବୋଉ ପଚାରନ୍ତି -''ଆଜି କୋଉଠି ଖାଇବୁ କି ?''

''ସେଇ ବାମୁଣ ଘର ମାଁ କୁ କହି ରଖିଛି କାଲିଠୁ । ଗଣ୍ଡେ ତତଲା ଦେବ ।'' ଦାଶବାବୁଙ୍କ ଘର ଆଡ଼ିକି ହାତ ଦେଖାଏ ଢୁଲି । ''ଦିଦିନ ହେଲା ପଖାଳ ଖାଉଥିଲି, ସେଇ ଯେ ମନ୍ଦିର ଗଳିର ପଣ୍ଡାବୋହୂ ତା' ପୁଅର ଏକୋଇଶା ଥିଲା ତ, ବଳକା-ବଳକି ସେଇ ଦଉଥିଲା । ସୁନ୍ଦରିଆ ପୁଅଟି ହେଇଛି । ଠାକୁର ପରମାୟୁ ଦେଇଥାନ୍ତୁ ।'' ହାତ ଟେକିଲା ଢୁଲି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ।

ଢୁଲି କେବଳ ବ୍ରାହ୍ମଣ ଘର ଦେଖି ପଚାରି ଭାତ ଖାଏ ବୋଲି ଅନେକ ପରେ ମୁଁ ଜାଣିଲି । ତେବେ ସକାଳୁଆ କଲେଜ ସାରି ଘରକୁ ଫେରିଲାବେଳ, ଢୁଲିର ଗାଧୁଆ ବେଳ । ଆଜିକାଲି ଯେତେସବୁ କୋଠାବାଡି ଆଉ ବହୁତଳ ପ୍ରାସାଦ ତିଆରି ଚାଲିଛି, ତାର ଚୂନ ସିମେଣ୍ଟ କାମ ପାଇଁ ଯେଉଁ ଅସ୍ଥାୟୀ ପାଣିକୁଣ୍ଡ ରହିଛି, ସେଇ ପାଣିରୁ ଦି'ଚାରିମଗ ଅଜାଡି ହୋଇ ପଡେ ଠିଆ ଠିଆ । ଛେଦାଲୁଗା ଖଣ୍ଡେ ଗୁଡ଼େଇ ହେଇପଡି ସେଇ ଖରାରେ ଓଦାଲୁଗାକୁ ଚିପୁଡ଼ି ଚାପୁଡି ଶୁଖାଇ ପକାଏ ସେଇ ରାସ୍ତାକଡ ମାଟି ଉପରେ । ଛେଳି ଚରାଳି ପିଲାଏ, ବା ଗୋବର ଗୋଟାଇ ଝିଆଏ ଖେଳିବା ନାଁରେ ବେଳେ ବେଳେ ସେଇ ଲୁଗା ଉପରେ ଧାଁ ଧଉଡ଼ କରନ୍ତି । ବୁଢ଼ୀ କିନ୍ତୁ ପିଲାଙ୍କୁ ବକେନା, କେବଳ ବ୍ୟସ୍ତ ହୁଏ, ନେହୁରା ହେଲା ଭଳି କୁହେ । ଏ ବାପ, ଏ ଧନଟା ପରା, ଅସନା କରୁଛୁ କାହିଁକି ସେଇ ଖଣ୍ଡିକ ବୋଲି ତ ଲୁଗାରେ ବାପ...ଇଆଡିକି ଘୁଞ୍ଚ ଆଲୋ...।'

ମୁଁ ଦେଖିଛି କେବେ କେବେ ଅଣ୍ଟିରେ ଖୋସିଥିବା ପିଜୁଳି କସିଟିଏ କି କୋଳି ଦିଟା ହେଉ ସେଇ ନାକ ସୁଡୁକା ଆଖି ନେଝରା ପିଲାଙ୍କ ହାତକୁ ବଢ଼େଇ ଆଉଁସି ପକଉଥିବ । ତା ଦେହ ମୁହଁ ପୋଛି ଦେଇ କହିବ '' କେଡ଼େ ଅପରଛନିଆ ମାଁ ଗୁଡାକ ବା...ପିଲାଙ୍କ ଦେହ ମୁହଁକୁ ନଜର ରଖୁନାହାନ୍ତି । ଖାଇଛୁ ବାପ, କଣ ଖାଇଛୁ ? ପେଟ ତ ପିଠିକୁ ଲାଗିଯାଉଛି ରେ...କଣ କରିବି...କଣଟେ ଅଛି ଯେ ମୋ ହାତରେ ଦେବି ତୋତେ । ମୁଁ ତ ଅରକ୍ଷିତ...।'' ବ୍ୟସ୍ତ ହୋଇପଡ଼େ ଢୁଲି ।

ସତେ ଯେମିତି ସେମାନେ ସବୁ ତାର ଅଝଟିଆ ନାତିନାତୁଣୀ । ତା' କଥା କେହି ରଖୁ ନାହାନ୍ତି କି ଶୁଣୁ ନାହାନ୍ତି । କର୍ତ୍ତୃତ୍ୱର କଣ୍ଠସ୍ୱରରେ କ୍ରମଶଃ ଅସହାୟତା ଫୁଟି ଉଠେ । ବାଟ ଚାଲୁ ଚାଲୁ ମୁଁ ନିଘାକରେ ମୋତେ ଆଶ୍ଚର୍ଯ୍ୟ ଲାଗେ । ସବୁ ମାଗିଖିଆ ଭିକାରୁଣୀ ଭଳି ସେ ଲାଗେନା । ଟିକେ ଅଲଗା । ଦିନ ଦିନ ଧରି ମୁଁ ଦେଖି ଆସୁଛି ତାକୁ । ତାର ଚାଲି ଚଳଣି, ବିଚାର, ହାବଭାବ ବାରିହେଇପଡେ ସମସ୍ତଙ୍କ ଠୁଁ ।

Digitized by PPRACHIN, SOA

''ମାଁ ପଇସାଟିଏ ଦିଅ କି ଚାଉଳ ମୁଠାଏ ଦିଅ'-ବୋଲି ମାଗିବା ମୁଁ କେବେ ଦେଖିନି । କେବଳ ଶୁଣିଆସିଛି ପଦୁଟିଏ ''ଏ ବାମୁଣଘର ମାଁ, ଆଜି ମୁଠେ ଖାଇବାକୁ ଦେବ ?'' କିମ୍ବା ''ଆଗୋ ବାମୁଣଘର ବୋହୂ ତୋ ପୁଅଝିଅ। ଭାଗରୁ ମୁଠାଏ ମୋତେ ଅଜାଡି ଦେ, ତୋ କାଚ ସିନ୍ଦୂର ବଜରହେବ ।'' ନହେଲେ ''ମା' ଗୋ ବାମୁଣଘର ସା'ନ୍ତାଣୀ....ତୋ ପୁଅର ବଡତି ହେବ ମୁଠାଏ ଖାଇବାକୁ ଦେବୁ-'' ଗୋଟାଏ ଛନ୍ଦରେ ତା' ଆବେଦନ । ଯଦୁ ସାବତଙ୍କ ଘର ଆଗରେ, ଶମ୍ଭୁପଣ୍ଡାଙ୍କ ଦୁଆର ମୁହଁରେ, ଦିବ୍ୟ ମହାପାତ୍ରଙ୍କ ଗେଟ୍ ପାଖରେ ନ ହେଲେ ରାମ ନନ୍ଦଙ୍କ ଦୁଆରେ ଠିଆ ହେଇ ଡାକ ପକେଇଥିବ । ଶମ୍ଭୁପଣ୍ଡାଙ୍କ ମାଁ ବୁଢ଼ୀ, କଦଳୀ ପତ୍ର ଗଛରୁ କାଟି ଶାଗପଖାଳ ଚିପୁଡି ଚିପୁଡି ବାଢ଼ି ଦେଉଥିବେ କିମ୍ବା ରାମ ନନ୍ଦଙ୍କ ବୋହୂ ଖଲିପତ୍ର ପକେଇ ଭାତ ଉପରେ ଡଙ୍କିଏ ଡାଲି ଅଜାଡି ଦେଉଥିବ ଅଥବା ମହାପାତ୍ରଙ୍କ ଚାକର ଟୋକା ଭାତ ଉପରେ ଟିକେ ତରକାରୀ ଥୋଇ ପତ୍ର ଠୋଲାରେ ଦୁଲି ହାତକୁ ବଢ଼େଇ ଦଉଥିବା ମୋ ପାଇଁ ଏ ନିତିଦିନର ଦୃଶ୍ୟ । ମୋତେ ଭଲ ଲାଗେ । ଆଶ୍ୱସ୍ତ ଲାଗେ । ଭାବେ ଏବେ ବି ଏ ପୃଥିବୀରେ ଭଲ ମଣିଷର ଅଭାବ ନାହିଁ ।

ମୁଁ ପ୍ରାୟ ଦିନରେ ଅନ୍ୟୂନ ଦି'ଥର କଲେଜ ଯିବା ଆସିବା କରେ ଏବଂ ମୋତେ ଦେଖିଲା ମାତ୍ରେ ବୁଢ଼ୀ ପଚାରେ 'ଝିଅ ପାଠ ପଢ଼ି ଆସିଲୁ ? ସକାଳେ ତ ଯାଇଥିଲୁ...ଫେଣେ ଯାଉଛୁ, କେତେ ପାଠ ପଢୁଛ କି ?' ଆଉ କିଛି ଦିନର ଦେଖା ଚାହାଁ ...ପୁରୁଣା ହେଲା ପରେ ତା ଜିଜ୍ଞାସା ଆଉ ପାହାଚେ ବଢ଼େ । ପଚାରେ 'ତମଘର କଣ ଏଇ ପାଖରେ ଝିଅ ? ଏଇଟା ଶାଶୁଘର ନା, ବାପଘର ? କାଚ ସିନ୍ଦୂର ତ ପିନ୍ଧିନୁ..ଆଜିକାଲି କିଏ ବେଶି ପିନ୍ଧୁନାହାନ୍ତି ଏଗୁରା...କଣସବୁ ଟିକିଲି ନଗଉଛନ୍ତି...ଧନ ଦରବ ଥିଲା ଘର ସୁନା କାଚ ପିନ୍ଧୁଛନ୍ତି । ସମତେ ତ ସା'ନ୍ତାଣୀ କିଏ ଆଉ କଣ ବୋହୂ ଭୂଆଷୁଣୀ ପରି ଦିଶୁଚନ୍ତି ?'' ଆମେ ବି ଲଗଉଥିଲୁ ଆମବେଳେ, ନାଲି ନେଳି କଳା ରଂଗର ଅଭ୍ର କପାଳରେ ହେଲେ ସିନ୍ଦୂର ପଛକୁ ସବୁ । ସଜ ମୁହଁରେ ସିନ୍ଦୂର ଟୋପେ ମହାଲକ୍ଷ୍ମୀ ମିତି ଦିଶେ ।''ବୁଢ଼ୀ ବାଲୁରୁ ବାଲୁରୁ ହେଇ ଗୁଡାଏ କଥା ଏକାଥରକେ କହି ପକାଏ । ମୁଁ ପ୍ରଥମେ ପ୍ରଥମେ କୌତୁହଳ ବଶତଃ ଫେରନ୍ତି ବାଟରେ ଟିକିଏ ଠିଆ ହେଇ ପଡେ ତା' କଥା ଶୁଣିବାକୁ । କେବେ କେବେ ଟଙ୍କା ଦି'ଟା, ପାଞ୍ଚଟା ବଢ଼େଇ ଦିଏ ବି ତା ହାତକୁ 'ରଖିଥା ଜଳଖିଆ ଖାଇବୁ' । ବଡ ସଙ୍କୋଚରେ କୁଣ୍ଠାର ସହିତ ସେ ହାତ ବଢ଼ାଏ । ସେତିକିବେଳେ ମୁଁ ଦେଖିଥିଲି ତା ହାତରେ ଚିତା କୁଟେଇ ଲେଖା ହୋଇଥିଲା ''ଦୁଲିଦେଈ'' ।

ଦୁଲି କଥା ଲମ୍ବାଏ । କାଲି ଦି'ପହରରେ ମନ୍ଦିରପାଖ ଗଳିରେ ଉଦିଆ ସାଂଗେ ଭେଟ ହେଇଥିଲା, ବାପୁଡା ବଡ ମନସ୍ତାପ କରୁଥିଲା ।''

Digitized by PPRACHIN, SOA

ମୋ' ଆଖିରେ ପ୍ରଶ୍ନବାଚୀ ଦେଖି କୁଝେଇଦେଲା ଦୁଲି । ଛକ ଉପରେ ଝିଏ ଅଳତା ସିନ୍ଦୂର ଆଉ ପୋଥି ପୁରାଣ ଧରି ବିକୁନି ସେଇ ଉଦିଆ । ଭଲ ଟିକେ ରୋଜଗାର ହେବ ବୋଲି ସହରକୁ ଆଇଥିଲା । ହେଲେ ଏବକୁ ଝିଅଙ୍କ ଫେସନ ବଦଳୁଚି । ଆଜିକାଲି କିଏ ଅଳତା ସିନ୍ଦୂର ପିନ୍ଧୁଛନ୍ତି, କି ମୁଣ୍ଡ ବାନ୍ଧି ଫୁଲ ପିନ୍ଧୁଚନ୍ତି ? ଦେହମୁଣ୍ଡ ସବୁ ମୁକୁଳା । ହଳଦୀ ତ ସପନ । ସବୁଆଡେ ହତଶ୍ରୀ ଅଲକ୍ଷ୍ମୀ ଗୋଡ଼େଇଛି । ବିଚରା କଣ କରିବ ଉଦିଆ । ତା ପେଟ ତ ପୁରୁନି, ଗାଁରେ ଅନେଇଥିବା ଚାରିପ୍ରାଣୀଙ୍କ ପେଟ କେମିତି ପୂରେଇବ ?

ଦୁଲି ନିଜର ଦୁଃଖ ନଗପି ଅନ୍ୟର ଦୁଃଖରେ ଦୁଃଖୀ ହେଉଛି । ପୁରୁଣା ବିଚାର ପରଂପରାର ମୃତ୍ୟୁ ଦେଖି ମନସ୍ତାପ କରୁଛି । ପୃଥିବୀର ଅନେକ କିଛି ବଦଳିଗଲାଣି । ମଣିଷ ବଦଳିଗଲେଣି । ସେ କିନ୍ତୁ ତା ମାପରେ ମାପୁଛି ସବୁକୁ । ତାର ବା ଦୋଷ କଣ ? ତଥାପି ମୋତେ ଚକିତ ଲାଗେ । ତା ଭିତରର ସଂସ୍କୃତି ସଚେତନ ମଣିଷଟିକୁ ଦେଖି । ସବୁ ଭିକାରୁଣୀ ଙ୍କ ସହିତ ମୁଁ ତାକୁ ସମାନ କରେନା । ମୋ ଆଖିରେ ସେ ନିଆରା ହୋଇ ଠିଆ ହୁଏ ।

ମୁଁ ଆସିବାକୁ ତରତର ହୁଏ । ଆସିଲାବେଳେ ଦୁଲି କୁହେ-''ପାଦରେ ଦିପଟ ପାଉଁଜି ଲଗଉନୁ ଝିଅ, ସୁନ୍ଦର ମାନିବ । ଚପଲ ମଡେଇଲେ କଣ ହେଲା ଅଳତାଟିକେ ପିନ୍ଧିଲେ ସୁନ୍ଦର ଦିଶିବ ଯେ...।''

ମୁଁ ହସିଦେଇ ମୁହଁ ବୁଲାଏ ।

ତାକୁ ହୁଏତ ଅପମାନ ଲାଗେ । ମୁହଁ ଶୁଖେଇ କୁହେ ''କିଛି ଭାବିବୁନି ମନରେ ମା, ମୁଁ ମାଗିଖାଇଟା । ହତଲକ୍ଷ୍ମୀ । କହିବା କଥା ନୁହେଁ ହେଲେ ତୋତେ ଦେଖିଲେ ସକାଳୁ ସକାଳୁ ମନଟା ପୁରିଯାଏ । ଯେତେକି ମହାଲକ୍ଷ୍ମୀଙ୍କୁ ଦେଖୁଛି । ସେଇ ଭରସାରେ କହିଦେଲି ସାହସକରି ।'

ମୋ ଭିତରେ ମୁଁ ଚମକି ଉଠେ ଦୁଲିର ମନ୍ତବ୍ୟ ଶୁଣି । ହୁଏତ ମୋ ମୁହଁ ଦେଖି ଦୁଲି କିଛି ଅନୁମାନ କରେ, ''କଥା ଧରିଲୁ କି ଝିଅ ? କିଛି ଧରିବୁନି । ଆଉ କହିବିନି ଯେ...ଜାଇଲି ହେଉଛି ।' ମୁହୂର୍ତ୍ତେ ରହି ପୁଣି ପଚାରେ ମାଁ ତୁ ବାମୁଣ ଘର ଝିଅନା ?''

ମୁଁ ଏଥର ମଜା ଦେଖିବାକୁ ନିଜକୁ ସଜାଡି ହସି ହସି କୁହେ ''ନାଇଁ ଖୀରସ୍ତାନୀ । କଣ ବାମୁଣଭଳିଆ ଦିଶୁଛି ?''

ପୁଣି ସେ ଦୋହରାଏ -''ଦିଶୁଛୁ ତ ମହାଲକ୍ଷ୍ମୀ ଭଳି..'' ଆଖିରେ ସଂଦେହର କୁହୁଡି । ବୋଧେ ବିଶ୍ୱାସ କରି ପାରୁନି ।

ପୁଣି ଦିନେ ଫେରନ୍ତି ବାଟରେ ଓର ଉଣ୍ଡି ପଚାରିବସେ ଦୁଲି, ''କହିଲୁନି ତ ଝିଅ ତମର ବାମୁଣ ଘର କି ନାଇଁ ?''

: କାହିଁକି ? ମୋ' ଘରେ ଖାଇବୁ କି ?

Digitized by PPRACHIN, SOA

: ତୋ ହାତରେ ତୁ ବାଢ଼ି ଦେଇଥିଲେ ତ ଖାଇଥାନ୍ତି...ହେଲେ...

: ବ୍ରାହ୍ମଣ ଘର ନହେଲେ ଜଣ ତୁ ମୋତେ ଖାଇବୁନି ? ମୁଁ ପଚାରେ ।

''ନାଇଁ ଝିଅ...ଏମିତି ତ କାଳକ ଗଲା । କୋଉ ଜନମରେ କେତେ ପାପ କରିଥିଲି ଯେ ଲକ୍ଷ୍ମୀ ଛାଡିଲେ । ଦୁଆର ଦୁଆର ବୁଲି ଭିକ ମାଗିଲି । କି ଅଭିମାନ ଅଛି ମୋର । ଧନରେ ନା, ମାନରେ, ଘରର ହେଲି, ନା କୁଳର ହେଲି । ଖାଲି ଏଇ ଜାତିଟା-ତାକୁ ଛାଡିଲେ ତ ମୋ ପାଖରେ କିଛି ରହିବନି ଝିଅ । ଧର୍ମ ଛାଡ଼ିଲେ ନର୍କଗତି ହବ ।'' ଦୀର୍ଘ ନିଃଶ୍ୱାସ ପକେଇ ଦୁଲି ଶୂନ୍ୟକୁ ଚାହେଁ । ''ଇହ ତ ଗଲା ପରକାଳକୁ କାହିଁକି ଛାଡିବି ଆଉ । ପିତୃପୁରୁଷ ଅସନ୍ତୁଷ୍ଟ ହେବେ ।'' ମୋତେ ବିଚିତ୍ର ଲାଗେ ।

ଦୁଲିର ଏଇ ତର୍ଜମା'ଧର୍ମ' ଜାତି, କୁଳ ବା 'ପରକାଳ' ସଂପର୍କରେ । ଯାହା ବି ହେଉ ନା କାହିଁକି ତା ଉପଲବ୍‌ଧ ନିର୍ଯ୍ୟାସ ହିଁ ତାପାଇଁ ଶେଷକଥା, ତାର ଶ୍ରେଷ୍ଠ ଅଭିମାନ । ଏତେ ଭୟଙ୍କର ଦୁଃସ୍ଥିତି ଭିତରେ ବି ତାକୁ ସେ ପ୍ରାଣପଣେ ରକ୍ଷା କରି ଚାଲିଛି । କିଛି କମ୍ କଥା ନୁହେଁ । ଆମ ଶିକ୍ଷାଭିମାନୀ ଉଦାର ସଂସ୍କୃତ ମନ ଯାକୁ କୁସଂସ୍କାର କହୁ କି ଅନ୍ଧବିଶ୍ୱାସ କହୁ କିଛି ଯାଏ ଆସେ ନା ତାର । ହେଲେ ତାର ସେଇ ଅଦୃଶ୍ୟ ପିତୃପୁରୁଷ ଙ୍କ ଠାରେ ବିଶ୍ୱାସଘାତୀ ହେବାକୁ ଚାହେଁନା ସେ ।

ବାଟ ଚାଲୁ ଚାଲୁ ମୁଁ ପଚାରେ-'ତୁ ତାହେଲେ ବ୍ରାହ୍ମଣ ? ତୋର ଘର କୋଉଠି ?'

'ନୟାଗଡ । ନୟାଗଡ ପାଖରେ ଆମ ଗାଁ । ହେଲେ ତୋ ଘରେ କିଏ ସବୁ ଅଛନ୍ତି ଝିଅ ?' ଦୁଲି ତା କଥା ନକହି ଓଲଟି ପ୍ରଶ୍ନ କରେ ।

ଶାଶୁ ଶଶୁର ଅଛନ୍ତି ପାଖରେ ? ଦିଅର ନଣନ୍ଦ କେତୋଟି ? ଭଲ ଦେଖୁଛନ୍ତି ତୋତେ ନା ? ଆଉ ବର ? କୋଉଠି ଅଛି ପାଖରେ ନା ....

''ବିଦେଶରେ ।''

ପୁଅ ଝିଅ କେତୋଟି ?

'ନାହିଁ । କଥା ଆଡ଼ଇଲା ଭଳି ସଂକ୍ଷିପ୍ତ ଉତ୍ତର ଦେଲା ବେଳକୁ ଲିଜା ମୁହଁଟା ଭାସି ଉଠିଲା ଆଖି ଆଗରେ । ପିଲାଦିନେ ଅଝଟ କଲାବେଳେ ଯେମିତି ଅଣ୍ଟାରେ ହାତଦେଇ ବଡ ବଡ ଆଖିରେ ପ୍ରଶ୍ନକରେ, ଠିକ୍ ସେମିତି ପ୍ରଶ୍ନ କରୁଛି 'ବୋଉ, ସତରେ ତୋ ପାଇଁ ମୁଁ ନାହିଁ ନା ?' ଝିଅଟା ଠିକ୍ ତା ବାପା ଭଳି ହେଇଛି-ମୁଁ ଆଖିବୁଜି ତା ଆଡୁ ମୁହଁ ଫେରେଇନେଲି । ଯିଏ ମୋର ନୁହେଁ ମିଛରେ କାହିଁକି ତାକୁ ଦାବୀ କରିବି ମୋର ବୋଲି !

ମୋ ମୁହଁର ପ୍ରତିକ୍ରିୟାରୁ ଦୁଲି କଣ ପଢିଲା କେଜାଣି, 'କହିଲା ଦୁଃଖ କରନା ଝିଅ । ତୋ' ପରି ସଂସାରରେ କେତେ ଦୁଃଖି ଅଛନ୍ତି ଆହୁରି । ତୁ ଏକୁଟିଆ ବୋଲି

Digitized by PPRACHIN, SOA

ଭାବେନା । ପେଟର ରକ୍ତ ମଧ୍ୟ ସମୟ ପଡ଼ିଲେ ଚିହ୍ନୁନି । ସେ ଦୁଃଖଠୁ ତ ଏଇଟା କିଛିନୁହେଁ ।' ଦୀର୍ଘଶ୍ୱାସଟିଏ ଛାଡ଼ି ଦୁଲି ପୁଣି କହିଲା-'ଭାବିଲେ ସଂସାରଟା ଯାକ ନିଜର, ନହେଲେ ବଡ଼ ଏକୁଟିଆ । କେହି କାହାର ନୁହେଁ ଲୋ ଝିଅ ।'

ସେ'ଦିନ ଜାଣେନା କେମିତି ସଂପର୍କର ବରଗଛଟିଏ ଠିଆହେଇଗଲା ରାସ୍ତାକଡରେ; ତା' ଶୀତଳ ଛାଇର ନିରୋଳା ହାତ ବଢ଼େଇ । ଆଉ ବି ଜାଣେନା ମୁଁ କାହିଁକି ସମ୍ମୋହିତ ହେଲାଭଳି ତା ପ୍ରଶ୍ନର ଉତ୍ତର ଦେଇଥିଲି । ଜାଣେନା ବି କାହିଁକି ମୋ ଅଜାଣତରେ ନିଜକୁ ଘୋଡୋଇବାକୁ ଯାଇ ତା ଭଳି ନିଃସ୍ୱ କାଙ୍ଗାଳୁଣି ପାଖରେ ନିଜକୁ ଲଙ୍ଗଳା କରି ମୋ ନଥିଲାପଣକୁ ଦେଖେଇ ପକେଇଥିଲି, କହିପାରିବିନି । ଏତେବଡ଼ ସଂସାରରେ ଏତେ ଆପଣାର ବୋଲି ଦାବି କରୁଥିବା ମଣିଷମାନଙ୍କ ଭିତରୁ ଦୁଲି କାହିଁକି ମୋତେ ଦରଦୀ ମନେହେଲା । କହିପାରିବିନି ମଧ୍ୟ, କୋଉ ଏକ ନିଛାଟିଆ ବିନ୍ଦୁରେ ତା ସହିତ ମୋର କୋଉଠି ଗୋଟାଏ ଏକାନ୍ତ ମେଳ ଖୋଜି, ଅନାୟସରେ କୌଣସି ଗ୍ଲାନି ନଥାଇ ଆନ୍ତରିକତାର ହାତ ବଢ଼େଇ ଦେଇଥିଲି ।

ମୁହଁଖୋଲି ନକହିଲେ ମଧ୍ୟ ମନ ଭିତରେ ହଜାରେ ଥର କହିଥିଲି ମୁଁ ମଧ୍ୟ ତୋରି ଭଳି କାଙ୍ଗାଳୁଣି । ମୋ ପେଟ ସିନା ପୂରୁଛି । ମନ ତ ଭୋକିଲା । ସ୍ନେହ ଟିକେ, ଆପଣାପଣ ଟିକକ ପାଇଁ ଅନ୍ୟ ପାଖରେ ତ ହାତ ପାତୁଛି, ପଣତ ମେଲେଇଛି । ମୁଁ ଜାତି ଖୋଜୁନି, ଧର୍ମ ଖୋଜୁନି; ଖୋଜୁଛି ମଣିଷ, ବିଶ୍ୱାସ ଖୋଜୁଛି । ଆଉ ସେହି ବିଶ୍ୱାସ-। ଦେ' ନେ' ର ଊର୍ଦ୍ଧ୍ୱରେ ଯେଉଁ ଆପଣାପଣ, ମଣିଷ ପାଇଁ ମଣିଷର ଦରଦ, ନିରୁତାସ୍ନେହ, କୌଣସି ସଂପର୍କର ବନ୍ଧନ ନଥାଇ, ପରିଚୟର ବଡ଼ପଣ ନଥାଇ ମୁଁ ଖୋଜିପାଇଥିଲି ସେତକ ହତଭାଗୀ ଦୁଲି ଭିତରେ ।

ଆଉ ଦିନେ...କଥା ପ୍ରସଙ୍ଗରେ ପଚାରିଥିଲି ତା କଥା । ଅବଶ୍ୟ ବଡ କୁଣ୍ଠାର ସହିତ ନିଜ ଅତୀତକୁ ସେ ମୋ ଆଗରେ ଖୋଲିଥିଲା । ବାପା ଶିବପୂଜକ । ଗାଁ ପାଖ ଶାସନବାଡରେ ଘର । ଗୋଟିଏ ବୋଲି ଝିଅ ବଡ଼ ସରାଗରେ ବାପା ବୋଉ ନାଁ ଦେଇଥିଲେ ଦୁଲି ନୁହେଁ -ଦୁଲ୍ଲାଳି । ଭଲ ଘର ଭଲବର ଦେଖି ପାଖ ଗାଁର ବଡ଼ପଣ୍ଡା ଘରେ ବିଭାଦେଇଥିଲେ । ମୁକୁନ୍ଦ ବଡ଼ପଣ୍ଡା ତହସିଲ ଅଫିସରେ କିରାଣୀ ଥିଲା । ଜମି ସିନା ନଥିଲା, ଘର ତୋଟା, ଡିହ ହେଇ ଚଳିବାକୁ କିଛି ଅସୁବିଧା ନଥିଲା । ମୁକୁନ୍ଦ ଚାକିରୀ ଜାଗାଠି ରହୁଥିଲା- ସହରରେ । ଶାଶୂ ନଣନ୍ଦ ଘରେ ରହୁଥିଲେ । ଦଶବର୍ଷ ଭଲରେ କଟିଗଲା । ଲାଗି ଲାଗି ଝିଅ ତିନୋଟି ଜନ୍ମ ହେଲେ । ଅପରାଧ ହେଲା ଦୁଲ୍ଲାଳିର । ସାଇ ପଡ଼ିଶା, ଶାଶୂ ନଣନ୍ଦଙ୍କ ଠାରୁ ବାରକଥା ଶୁଣିବାକୁ ପଡିଲା । ଯିମିତି ଇଚ୍ଛାକରି ଝିଅ ତିନିଟାକୁ ସେ ମାଗିଆଣିଛି । କ୍ରମଶଃ ମୁକୁନ୍ଦର ନିଜ ସ୍ୱଭାବ ବଦଳିଲା । ଦୁଲ୍ଲାଳିର ବାପା ମରିଗଲେ । ବିଧବା ମାକୁ ପଟେଇ ପାଟେଇ ଶ୍ୱଶୁର ଘରର ପାଞ୍ଚମାଣ ଜମିକୁ ନିଜ ନାଁରେ

Digitized by PPRACHIN, SOA

କରିନେଲା ମୁକୁନ୍ଦ । ତା ପରେ ଦୁଲ୍ଲାଳି ଉପରେ ଅତ୍ୟାଚାର ଆରମ୍ଭ ହେଇଗଲା । ମୁକୁନ୍ଦର ଘରକୁ ଯିବା ଆସିବା କମିଗଲା । କାମର ଆଳ ଦେଖେଇ ସହରରେ ରହିଁବାକୁ ଲାଗିଲା ସେ ।

ଦିନେ ଦୁଲ୍ଲାଳି ଜାନନ୍ତୁ ଖବର ଆସିଲା । ସେ ଆଉ ଗୋଟାଏ ସ୍ତ୍ରୀ ଲୋକକୁ ପାଖରେ ରଖିଛି । ବିଶ୍ୱାସ କରିପାରିଲାନି ପ୍ରଥମେ ଦୁଲ୍ଲାଳି । ମିଛ ହେଇଥିବ, ବିଶ୍ୱାସର ନିଆଁଛୁଇଁ ତା ହାତ ଧରିଥିଲା ମୁକୁନ୍ଦ ଯିଏକି ତିନି ତିନିଟା ଝିଅର ବାପା, ତା ସହିତ ଏମିତି ବିଶ୍ୱାସଘାତ କରିବନି । ଅସହଣି ଲୋକେ । ନିଜେ ଯାଇ ଦେଖି ସେ ଆସିବ ।

ନିଜେଯାଇ ଦେଖି ଆସିଲା ଦୁଲ୍ଲାଳି । ସବୁ ସତ । ପୁଅଟିଏ ବି ହେଇଛି ସେ ମାଇକିନାର । ମୁକୁନ୍ଦ ଏତେଦିନ ଧରି ତା ସହିତ ଛଳନା ହିଁ କରିଛି ? ତାକୁ ସବୁଶୂନ୍ୟ ଦିଶିଲା । କେତେ କାନ୍ଦିଲା । କାଟିଲା । ଭାଗ୍ୟକୁ ନିନ୍ଦିଲା ।

କଣ ଆଉ କରିଥାନ୍ତି ଝିଅ । ପୁଅକୁ ନେଇ ସେ ଘରେ ପଶିଲା । ମୁଁ କଣ ସେଠି ରହି ପାରିଥାନ୍ତି ? ସାନଝିଅଟାକୁ ସାଂଗରେ ଧରି ରାଗରେ ମା ପାଖକୁ ଚାଲିଗଲି । କପାଳ ଫାଟିଲେ, ଲକ୍ଷ୍ମୀ ଛାଡ଼ିଲେ ସବୁ ଅଘଟଣ ହିଁ ଘଟେ । ଆଗରୁ ଜମି ଯାଇଥିଲା ବାପର । ଚଳିବାରେ କଷ୍ଟ ହେଲା ବୋଲି ଦଶହଜାର ଟଙ୍କାରେ ଘର ଖଣ୍ଡିକ ବନ୍ଧକ ରଖି ସାହୁକାର ଠୁ ପ୍ରଥମ କିସ୍ତିରେ ଦି ହଜାରେ ଆଣିଥିଲା ମାଁ । ସେତିକି । ଟଙ୍କାଗଲା, ଘରମଧ୍ୟ ଗଲା, ଅଜଣା ଜରରୋଗରେ ମାଁ ଆଖିବୁଜିଲା । ତେଣିକି ଆ'ଘର ତା' ଘର ପାଇଟି କରି ଗୁଜୁରାଣ ମେଣ୍ଟାଇଲି । ବଡ଼ ଝିଅ ଦି'ଟା ବାପା ପାଖରେ ରହିଲେ ଯେ କେହି ଦିନେ ବାସି ମୁହଁରେ ପଚାରିଲେନି । ଗାଁ, ସାଇ ସମାଜ କିଛି କଲେନି ମୋ ପାଇଁ । ଶେଷକୁ ଦିନେ ରାତିରେ ପାଖ ଗାଁର ହଳିଆ ସଂଗରେ ସାନଝିଅ ଟା ମଧ୍ୟ ପଳେଇଗଲା । ସେଇ ବାପର ଝିଅ ତ କଣ ଆଉ ହେଇଥାନ୍ତା ! କଥା ଶେଷ କରି ଦୁଲି ଆଖିରୁ ଲୁହ ପୋଛିଲା ।

ତା ପରେ ଦୁଲ୍ଲାଳି, ଦୁଲିଦେଈ ହୋଇ ସହରକୁ ଆସିଲା ପେଟ ପୋଷିବା ପାଇଁ, ବାର ଦୁଆରେ ବାସନ ମାଜିବା ପାଇଁ, ଅଇଁଠା ଗୋଟେଇବା ପାଇଁ ।

"କୂଅ ପୋଖରୀ ଦେଖିବାକୁ ଇଛା ହେଲାନି ଝିଅ । କାହାଠୁ ଶୁଣିଥିଲି ଆତ୍ମହତ୍ୟା ବଡ଼ ପାପ । ମରିବିନି । ହାତଗୋଡ ଥିଲାଯାଏ ଚାରିଘରେ ପାଇଟି କରି ଚଳିଯାଉଥିଲି । ବଳ ଗଲା ବୟସ ଗଲା । ରୋଗ ଖାଇଲା ଶରୀରକୁ । କିଏ ଆଉ ମୋତେ ରଖିବ ? କହୁ କହୁ ତା ଆଖିରେ ଶୂନ୍ୟତା ଛାଇଯାଇଥିଲା । ଛିଣ୍ଡା ପଣତରେ ଆଖି ପୋଛି କହିଲା "ଝିଅ କାହିଁକି ପଚାରିଲୁ ଏତେକଥା ? ପାଶୋରି ଦେଇଥିଲି ସବୁ । ମୋର କିଛି ନାହିଁ । କେହି ନାହିଁ, ଆଗ ନାହିଁ କି ପଛ ନାହିଁ । କାଲିକୁ ମୁଁ ଦେଖୁନି । ଆଜି ବଂଚିବାକୁ ହେବ, ବଂଚିଛି । ପେଟଅଛି ଖାଉଛି । ଯିଏ ଜୀବନ ଦେଇଛି ସେ'ନେବ ତା ଇଛାରେ ।" ମୁଁ ସେ' ଦିନ ସ୍ତବ୍ଧ ହେଇଯାଇଥିଲି ତା ଜୀବନ କାହାଣୀ ଶୁଣି ।

Digitized by PPRACHIN, SOA

ଯାତିସାରା ମୁଁ ଶୋଇପାରିନଥିଲି । ସତରେ ସଂସାରଟା ମିଛ । ତା ଠୁଁ ଆହୁରି ମିଛ ଏଇ 'ସଂପର୍କ' ନାମର ଘୋଡଣିଟା । ହେଲେ ଜୀବନ, ରକ୍ତମାଂସର ଜୀବନଟା ତ ମିଛ ନୁହେଁ । ଯୋଉ ଜୀବନର ଦୁର୍ବହ ଭାରକୁ ନିଜେ ବୋହି ମୁକୁଳା ମାଟି ଆଉ ଆକାଶ ତଳେ ଦୁଲି ଭଳି ଜୀବମାନେ ବଂଚିବା ପାଇଁ ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ମରୁଛନ୍ତି । ଅଥଚ କହୁଛନ୍ତି ସେମାନେ ମଣିଷ, ପୁଣି ସାମାଜିକ । ସମାଜ ଅଛି ମୋ ପଛରେ । କାହିଁ ??

ମନମୋର ସେ'ଦିନ ଘୃଣାରେ ବିମର୍ଷ ହୋଇ ଉଠିଥିଲା, ସମାଜ ଆଉ ଆମ ସାମାଜିକ ବ୍ୟବସ୍ଥା କଥା ଭାବି । କେଡେ ସ୍ୱାର୍ଥପର ସତେ । ସେ ଖାଲି ଦୂରରେ ଠିଆ ହେଇ ଦେଖିବ ହସିବ, ଆଖିମାରିବ ନହେଲେ ଦାତାପଣ ଦେଖେଇ ଆହା ଚୁଚୁର ଲୁହ ଝରେଇବ ।

ଏଇମିତି ଦିନକୁଦିନ ହେଇ ଅନେକ ଦିନ, ମାସ ପରେ ମାସ । ଏକା ଦୃଶ୍ୟ ଏକା ଘଟଣାର ପୁନରାବୃତ୍ତି । ୟା ଭିତରେ ସେଇରାସ୍ତା, ଦୁଲି ଭିକାରୁଣୀ ଆଉ ମୋ ଭିତରେ ଏକ ବିଚିତ୍ର ସଂପର୍କ ଗଢ଼ି ଉଠିଥିଲା କହିଲେ ଭୁଲ ହେବନି ।

ମୋ ସାଂଗସାଥି ସେଇ ଲେନ୍‌ରେ ରହୁଥିବା ଚିହ୍ନାଜଣା ବନ୍ଧୁବାନ୍ଧବ ଏବଂ ମଦନାଦର୍ଜୀ ଦୋକାନକୁ ଆସୁଥିବା କିଛି ଲୋକଙ୍କ ଆଖିରେ ସଂଦେହର ପ୍ରଶ୍ନବାଚୀକୁ ମୁଁ ଲକ୍ଷ୍ୟ କରିଛି । ସେମାନଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥିଲା । ମୋର ଏଇ ବ୍ୟତିକ୍ରମ ଦେଖି । କଲେଜ ଗଲା ଆଇଲା ବେଳେ ଯଦି ମୁଁ ଦୁଲିକୁ ଦେଖୁନଥିଲି ମୋତେ ଅଡୁଆ ଲାଗୁଥିଲା । ମୋତେ ବି ଦି' ଚାରିଦିନ ନ ଦେଖିଲେ ଦୁଲି ବ୍ୟସ୍ତ ହେଇ ପଚାରୁଥିଲା । ''ଧିଅ ଭଲ ନଥିଲା । ନୁଖୁରା ଦିଶୁଛୁ ଶୁଖିଯାଇଛି ମୁହଁ ।'' ତା' ଆଖିରୁ ମମତାର ଆଲୁଅ ଛିଟିକି ପଡୁଥିଲା । ଯେମିତି ମୋ ମା'ର ନିରୀହ ଆଖି ଦି'ଟାକୁ ମୁଁ ଦେଖି ପାରୁଥିଲି ସେଇ ଆଖି ଭିତରେ । ବାସ୍ ଏତିକି । କିଛି ମାଗୁନଥିଲା । ଦେଲେ ବି ମନା କରୁଥିଲା । ଶୀତ ବର୍ଷାରେ ଖଣ୍ଡେ ଦିଖଣ୍ଡ ପୁରୁଣା ଲୁଗା ଯାହା ମାଗିନିଏ । ମୋର ଆଉ ଦୁଲିର ଏ ପ୍ରକାର ସଂପର୍କକୁ ଅନ୍ୟମାନେ କି ପ୍ରକାର ନାଁ ଦେଉଥିଲେ ମୁଁ କହିପାରିବିନି । ତେବେ ମୁଁ ଜାଣିପାରୁଥିଲି ଯେ, ଦୃଶ୍ୟଟା ସେମାନଙ୍କୁ ଭଲ ଲାଗୁନି । ଖରାପ ଲାଗୁଛି ଅଥବା ଅସ୍ୱାଭାବିକ ମନେ ହେଉଛି ।

କାରଣ ମୁଁ ଜଣେ ଅଧ୍ୟାପିକା । ଆତ୍ମସମ୍ମାନ ଥିବା ମଣିଷଟିର ଏ ପ୍ରକାର ରୁଚି ଭଦ୍ର ସାମାଜିକ ମାନଙ୍କ ଆଖିକୁ ଶୋଭନୀୟ ଦିଶୁନଥିଲା । ମୋ ଆତ୍ମ-ମର୍ଯ୍ୟାଦା ସଂପର୍କରେ ମୁଁ ଯେତିକି ସଚେତନ ନଥିଲି, ସେମାନେ ତାଠୁଁ ବେଶୀ ଥିଲେ ।

ମୋ ବାହାର ଖୋଳଟା ହିଁ ସେମାନଙ୍କ ଭିତରେ ଏଇ ପ୍ରକାର ଅସମବିଚାରକୁ ଜନ୍ମଦେଇଥିଲା । ନହେଲେ ମଣିଷ ତ ସମସ୍ତେ ସମାନ । ପରିଚୟର ଉର୍ଦ୍ଧ୍ୱରେ ତାର ସୁଖ, ଦୁଃଖ ବର୍ଷା, ବସନ୍ତ, ସବୁ ଏକ । ମଣିଷକୁ ମଣିଷ ବୋଲି ଭାବିବାର କଳା-ଏ ମାଟିର ମୂଳାଧାର । ଅଥଚ କୋଉ ଦିନରୁ ଆମେ ଏ କଥା ଭୁଲିଗଲୁଣି ।

Digitized by PPRACHIN, SOA

ଯ୍ୟା ଭିତରେ ମୋର ବଦଳି ଅର୍ଡର ଆସିଯାଇଥିଲା । ଅନ୍ୟ ସହରକୁ ଯିବା ପୂର୍ବରୁ ଅବଶ୍ୟ ମୁଁ ଦୁଲିକୁ ଖୋଜିଥିଲି । ମଦନା ଦର୍ଜୀ କହିଲା, "ବୁଢ଼ୀ ବୋଧେ ରୋଗରେ ପଡ଼ିଛି, ଆସୁନି ଇୟାଡେ ।" ଦୁଃଖ ଲାଗିଲା । ମଦନା ହାତରେ ଟଙ୍କା ଦଶଟା ଦେଇ କହିଲି, "ଦୁଲିକୁ ଦେଇଦେବୁ ।"

ମୁଁ ଚାଲିଗଲି ପୁରୀ । ରାଜଧାନୀର ନିଃସଙ୍ଗ ଜୀବନ ବଡଦାଣ୍ଡର ଜନଗହଳି ଭିତରେ କୋଉଠି ଯେମିତି ହଜିଗଲା । ସିଂହଦ୍ୱାରର କଡ଼େ କଡ଼େ ବସିଥିବା ହତଭାଗା ମଣିଷ ମାନଙ୍କୁ ଦେଖିଲେ ମୋର ଅଭାଗୀ ଦୁଲି କଥା ମନେ ପଡୁଥିଲା । ଉଦାସ ଲାଗୁଥିଲା । ସତରେ ମଣିଷ କେଡ଼େ ଏକୁଟିଆ । ସବୁ ଥାଇ ମଧ୍ୟ ଦୁଲି ନିଃସ୍ୱ । ସଂପର୍କର ଦଉଡି ଛିଣ୍ଡି ଯାଇଥିଲେ ବି ସେ ମରିପାରୁନି । ଅଥଚ ବଂଚିବାର ସବୁ ଅଧିକାର ତା'ଠୁ ଛଡ଼େଇ ନିଆ ହେଇଛି । କେଡେ ଦହଗଞ୍ଜର ଜୀବନ ।

ସେ ଦୁଲି ହେଉ କି ଯେ କେହି ହେଉ ।

ମୋ ଛାତି ଭିତରଟା କରତି ହେଇଯାଉଥିଲା ଭାବିଲା ବେଳକୁ । ଅନ୍ୟମାନଙ୍କ ଆଖିରେ ନିଜକୁ ଲୁଚେଇବାକୁ ଯାଇ ନିଜ ପାଖରେ ହିଁ ଧରା ପଡିଯାଉଥିଲି ବିଶ୍ୱ ବ୍ରହ୍ମାଣ୍ଡର ଅଗଣିତ ନିଃସଙ୍ଗ ଦୁଲି ମାନଙ୍କ ନିଛାଟିଆ ଜୀବନକୁ ସାଉଁଳିବାକୁ ଯାଇ ମୁଁ ନିଜେ ନିଜ ଏକଲା ପଣକୁ ବିଳକଳରେ ଆଉଁସି ପକେଇ ଚାରି ଆଡ଼କୁ ସନ୍ତର୍ପଣରେ ଅନେଇ ପକଉଥିଲି । କିଏ ଦେଖିଲାକି ଆଉ ?

ଜୀବନ ଝଡକୁ ମୁକାବିଲା କରୁ କରୁ ସତକୁ ସତ ଦିନେ ମାଡି ଆସିଲା ପ୍ରଳୟଙ୍କରୀ ମହାବାତ୍ୟା । ମହାବାତ୍ୟାର ରଣତାଣ୍ଡବ ସମସ୍ତଙ୍କୁ ଏକାକାର କରି ଧୂଳିରେ ମିଶେଇ ଦେଲା । ମୁଁ ଭାବିଲି ଦୁଲି ଆଉ ନଥିବ । ଝଡ଼ ଭୈରବ ତା କାଳଫାଶକୁ ନିଶ୍ଚୟ ଦୁଲି ଗଳାରେ ଭିଡି ଦେଇଥିବ । ମନଟା ଛଟପଟହେଲା ସତ, ହେଲେ ନିଜକୁ ଆଶ୍ୱସ୍ତ କଲି ଭଲ ହେଲା ଗୋଟିଏ ଦୁଃଖିନୀ ଜୀବନର ତ ଅବସାନ ଘଟିଲା । ବଂଚିଥିଲେ ଆହୁରି କେତେ କଷ୍ଟ ଭୋଗିଥାନ୍ତା ।

କିନ୍ତୁ ନାଃ, ଦୁଲି ବଞ୍ଚିଥିଲା । ରାଜଧାନୀ ଆସି ଯଥା ପୂର୍ବ ସ୍ଥାନରେ ତାକୁ ମୁଁ ଦେଖିଲି । ମୋତେ ଦେଖି ସେ କୃତକୃତ୍ୟ ହେଇଗଲା । କହିଲା "ମା' ତୋତେ ଦେଖିବା ପାଇଁ ଯାହା ବଞ୍ଚି ଯାଇଛି । କେତେ ପିଲା, ବୁଢ଼ା ପବନରେ ଉଡିଗଲେ । ହେଲେ ମୋତେ ଯମ ଛୁଇଁଲାନି । କେଡେ ପାପୀ ମୁଁ । ପିନ୍ଧାଲୁଗା ଖଣ୍ଡିକୁ ଛାଡି ସବୁ ଉଡେଇ ନେଲା ବତାସ ।" ଦେଖିଲି ନୂଆ ଲୁଗା ଖଣ୍ଡେ କିଏ ଦେଇଛି ଘୋଡେଇ ହେଇଛି ଦେହରେ । ପାଦ

Digitized by PPRACHIN, SOA

ଡି'ଟା ବେଶ୍ ଫୁଲିଯାଇଛି । ମୁହଁଟା ଫୁଲିଛି । ତା' ଭିତରେ ଆଖିଦିଟା ଚିପି ହୋଇଗଲା ଭଳି ଦିଶୁଛି । ରୋଗିଣା ହେଇଯାଇଛି ଦୁଲି ବିଚାରୀ ।

ତାକୁ ଘରକୁ ଡାକିନେଇ ଗରମ ଭାତ ଡାଲ୍‌ମା ଖାଇବାକୁ ବାଢ଼ିଲି । ଖୁସିରେ ଅମୃତ ଖାଇଲା ଭଳି ଚାରିଗୁଣ୍ଡା ଖାଇଦେଇ ଅଟକି ଗଲା ତା ହାତ । ସତେକି କ୍ଲାନ୍ତ ହୋଇ ପଡିଲା । ବ୍ୟସ୍ତ ହୋଇ ପଚାରିଲି ''କଣ ହେଲା, ଏତିକିରେ ପେଟ ପୁରିଗଲା ?''

ଆଉ ଖାଇପାରୁନି ଝିଅ । ପେଟ ପୁରୁ କି ନପୁରୁ ମନ ପୁରିଗଲା ତୋ ହାତରୁ ଅମୃତ ଖାଇ ।

ମୋ ଆଖି ଓଦା ହୋଇଗଲା ଆତ୍ମୀୟତାର ବର୍ଷାରେ ।

ଉଠୁ ଉଠୁ ପଚାରିଲି,କୋଉଁ ଗାଁକୁ ବଦଳି ହୋଇଗଲୁ ଝିଅ ?

'ପୁରୀ । ଜଗନ୍ନାଥଙ୍କ ପାଖକୁ ।'

ଆଖି ତାର ଉଜ୍ଜ୍ୱଳି ଉଠିଲା ହଠାତ୍ । ମୁହଁରେ ପ୍ରସନ୍ନତାର ଆଭା ମୁହୂର୍ତ୍ତକ ପାଇଁ ଖେଳିଯାଇ ମଉଳିଗଲା । ମୁଁ ଲକ୍ଷ୍ୟକଲି ।

ପଚାରିଲି-'ତୋ'ର କଣ ପୁରୀଯିବାକୁ ମନ ହେଉଛି ?'

କହିଲାନି କିଛି । କେବଳ ଦୀର୍ଘଶ୍ୱାସଟିଏ ଛାଡିଲା ।

'କିଛି କହୁନୁ ଯେ; ମୁଁ ଦୋହରାଇଲି ।'

''କଣ ଆଉ କହିବି । ମୋ' ଇଚ୍ଛା ଅନିଚ୍ଛାରେ କଣ ଅଛି । ସବୁ ତା' ଇଚ୍ଛା । ତାର ଇଚ୍ଛା ଥିଲାବୋଲି ତ ବାର ଦୁଆରେ ହାତ ପତେଇବାକୁ ହେଲା...'' ଅଭିମାନର ହାଣ୍ଡି ଭାଙ୍ଗି ଦୁଲି ଅଜାଡ଼ି ହେଇ ପଡ଼ିଲା ସତେକି ।

ମୁଁ ବୁଝିଲି ତା କଥା । ମୋତେ କହିବାକୁ ମାଡ଼ିପଡୁଛି । କିମିତି ନ ପଡିବ । ଭଲ ଘରର ଝିଅ ବୋହୂ । ତିନିପିଲାର ମାଁ । ଘର, ଜମି, ତୋଟାର ମାଲିକାଣୀ । ସବୁଥାଇ ସେ ଦାଣ୍ଡର ଭିକାରୁଣୀ । କୁଆଡ଼ର ମାଇକିନାଟେ ପୁଅଟାଏ ଜବ୍ଦ କରିଦେଲା ବୋଲି ଘର ଭିତରେ ପଶି ରାଜତ୍ୱ କରୁଛି । ସ୍ୱାମୀର ପ୍ରତାରଣା, ଶାଶୁ ନଣନ୍ଦଙ୍କ ବିଶ୍ୱାସଘାତକତା ଆଉ ଭାଗ୍ୟର ବିଡ଼ମ୍ବନାକୁ ପଣତରେ ବାନ୍ଧି ବଡପଣ୍ଡା ବଂଶର ବୋହୂ ଦୁଲ୍ଲାଳି-ଦୁଲି କାମବାଲୀ-ଦୁଲି ଭିକାରୁଣୀ ସାଜିଛି ଅଚିହ୍ନା ସହରରେ ।

କଣ ବା ଅଛି ତାର ପରିଚୟ ? କୋଉ ପରିଚୟ ନେଇ ସେ ତାର ଇଚ୍ଛା ପ୍ରକାଶ କରିବ । ଦାବି ସାବ୍ୟସ୍ତ କରିବ ?

ତଥାପି ଉଡିଆ ପାଖରୁ ବିଶ୍ୱାସଘାତୀ ସ୍ୱାମୀର ମରଣ ଖବର ପାଇ, ହାତରୁ ଶଂଖା କପାଳରୁ ସିନ୍ଦୂର ପୋଛି ନିଷ୍ଠାର ସହିତ ଏକାଦଶୀ ପାଳୁଛି ଦୁଲି । ଯ୍ୟାଠୁ ବଳି ଆଉ ବିଡ଼ମ୍ବନା କଣ ଥାଇପାରେ ?

ଆଉ ରହିଲା ମନ ?

Digitized by PPRACHIN, SOA

ସତରେ କଣ ଡୁଲି ମାନଙ୍କ ମନ ବୋଲି କିଛି ଥିବ ??

ଡୁଲିକଥା ଭାବୁ ଭାବୁ ନିଜକଥା ହିଁ ଭାବିବସିଲି ।

ମୋ ନିଜର ବି କଣ ମନଟେ ଅଛି ? ଯଦି ବି ଅଛି ତାକୁ କଣ ମୁଁ କାହା ଆଗରେ ପ୍ରକାଶି ପାରୁଛି ନା ଖୋଲି ଦେଖେଇ ପାରୁଛି ?

ଡୁଲିର ସିନା ପରିଚୟ ନାହିଁ । ତା ନିଜର ତ ଭବ୍ୟ ପରିଚୟଟିଏ ଅଛି । ପାଦତଳେ ଦମିଲା ମାଟି ଅଛି । ସିଏ ବି ତ ମାଁଟିଏ, କାହାର ପତ୍ନୀଟିଏ । କୂଳର ବୋହୂ, ବାପା- ମା ପ୍ରିୟ ପରିଜନଙ୍କ ସଂପର୍କର ବଳୟ ଭିତରେ ଥାଇ ବି ସେ ଏକୁଟିଆ ନିଃସଙ୍ଗ । ସଂଧ୍ୟା ଆକାଶର ତାରାଟିଏ ଭଳି ଜକ୍ ଜକ୍ ଜଳୁଛି । ହେଲେ କିଏ ବୁଝୁଛି ତା ଅନ୍ତର୍ବେଦନା । ମହଣ ମହଣ ଦୁଃଖର ନିଆଁରେ ସେ ଯେ ଅହର୍ନିଶ ଜଳୁଛି ହୁତୁହୁତୁ ହେଇ ।

କିଏ ଦେଖୁଛି ସେ ନିଆଁକୁ ? କିଏ ମାପିଛି ତାତିକୁ ତାର ?

ଖାଲି ଜଳିବା କଥା । ଜଳିବାକୁ ହିଁ ହେବ । ଜଳିବା ଟା ହିଁ ତାର ଭାଗ୍ୟ । କାରଣ ସେ ସାଲିସ୍ କରି ପାରିନି ଅର୍ଦ୍ଧେନ୍ଦୁଙ୍କ ମନମାଫି ଜୀବନ ସହିତ । ଛଳନାକୁ ସେ ବରଦାସ୍ତ କରିପାରିବନି । ତା ନିଜ ଜୀବନ ସେ ଜିଇଁବ । ଡିଭୋର୍ସପେପର ରେ ଦସ୍ତଖତ କରିବା ପୂର୍ବରୁ ଭାଉଜ ବୁଝେଇଥିଲେ ''ଏମିତି ଟିକେ ଟିକେ କଥାରେ ଅଭିମାନକଲେ କଣ ସଂସାର ଚ଼ଲେ ଅବନ୍ତୀ ? କିଛିଟା କମ୍ପ୍ରୋମାଇଜ୍ କରିବାକୁ ହେବ ।''

''କମ୍ପ୍ରୋମାଇଜ ର ବି ତ ଗୋଟିଏ ସୀମା ଅଛି ନା ଭାଉଜ । ଇଏ ମୋ ଅଭିମାନ ନୁହେଁ-ଦୃଷ୍ଟି । ଜୀବନକୁ ଦେଖିବାର ଭଙ୍ଗି ।''

''ତାହେଲେ ତମକୁ ଅନେକ କିଛି ହରେଇବାକୁ ପଡ଼ିବ । ଅର୍ଦ୍ଧେନ୍ଦୁ ଲିଜାକୁ ଦାବିକରିଛନ୍ତି ।''ଛାତି ତାର ଥରି ଉଠିଥିଲା, ମାତୃତ୍ୱ ହାତଧରି ନେହୁରା ହୋଇଥିଲା । ଲିଜା, ଲିଜା ହିଁ ତାର ଦୁର୍ବଳତା । ଏଇ ଦୁର୍ବଳତାର ସୁଯୋଗ ନେଉଛନ୍ତି ଅର୍ଦ୍ଧେନ୍ଦୁ । ଗୋଟିଏ ପ୍ରକାରର ବ୍ଲାକମେଲିଂ । ନା, ଆଉ ସେ ସୁଯୋଗ ଦେବନି । କଠୋର ହେବାକୁ ପଡ଼ିବ । ସେ କଠୋର ହେଇଥିଲା ।

ଗୋଟାଏ ଦସ୍ତଖତ-ନିର୍ଜୀବ କାଗଜ ଉପରେ -କେଇଟା କଳା ଅକ୍ଷର, ଦଶ ବର୍ଷର ସ୍ମୃତିମଧୁର ସଂପର୍କକୁ ମୁହୂର୍ତ୍ତକରେ ଛିଣ୍ଡେଇ ଦେଲା । ତାପରେ ଆଉସବୁ ସଂପର୍କ ଆପେ ଆପେ ଛିଣ୍ଡିଗଲା ଋଟ୍‌ରାଟ୍ ହେଇ ।

ତା ପରିଚୟପତ୍ର ଉପରେ ଅସୁନ୍ଦର ଅଶୋଭନୀୟ କୁତ୍ସିତ ଶବ୍ଦଟିଏ ଖୋଦେଇ ହେଇଗଲା-ଡିଭୋର୍ସି । ସ୍ୱାମୀ ପରିତ୍ୟକ୍ତା । ପାହାଚେ ତଳକୁ ଖସିଆସିଲା । ସେ ତାପରେ ତଥାକଥିତ ସମାଜ କଣେଇ କଣେଇ ଚାହିଁଲା, ନ ଦେଖିଲା ପରି ନାକ କୁଞ୍ଚେଇଲା, ନଜାଣିଲା ଢଙ୍ଗରେ ପଚାରିଲା ସ୍ୱାମୀ କୋଉଠି ବର୍ତ୍ତମାନ ? ପୁଅଝିଅ କେଇଟି ? କୋଉଠି ଶାଶୁଘର ?

Digitized by PPRACHIN, SOA

ଏଥର ଆବଶ୍ୟକ ହେଲା ଘୋଡଣିଟିଏ । କାଚ ସିନ୍ଦୂରର ପାଟ ଅଳତାର ଅମାୟିକ ହସ ଆଉ'କିଛି ଘଟିନିର' ଆଢ଼େଣୀ ।

କେହିଥରେ ଜାଣିବାକୁ ଚାହିଁଲେନି ଅର୍ଦ୍ଧେନ୍ଦୁ ଆଉ ତା ଭିତରେ ଏତେବଡ଼ ପାଚେରୀ କିମିତି ଆଉ କାହିଁକି ଠିଆ ହେଲା । କେହିଥରେ ବି ପଚାରିଲେନି ତାର ସାଇତା ସଜଡ଼ା ସଂସାର ଭିତରେ ଅଚାନକ ପଶିଆସିଥିବା ସେଇ ମୋହିନୀକନ୍ୟାଟି କିଏ ? ବାହାରକୁ ତ ସବୁ ଠିକ୍ ଦିଶୁଥିଲା । ସମସ୍ତେ କହିଲେ ଦୋଷ ତାର । ତା ଅସହିଣୀ ପଣର । ଅଥଚ ଗୋଟାଏ ସ୍ୱତନ୍ତ୍ର ବିଚାରର ଗୋଟାଏ ଭିନ୍ନ ମାନସିକତାର ସମସ୍ୟା ଥିଲା ତାର । ସେ କୁହୁଳା ନିଆଁ ।

ସେ ନିଆଁ କାହାକୁ ବି ସେ ଦେଖେଇନି । କି ଦେଖେଇବନି କେବେ । ଆଉ ଦୁଲିକୁ ବି ସେ ଦେଖେଇବାକୁ ଚାହିଁଲାନି ।

''ଝିଅ....''

ଚମକି ଉଠିଲି ନିଦରୁ ଉଠିଲା ଭଳି । ଲାଜ ଲାଗିଲା । ନିଜକୁ ସଜାଡ଼ି ନେଲି । ଘୋଡେଇ ଲୁଚେଇବାକୁ ଯାଇ ଧରା ପଡିଯାଇନି ତ !'

'କଣ ଭାବିଲୁ କି ଝିଅ ?'

'ନାଇଁ, କିଛି ନୁହଁ । ହଁ ମୁଁ କଣ କହୁଥିଲି ଟି...ପୁରୀ ....ଯିବୁ ମନ ଡାକୁଛି ?'

'ପତିତପାବନକୁ ଚାହିଁ ଏ ଜୀବ ଯିବ ସେ ଭାଗ୍ୟ କଣ ଅଛି ଝିଅ ମୋର ?' ଆଖିରେ ଅନନ୍ତ ବ୍ୟାକୁଳତା....କଣ୍ଠରେ ଅସୀମ କାକୁତି ନେଇ ଦୁଲି ଚାହିଁଲା ମୋ ମୁହଁକୁ ସତେ ଯେମିତି ମୁଁ ତାର ତ୍ରାଣକର୍ତ୍ତା । ମୁଁ ଚାହିଁଲେ ସେ ବଡ଼ଦାଣ୍ଡର ଧୂଳିରେ ଧୂଳି ହୋଇଯିବ ।

''ହଉହେଲା । ଆରସପ୍ତାହରେ ମୁଁ ତୋତେ ଆସି ନେଇଯିବି ।'' ମୁଁ କହିଲି ଦୁଲି ଏକ ପ୍ରକାର ଆଶ୍ୱସ୍ତ ହେଇ ସମର୍ପଣ ଭଙ୍ଗୀରେ ହାତ ଟେକିଲା । ମୁଁ ଫେରି ଆସିଥିଲି ସେ'ଦିନ କର୍ମକ୍ଷେତ୍ରକୁ ।

ତା' ପରେ ....

ନିର୍ଦ୍ଧାରିତ ସମୟ ଭିତରେ ନୁହେଁ, କିଛି ଅଧିକା ଡେ଼ରି ହୋଇଗଲା ଆସିବାକୁ । ଏଥର ଦୁଲିକୁ ନେଇଯିବି ସାଙ୍ଗରେ । ବିଚାରୀ ଲକ୍ଷେ ନିଆଶ୍ରୀଙ୍କ ଭିତରେ ଜଣେ ହୋଇ ପଡିଥିବା ଶରଧା ବାଲିରେ । ଏଇ ଇଛା ଟିକକ ହେଲେ ପୂରିଯାଉ ତାର । ନୀଳଚ଼କ୍ରର ଛାଇ ତଳେ କେତେ ପାପୀତାପି ତ ମୁକ୍ତି ଖୋଜି ଆସିଛନ୍ତି ତାର ଶରଣାପନ୍ନ ହୋଇ ।

ହେଲେ ଦୁଲି କାହିଁ ??

''ଦୁଲି ଆଉ ନାହିଁ । ମଦନ୍ ଦର୍ଜୀ କହିଲା ।''

ମୁଁ ଆସିବାର ଦିନଦି'ଟା ପୂର୍ବରୁ ସେ ମୋ' ପାଇଁ ଅପେକ୍ଷା କରିକରି ଚାଲିଗଲା । ଜୁଆଡେ ପଛକୁ କିଛିଦିନ ଆଉ ଚାଲିପାରୁ ନଥିଲା । ଘୋସାରି ହେଉଥିଲା ।

Digitized by PPRACHIN, SOA

'ଯେତେଭଳି ଆମେ କହିଲୁ ଡ଼ାକ୍ତରଖାନାରେ ଭର୍ତ୍ତିକରିଦେବୁ, ମନାକଲା । ସେଇ ଗୋଟିଏ କଥା । ''ଏଇଠି ପଡିଥିବି...ଝିଅ କହିଛି ମୋତେ ଜଗନ୍ନାଥ ନେଇଯିବ-ମୁଁ ସେଇଠି ମରିବି । କୁଆଡେ ଗଲେ ସେ ଜାଣିବ କେମିତି ?''

ଜୀବନଟା ସାରା ଠକି ହେଇ ଆସିଥିବା ଦୁଲି ଶେଷ ଜୀବନରେ ମଧ୍ୟ ଠକି ହୋଇଗଲା । କେତେ ସରାଗରେ, କେତେ ମମତାକୁ ଠୁଳ କରି 'ଝିଅ' ବୋଲି ଡାକିଥିଲା । ମୋ ଛାତି ଭିତରଟା ଚିରି ହେଇ କୋହ ଗୁଡ଼ାକ ସତେକି ଅଜାଡ଼ି ହୋଇ ପଡ଼ିବ । ଯାହା ଇଚ୍ଛାକୁ ବି ଜୀବନରେ ମୁଁ ପୂରଣ କରିବାର ଆନନ୍ଦ ଟିକକ ପାଇଲିନି । ମୋ' କଣ୍ଠରୁଦ୍ଧ ହୋଇଗଲା । ଆଉଣ୍ଡି ହୋଇଗଲା ପେଟ ଭିତରଟା ।

କେବେ କିଛି ସେ ମାଗିନଥିଲା ।

କେବଳ ବିଶ୍ୱାସ ମାଗୁଥିଲା । ସ୍ନେହ ସହାନୁଭୂତି ଟିକେ ଚାହିଁଥିଲା । ମଣିଷ ଖୋଜୁଥିଲା । ତାକୁ କିଛି ମିଳିଲାନି । କିଛି ପାଇଲାନି ସେ ।

କିଛି ଦେଇ ପାରିଲିନି ମୁଁ । କିଛି କରିପାରିଲିନି ତା ପାଇଁ ।

ମଦନା ରାସ୍ତାକଡ଼ ଗଛମୂଳକୁ ଦେଖେଇ କହିଲା 'ଏଇଠି ଦୁଲି ଆଖିବୁଜି ଦେଲା ମାଁ ।'

ମୁହଁ ବୁଲେଇ ରାସ୍ତାକଡ଼କୁ ଚାହିଁଲି, ଗଛମୂଳକୁ । କିଏ ଯେମିତି ବସନ୍ତି କୁଜିକାଜି ହୋଇ । ଲୁହର କୁହୁଡି ଭିତରେ ଅସ୍ପଷ୍ଟ ଛାଇ ଭଳି ଦିଶୁଛି ।

'କିଏ ??'

'ଝିଅ ମୋତେ ପୁରୀ ନେବୁ ପରା, ଜଗନ୍ନାଥ ପାଖକୁ ?'

ଚମକି ପଡ଼ିଲି ମୁଁ ମୋ' ଭିତରେ ।

ମୋତେ ଆଶ୍ଚର୍ଯ୍ୟ ଲାଗିଲା । କିଏ କହୁଛି...କୋଉଠୁ ଆସୁଛି ଏ ଶବ୍ଦ....ଖୋଜିଲି । ଖୋଜୁ ଖୋଜୁ ସେଇ ଘାସ ଉପରେ ଆଣ୍ଠୁମାଡ଼ି ବସି ପଡିଲି । ନିରେଖି ଚାହିଁଲି ଗଛମୂଳକୁ । ସେଠି ମୁଁ କାହାକୁ ଦେଖୁଛି ?? ଇଏ ତ ଦୁଲି ନୁହେଁ । ତା ହେଲେ ??

ମୋ' ପ୍ରଶ୍ନ ମୋରି ପାଖକୁ ଫେରି ଆସିଲା । ଏଥର ମୁଁ ବିକଳ ହୋଇ ସେଇ ବିମୂର୍ତ୍ତ ବରଗଛଟାକୁ ମନେ ମନେ ଖୋଜିଲି ...ଅଜାଣତରେ ମୋ' ପାଟିରୁ କ୍ଷୀଣ ଏତ ବାହାରି ଆସିଲା... ସେଇ ଯୋଉ ଗଛଟା...ଏଠିଥିଲା....

ମଦନ ଦର୍ଜୀ କହିଲା-'ହଁ ମାଁ ସେଇ ଗଛ ମୂଳେ ତ ତାର ପ୍ରାଣଗଲା ।' ମୁଁ କିଛି ଶୁଣି ପାରୁନଥିଲି, କେବଳ ଦେଖୁଥିଲି....ଚେତନାର ଭାବଭୂମି ଉପରେ ଲୋଟି ପଡିଥିବା ସେଇ ସଂପର୍କର ବରଗଛଟାକୁ ...।

□□□

Digitized by PPRACHIN, SOA

ଅସ୍ମିତା

କ୍ଷୀରରେ ସେଲୋକ ଗୋଳେଇ ଗୋଳେଇ ବାଁ ହାତରେ ଥରମୋମିଟରଟା ଗୁଗୁଲିର ଡ଼ାହାଣ କାଖତଳେ ଚାପିଧରିଲା ନନ୍ଦିନୀ । କାଲିରାତିଠୁ ପିଲାଟା ଦେହରେ ଖଇଫୁଟା ତାତି । ଥଣ୍ଡାରେ ସଁ ସଁ ହେଉଛି । ନିସ୍ତେଜ ହୋଇ ପଡ଼ିରହିଛି କୋଳରେ କେଡ଼େ ସୁନ୍ଦର ଖେଳୁଥିଲା । ଅବଶ୍ୟ ପାରାସିଟାମଲ ସିରପ୍ ସାଂଗେ ସାଂଗେ ଆରମ୍ଭ କରିଦେଉଛି ଡ଼ାକ୍ତରଙ୍କ ପରାମର୍ଶ ଆଗରୁ । କଣ ହେବ କେଜାଣି ! ଏମିତି ସେ ଆଗରୁ ଦେଉଛି କେତେଥର । ସେଇଥିପାଇଁ ବୋଧେ ଜ୍ୱରର ପ୍ରକୋପଟା ନରମିଯାଇଛି । ଖୁଜୁବୁଜୁ ହେଲା ଗୁଗୁଲି, ଖସିଗଲା ଥରମୋମିଟରଟା କାଖତଳୁ ।

'ଓହୋ !' ଏତିକିବେଳକୁ ତୁ ବି ମୋତେ ହଇରାଣ କରୁଛୁ, ମୁହୂର୍ତ୍ତେ ଚୁପ୍‌କରି ଶୋଇ ରହିଲେ ହୁଅନ୍ତାନି,' ମନକୁ ମନ ଗୁଣୁ ଗୁଣୁ ହେଲା ନନ୍ଦିନୀ । ପୁଅକୁ ସଜାଡି ଶୁଆଇ ଭାବିଲା । ହଉ ଖୁଆଇ ସାରି ପରେ ଦେଖିନେବ । 'ହେ ପ୍ରଭୁ ! କମି ଯାଇଥାଉ ଜରଟା । ନହେଲେ ସବୁ ଯୋଜନା ଫସରଫାଟି ଯିବ । ଏମିତିକା ଅସୁବିଧା ସବୁ ବେଳକାଳ ଭଣ୍ଡି ଠିକଣା ବେଳ ଦେଖି କାହିଁକି ଆସନ୍ତି କେଜାଣି ଶତ୍ରୁ ସାଧିଲା ଭଳି । ସ୍ୱଗତୋକ୍ତି କଲା ନନ୍ଦିନୀ ।

ଏଇଘର ଆଉ ପିଲାଙ୍କ ଜଂଜାଳରେ କୁଆଡେ ଟିକିଏ ମୁହଁ କାଢିପାରୁନି । ପଢ଼ିଲାବେଳେ କେତେ ଆଜାଦ୍ ଥିଲା । ବୋଉଠୁ କମ୍ ଶୋଧା ଖାଇନି ଏଥିପାଇଁ- 'ଝିଅପିଲା, ଘର ଭିତରେ ମୁହୂର୍ତ୍ତେ ରହୁନୁ...ଏ' ପଡ଼ିଶା ନ ହେଲେ ସେ ' ପଡିଶା, କେବେ ମାଉସୀ ଘର ତ କେବେ ସାଂଗସାଥି ଘର, କେତେ ବୁଲୁଛୁ.....କେମିତି ଘର କରିବୁ କେଜାଣି !' ବୋଉ ! ତୁ ମୋର ସ୍ୱାଧୀନତା ତକ ଅଲବତ୍ ଛଡ଼େଇ ନେଇଛୁ । ଟିକଣଚାକଣ କଥାରେ ଘର ସଂସାରର ଲୋଭିଲା ଚିତ୍ରଟିଏ ମୋ ଆଗରେ ଥୋଇଦେଇ, ତୁ ତ ମୁକ୍ତ ହୋଇଗଲୁ । ମୁଁ ମରୁଛି ଏଇମାନଙ୍କ ଜ୍ୱାଳାରେ । ସବୁ ସଉକି ମୋର ମାଟି ହେଇଗଲା । ଏମିତିକା ଅସମୟ କି ଅକଡିଆରେ ପଡିଗଲେ ନନ୍ଦିନୀ ମନେ ମନେ ବୋଉ ଉପରେ ଗୁରୁଗୁରୁ ହୁଏ ବିରକ୍ତିରେ ।

ଆଜି ତାର କଟକ ଯିବା କଥା । ଆଉ ଟିକିଏ ପରେ.....ପାଞ୍ଚଟାରେ ବାହାରିଲେ ବି ଚଳିବ । ଫଙ୍କସନ୍‌ଟା ସାଢ଼େ ଛ'ରେ ଆରମ୍ଭ ହେବା କଥା ।

କେତେ ସମୟ ଲାଗିବ କଟକ ପହଞ୍ଚିବାକୁ ଘଣ୍ଟାଟିଏ । ଅବଶ୍ୟ ଟ୍ରାଫିକ୍‌ଜାମ୍ ନଥିଲେ, ହାତଘଣ୍ଟାକୁ ଚାହିଁଲା, ତିନି ବାଜୁଛି । ଢ଼େର ସମୟ ଅଛି । ଏବେ ବି ଯାଇହବ... ହେଲେ ପିଲାଟାର ଜ୍ୱର.....ନ ହେଲେ ତ ପୁରଂଜନ ମୋତେ ଯିବାକୁ ଦେବେନି । ଅନ୍ୟ

Digitized by PPRACHIN, SOA

ପରିସ୍ଥିତି ହେଇଥିଲେ, ତାଙ୍କ କଥାକୁ ଖାତିରି ନକରି ଚାଲିଯା'ନ୍ତା । ହେଲେ ଗୁଗୁଲିଟାର ... ପୁରଞ୍ଜନ ତାଙ୍କ ପିଲାଙ୍କ ପାଇଁ ବଡ ସ୍ୱାର୍ଥପର ।

ଯଦି ବି ଗୁଗୁଲିର ଜ୍ୱର କମିବାକୁ ଡେରିହବ, ତିନି ଚାରି ଘଣ୍ଟା ସମ୍ଭାଳିନେଇ ପାରନ୍ତେନି । ଡ଼ାକ୍ତର ତ ଔଷଧ ଦେଇଛି । ନିଶ୍ଚେ କମିବ । ହୁକୁମ ଫରମାସ ପାଇଁ ତ ରେଣୁ ଅଛି । ସବୁ ଯୋଗେଇ ଦେବ ହାତ ପାଖକୁ । ତା' ଛଡ଼ା ବାପା ହିସାବରେ ତାଙ୍କର ବି ତ କିଛି ଦାୟିତ୍ୱ ଅଛି । ଏ କଥା କଣ ସେ' ବୁଝେଇବ । ପୁରଞ୍ଜନଙ୍କର ବୁଝିବା କଥାନୁହଁ? ଅଥଚ୍ ରଂଜୁନାନୀ, ବବିତା ହେରିକା ତାର ଥଟ୍ଟା ଉଡାନ୍ତି । "କାହିଁକି, ଗୁଗୁଲି, ଗୁଲନ୍ କଣ ଏକା ତୋ' ପୁଅ ପୁରଞ୍ଜନଙ୍କର ନୁହେଁ " ?

ରଂଜୁନାନୀ ବର ତ ପୁରାପୁରି ଘର ସମ୍ଭାଳନ୍ତି । କି ସୁନ୍ଦର ରାନ୍ଧନ୍ତି । ତାଙ୍କ ହାତ ରନ୍ଧା ମାଂସ କଟଲେଟ୍ ଅନେକଥର ଖୁଆଇଛି ରଂଜୁନାନୀ । ରଂଜୁନାନୀ ସୁଖୀ । ଭାରି ସୁଆଗୀ । ଆଉ ବବିତା, ବବିତା ତ ଜବରଦସ୍ତ କାମ ଆଦାୟ୍ କରିନବ ସୁରଥଠୁ । କହିବ ମୁଁ ଦିନଟା ସାରା ତମପିଲା ଙ୍କ ଖବର ଅନ୍ତର ବୁଝୁଛି । ସଂଧ୍ୟାବେଳେ ତମେ ଦି'ଘଣ୍ଟା ମୋତେ ଫ୍ରି କର । କିଛି ନ ହେଲେ ଛୁଟି ଦିନମାନଙ୍କରେ ତମେ ଘରକଥା ପିଲାଙ୍କ କଥା ବୁଝ ।"

ଅବଶ୍ୟ ବବିତା, ରଂଜୁନାନୀ ହାଉସ୍‌ୱାଇଫ୍ । ସେ ତ ଆଉ ପୁରଞ୍ଜନଙ୍କୁ ସେମିତି କହୁନି । ତୁହେଁ ଯେତେବେଳେ ଚାକିରିଆ, ଫିପ୍‌ଟି ଫିପ୍‌ଟି ତ ସେୟାର କରିବା କଥା । ସେମିତିହେଲେ କିଛି ଅସୁବିଧା ହୁଅନ୍ତାନି । ସହଜରେ ସେ ଆଜି କଟକ ଯାଇ ଫଙ୍କସନ୍‌ଟା ଆଟେଣ୍ଡ କରିପାରନ୍ତା । ଏତେବଡ଼ ସାହିତ୍ୟିକ ସମ୍ମାନ, ବାପା ପୁରସ୍କୃତ ହେବେ । କେଡ଼େ ଗୌରବର କଥା । କେମିତି ବି ସେ ନଯିବ ! ତା' ପାଇଁ ତ ସବୁଠୁ ଖୁସିର ଦିନ ଆଜି । ହେଲେ.....। ଯାଇ ପାରିବନି ଭାବିଲା ବେଳକୁ ହିଁ ତା' ମନଟା ଆମ୍ବିଲା ହେଇଯାଉଥିଲା । ସତରେ କଣ ଯାଇପାରିବନି !

ସେରେଲାକ ଗିନାରୁ ଚାମୁଚ୍‌ରେ ଟିକିଏ ସେରେଲାକ ଆଣି ଗୁଗୁଲି ପାଟିରେ ଦେବା ଆଗରୁ ଚାଖି ନେଲା ନିଜେ । ମିଠା ଠିକ୍ ନହେଲେ ମୋଟେ ଖାଇବନି । ଖାଲି ଠେଲିବ ଜିଭରେ । ଭାରି ଚାଲାକ୍ । ଗିନାରେ ଆଉ ଟିକିଏ ଉଷୁମ ପାଣି ମିଶେଇ ଚାମୁଚ୍ରେ ଆଣି ଗୁଗୁଲି ପାଟିରେ ଦେଇ ଭାବିଲା ।

କଟକ ଯିବ ବୋଲି ଖାସ୍ ଆଜି ବେଳା ବେଳି ଚାଲି ଆସିଛି କଲେଜରୁ । ସୀତା ଅପାଙ୍କୁ କ୍ଲାସଟା ଧରେଇ ଦେଇ । ସେଥିପାଇଁ ତାଙ୍କୁ ବି କଣ କମ୍ ଖୁସାମତି କରିବାକୁ ପଡିଛି । ସମସ୍ତଙ୍କୁ ତ ଖାଲି ଖୁସାମତି...ଏଇ ସପ୍ତାହରେ ଦି'ଦିଥର୍ ମାଛଭାତ ଖୁଆଇଛି ସୀତା ଅପାଙ୍କୁ । ଏମିତିକି ସପ୍ତାହେ ଆଗରୁ ପୁରଞ୍ଜନଙ୍କୁ ବି କହିରଖିଥିଲା "ସାଂଗ ହେଇ ତୁହେଁ ଯିବା, ତମେ ସେ' ଦିନଟା ଛୁଟି ନେଇଯିବ । ଅନେକ ଦିନରୁ ତ କୁଆଡେ ଯାଇନେ...."

Digitized by PPRACHIN, SOA

''ଦେଖିବା ଜଣ ହେଉଛି । ଅଫିସରୁ ଛୁଟି ନେବାଟା କଣ ଏଡ଼େ ସହଜ । ସରକାରୀ ଚାକିରୀ ନୁହେଁ ଯେ ଚାହିଁଲେ ମିଳିଯିବ । କମ୍ପାନି, ବୁଝିଲ ନନ୍ଦା, କମ୍ପାନି ବାହାଦୁରଙ୍କୁ ଫାଙ୍କିହେବନି, ଯେମିତି ଟଙ୍କା ଦେବେ ସେମିତି କାମନେବେ । ତା'ଛଡା ମୁଁ କଣ ବୁଝିବି ଯେ, ସେଇ ସାହିତ୍ୟିକ ଆଲୋଚନାରୁ ? ଫାଇଲ କାମ କରୁ କରୁ ପୁରଞ୍ଜନ କହିଲେ ।

''ଆରେ ବାଃ, ବାପାଙ୍କର ଏତେବଡ ଗୌରବଦିନ, ଆମେ ସେଥିରେ ସାମିଲ୍ ହେବାନି । ତମେ ଏକଥା କେମିତି ଭାବି ପାରୁଛ । କେତେଲୋକ ଆସିଥିବେ; ପ୍ରେସ୍, ମିଡ଼ିଆ କେତେ ଜଣ । ସେମାନେ ଆମକୁ ଚିହ୍ନିବେ ଆମେ ତାଙ୍କୁ ଚିହ୍ନିବା, ଏମିତିକା ସୁଯୋଗ କିଏ ଛାଡ଼େ ? ତା' ଛଡ଼ା ବାପା କଣ ଭାବିବେ ? ଆଉ ମିତା'ନା, ସୁମିତା, ବେଦନା..... ଏମାନେ କଣ କହିବେ? ସମସ୍ତେ ତ ଆସିବେ ନା....ଭାବିବେ ଆମେ କେତେ ଛୋଟ ମନା.....।

ନନ୍ଦିନୀଟା ସବୁଦିନେ ଏମିତି ଜିଦ୍‌ଖୋର । ଜବରି; ଯାହା ଚାହିଁବ ତାହା ହେବାକୁ ହିଁ ହବ । କହିଲେ କିଛି ଶୁଣିବନି । ଜାଣେ ପୁରଞ୍ଜନ । ତେଣୁ ଅଯଥା ଯୁକ୍ତିକୁ ନ ଓହ୍ଲେଇ ଚୁପ୍‌ଚାପ୍ ଉଠିଗଲା ଅନ୍ୟକାମର ବାହାନାରେ ।

ସ୍ୱାର୍ଥପର । ନିହାତି ସ୍ୱାର୍ଥପର ।

ଗୁଗୁଲିକୁ ସେରେଲାକ୍ ବୋଧେ ଭଲ ଲାଗୁନଥିଲା । ପାଣି ଚାମୁଚେ ଦେବାକୁ ବାଁ ହାତରେ ତା ଗାଲଟାକୁ ଚାପି ଧରିଲା ଓ ଚାମୁଚେ ପାଣି ପିଆଇ ଭାବିଲା ପୁଣି......

ନିଜ ବାପା କି ଭାଇଙ୍କ କଥା ହୋଇଥିଲେ ବାବୁଙ୍କର ଗୋଡହାତ ତଳେ ଲାଗନ୍ତାନି । ସେଥର ତା' ଦେଢ଼ଶୁରଙ୍କ ଚାକିରୀରେ ପ୍ରମୋଶନ ନେଇ ଯୋଉ ପାର୍ଟି ଦେଇଥିଲେ, ସେଦିନ ବି ତ ସେ ନିଜେ ଅସୁସ୍ଥ ଥିଲେ । କଣନା, ''ଏଇଠି ଏକୁଟିଆ ଶୋଇବି କାହିଁକି ବରଂ ସେଇଠି ବିଶ୍ରାମ ନେବି...ସମସ୍ତେ ଥିବେ ଭଲ ଲାଗିବ ।' ଆଉ ଆଜି....! ଇଚ୍ଛାକଲେ କଣ ଆଫ୍‌ଟର୍‌ନୁନ୍-ପରମିସନ୍‌ଟେ ନେଇ ପାରନ୍ତେନି । ନାଃ । ସେଲ୍‌ଫିସ୍ ମଣିଷଟା ସେ କ'ଣ ଜାଣେନି । ଗାଡ଼ିଟାକୁ ବି ପଠେଇବେ କି ନାହିଁ କେଜାଣି । କହିଥିଲା ତ କେତେ କରି ଅଫିସ୍ ଗାଡ଼ିଟାକୁ ପଠେଇବାକୁ । ସେତକ ପାଇଁ ବି କୁନ୍ଥ କୁନ୍ଥ । ପୁରାପୁରି ଯୁଦ୍ଧେଷ୍ଠି । ଅନ୍ୟମାନେ ତ ପୁଣି ନଉଛନ୍ତି । ତାଙ୍କୁ ତ କାହିଁ କିଏ କିଛି କହୁନି । ନ ହେଲା । ନିଜେ ହେଲେ ଗାଡ଼ି ଖଣ୍ଡେ କିଣନ୍ତୁ । ତା ବି ହେବନି । ସେ କଥା ଉଠେଇବା ପୂର୍ବରୁ ହିଁ ନେତିବାଚକ ପ୍ରବଚନ ଶୁଣେଇ ବସିବେ । ''ଟଙ୍କା କାହିଁ?'' ହୁଁଃ ! ଭଉଣି ବାହାଘର ପାଇଁ ତ ଟଙ୍କା ବେଶ୍‌ଥିଲା । କହିବା ଆଗରୁ ଦେଢ଼ଲକ୍ଷ ଧରେଇଦେଲ । ସେତିକିରେ ବି ବାପାବୋଉଙ୍କର ମନ ସନ୍ତୁଷ୍ଟ ହେଲାନି । ପୁଅବୋହୂ ଦୁହେଁ ଚାକିରୀ କରିଛନ୍ତି । ''ଇଞ୍ଜିନିୟର ବର । ଦାଣ୍ଡ ସୁନ୍ଦରକୁ ତ ସମସ୍ତେ ଚାହିଁବେ । ଝିଅ ଜୁଆଇଁଙ୍କ ହନିମୁନ୍ ପାଇଁ ଟିକେଟ୍ ଖର୍ଚ୍ଚଟା

Digitized by PPRACHIN, SOA

ଆମର ଦେବାକଥା । ବେଶୀଦୂର ତ ନୁହେଁ ସିମ୍‌ଲା ଏଇ ପାଖରେ ।'' ଝିଅ ଜୋଇଁଙ୍କ ପାଇଁ ଯେତେ ସୁଖ ସୁବିଧା କଥା ଚିନ୍ତା କରାଯାଇ ପାରେ, ପୁଅ ବୋହୂଙ୍କ ବେଳକୁ ''ତମେ ତ ଟଙ୍କା ରୋଜଗାର କରୁଛ ନୁହଁ ନୁହଁ....''। ସମସ୍ତଙ୍କ ଆଖି ଟଙ୍କାଠି । ଏଇ ଟଙ୍କା ପାଇଁ କେତେ ଯେ ପରିଶ୍ରମ କରିବାକୁ ପଡୁଛି, କେତେ ସୁଖ ସୁବିଧାକୁ ହାତଛଡା କରିବାକୁ ପଡୁଛି, ସେ କଥା କାହାକୁ ଦିଶୁନି । ଛାଡ, ନିଜ ରାଶିରେ ତେଲ ନାହିଁ ଯେତେବେଳେ....

ନିଜର ଗାଡ଼ି ଖଣ୍ଡେ ଥିଲେ କେତେ ସୁବିଧା । ଅନ୍ୟର ବାଟକୁ ତ ଚାହିଁବାକୁ ପଡନ୍ତାନି । ଥରମୋମିଟରଟାକୁ ଝାଡ଼ିଦେଇ ପୁଣି ଗୁଗୁଲିର କାଖତଳେ ଦେଇ ନିଜେ ବାଁ ହାତରେ ଚାପି ଧରିଲା ଏବଂ ପୁଅକୁ ଟିକିଏ ଗେଲ କରିଦେଇ କହିଲା ''ସୁନାଟା ପରା ଖାଇଦେ, ଏଥର ମୋ ପୁଅର ଜର ଛାଡ଼ିଯିବ ଯେ...''। କଣ ବୁଝିଲା କେଜାଣି ସେମିତି ଘୁମନ୍ତ ଆଖିରେ ଟିକିଏ ହସିଦେଲା ଗୁଗୁଲି ମାମାର ଅନ୍ତରଂଗ ସ୍ପର୍ଶପାଇ ।

ବାହାର ଦରଜାରେ ଖୋଲିବା ଶବ୍ଦ ତା ସାଂଗେ ବଡ଼ପୁଅ ଗୁଲନ୍‌ର ପାଟି...ରେଣୁ ତାକୁ ବୋଧେ ସ୍କୁଲରୁ ନେଇ ଆସିଲା । ବସ୍ତାନିକୁ ପିଠିରୁ ଓହ୍ଲେଇ ଦେଇ ଦୌଡ଼ି ଆସିଲା ଗୁଲନ୍ ମାମା ପିଠିରେ ଲଦିହେବା ପାଇଁ । । ''ଜାଣିଛୁ ମାମା ମୁଁ ଆଜି ଗୋଟାଏ ବଢ଼ିଆ ଆପେଲ୍ ଡ୍ରଇଁ କରିଛି, ଦେଖିବୁ, ଧାଇଁଗଲା ବସ୍ତାନି ଭିତରୁ ଡ୍ରଇଂ ଖାତା ଆଣିବାକୁ । ଡ୍ରଇଂଟା ଦେଖୁ ଦେଖୁ ସେ ପଚାରିଲା-'କିଛି ଦୁଷ୍ଟାମି କରିନୁ ତ ଆଜି? 'ନା, ଗୁଡବୟ୍ ହୋଇଛି' କହିଲା, ଗୁଲନ୍ । ''ଆଚ୍ଛା ।' ସୁନାପୁଅ ଯା' ଗୋଡ଼ହାତ ଧୋଇ ଆସିବୁ, ରେଣୁ ଖାଇବାକୁ ଦେବ' । ଏଥର ଥରମୋମିଟରଟା କାଖତଳୁ କାଢ଼ି ଦେଖିପକେଇ ସ୍ୱସ୍ତିରେ ଟିକିଏ ନିଃଶ୍ୱାସ ନେଲା । ''ଥ୍ୟାଙ୍କଗଡ଼'' ଜରଟା କମିଯାଇଛି । ଟିକିଏ ଦମ୍ ଆସିଲା । ମୁହୂର୍ତ୍ତକରେ ଘଣ୍ଟାକୁ ଚାହିଁ ଠିକ୍ କରିନେଲା । ଯିବ, ଯାଇହବ....ଏ ଯାଏ ଚାରିଟା ବି ବାଜିନି ।

ସାଂଗେ ସାଂଗେ କାର୍ଯ୍ୟକ୍ରମ ଗୁଡ଼ାକୁ ସିରିଆଲି ସଜେଇ ନେଲା, କାହାପରେ କଣ କରିବ । ଗୁଗୁଲି ତ ଖାଇ ସାରିଲାଣି । ତାକୁ ଔଷଧଟା ଖୁଆଇବାକୁ ହେବ । ଗୁଲନ୍‌କୁ ଖୁଆଇ ନୀତା ଘରକୁ ପଠେଇ ଦେଲେ ଚଳିବ, ନୀତା ନର୍ସରି ସ୍କୁଲର ଟିଚ୍‌ର । ଗୁଲନ୍‌କୁ ଭାରି ଭଲପାଏ । ନୀତା ପାଖେ ଥିଲେ ଗୁଲିନ୍ ମାମାକୁ ଖୋଜେନି । ସିନେମା, କି ମିଟିଙ୍ଗ ଅବା କାହା ଘରକୁ ଗଲେ ସେ ଗୁଲନ୍‌କୁ ନୀତା ପାଖରେ ଛାଡ଼ିଦେଇ ଯାଏ । ଏଥିରେ ବି ପୁରଞ୍ଜନ ମୁହଁ ଫୁଲାନ୍ତି । ତାଙ୍କ ମନକୁ ପାଏନି । ''ପିଲାଟାକୁ ପର ପାଖରେ ଛାଡ଼ି ବୁଲିବାଗଲେ କଣ ହବନି ?''

'' କିଓ । ନୀତା କଣ ପର । ସେ ତ ନିଜ ଠୁଁ ବି ବଳି । ଯଦି ଇଚ୍ଛା ନାହିଁ ତା' ହେଲେ ତମ ବୋଉ କିମ୍ବା ଭଉଣିକୁ ଆଣି ରଖୁନ ।''

-''ସେମାନେ ତମ ପିଲାଙ୍କ କାମ କରିବା ପାଇଁ ଆସିବେ କାହିଁକି ? ତମେ ସିନେମା, ପିକ୍‌ନିକ୍ ଯିବା ଛାଡ଼ିଦେଇ ପାରିବନି ?''

Digitized by PPRACHIN, SOA

ଛାଡ଼ । ଏଇ ମୁହୂର୍ତ୍ତରେ ପୁରଞ୍ଜନଙ୍କ କଥା ଭାବି ବସିଲେ ଖାଲି ବିରକ୍ତି ହିଁ ଲାଗିବ । ଲୋକଟା ହିଁ ସେମିତି । ବୋଉ ତ ରୂପଦେଖି ମୋହି ହେଇ ହାତ ଧରେଇଛି । ସେ ଯାହାହେଉ ଆଜି ସେ ନିଶ୍ଚେ ଯିବ । ମନ ସ୍ଥିର କରି ସେ ରେଣୁକୁ ଡାକିଲା । ରେଣୁ ଗୁଲନ୍ ପାଇଁ ଖାଇବାକୁ ବାଢ଼ । ଫ୍ରିଜ୍‌ରୁ ଡାଲି କାଢ଼ି ଗରମ କରିଦେ, ସିଝା ଅଣ୍ଡାଟାକୁ ଶୀଘ୍ର ଛଡ଼େଇଦେ...ହଁ ନିଜ ହାତଟାକୁ ଧୋଇକୁ ଭଲକରି ।'

ଫ୍ରିଜରୁ ଡାଲି ବାଢ଼ି ଗ୍ୟାସ୍‌ରେ ବସଉ ବସଉ ଉତ୍ତର ଦେଲା ରେଣୁ 'ଆଜ୍ଞା' । ଗୁଗୁଲିକୁ ଔଷଧ ପାନେ ଖୁଆଇ ଦେଇ, ସେ ଉଠିବ ପୁରଞ୍ଜନଙ୍କୁ ଫୋନ୍ କରିବାକୁ । ଗାଡ଼ିନେଇ ଶୀଘ୍ର ଆସିବା ପାଇଁ । ଔଷଧଶିଶିଟାକୁ ହାତ ବାଢ଼େଇ ଆଣି ଠିପି ଖୋଲିଲା ନନ୍ଦିନୀ । ଚାମୁଚ ରେ ଔଷଧ ଢ଼ାଳ ଗୁଗୁଲି ପାଟିରେ ଦେଉ ଦେଉ ଭକ୍ କରି ବାନ୍ତି କରିଦେଲା ପିଲାଟା ''ଯାଃ, ପୁଣି ଗୋଟେ କାମ, ରେଣୁ, ଦୌଡ଼ିଆ ଗୁଗୁଲ୍ ବାନ୍ତି କରିଦେଲା, ଟିକେଗରମ ପାଣି ନେଇଁ ଆସ୍ ପାଟି ପୋଛିବାକୁ....ଶୀଘ୍ର....ଆସିଲୁ... କଥା ଏବଂ ଚିନ୍ତା ଏକା ସାଂଗରେ ଗତି କରୁଥିଲେ ନନ୍ଦିନୀର ତରବର ହେଇ । ବାଁ ହାତରେ ସିଝାଅଣ୍ଡା ଆଉ ଡ଼ାହାଣ ହାତରେ ଗରମ ପାଣି ଆଣି ଥୋଇଦେଲା ରେଣୁ ମେସିନ୍ ଭଳି । ଗୁଲନ୍‌ର ଖାଇବା ସଜାଡୁଛି ସେ । ''ଚାଲିଯାଉଛୁ କଣ ମ, ତଉଲିଆଟା ଆଣିବାକୁ ହୁଏ ଜାଣିନୁ, ତାକୁ ବି ଶିଖେଇବି । କେତେ ଦିନରେ ତୋର ଅକଲ ହେବ?''

ରେଣୁ ଚୁପ୍‌ଚାପ୍ ଓଦା ତଉଲିଆ ଆଣୁ ଆଣୁ ଭାବିଲା-'ମୋର ତ ଢ଼େର ଅକଲ ଅଛି ଭାଉଜ'ଉ ତମେ ଶିଖ ଟିକିଏ । ପିଲାଟା ଜରରେ ଜଳୁଛି, ତମେ କଟକ ଯିବା ପାଇଁ ଗୋଡ ଟେକି ବସିଛ । ଏଇ ଅବସ୍ଥାରେ କିଏ ଯାଏ ।' ହେଲେ କିମିତି କହିବ ସେ ଏ କଥା ଗୁଗୁଲିକୁ ସଫା କରି ଖଟ ଉପରେ ଶୁଆଉ ଶୁଆଉ ଏଥର ସେ ଭାବିନେଲା କୋଉ ଶାଢ଼ୀଟା ପିନ୍ଧିବ । ବ୍ଲାକ୍ ବର୍ଡରର କପର ସଲଫେଟ୍ ଶାଢ଼ୀଟା ତାକୁ ଭଲମାନେ । ସମସ୍ତେ ତାରିଫ୍ କରନ୍ତି ପିନ୍ଧିଲେ । ନନ୍ଦିନୀ ଦେଖିବାକୁ ସୁନ୍ଦରୀ । ଅବଶ୍ୟ ଟିକେ ମାଉଁସ ଲାଗିଯାଇଛି ଏବେ ପେଟ ଆଉ ଅଣ୍ଟା ପାଖରେ । ସିଏ କେବେ ସ୍ଲିମ୍ ନଥିଲା । ତେବେ ଚେଷ୍ଟାକଲେ ଚେହେରାକୁ ମେଣ୍ଟେଇନ୍ କରିପାରନ୍ତା । ସ୍ଲିମ୍ ହେବା ପାଇଁ ଚମତ୍‌କାର ଯନ୍ତ୍ର ସବୁ ବଜାରକୁ ଆସିଲାଣି । ହେଲେ ବେଳ କାହିଁ ? ପିଲାଙ୍କ ଜଂଜାଳ, କଲେଜ ପାଇଁ ପ୍ରିପାରେସନ୍ ପୁଣି ଶାଶୁ ନଣନ୍ଦ, ସ୍ୱାମୀଙ୍କର ହୁକୁମ ଫରମାସି । ନଚେତ୍ ଚେହେରାକୁ ମେଣ୍ଟେଇନ୍ କରି ରଖିବା ତ ଯେ କେହି ତାଠୁ ଶିଖିବ । ତାଳୁରୁ ତଳିପା ପର୍ଯ୍ୟନ୍ତ ସବୁ ସଜଡା । ଦୁଃଖ କଷ୍ଟ ତ ସମସ୍ତଙ୍କର ଅଛି, ସବୁବେଳେ ଅଛି, ନିଜକୁ ୟା ବୋଲି, ସିରିୟସ୍ କରି ଅନ୍ୟମାନଙ୍କ ଆଗରେ ପ୍ରେଜେଣ୍ଟ କରିବାରେ କିଛି ଅର୍ଥ ନାହିଁ । ତା' ବିଚାରରେ ନିଜକୁ ଟିପ୍‌ଟାପ୍ ରଖିଥିଲେ ଫ୍ରେସ୍ ଲାଗେ; କାମ କରିବାରେ ସ୍ଫୁର୍ତ୍ତି ବଢ଼େ । ଦୁଃଖ ଯନ୍ତ୍ରଣା ସହଜ ହୋଇଯାଏ । ଈଶ୍ୱର ଯେତେବେଳେ ଚେହେରାଟିଏଦେଇଛନ୍ତି ତାକୁ ପରିପାଟୀର ସହିତ ଅନ୍ୟ ସାମ୍ନାରେ ଥୋଇବା-ଗୋଟାଏ କଳା । ତା' ଛଡା ନିଜକୁ ସେ ସବୁଠୁ ବେଶୀ ଭଲପାଏ । ଚାରିଟା

Digitized by PPRACHIN, SOA

ଦିନର ଜୀବନ ନେଇ ଆସିଥିବା ମଣିଷର ରୂପଯୌବନ ତ ଦିଦିନ ରହେ । ସେତିକି ସମୟକୁ ସେ ଉପଯୁକ୍ତ ଭାବେ ବିନିଯୋଗ କରିବନି ବା କାହିଁକି ଯେ । ଆଜି ମଧ୍ୟ ବାଛି ବାଛି ଶାଢ଼ୀ ପିନ୍ଧିବ । ଶାଢ଼ୀ ସାଙ୍ଗକୁ ବ୍ଲାଉଜ୍‌ଟା....ମ୍ୟାଚିଂ ବ୍ଲାଉଜ୍‌ଟା ଆଇରନ୍ ହେଇଛି କି ନାହିଁ ରେଣୁକୁ ପଚାରିଲା । 'କାନ୍ଥ ଆଲମିରା ର ତଳଥାକରେ ଥୋଇ ଦେଇଛି' ରୋଷେଇ ଘର ଭିତରୁ ଉତ୍ତର ଦେଲା ରେଣୁ ।

ଆରେ ଚାରିଟା ବାଜିଯାଉଛି । ତରତର ହୋଇ ଫୋନ୍ ପାଖରେ ବସି ପଡିଲା । ପଚାରିଲା ପୁରଞ୍ଜନଙ୍କୁ 'କେତେବେଳେ ଆସୁଛ ?ହଁ, ଗୁଗୁଲି ଦେହ ଭଲ ଅଛି....ଗାଡିକେତେବେଳେ ଆସିବ ? ଅଫିସ୍ ଗାଡି ନୁହେଁ....ଟ୍ୟାକ୍ସି ?....

ସେପଟୁ ପୁରଞ୍ଜନ ବୋଧେ ଜାଣିବାକୁ ଚାହିଁଲେ 'ଆଉ କିଏ ଯିବ ସାଂଗରେ ? ସେ ତ ଯାଇ ପାରିବନି । ଅଫିସ କାମ ତୁଟୁନି ।'

ନନ୍ଦିନୀ ଚଟ୍‌କରି କହିଲା, ବାଣୀଅପା, ରିମା ଭାଉଜ, ସୁଚିତ୍ରା ସମସ୍ତେ ଯିବେ ବୋଲି ଗୋଡତେକି ବସିଛନ୍ତି । ତମଭଳି କେହି ଅସାମାଜିକ ନୁହଁନ୍ତି ମ....ତେବେ ଶୀଘ୍ର ଆସ । ରିସିଭର ଥୋଇଦେଲା ନନ୍ଦିନୀ । ଏବଂ ଭାବିଲା ମିଛ ନକହି ଉପାୟ୍ ନାହିଁ । ଏକା ତ କେବେ ଯିବାକୁ ଦେବେନି । ଯଦିଓ କଟକ ତା' ପାଇଁ ନୂଆଁ ନୁହେଁ । ତଥାପି, ରିମା ଭାଉଜଙ୍କୁ ଯିବାପାଇଁ ଜବରଦସ୍ତ କରାଯାଇପାରେ । ବାପାଙ୍କର ପ୍ରିୟଛାତ୍ରୀ, ସେ ମନା କରିପାରିବେନି । ଯଦି ସେ ମନା କରନ୍ତି ? ଏଣୁ ପୁରଞ୍ଜନଙ୍କୁ କହିଦେଇଛି ଆମେ ସମସ୍ତେ ଯାଉଛୁ ବୋଲି.....ବଡ ଅଡୁଆ କଥା....ମିଛେଇ ହୋଇଯିବ ସେ । ନା, ନା, ରିମା ଭାଉଜଙ୍କୁ ଯେମିତି ବି ହେଉ ପଟେଇବାକୁ ପଡ଼ିବ । ବାଧ୍ୟ କରିବ ଯିବାପାଇଁ । ଆଗରୁ ତ ସେ ରାଜିଥିଲେ ଯିବାପାଇଁ । ରିସିଭର ଉଠେଇ ଡାଏଲ୍‌କଲା ରିମା ଭାଉଜଙ୍କ ନମ୍ବର ।

''ଭାଉଜ ରେଡ଼ି ହେଇଛ ତ ? ହଁ ସମସ୍ତେ ଯିବା.....କଣ ହେଲା ମନୁ ଭାଇନା ଆସିଛନ୍ତି, ଭଲତ ସିଏ ବି ଆସନ୍ତୁ x x x x x ଯିବନି ? କାହିଁକି ଯେ....ମନୁ ଭାଇନାଙ୍କୁ ଜଳଖିଆ ଦେଇଆସୁନା.... ମୁଁ ବାପାଙ୍କୁ କହିଦେଇଛି ତମେ ଯାଉଛ ବୋଲି....ପୁରଞ୍ଜନଙ୍କୁ ବି.....ମିଛୁଆ ହେବି? ନା, ନା, ତିନି ଚାରି ଘଣ୍ଟାର କଥା ନ'ଟା ସୁଦ୍ଧା ଫେରିଆସିବା....ନିଶ୍ଚୟ । ଶୀଘ୍ର ପ୍ରସ୍ତୁତ ହୁଅ.... ହଁ ....ଆଉ ଗୋଟିଏ କଥା ଭାଉଜ ସୁନ୍ଦର ପାଟଟିଏ ପିନ୍ଧିଆସିବ....ସବୁଦିନ ଭଳି ଯାଇତାଇ ପିନ୍ଧି ଆସିବନି ପ୍ଲିଜ୍...ରଖିଲି ।'' ଯା'ହଉ ଗୋଟିଏ ପ୍ରବଲେମ୍ ସଲ୍‌ଭ ହୋଇଗଲା । ପୁରଞ୍ଜନ କି ବାପା ବିରକ୍ତ ହେବେନି ଏକାଗଲା ବୋଲି । ହେଲା ଟିକିଏ ମିଛ କହିବାକୁ ପଡିଲା । କଣ ଆଉ କରିଥାନ୍ତା ! ମଣିଷକୁ କେତେ ବାଗେଇ ବୁଗେଇ କଥା କହିବାକୁ ଯେ ପଡେ ! ଏଥର ନନ୍ଦିନୀ ଉଠିଲା ନିଜେ ପ୍ରସ୍ତୁତ ହେବା ପାଇଁ....ଦେଖିଲା ଯେ, ଗୁଲନ୍‌କୁ ନୀତା ଘରେ ଛାଡି ଆସିବା ପାଇଁ ପ୍ରସ୍ତୁତ ହେଇ ପଛରେ ଠିଆ ହୋଇଛି ରେଣୁ । କହିଲା-''ବାଣୀଦି, ସୁଚିତ୍ରାଅପା ପରା ଯିବା ପାଇଁ ମନା କଲେ, ତମେ ତାହେଲେ....''

Digitized by PPRACHIN, SOA

-''ସବୁକଥାରେ ତୋ ମୁଣ୍ଡ କାହିଁକି ଖେଳୁଛି । ତୋ କଥା ତୁ କର । କଣ କରିବି ନ କରିବି ସେ କଥା ତୋତେ ପଚାରି ବୁଝିବି....ବିରକ୍ତିରେ ମୁହଁ ଛିଞ୍ଚାଡ଼ି କହିଲା ନନ୍ଦିନୀ ରେଣୁ ଉଦ୍ଦେଶ୍ୟରେ । ।

''ଯା ଗୁଲନ୍‌କୁ ଛାଡି ଶୀଘ୍ର ଆସିବୁ । ଗପ ଜମେଇ ବସିଯିବୁନି ଆଉ....

ଗୁଲନ୍ କିନ୍ତୁ ଠିକ୍ ଅନୁମାନ କଲା ତାକୁ ଛାଡ଼ି ମାମା ଆଉ କୁଆଡେ ଯାଉଛି ନିଶ୍ଚେ-ଅଳିକଚିବା ଭଙ୍ଗିରେ ମାମାର ହାତଧରି ସକେଇ ହେଲା-ମୁଁ ଯିବି ମାମା ତୁ କୁଆଡେ ଯାଉଛୁ.....ତୁ କଟକ ଯାଉଛୁନା ?''

-''ମୁଁ ପରା କଲେଜ ଯାଉଛି ମିଟିଂ ଆଟେଣ୍ଡ କରିବାକୁ ...ସୁନାପୁଅଟା ପରା ତୁ ନୀତାଆଣ୍ଟି ପାଖରେ ବସି କାର୍ଟୁନ ଦେଖୁଥିବୁ, ମୁଁ ଫେରିଲାବେଳେ ତୋତେ ନେଇ ଆସିବି, ବଢ଼ିଆ ଚକୋଲେଟ୍ ଆଣିଥିବି ତୋ ପାଇଁ....ବୁଝିଗଲା ଗୁଲନ୍, ମାମା ବୋଧେ ସତ କହୁଛି-ରେଣୁଅପା ତାକୁ ମିଛରେ କହିଲା ମାମା କଟକ ଯିବ ବୋଲି । ମିଛେଇଟା ସବୁବେଳେ ମିଛକହେ । ଆଜିରାତିରେ ଜମା ତା ହାତରେ ଖାଇବନି...ତାକୁ ହଇରାଣ କରିବ । ମାମା ଆସିଲେ ସବୁ କହିବ...ରେଣୁଅପା ତାକୁ ରାଗୁଛି ଖାଲି ।

ଗୁଲନ୍‌କୁ ନେଇ ଚାଲିଗଲା ରେଣୁ ।

ତଳେ ଗାଡ଼ି ରହିବାର ଶବ୍ଦ । ଦଉଡ଼ିଗଲା । ଝରକା ପାଖକୁ । ଗାଡ଼ି ଠିଆ ହେଇଛି । ଚିହ୍ନା ଡ୍ରାଇଭରଟା ରକ୍ଷା ହେଲା । ସେ ତାକୁ ପଠେଇଦେଲା ରିମା ଭାଉଜଙ୍କୁ ଆଣିବା ପାଇଁ ଏବଂ ନିଜକୁ ପ୍ରସ୍ତୁତ କରି ବସିଲା । ହେୟାରଷ୍ଟାଇଲ୍ କରିବା ପାଇଁ ବେଳ ନାହିଁ । ବୋଝେ ବାଳ । ସେମିତି କ୍ଲିପ୍ କରିଦେଲେ ବି ସୁନ୍ଦର ଦିଶିବ । ମୁହଁରେ ନିହାତି କ୍ରିମ୍ ଟିକିଏ ପ୍ରେସ୍ ପାଉଡର ତ ଲଗେଇବାକୁ ପଡିବ । ଆଇବ୍ରୋରେ ପେନ୍‌ସିଲ୍ ଟଚ୍ ଟକିଏ ଦେଇ, ଓଠରେ ଲିପ୍‌ଷ୍ଟିକ୍ ମାରୁଛି ତଳୁ ଡ଼ାକ ଶୁଭିଲା ରିମା ଭାଉଜଙ୍କର ।

-''କିରେ , ତମେ ଏ ଯାଏ ପ୍ରସ୍ତୁତ ହେଇନ, ମୋତେ ତରବରରେ ଡାକି ଆଣିଲ କାହିଁକି...ରାତି ପାଇଁ ଟିକିଏ ବ୍ୟବସ୍ଥା କରି ଆସିଥାନ୍ତି....କିଛି ନହେଲେ ରୁଟି ଦି'ଖଣ୍ଡେ ସେକି ଦେଇଥାନ୍ତି ...ଆଉମାନେ କାହାନ୍ତି ?''

ସେମିତି ଲିପ୍‌ଷ୍ଟିକ୍‌ଟାକୁହାତରେ ଧରି ନନ୍ଦିନୀ ଏକାଲୟରେ ରିମା ଭାଉଜଙ୍କୁ ଚାହିଁରହିଲା କୌଣସି ଉତ୍ତର ନଦେଇ । ସତେକି, ପିଇଯାଉଛି । ଭାରି ସୁନ୍ଦର ଦିଶୁଛନ୍ତି ରିମା ଭାଉଜ । କିଛି ସାଜି ନାହାନ୍ତି । ନାଲି ବର୍ଡରରେ ଧଳା ସିଲ୍କ ଶାଢ଼ୀ ନାଲି ବ୍ଲାଉଜ, କପାଳରେ ଅସ୍ତସୂର୍ଯ୍ୟର ଟିକିଏ ବଡ଼ ସିନ୍ଦୂର ଟୋପା । ମୁଣ୍ଡକୁଣ୍ଡେଇବାରେ କିଛି ପରିପାଟୀ ନାହିଁ-ତଥାପି ଚମତ୍କାର ଦିଶୁଛନ୍ତି । ଦେବୀ ସରସ୍ୱତୀଙ୍କ ଭଳି । ସ୍ୱଚ୍ଛ, ପବିତ୍ର । ଭଲ ଲାଗୁଥିଲା ଦେଖିବାକୁ ।

-''କଣ ଏମିତି ଚାହିଁଛ ମୁଁ ପଚାରୁଛି ପରା କୁଆଡ଼େ ଗଲେ ଅନ୍ୟମାନେ ?

-''କାହିଁକି ତମେ ଆଉ ମୁଁ ତ ଯିବା'' ଦମ୍ଭିଲା ସ୍ୱରରେ କହିଲା ନନ୍ଦିନୀ ଟିକିଏ ହସିଦେଇ ।

Digitized by PPRACHIN, SOA

-'ଆମେ ଦୁହେଁ ? ପୁରଞ୍ଜନ ଯିବେନି ? ଆଶ୍ଚର୍ଯ୍ୟ ହୋଇ ପଚାରିଲା ରିମା ।

-''ନା, ଅଫିସରୁ ଫ୍ରି ହୋଇ ପାରିଲେନି । ତା' ଛଡ଼ା ଗୁଗୁଲିକୁ ଜର...

-ଆଚ୍ଛା ନନ୍ଦା, ଯିବାଟା ବାତିଲ କଲେ ହୁଅନ୍ତା ନି ? ବ୍ୟସ୍ତ ହୋଇ କହିଲା ରିମା ଅନ୍ୟମାନେ ବି ତ ଯାଉନାହାନ୍ତି । ଭଲ ଲାଗିବନି ଏକା ଯିବାକୁ ।

-ତମେ ମୋତେ ବ୍ୟସ୍ତ ହୁଅନି ଭାଉଜ । କିଛି ଅସୁବିଧା ହେବନି ''

ଗୁଲନକୁ ଛାଡ଼ି ରେଣୁ ଆସି ସାରିଥିଲା । ଗୁଗୁଲି ଶୋଇଥିଲା ନିସ୍ତେଜ ହୋଇ । ରାତିର ରୋଷେଇ ପାଇଁ ଅଟା ଆଉ ପରିବା କାଢ଼ି ରେଣୁକୁ ଆବଶ୍ୟକୀୟ ପରାମର୍ଶ ଦେଲା । ରାତିସାତଟାରେ ଗୁଗୁଲିକୁ କ୍ଷୀର ଗରମ କରି ଦେବାକୁ ହେବ । ପୁରଂଜନ ଆସିଲେ ଚା' ଜଳଖିଆ ଦେବ ଏବଂ ସବୁଠୁ ବଡ କଥା ହେଲା ଘର ଭିତରକୁ କାହାକୁ ଡାକିଆଣି ଗପିବନି । ମନେକରି ଗୁଗୁଲିର ଔଷଧ କିଣିଆଣିବାକୁ ପୁରଞ୍ଜନଙ୍କୁ କହିବ । ଜଣ ମନେରହିଲା ତ ?'' ପଚାରିଲା ନନ୍ଦିନୀ ।

ଚୁପ୍ ଚାପ ହୋଇ ରେଣୁ ସବୁକଥା ଶୁଣିଲା ମନଦେଇ । ଏଇଟା ବାବୁଆଣୀଙ୍କର ନିତିଦିନର ଶୁଆପାଠ । ବିରକ୍ତ ଲାଗିଲେ ବି ଶୁଣିବାକୁ ହେବ । ତାର ଯୁ' ନାହିଁ ପାଟିଖୋଲିବାକୁ । ସ୍ୱାଧୀନତା ତ ବନ୍ଧା ପଡ଼ିଛି । ପେଟ ପାଇଁ ଯେତେ ନାଟ । କାମରେ ଖିଲାପ ହେବନି ଟିକେ । କର୍ତ୍ତବ୍ୟ ସଂପର୍କରେ ପ୍ରବଚନ ଶୁଣେଇବେ ବାବୁଆଣୀ । ମନକୁ ମନ ହସିଦେଲା ରେଣୁ । ତାର କିଛି କହିବାର ନାହିଁ । ଏଇ ରେଣୁ ମାନଙ୍କର କେବେ କହିବାର ନଥାଏ କିଛି । ଭୁଲିବାର ବି ନଥାଏ । ନିଜ ଭାଗ୍ୟ ଭଳି ସବୁ ନିର୍ଦ୍ଦିଷ୍ଟ ରୁଟିନ୍‌ବନ୍ଧା କାମ । ସଂଜରୁ ସକାଳ-ସକାଳରୁ ସଂଜ-ମନେ ରଖିବନି କିମିତି...କାନ୍ଥଘଣ୍ଟାରେ ପାଞ୍ଚଟା ବାଜିଲା ।

ବହୁତ ଡ଼େରି ହୋଇଗଲାଣି ଭାଉଜ ଏଥର ଆମେ ବାହାରିବା ଉଚିତ ହେବ କହିଲା ନନ୍ଦିନୀ ରିମାକୁ ଉଦ୍ଦେଶ୍ୟ କରି । ହେଲେ ଯିବା ପୂର୍ବରୁ ପୁରଂଜନଙ୍କୁ ଜଣେଇଦେଇ ଯିବା ଠିକ୍ ହେବ ମନେକରି, ଫୋନ୍ ପାଖକୁ ଯାଇ ପୁରଂଜନଙ୍କ ଅଫିସ୍ ନମ୍ବର ଡାଏଲ୍ କଲା ।

ତଳକୁ ଓହ୍ଲେଇବା ପୂର୍ବରୁ ଡ୍ରେସିଂଟେବୁଲ-ଡ୍ର ଖୋଲି ପର୍‌ଫ୍ୟୁମ୍‌ର ସ୍ପ୍ରେ କଲା ନିଜ ବେକ ଛାତି ଆଉ କାଖରେ ଗୁଗୁଲିକୁ ଟିକିଏ ଚାହିଁଦେଇ ଦୁହେଁ ତଳକୁ ଓହ୍ଲେଇଗଲେ । ଡେଣା କଟା ପରି ଭଳି ଦିଶୁଥିଲା ନନ୍ଦା ପାହାଚ ଦେଇ ଓହ୍ଲେଇଲା ବେଳେ ରିମା କହିଲା 'ଭାରି ଚମତ୍କାର ବାସୁଛୁ ତୁ ନନ୍ଦା'...

-''ଗତ ମ୍ୟାରେଜ୍ ଆନଭର୍‌ସରିରେ ଏଇ ବିଦେଶୀ ପର୍‌ଫ୍ୟୁମ୍‌ଟି ପ୍ରେଜେଣ୍ଟ କରିଥିଲେ ପୁରଂଜନ । କେମିତି ମୋ' ମନ ଜାଣିଲେ କେଜାଣି, ନହେଲେ ତା ଆଗବର୍ଷ ଯୋଉଟା ଦେଇଥିଲେ,''ତମେ ଦେଖିନ ଡ୍ରଇଂରୁମ୍‌ର ସୋ'କେଶ୍‌ରେ ଥୁଆ ହୋଇଛି । ଗୋଟାଏ କ୍ରିପର...ଲତାଟିଏ ପୁଣି ଥୁଣ୍ଟା ଗଛଟା ଦେହରେ ଲଟେଇଛି । କି ରୁଚି କହିଲ

Digitized by PPRACHIN, SOA

ଭାଉଜ...ଯେତେସବୁ ମିଡ଼ଲ୍‌କ୍ଲାସ ଚିନ୍ତାଧାରା ।

-''ମୋତେ କିନ୍ତୁ ଭାରି ଭଲ ଲାଗେ ପିସ୍‌ଟା । ଆର୍ଟିଫିସିଆଲ୍ ହେଲେ ଜଣ ହେଲା ରଂଗ ଆଉ ଭାବର ବ୍ୟଞ୍ଜନା ଚମତ୍କାର ଫୁଟେଇଛି ଶିଳ୍ପୀ ।

ଗାଡ଼ିରେ ବସୁ ବସୁ ନନ୍ଦିନୀ ଟିପ୍ପଣୀ କଲା 'ତମ ଭିତରେ ବି ସେଇ ମାନସିକତା । ସେଇଥି ପାଇଁ ପୁରଂଜନଙ୍କର ତମ ଉପରେ ଅଗାଧ ଆସ୍ଥା । କୋଉ ପୁରୁଷ ପୁରୁଷର ଖାନ୍‌ଦାନୀ ଫୁଲଫୁଟା ଲତାଟିଏ ତମେ, ନୁନଆଦିର ଥୁଣ୍ଟାଗଛକୁ ଜାବୁଡ଼ିଧରିଛ ଏ ଯାଏ । ନ ହେଲେ ପତି ପରମେଶ୍ୱରଙ୍କ ରାତିର ଖାଇବା ନେଇ ଚିନ୍ତାରେ ଏତେ ସୁନ୍ଦର ଟ୍ରିପ୍‌ଟିକୁ ଭାରାକ୍ରାନ୍ତ କରି ତୋଳିନଥାନ୍ତ....ମିଛ କହିଲି? ଥଟ୍ଟାଳିଆକଣ୍ଠରେ କୌତୁକ ଫୁଟେଇ କହିଲା । ନନ୍ଦିନୀ ରିମାର ଅନ୍ୟମନସ୍କତାକୁ ଲକ୍ଷ୍ୟକରି ।

ବାସ୍ତବିକ ରିମା ଅନ୍ୟମନସ୍କ ଥିଲା । ଯାତ୍ରାଟା ସତରେ ସୁଖକର ଲାଗୁନଥିଲା । ଖାଲି କଥାଦେଇ ଥିଲା ବୋଲି ସିନା, ନ ହେଲେ ଏତେଦିନପରେ ମନୋଜ ଆସିଛନ୍ତି....ତାଙ୍କ କଥା କିଛି ବୁଝିପାରିଲାନି ତରତର ହୋଇ ଚାଲି ଆସିଲା ପିଲାଙ୍କ ଭଳି । ଘରେ ବି ତ ଆଉକେହି ନାହିଁ ବୁଝିବା ପାଇଁ । ଭୁଲ୍ ହୋଇଗଲା... । କଟକ ରାସ୍ତାରେ ଗାଡ଼ି ଦୌଡୁଥିଲା ଏକମୁହାଁ । ରିମାର କର୍ତ୍ତବ୍ୟନିଷ୍ଠ ମନଟା କିନ୍ତୁ ଦୌଡ଼ି ନପାରି ଅଟକିଯାଇଥିଲା ମନୋଜ ପାଖରେ । ସେ ଠିକ୍ କଲାନି । ପ୍ରଗଲ୍‌ଭା ନନ୍ଦିନୀ କଥା କହିବା ବନ୍ଦକରି କଣ ଗୋଟାଏ ଗୀତର ସୁରଧରି ଗୁଣୁଗୁଣଉଥିଲା । ସେ କିନ୍ତୁ ଟ୍ରିପ୍‌ଟାକୁ ଏନ୍‌ଜୟ୍ କିରବାକୁ ଚାହେଁ । କେତେ ଯୋଜନା ସେ କରିଛି ଏଇ ଟିକକ ମୁକ୍ତି ପାଇଁ । ରିମାଭାଉଜଟା ନିହାତି ମଫସଲିଆ । ଜୀବନ ପାଇଁ କେମିତି ଖୁସି ଗୋଟେଇବାକୁ ହୁଏ, ଜାଣି ନାହାନ୍ତି ।

ଦିନକେଇଟା ଆଗରୁ ବସନ୍ତ ପଞ୍ଚମୀ ଯାଇଛି । ପବନରେ ପହିଲି ବସନ୍ତର କଅଁଳ ଛୁଆଁ । ରାସ୍ତାର ଲାଇଟ୍‌ପୋଷ୍ଟ ଗୁଡ଼ାକରେ ବତୀ ଜଳିଉଠିଲାଣି । ପଶ୍ଚିମ ଦିଗନ୍ତରେ ତଥାପି ନାଲିଛିଟାର ସ୍ପର୍ଶ ରହିଛି । କୋଳାହଳମୟ କଟକ ସହର ଭିତରେ ଗାଡ଼ି ପଶିଲା । ମଣିଷର ସମୁଦ୍ର ଭିତରେ ବାଟ କାଟି କାଟି ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ବେଳକୁ ପୁରା ସଂଧ୍ୟା ହୋଇ ଯାଇଥିଲା । ସଭାମଞ୍ଚ ଆଲୋକରେ ସୁସଜ୍ଜିତ ହୋଇ ଝଲମଲ କରୁଥିଲା । ବେଶ୍ ଲୋକ ଗହଳି ବି ବଢ଼ିଯାଇଥିଲା । ଅନ୍ୟମାନଙ୍କ ଗହଣରେ ବସିଥିଲେ ପ୍ରଫେସର୍ ଶମ୍ଭୁନାଥ । ନନ୍ଦିନୀକୁ ଦେଖି ଦୌଡ଼ି ଆସିଲେ ମିତା, ସୁମିତା ଆଉ ତାର ପୁଅଝିଅ । ଉଛୁଳା ନଈସୁଅ ପରି ।

ନନ୍ଦିନୀ ବାପାଙ୍କୁ ପ୍ରଣାମ କରୁ କରୁ ଖୁସିରେ ଗଦ୍‌ଗଦ୍ ହୋଇ ଉଠିଲା ।

''ଚାହିଁଲ ବାପା ପଛକୁ କିଏ ଆସିଛି...'' ।

ଟିକିଏ ଆଶ୍ଚର୍ଯ୍ୟ ହୋଇ ପଛକୁ ଫେରି ଚାହିଁଲେ ଶମ୍ଭୁନାଥ ।

ପଛରୁ ଆସି ରିମା ପାଦଛୁଇଁ ପ୍ରଣାମ କଲା । ଆରେ, ରିମା ତୁ ! ଭଲ ଅଛୁ ତ ମାଁ....ଅନେକ ଦିନପରେ, ତୋତେ ଦେଖୁଛି । ମନୋଜ ଭଲ ଅଛନ୍ତି ତ ?

Digitized by PPRACHIN, SOA

-'ଆଜ୍ଞା । ବିନମ୍ର ଭାବେ ଉତ୍ତର ଦେଲା ରିମା ।

-''ଜଣ କିଛି କାମ କରୁଛୁ ସାହିତ୍ୟ ପାଇଁ....ତୋ ଉପରେ ଆମର ଅନେକ ଭରସା ଥିଲା ।''ବସୁ ବସୁ କହିଲେ ଶମ୍ଭୁନାଥ । କିଛି ଉତ୍ତର ନଦେଇ ହସିଦେଲା ରିମା । ହେଲେ ନନ୍ଦିନୀ ରିମା ପାଇଁ ଜବାବ ଦେଇ କହିଲା ''ଜର୍ଣ ଆଉ କରିବେ ବାପା, ଭାତ ଡାଲମା ରାନ୍ଧି, ମନୋଜଭାଇନା ଙ୍କ ସଂସାରକୁ ସଜାଉ ସଜାଉ ତାଙ୍କୁ ବେଳ ଅଣ୍ଟୁନି...।''

-''ସଂସାରକୁ ସୁନ୍ଦର ଭାବେ ସଜେଇବା ଜଣ କମ୍ କଥା ମାଁ, ସିଏ ବି ଗୋଟାଏ ପ୍ରକାରର ସାଧନା କଳା...ଆଛା ନନ୍ଦା, ପୁରଂଜନକୁ ଦେଖୁନିତ, କାହିଁ ସେ?'

-''ତାଙ୍କୁ ଜଣ ସମୟ ଥାଏ ଯେ ସେ ଆସିବେ....ତା'ଛଡ଼ା, ଗୁଗୁଲିକୁ ଭୀଷଣଜ୍ୱର କାଲିଠୁଁ....'' କହିଲା ନନ୍ଦିନୀ ।

-'ଜ୍ୱର । ତୁ କିମିତି ଆସିଲୁ ତାକୁ ଛାଡ଼ିଦେଇ ?' ବ୍ୟସ୍ତ ହେଇ ପଡିଲେ ସତକୁ ସତ ଶମ୍ଭୁନାଥ ।

-'ତମର ଆଜି ଏତେବଡ଼ ଗୌରବର ଦିନ, ମୁଁ ଆସିନଥାନ୍ତି କେମିତି ? ମୁଁ ତ ଜିଦି କରି ଆସିଛି । ରିମା ଭାଉଜ ଆସିଲେ ବୋଲି ସିନା । ନ ହେଲେ ପୁ ରଞ୍ଜନଟା ଭାରି ସେଲ୍‌ଫିସ୍ ।'

ଝିଅର ଜିଦ୍‌ଖୋର ଗୁଣକୁ ସେ ଭଲଭାବେ ଜାଣନ୍ତି । ଭାବିଥିଲେ ଘରସଂସାର କଲେ ବଦଳିଯିବ । ହେଲେ ଦିଟା ପିଲାର ମାଁ ହେଇ ବି ଯୋଉଠି ଥିଲା ସେଇଠି ଅଛି । ଦୁଃଖଲାଗିଲା, ଦୁଃଖ ଲାଗିଲା ଏଇଥି ପାଇଁ ଯେ, -ନିଜ ସଂସ୍କାର ସେ ତାକୁ ଦେଇପାରିଲେନି । କୋଉଠି ଭୁଲ ରହିଲା କେଜାଣି ତାଙ୍କର...? ମନେ ମନେ ନିଜ ଭୁଲ୍‌ର ମୂଳ ଖୋଜୁ ଖୋଜୁ, ଉପର ଠାଉରିଆ ହସିଦେଇ କହିଲେ-'ନାଃ ପୁରଂଜନ ନୁହେଁ, ତୁ କୋଡ଼ପିଲାଟାକୁ ଜରରେ ଛାଡ଼ିଦେଇ ଆସିବା ତୋର ମୋଟେ ଉଚିତ ହେଇନି । ସ୍ୱାର୍ଥପର ତୁ ।''

ନନ୍ଦିନୀର ଉତୁରି ଆସୁଥିବା ମନ ଉପରେ ହଠାର୍ତ୍ ଯେମିତି ମୁଠାଏ ଥଣ୍ଡା ପାଣି ଛାଟିଦେଲେ ବାପା ଶମ୍ଭୁନାଥ । ଏତେଦିନର ସଜଡ଼ା ସାଇତା କାଚଘରଟା ସତେକି ଚେତନାର ଗୋଟାଏ ଢ଼େଲାରେ ଝଣଝଣ ହୋଇ ଭାଙ୍ଗିଗଲା । ଅପମାନରେ ଚେପେଟେଇଗଲା ମନଟା । ଫସ୍‌କିଗଲା ବେଲୁନ୍ ଭଳି । ଏତେ ଲୋକଙ୍କ ଆଗରେ ଏମିତି କଣ୍ଟା ଫୋଡ଼ିଲା ଭଳି କଥା ନକହିଥିଲେ କଣ ହୋଇନଥାନ୍ତା ।

ବଡ଼ ଭଉଣୀ ମିତା କହିଲା ବାପାଙ୍କ ପାଇଁ ତ ସବୁ ଜାଗା ସବୁବେଳେ କ୍ଲାସରୁମ୍ । ବୋଉ ଠିକ୍ କୁହେ ବାପା ଜଣେ ଶିକ୍ଷକ, ଶିକ୍ଷକ ଛଡ଼ା ଆଉ କିଛି ନୁହଁନ୍ତି'-ସୁମିତା କଥା ଯୋଡ଼ିଲା ।

ନନ୍ଦିନୀ ଭିତରେ କିନ୍ତୁ ରୁଗୁରୁଗୁ ବେଦନାର ତୀବ୍ର ଅନୁଭୂତ ।

□□□

Digitized by PPRACHIN, SOA

ଗୀତ-ସେଇ ଏକା ସୁରର

"ବୋଉ ମୁଁ ସ୍କୁଲ ଯାଉଛି ।"

ସବୁଦିନ ଭଳି ଟୁଟୁଲ୍ ସ୍କୁଲ ବାହାରିଲା । ସ୍କୁଲ ଗଲାବେଳେ ଦାଣ୍ଡ ଦୁଆର ମୁହଁରେ ଠିଆ ହୋଇ ଥରେ ନିଶ୍ଚେ ପାଟି କରି କହିବ ବୋଉ ଉଦ୍ଦେଶ୍ୟରେ । ଏଇଟା ତାର ଅନ୍ୟାନ୍ୟ ଅଭ୍ୟାସ ଭଳି ଗୋଟିଏ ଅଭ୍ୟାସ ।

ଏଇତକ ଶୁଣିବା ପାଇଁ ମାଧବୀ କାନ ଡ଼େରିଥିବ । ଯାହା ବି କରୁଥାଉ ସେ, ପରଟା ବେଲୁଥାଉ, କି ମାଛ ଭାଜୁଥାଉ; ବୀଥିକୁ ଖୁଆଉ ଥାଉ କିମ୍ବା ଲୁଗାପଟା ସଜାଡୁଥାଉ । ଏତକ ତା କାନରେ ପଡ଼ିଲେ ଯାଇ ଆଶ୍ୱସ୍ତ । ନହେଲେ ସବୁକାମ ଭିତରେ ବି ମନ ସିଆଡେ ଟୁଟୁଲ୍ ପଛରେ ବୁଲୁଥିବ, "କାହିଁକି ଡେରି ହେଉଛି ।" ଆଜି ବି ଟୁଟୁଲ ସେଇୟା କଲା, "ବୋଉ....

"କାହିଁକି ଏଡ଼େ ପାଟିଟାଏ କରୁଛୁ ଯେ...ମୁଁ ପରା ତୋରି ପଛରେ ଅଛି' ମାଧବୀ ଆଜି ତା ପଛରେ ହିଁ ଯାଉଥିଲା ।

ଆରେ ସତେତ, କି ଆଶ୍ଚର୍ଯ୍ୟ ! ତୁ କିମିତି ଆଜି ରୋଷେଇ ଛାଡ଼ି ଚାଲି ଆସିଲୁ ବୋଉ ବୋଉ ମତେ ଛାଡ଼ିବାକୁ, ତା'ହେଲେ ନିଶ୍ଚେ ବର୍ଷାହେବ'....ବୋଉକୁ ପଛରେ ଦେଖି ଟୁଟୁଲ ଚକିତ ହେଇ କହିଲା । କାରଣ ସେ ଜାଣେ, ବୋଉ ପ୍ରାୟ ଆସେନା କେବେ, ସେ ସ୍କୁଲ ଗଲାବେଳେ ଛାଡ଼ିବାକୁ । ସବୁବେଳେ ତ କିଛି ନା କିଛି କାମରେ ବ୍ୟସ୍ତଥିବ । କେତେଥର ସିଏ ଅଭିଯୋଗ କରିଛି । ହେଲେ ବୋଉର ସେଇ ଏକା ଉତ୍ତର ।

"ସ୍ୱୀନାଟା ପରା, ନିଜ ଦାୟିତ୍ୱ ନିଜେ ନେବା ଶିଖିବୁନା, ସବୁବେଳେ କଣ ବୋଉ ପାଖରେ ଥିବ । ତା'ଛଡା ଦେଖୁଛୁ ମୁଁ କେତେ ବ୍ୟସ୍ତ । ବାପାଙ୍କ ଅଫିସ୍ ଟାଇମ୍ ହେଲାଣି, ଜଳଖିଆ ସଜାଡ଼ିନି...ବୀଥି ଭାତଥାଳି ପାଖରେ ବସିଛି ନଖୁଆଇଲେ ସେମିତି ଭୋକରେ ଉଠିଯିବ...ଇତ୍ୟାଦି ଇତ୍ୟାଦି । କିଛି ନା କିଛି ବାହାନା ଥିବ ।

ଅଥଚ ତା' ସାଂଗ ପିଙ୍କୁଲ, ରିଚା, ସୋମ ହେରିକାଙ୍କ ବୋଉମାନେ କେତେ ବଢ଼ିଆ । ପିଙ୍କୁ ମମି ତ ପିଙ୍କୁ ସ୍କୁଲ ବାହାରିଲା ବେଳେ ବାହାର ଗେଟ୍ ପାଖରେ ନିଶ୍ଚେ ଠିଆ ହୋଇଥିବେ 'ବାଏ' କହିବା ପାଇଁ । ସବୁଦିନ ଭିନ୍ନ ଭିନ୍ନ ଶାଢ଼ୀ ପିନ୍ଧିଥିବେ । ବୋଉ ଭଳିଆ ସେ ଦେଖିବାକୁ ସୁନ୍ଦର ନୁହଁନ୍ତି । ତଥାପି ଭଲ ଲାଗେ ତାଙ୍କ ହାତ ହଲେଇବା ଠାଣି । ପିଙ୍କୁଲ ବି ଉତ୍ତରରେ 'ବାଏମମି' କହି ସାଇକଲ୍‌ରେ ଉଠେ । ରିଚା ଆଉ ସୋମ୍‌ର ମାମା ମାନେ ତ ଲମ୍ବା ଲମ୍ବା ମାକ୍ସି ପିନ୍ଧି ସ୍କୁଲବସ୍ ପର୍ଯ୍ୟନ୍ତ ଚାଲି ଆସନ୍ତି । ବ୍ୟାଗ୍, ୱାଟରବଟଲ ବଢ଼େଇ 'ବାଏ' କରନ୍ତି । ସ୍କୁଲ ଗେଟ୍ ପାଖରେ ସବୁଠୁ ବେଶୀ 'ମମି' ମାନଙ୍କର ଭିଡ । ରକମ୍ ରକମର ବାସ୍ନା । କେତେ ପ୍ରକାରର ପରଫ୍ୟୁମ୍ ବ୍ୟବହାର କରନ୍ତି

Digitized by PPRACHIN, SOA

କେଜାଣି ସେମାନେ । ସ୍କୁଲଆଖପାଖ ମହକି ଉଠୁ ଥାଏ ବାସ୍ନାରେ । ଅଥଚ ତା ବୋଉ ଦେହଟା ଅଦା ରସୁଣ ମିଶା ଗୋଟାଏ ଭିନ୍ନେ ବାସ୍ନା । ଅବଶ୍ୟ ଚିହ୍ନା ଚିହ୍ନା । ଆଖିବୁଜିଥିଲେ ବି ଚିହ୍ନି ହେଇଯିବ । ବିଚିତ୍ର କଥା । ଆଜି କେମିତି ତା ବୋଉ ଆସିଯାଇଛି କେଜାଣି । ଆଉ କିଛି ଭୁଲି ଯାଇନି ତ । ମନେ ପକେଇ ଦେବାକୁ ବୋଉ ଆସିଥିବ । ଅଭ୍ୟାସ ବଶତଃ ତା ହାତ ଆପେ ସବୁ ଅଣ୍ଡାଳି ଖୋଜି ନେଲା । କାହିଁ ନାହିଁତ....

'କିଛି ଭୁଲିନୁ ତ....ପାଣି ବୋତଲ, ଟିଫିନ୍ ବାକ୍ସ....ହଁ ତୋର ହୋମ୍‌ୱାର୍କ ଖାତା ? ଖାତାଟା ସକାଳେ ବାପାଙ୍କର ଖଟ ଉପରେ ପଡିଥିଲା, ରଖିଛୁନା, ମନେକରି ? 'ସବୁଠିକ୍ ରଖିଛ ।' ସାଇକେଲ୍‌କୁ ଏଥର ରାସ୍ତା ଉପରକୁ ଓହ୍ଲେଇ ଆଣି କହିଲ଼ଃ ଟୁଟୁଲ୍ । ବୋଉ ଆଜି ଟିକିଏ ଡେ଼ରି ହୋଇଯିବ ଫେ଼ରିଲା ବେଳେ । ଫୁଟବଲ୍ ମ୍ୟାଚ୍ ଅଛି ଟିକିଏ ଦେଖିଆସିବି । ବାପାଙ୍କୁ କହିବୁନି ରାଗିବେ । ଏକା ଯିବିନି ମ...ରମୁଭାଇ ସାଙ୍ଗରେଯିବି କଣ୍ଠରେ ଅନୁରୋଧର ଛିଟା ।

'ହଉ ହେଲା । ବେଶୀ ସଂଧ୍ୟା କରିବୁନି । ଟିଫିନ୍ ଖାଇନବୁ । ଆରେ, ହଁ ବର୍ଷାତିଟା ନେଇନୁ ବୋଧେ...ହଉ ମୁଁ ନେଇ ଆସେ-ମେଘ ଉଠେଇଛି ଦେଖୁନୁ ।

'ସ୍କୁଲଟାଇମ୍ ହେଲାଣି । ଏତିକି ବେଳକୁ ତୋର ସବୁ ମନେ ପଡ଼ିବ । କିଛି ବର୍ଷା ଫର୍ଷା ହେବନି, ଥାଉ ଦେଖୁନୁ କେଡ଼େ ବଡ଼ ଏ ବୋଝ, ଥରେ ବୋହିଲୁ ଦେଖି,ବସ୍ତାନି କୁ ଦେଖେଇ ଟୁଟୁଲ ମୁହଁ ଫୁ଼ଲେଇ ଯିବାକୁ ବସିଲା ।

''ନାଇଁ ନାଇଁ । ବର୍ଷାରେ ଭିଜି ଆସି ଚାରିଦିନ ଜରରେ ଶୋଇବୁ....ମୋ କାମ ବଢ଼ିବ ତେଣିକି । ରହ ମୁଁ ନେଇ ଆସେ ।' ବର୍ଷାତି ନେଇ ଟୁଟୁଲ ସ୍କୁଲ ଚାଲିଗଲା ।

ଟୁଟୁଲ୍‌ର ଯିବା ବାଟକୁ ଚାହିଁ ରହିଲା ମୁହୂର୍ତେ ମାଧବୀ । ବିଚ଼ରା ପାଞ୍ଚ କିଲୋମିଟର ଏବେ ସାଇକ୍ଲିଙ୍ଗ୍ କରିବ । ଟଫିନରେ କଣ ଦିଟା ଗିଳିଥିବା ଖାଦ୍ୟ କୁଆଡ଼େ ଭସ୍ମ ହୋଇଯିବ । ଦିନଟା ସାରା ଖାଲିପେଟ । କି ପାଠ ମନେରହିବ...ଆଜିକାଲି ତ ପାଠ ଭାରି ଭିଡ଼ । ସତରେ ବୋଝେ । ତା ବେଳେ ଏ ସବୁ କିଛି ନଥିଲା । ସିଲଟ୍ ଖଣ୍ଡେ କି ବହିଖାତା ଦିଟା ବ୍ୟାଗ୍‌ରେ ଝୁଲେଇ ସାଂଗସାଥି ମେଳରେ ସ୍କୁଲଯାଇ, ଚାରିଟା ବେଳେ ଘରକୁ ଫେର । ତାପରେ ପଖାଳ ଦିଟା ଖାଇ, ଖେଳ । କି ଆରାମ ଦାୟକ ଜୀବନ । ଅବଶ୍ୟ ତା ତୁଳନାରେ ଏବେ ପିଲାଙ୍କ ବୁଦ୍ଧି, ବିଚାର ବିଚ଼କ୍ଷଣତା ଯେ ବଢ଼ିନି ତା ନୁହେଁ । ତେବେ ବର୍ତମାନ ପିଲା ସାଥିରେ ବାପା ମା' ମାନଙ୍କୁ ମଧ୍ୟ ପାଠ ପଢ଼ିବାକୁ ପଡୁଛି । ସ୍କୁଲଯିବାକୁ ପଡୁଛି । ସେଥିରେ ହୋମ୍‌ୱାର୍କ, ପିଲାଏ ବାନ୍ଧି ହୋଇଯାଉଛନ୍ତି । ନିଃଶ୍ୱାସ ମାରିବାକୁ ଫୁରୁସତ ନାହିଁ । ସବୁବେଳେ ଚିଡ଼ ଚିନ । ସେଥିରେ କି ଚେହେରା ରହିବ ?

ନଚେତ୍ ଟୁଟୁଲ ଚେହେରାଟା ଉତୁରି ଆସୁଥିଲା । ତା ବାପା ଭଳି ଠିକ୍ ଗଢ଼ଣ । ଲମ୍ବା କାଟ୍‌ଛାଣ୍ଟ । ଗୋରା ନୁହଁ ବେଶୀ, ଉଜ୍ଜ୍ୱଳ ସୁନ୍ଦର ସତେଜ ରଂଗ । ବଡ ବଡ ଆଖି ।

Digitized by PPRACHIN, SOA

ସରୁ ଛୁଞ୍ଚନାକ । ପ୍ରଶସ୍ତ କପାଳ । ବିଶ୍ୱକେତୁଙ୍କୁ ସେ ପ୍ରଥମେ ଦେଖିଲା ବେଳେ ଏମିତି ଦିଶୁଥିଲେ । ଲୋଭନୀୟ । ଟୁଟୁଲ, ବି ।

ହଠାତ୍ ମାଧବୀ ସଚେତନ ହୋଇଗଲା । ମାଁ ଟିଏ ହୋଇ ସେ ଏମିତି କଣ ଭାବୁଛି । ଆଖି ପଡ଼ିଯିବ । ହେ ପ୍ରଭୁ । ଭଲରେ ଥାଉ ମୋ ଟୁଟୁଲ ! ମନ ଭିତରେ ମୁଣ୍ଡିଆ ମାରିଲା ମାଧବୀ । ନା, ଆଉ ଭାବିବନି ଏମତି । ଘର ଭିତରକୁ ଫେରିଆସିଲା ସେ ।

ଘର ଭିତରଟାରେ ଯାବତୀୟ ଜିନିଷ ଅସଜଡା, ପଡ଼ିଛି । ଗାଧୁଆଘରେ ମେଞ୍ଚାଏ ମଇଳା ଲୁଗା ଧୋଇବା ପାଇଁ...ବିଶ୍ୱକେତୁଙ୍କ ଲୁଗାପଟା ଇସ୍ତ୍ରୀ ହେବ । ବିଶ୍ୱକେତୁ ଡ଼ାକ୍ତରଖାନାକୁ ଯାଇଛନ୍ତି । ଫେରିଲେ ଖାଇବେ । ଝିଅଟାକୁ ତିନିଦିନ ହେଲା ଜ୍ୱର । ଘାଣ୍ଟି ହୋଇଯାଉଥିଲା । ବିଚାରୀ ଆଜି ଟିକିଏ କମିଛି । କଣ ଖାଇବ କେଜାଣି । ଗରମ ପାଣିରେ ଆଜି ଟିକେ ପୋଛିପାଛି ଦେବ । ଝିଅଟା ତାର ସୁନାଖଣ୍ଡେ ।

ରୋଷେଇ ଘରେ ପଶି ସଜାଡୁ ସଜାଡୁ ମାଧବୀ ଭାବିଲା, ଯେତେ କଲେ ବି କାମର ଶେଷ ନାହିଁ । କେଜାଣି କୋଉଠୁ ଏତେ ଜମୁଛି ସେ ବୁଝି ପାରେନା । କ୍ଳାନ୍ତ ଲାଗିଲାଣି । କପେ ଚା' ଖାଇଛି ଯାହା । କେବେ ପିଲାଏ ବଡ ହେବେ ବୋହୂ ଆସିବ । ବୀଥି ଶାଶୁଘରକୁ ଯିବ । ଏ ଜଂଜାଳରୁ ଅବା ମୁକ୍ତିମିଳିବ ଟିକିଏ । ଧୁଆ ବାସନ ପୋଛି ପାଛି ସାଇତି ରଖିଲା ଥାକରେ ।

ଏଇ ଜଂଜାଳରୁ ମୁକ୍ତି ଖୋଜିବାକୁ ଯାଇ ସେ ଭୁବନେଶ୍ୱର ଆସିଛି ବିଶ୍ୱକେତୁଙ୍କ ସାଙ୍ଗରେ । ଏଥିପାଇଁ ବସି କଣ କମ୍ କଥା ଶୁଣିଛି ସେ । ଗାଁରେ ଶାଶୁ ଶ୍ୱଶୁରଙ୍କର ତ ମୋଟେ ଇଛା ନଥିଲା ସେ ସହରକୁ ଆସୁ । ଶାଶୁ କହିଥିଲେ –"ବିଶ୍ୱ ତ ସୁବିଧାରେ ଯିବା ଆସିବ କରୁଛି । ଘରୁ ମୁଠିଏ ଖାଇ ଯାଇ ପାରୁଛି । ସମସ୍ତେ ମିଳିମିଶି ଅଛେ । ଭାଗ୍ୟକୁ ମିତା, ନିତାଙ୍କ ଶାଶୁଘର ବି ଏଇଠି । ଭଲମନ୍ଦ ସୁବିଧା ଅସୁବିଧାରେ ଯିବା ଆସିବା କରୁଛନ୍ତି । ନାତି ନାତୁଣୀ ଦିଟା ବି ମାୟା ଲଗେଇ ଦେଇଛନ୍ତି । ତା'ଛଡ଼ା ଦେଖୁଛୁ, ବାପାଙ୍କ ଦେହଟା ଆଜିକାଲି ମୋଟେ ଭଲ ରହୁନି । ତା ଆସିବା ବାଟକୁ ଚାହିଁ ରହୁଛନ୍ତି ।'

ସେ କିନ୍ତୁ ଯୁକ୍ତି ବାଢ଼ିଥିଲା । ଟୁଟୁଲ୍‌ର ପାଠପଢ଼ା ନେଇ । ଆଜିକାଲି ଏଇ ଓଡ଼ିଆ ସ୍କୁଲ ଗୁଡାକରେ ଭଲ ପଢ଼ା ହେଉନି । ଏଠି ତ କନ୍‌ଭେଣ୍ଟର ସୁବିଧା ନାହିଁ । ତା'ଛଡ଼ା ଭଡା ଘର ଖୋଜିବାକୁ ପଡ଼ିବନି । ହେଉ ପଛେ ଛୋଟକାଟର । ସରକାରୀ କ୍ୱାଟର ମିଳିଛି । ଅଯଥା ଖାଲି ପଡିଛି ସିନା । ପାଖରେ ସ୍କୁଲ୍, ଡାକ୍ତରଖାନା । ବଜାର ହାଟ ଦୂର ନୁହଁ । ସବୁ ସୁବିଧା ଅଛି ବୋଉ । ଆବଶ୍ୟକ ପଡ଼ିଲେ ବାପାଙ୍କର ଚିକିତ୍ସାର ବି ଅସୁବିଧା ହେବନି । ଏମିତି ବି କଣ ସପ୍ତାହରେ ଥରେଅଧେ ଆସିବେନି କି ? ବାପା ବୋଉ ଆଉ କିଛି କହି ନଥିଲେ ଅବଶ୍ୟ ।

କିନ୍ତୁ ବିଶ୍ୱକେତୁ ଅମଙ୍ଗ ହେଉଥିଲେ । 'ବାପା ବୋଉଙ୍କ ମନରେ କଷ୍ଟ ହେବ । ସେମାନଙ୍କର ବୟସ ହୋଇଗଲାଣି । ମୋର ତ ଦଶରୁ ପାଞ୍ଚ ଅଫିସ୍ । ଅବଶ୍ୟ ଟିକିଏ

Digitized by PPRACHIN, SOA

କଷ୍ଟ ଯି ବା ଆସିବା ପ୍ରତିଦିନ । ତଥାପି ବାପା ବୋଉଙ୍କ ପାଇଁ....। ତମେ ଆଉ ଥରେ ଭାବ ମାଧବୀ କିଛି ଭୁଲ୍ ହୋଇଯାଉନି ତ ?'

'ନାଇଁ, ମୋର ଆଉ କିଛି ଭାବିବାର ନାହିଁ । ତମେ ସିନା ସକାଳୁ ସଂଜ ଅଫିସ୍ କରି ରାତିଟା ଜୁଣିଆ ହେଇ ରହୁଛ । ମୁଁ କିନ୍ତୁ ଖଟି ଖଟି ଦରମରା ହେଲିଣି । ଏ ଘରେ ବନ୍ଧୁ ବାନ୍ଧବ, ଅତିଥି ଅଭ୍ୟାଗତ ଙ୍କର ଅଭାବ ନାହିଁ । ବିଧି ବିଧାନ ର ତ ଉଣା ନାହିଁ । କୁଣିଆ ଚର୍ଚ୍ଚା ସାଙ୍ଗକୁ ପିଲାଙ୍କ କଥା । ନିତା, ମିତା ଅଧେ ଦିନ ଏଇଠି । ସକାଳୁ କାଉ କା' କଲା ଠୁଁ ରାତିଅଧଯାଏ ମୋତେ ନାକ ପୋଛିବାକୁ ବି ତର ନାହିଁ ।

''ମୋତେ ତ କେବେ ଏକଥା କହିନ ।''

''କଣ ଆଉ କହିଥାନ୍ତ । କହିଥିଲେ ବି, କଣ କରିପାରିଥାନ୍ତ ତୁମେ ? ଏଇତ କହୁଛ ତମକୁ । କିଛି କରିପାରିବ ? ମୁଁ ଜାଣେ ପାରିବନି । କେମିତି ପାରିବ । ଏଠା ପରିବେଶ, ପରିସ୍ଥିତି ଏମିତି ଯେ, ଜଣେ ଇଚ୍ଛା କଲେ ୟା ଭିତରେ ଥାଇ ନିଶ୍ଚିନ୍ତରେ ମୁକ୍ତ ରହି ପାରିବନି । ପୁଣି ମୁଁ ବୋହୂଟିଏ । କହୁ କହୁ ଅଭିମାନରେ ଫାଟି ପଡ଼ିଥିଲା ସେ । ରୁଦ୍ଧ କଣ୍ଠରେ ପ୍ରଶ୍ନ କରିଥିଲା ମୁଁ କଣ ମେସିନ୍‌ଟିଏ ? ଅନ୍ୟର ଇଚ୍ଛାରେ ହିଁ ଚାଲିବି ? ମୋ ନିଜର କିଛି ଇଚ୍ଛା ଅନିଚ୍ଛା ନାହିଁ ? ଆମ ଘରୁ ଆସିବା ଦିନୁ ଖୋଲା ପବନ ଟିକିଏ ବାଜିନି ଏ ଦେହରେ । ଅତିଷ୍ଠ ଲାଗିଲାଣି । ଭଲ ଲାଗୁନି ଏ ପ୍ରକାର ଆବଦ୍ଧ ଜୀବନ । କେବେ ଦିନେ ମୁଁ ଝିଅ ଥିଲି, ସ୍କୁଲ କଲେଜରେ ପାଠ ପଢ଼ିଥିଲି, ପଢ଼ିବାକୁ ଭଲ ପାଉଥିଲି, ସ୍ୱପ୍ନର ଗଛଟିଏ ପୋତିଥିଲି, ସେ ସବୁ ତ ଭୁଲି ଗଲିଣି ଆଜି । ଆଉ ମାନଙ୍କ ପାଦରେ ପାଦ ମିଶେଇ ଚାଲୁ ଚାଲୁ ମୋ ନିଜ ଚାଲିଟା ବି ବଦଳିଗଲାଣି...। ସେ ସବୁ କଥା ଛାଡ । ହେଲେ ଆମ ପିଲାଏ....ଟୁଟୁଲ୍ ବଡ ହେଉଛି, ବୀଥି ବଡ ହେବ । ସେମାନଙ୍କର ଭବିଷ୍ୟତ କଥା, ଭାବିବାନି କିଛି ?

ତା ପରେ ବିଶ୍ୱକେତୁ ଆଉ ଅରାଜି ହୋଇ ନଥିଲେ । ସତକଥା ପିଲାଙ୍କୁ ମଣିଷ କରିବା ଦାୟିତ୍ୱ ତ ତାଙ୍କର । ଆଉ କିଛି କରି ନପାରିଲେ ମଧ୍ୟ ଭଲ ଶିକ୍ଷା ଟିକିଏ ତ ଦେବାକୁ ହେବ ।

ସେଇ ବର୍ଷ ଗୁଣ୍ଡିଚା ବେଳକୁ ପିଲାଙ୍କୁ ନେଇ ସେ ଏଇ ସରକାରୀ ଘରକୁ ଆସିଯାଇଥିଲା । ଏଥିପାଇଁ ଅବଶ୍ୟ ବିଶ୍ୱକେତୁଙ୍କୁ ବୋଉଙ୍କ ସାମ୍ନାରେ ଗୋଟିଏ ସହଜମିଛର ଆଶ୍ରୟ ନେବାକୁ ପଡ଼ିଥିଲା ।

'ନିତିଦିନର ଏଇ ଟ୍ରେନ୍ ଧାଉଡି ଆଉ ପୋଷଉନି ବୋଉ-କ୍ଳାନ୍ତ ଲାଗୁଛି । ଅଫିସ୍ କାମ ବି ଢ଼ିଲା ହୋଇଯାଉଛି । ବାରଂବାର କେତେ କୈଫିୟତ ଦେବି ? ତା' ଛଡା ଦେହଟା ବି ଭଲ ରହୁନି । ଡ଼ାକ୍ତର କହୁଛନ୍ତି-'ଏ ବୟସରୁ ଗ୍ୟାସ୍‌ଟ୍ରାଇଟିସ୍‌ଟା ମୋଟେ ଭଲ ଲକ୍ଷଣ ନୁହଁ । ପେପ୍‌ଟିକ୍ ଅଲସର ପାଇଁ ବାଟ ଖୋଲି ଦେଉଛନ୍ତି । ବର୍ତ୍ତମାନଠୁଁ ଖାଦ୍ୟପେୟ, ବିଶ୍ରାମ କଥା ଚିନ୍ତା କରନ୍ତୁ ।'

Digitized by PPRACHIN, SOA

ବୋଉ ସତରେ ବ୍ୟସ୍ତ ହୋଇପଡ଼ିଥିଲେ ପୁଅ କଥାଶୁଣି । 'ନାହିଁ ନାହିଁ, ମାଧବୀ ଯାଉ ତୋ ସାଂଗରେ । ତୋ ଦେହଟା ମୂଳ । ତୁ ଭଲରେ ଥା' ଆଗ ପିଲାଙ୍କ ପାଠପଢ଼ା ତ ଏଇଠି ହେଇଥାନ୍ତା ଏବେ ସେଇଠି ହେବ । ସେ କିଛି ନୁହଁ । ତୁ ମାଧବୀକୁ ନେଇଁଯା-ଦେହକୁ ସମ୍ଭାଳ ।

ସେତେବେଳକୁ ଟୁଟୁଲକୁ ପାଞ୍ଚବର୍ଷ, ବୀଥି ବର୍ଷକର । ସେଇ ଦିନରୁ ଏକୁଟିଆ ସେ ଏଇ ସଂସାରକୁ ସମ୍ଭାଳିଛି । ଶାଶୂ ନଣନ୍ଦ, ଗଲା ଅଇଲା ଚାଲିଛି ମଝିରେ ମଝିରେ । ବଡ଼ ଗୋଟାଏ ଜଂଜାଳରୁ ମୁକ୍ତ ହେବ ବୋଲି ନିଜେ ବାଛି ନେଇଥିଲା ଏଇ ସ୍ୱାଧୀନ ଅଥଚ଼ ଦାୟିତ୍ୱପୂର୍ଣ୍ଣ ଜୀବନ । ଏଠି ନିଜେ ନିଜର ମାଲିକ । କହିବାକୁ, ଦେଖେଇବାକୁ କି ଭୁଲ୍ ସୁଧାରିବାକୁ କେହିନାହିଁ । ମୁକୁଳା ଜୀବନ ।

ସେଠି, ଗାଁରେ ଥିଲା ବେଳେ, ଭାବୁଥିଲା ଆହା ! ଭୁବନେଶ୍ୱର ରେ କେତେ ପବନ । ମୁହୂର୍ତ୍ତଟିଏ ମିଳନ୍ତା କି ନିଶ୍ଚିନ୍ତରେ ବସି ପବନ ପିଅନ୍ତା । ହେଲେ ଏବେ ଦିନରାତି ପବନ କିତ୍ କିତ୍ ଖେଳୁଛି ଝରକା ଦୁଆରର ପରଦା ସାଥିରେ । ଅଥଚ଼ ତାକୁବେଳନାହିଁ ପବନ ସାଂଗରେ କଥା କହିବାକୁ କି ଅଧଘଣ୍ଟାଏ ସମୟ କାଢ଼ି ସାଇପଡ଼ିଶା ଙ୍କ ସହିତ ଗପିବାକୁ । କିଛି ନ ହେଲେ ବିଶ୍ୱକେତୁଙ୍କ ସହିତ ବସି ନିରୋଳାରେ ଚା' କପେ ପିଇବାକୁ । ବୁଲିଯିବା ତ ଦୂରର କଥା । ସେମିତି ଜରୁରୀ ନ ହେଲେ ନୁହେଁ । କିଛି ନା କିଛି କାମ ଟୁକୁର ମୁକୁର ହେଇ ଲାଗି ରହିଛି । ଅଚିନ୍ତା ଜୀବନ ହିଁ ନାହିଁ । ସେଇ ଏକା ପ୍ରକାର ଗୀତ । ଘୋଷରା । ରୋମାଂଚ ନାହିଁ କି ଆବେଗ ନାହିଁ ।

ଆଗରୁ ଟୁଟୁଲ୍ ବୀଥି ବେଶୀ ବଡ ହେଇନଥିଲା ବେଳେ ବିଶ୍ୱକେତୁଙ୍କୁ ମଝିରେ ମଝିରେ ଅଭିମାନ କରି କୁହେ-ଖାଲି ଅଫିସ୍‌ରୁ ଘର ହେଇ ଫାଇଲ ଦେଖି ଦେଖି ତମେ ମୋତେ ବି ଭୁଲି ଗଲଣି । ମୋ ସଉକି କଥା କାହିଁକି ମନେ ରହିବ ? "କାହିଁକି କଣ ହେଲା ? କିଛି ନୂଆ ଗହଣା, ଶାଢ଼ୀ ନା ଘରକରଣା ଜିନିଷ କଣ କିଛି ଆଖିରେ ପଡ଼ିଛି ?" ହାଲୁକା ଭାବରେ ପ୍ରଶ୍ନ କରନ୍ତି ବିଶ୍ୱକେତୁ । "ହଁ, ସତେଯେମିତି ବଜାରର ସବୁ ନୂଆ ଜିନିଷ ମୋ ପାଇଁ କିଣିଆଣୁଥିବ । ମୁହଁ ଫଟାଏ ସେ "ଏତେ ବର୍ଷ ହେଲାଣି ଭୁବନେଶ୍ୱର ଆସିଲିଣି ଯେ, ଥରୁଟିଏ କେବେ ଖଣ୍ଡଗିରି ଦେଖେଇଛ ?"

'ଏଇକଥା ତ ଚାଲଯିବା ଏଇ ରବିବାର ।' କହନ୍ତି ବିଶ୍ୱକେତୁ ହେଲେ ଭୁଲି ଯାନ୍ତି ଅଫିସ୍ କାମରେ ଅଥବା ପିଲାଙ୍କ ସୁବିଧା ଅସୁବିଧା ନେଇ ଏ ଯାଏ ସେ ଖଣ୍ଡଗିରି ଦେଖିପାରିନି । ଦେଖି ପାରିବନି ମଧ୍ୟ ।

ଅଥଚ ଆଜିକାଲି ଏ ସବୁ ଭୁଲି ସାରିଲାଣି । ପିଲାଙ୍କ ପଢ଼ା, ସେମାନଙ୍କ ସ୍ୱାସ୍ଥ୍ୟ, ସେମାନଙ୍କ ଭଲମନ୍ଦ ଭାବୁ ଭାବୁ ତାର କିଛି ଆଉ ମନେପଡୁନି । ତା ସାଂଗକୁ ଗାଁକଥା ଶାଶୁ ଶ୍ୱଶୁର, ପର୍ବ ପର୍ବାଣି ତୁଲାଉ ତୁଲାଉ ନିଜର ଯେ କିଛି ସଉକି ସେ କଥା ଆଉ ମନେ ନାହିଁ ।

Digitized by PPRACHIN, SOA

ଟୁଟୁଲର ଇଞ୍ଜିନିୟରିଂ ଶେଷବର୍ଷ । ସେ ବାଙ୍ଗାଲୋରରେ ପଢୁଛି । ବୀଥି ଏ ବର୍ଷ ବି:ଏ: ପଢ଼ିବ । ଗୋରା ତକ ତକ ଛିମ୍‌ଛାମ୍ ଚେହେରା । ଭସାଣିଆ ଆଖି । ବୋଝେ ବାଳ ମୁଣ୍ଡରେ । ନାଚ଼ ଶିଖୁଛି । ଓଡ଼ିଶୀ । ଚମତ୍କାର ନାଚେ । ଓଡ଼ିଶା ବାହାରକୁ ବି ଗଲାଣି । ଥରେ ପ୍ରୋଗ୍ରାମ ଦେବାକୁ । କଥାରେ, ଚାଲିରେ, ଆଖିରେ ସବୁଥିରେ ତାର ନର୍ତ୍ତକୀର ଛନ୍ଦ ଫୁଟି ଉଠୁଛି । ମାଧବୀକୁ ଖୁସି ଲାଗୁଛି । ତା ପିଲାଦିନର ସାଇତା ସ୍ୱପ୍ନ ସାକାର ହେଇଛି ବୀଥି ଭିତରେ ଏତେଦିନକେ । ତାର ପିଲାଟି ଦିନରୁ ନାଚ ପ୍ରତି ଦୁର୍ବଳତା ଥିଲା । ହେଲେ ସମ୍ଭବନଥିଲା ତା ପକ୍ଷରେ ଶିଖିବା । ବୀଥିକୁ ସେ ନାଚ଼ଶିଖେଇଛି କେବଳ ଏଇଥିପାଇଁ । ବିଶ୍ୱକେତୁଙ୍କର ସେମିତି କିଛି ଇଛା ନଥିଲା । ପାଠପଢ଼ା ଢ଼ିଲା ହେବ-ସତରେ ବି ପାଠପଢ଼ାରେ ବୀଥିଟା ଏମିତି ଖାସ୍ ନୁହେଁ, ନାଚରେ ହିଁ ମନ ।

ଆଜିକାଲି ବିଶ୍ୱକେତୁ ବେଳେ ବେଳେ ନିଜ ପାଇଁ ବ୍ୟସ୍ତ ହେଇ ପଡନ୍ତି । କୁହନ୍ତି ବଡ କ୍ଳାନ୍ତ ଲାଗୁଛି ଏବେ । ଆଗଭଳି କାମ୍ କରିପାରୁନି । ମୁଣ୍ଡଟା ଓଜନୀୟା ଲାଗୁଛି ।'

ମାଧବୀ ମଧ୍ୟ ଲକ୍ଷ୍ୟ କରୁଛି ଏଇ କେଇଦିନ ହେବ, ଦୁର୍ବଳ ଦେଖାଯାଉଛନ୍ତି ବିଶ୍ୱକେତୁ । ମୁହଁରେ ସତେଜଟା ଆଉ ନାହିଁ । ଦେଖୁଦେଖୁ ବୟସଟା ଜୋଉ ଫାଙ୍କରେ ଗଳି ପଳାଉଛି । ନିଜ ଦେହଟା ବି ଜଣ ଆଉ ଭଲ ରହୁଛି ଏବେ । ଆଣ୍ଠୁଗଣ୍ଠି ସବୁ ଦରଜ ହେଲାଣି । ତାକୁ ଭୟ୍ ଲାଗେ । ବ୍ୟସ୍ତ ହୋଇ କୁହେ ସେ 'ଯାଉନ ଥରେ ଡାକ୍ତରଙ୍କ ପାଖକୁ ।'

'ତମେ ବି ଚାଲନା ଦୁହେଁ ଯିବା ।' ପ୍ରସ୍ତାବ କରନ୍ତି ବିଶ୍ୱକେତୁ । ଦିନେ ସମୟ୍ କରି ଦୁହେଁ ପହଞ୍ଚନ୍ତି ଡ଼ାକ୍ତର ଦାସଙ୍କ କ୍ଳିନିକ୍‌ରେ । ପରୀକ୍ଷା କରୁ କରୁ ନିଜସ୍ୱ ଢ଼ଙ୍ଗରେ ଡ଼ାକ୍ତର ଦାସ କହନ୍ତି-'ଚିନ୍ତାର ତ କୌଣସି କାରଣ ନାହିଁ । ଏ ସବୁ ଏଜିଂପ୍ରୋସେସ୍; ବୟସ ତା ନିଜ କାମ କରୁଛି । ଚାଳିଶ ପାର ହେଲେ ହିଁ ମଣିଷର ଏମିତି ଛୋଟ ମୋଟ ରୋଗ ହୁଏ । ଏଥିରେ ଭୟ୍ କରିବା କଥା କିଛି ନାହିଁ । ଟିକିଏ ସାବ୍‌ଧାନତା ଦରକାର । ଖାଇବା ପିଇବାରେ, ବିଶ୍ରାମ ନେବାରେ ପରିଶ୍ରମ କରିବାରେ ।'' ବ୍ଲଡ୍ ପ୍ରେସରଟା ମାପିସାରି, ପ୍ରେସ୍‌କ୍ରପ୍‌ସନ୍ ଲେଖିଲେ ଡକ୍ଟର ଦାସ । ମାଧବୀକୁ ଆଶ୍ଚର୍ଯ୍ୟ ଲାଗିଲା । ବିଶ୍ୱକେତୁ ଇତିମଧ୍ୟରେ ପଚାଶ ପାରି ହୋଇଗଲେଣି । ସେ ତ ଭାବି ପାରୁନି । କେମିତି ବି ନ ହେବ, ଟୁଟୁଲ୍‌କୁ ତେଇଶ ହେଲାଣି-ବିଥିର ବାହାହେବା ବୟସ । ବିଶ୍ୱକେତୁଙ୍କ ଚେହେରାରେ ବୟସର ଛାପ ଧରା ପଡ଼େନି । ହେଇଟି ପରି ଲାଗେ ସବୁ । ସେ ନୂଆ ବୋହୂ ହୋଇ ଆସିଥିଲା ନାଲି ବନାରସୀ ପିନ୍ଧି । ସାନ ଭଉଣୀ ରତ୍ନା କାନି ପାଖରେ ଚୁପ୍‌କରି ଆସି କହିଥିଲା,-''ନାନୀ, ରଜାପୁଅ ଲୋ । ଚାହଁ ଟିକିଏ, ' ମୋର ଭାରି ଈର୍ଷା ହେଉଛି । ଲାଜର ଓଢ଼ଣା ତଳୁ ସେ ଟିକିଏ ଚାହିଁ ଦେଖିଥିଲା । ସତରେ ମନ ପୁରି ଉଠିଥିଲା ସମୟ୍ ଗୁଡ଼ାକ କେତେ ଶୀଘ୍ର ଚାଲିଗଲା କୁ ଆଡେ !!

Digitized by PPRACHIN, SOA

ବିଶ୍ୱକେତୁ ଆଉ ସେ ବୟସର ଜଙ୍ଗସନ୍ ପାରି କରି ଆସିଲେଣି । ଦାୟିତ୍ୱ ସରିନି । ଭାବନା ରାଜ୍ୟରୁ ଓହ୍ଲେଇଆସେ ମାଧବୀ ।

ଡକ୍ଟର ଦାସ ପ୍ରେସ୍‌କ୍ରିପ୍ ବଢ଼େଇ କହିଥିଲେ: ହାଇପରଟେନସନ୍ । ଏଇ କ୍ୟାପ୍‌ସୁଲରେ କଣ୍ଟ୍ରୋଲ ହେଇଯିବ-ବ୍ୟସ୍ତ ହୁଅନ୍ତୁନି । ଟେନ୍‌ସନ୍ ଫ୍ରି କରନ୍ତୁ ନିଜକୁ । ବିଶ୍ୱକେତୁ ମାଧବୀ ଆଡ଼କୁ ଦେଖେଇ ଡାକ୍ତରଙ୍କୁ କହନ୍ତି-'ୟାକୁ ଟିକିଏ ଭଲ କରି ଦେଖନ୍ତୁ ଡାକ୍ତର ଦାସ, ବିଚାରୀ କଷ୍ଟ ପାଉଛି ଯନ୍ତ୍ରଣାରେ ।'

'ନାଇଁ ମ, ମୋର ତ ସେମିତି କିଛି ହେଇନି-ମିଛରେ ତମେ ବ୍ୟସ୍ତ ହେଉଛ ଖାଲି' ମାଧବୀ କୁହେ ।

ହେଲେ ମାଧବୀ ଆଖିକୁ ନିଦ ଆସେନା । ବୀଥି ଚିନ୍ତା ତାକୁମାଡ଼ି ଆସେ । କୁଆଡ଼େ ବାହାହେଇ ଚାଲିଯିବ ଝିଅଟା । କାହା ହାଣ୍ଡିରେ ଚାଉଳ ପକେଇଛି କେଜାଣି । ଆଜିକାଲି ପୁଅ ଘରମାନଙ୍କର ଯୋଉ ମନୋବୃତ୍ତି ଭାବିଲେ ଭୟହୁଏ । ରକ୍ତ ଶୁଖିଯାଏ ଦେହରୁ । ପୁଣି ବୀଥିଟା ଟୁଟୁଲ ଭଳି ନୁହଁ ଖୋଲା ଖୋଲି କହିପକାଏ ସବୁ । କେମିତି ଘର କରିବ କେଜାଣି । ବିଶ୍ୱକେତୁ କୁହନ୍ତି-ତମର ବୀଥି ପାଇଁ ଚିନ୍ତା କରିବା ଦରକାର ନାହିଁ । ଯୋଇଁ ମୁଁ ଖୋଜିବି । ତା'ଛଡା ଝିଅ ମୋର ରୂପଗୁଣର । ବରଂ ତମେ ତମମନଲାଖି ବୋହୂ ଖୋଜ । ବୋହୂକୁ ନେଇ ତମେ ଚଳିବ ସବୁଦିନେ ।

ମୁହଁ ଫୁଲାଏ ମାଧବୀ, କାହିକି ମ ମୁଁ କଣ ଏକା ଚଳିବି ଆଉ ତମେ ?

'ମୁ ତ ସବୁଠ, ସବୁ ପରିସ୍ଥିତିରେ ନିଜକୁ ଚଳେଇ ଦେଇ ପାରିବି ।'

ମାଧବୀ ଯୁକ୍ତି କରେ ଜବରୀ ହେଇ; ପୁଅ ବି ମୋର, ଝିଅ ବି ମୋର । ମୁଁ ମାଁ ଜନ୍ମ ଦେଇଛି, ଗଢ଼ିଛି, ହାତଧରି ଚାଲି ଶିଖେଇଛି । ମୁଁ ଭାବିବିନି ସେମାନଙ୍କ ପାଇଁ ? କଥା କଟା କଟିରେ ରାତି ପାହି ସକାଳ ହୁଏ ।

ଶେଷରେ ଦୁହେଁ ଠିକ୍ କରନ୍ତି-ଭଲଘର ଦେଖି ଗୁଣବନ୍ତ ଝିଅଟିଏ ଆଣିବେ । କିଛି ଆଉ ଦରକାର ନାହିଁ । କେବଳ ପରଂପରାକୁ ସମ୍ମାନ ଦେଇ ଶିଖିଥିବ । ଅବଶ୍ୟ ବୀଥିକଥା ଅଲଗା । ବିଶ୍ୱକେତୁ ତ ଯୌତୁକର ପକ୍ଷପାତୀ ନୁହଁନ୍ତି -ତଥାପି ଯଦି ପୁଅପକ୍ଷ କିଛି ଚାହାଁନ୍ତି-ଚେଷ୍ଟା କରିବେ ଦେବାପାଇଁ । ତେବେ ଭଲ ଗୁଣର ପିଲାଟିଏ ହେଇଥିବା ଦରକାର । ସୁଶୀଳ, ଶିକ୍ଷିତ ଏବଂ ସ୍ନେହୀ ।

-୩-

ଟୁଟୁଲ କହିଲା 'ଆଗ ବୀଥିର ବାହାଘର ହେବ । ମୋ' କଥା ପଛେ । ନିଜକୁ ଆଗ ଦମ୍ଭକରେ ।' ବିଶ୍ୱକେତୁ ମଧ୍ୟ ଟୁଟୁଲ କଥାକୁ ସମର୍ଥନ କଲେ ।

ଅନେକ ପ୍ରସ୍ତାବ ଆସିଲା ବୀଥି ପାଇଁ । କୋଉଠି ମାଧବୀ ମନକୁ ପାଇଲାନି ତ କୋଉଠି ବୀଥି ନିଜେ ରାଜି ହେଲାନି । ବିଶ୍ୱକେତୁ ଭଲଘର ଖୋଜୁଥିଲେ । କିନ୍ତୁ ବୀଥି

Digitized by PPRACHIN, SOA

ସର୍ତ୍ତ ରଖିଥିଲା ଯେ, ସେ ନାଚିବ । ଯାହା ହେଲେ ବି ସେ ନାଚ ବନ୍ଦ କରିବନି । କଳାର ଯଥାର୍ଥ ମର୍ଯ୍ୟାଦା ଯିଏ ଦେଇ ନପାରିବ, ତାକୁ ସେ କଦାପି ବିବାହ କରିବ ନାହିଁ ।

କିନ୍ତି ଅସୁବିଧା ହେଲା । କାରଣ ଅନେକେ କେବଳ ବୋହୂଟିଏ ଚାହିଁଲେ । ଅନେକ ଭଲ ପ୍ରସ୍ତାବ କାଟ ଖାଇଗଲା ବୀଥିର ପଣ ନେଇଁ ।

ବିଶ୍ୱକେତୁ ଙ୍କ ମନରେ କ୍ରମଶଃ ମେଘ ଜମି ଆସୁଥିଲା, କେମିତି ବୀଥି ବାହାହେବ । ମାଧବୀର କିନ୍ତୁ ବିଶ୍ୱାସ ତୃଟି ନଥିଲା କହିଥିଲା, ଏତେ ବ୍ୟସ୍ତ କାହିଁକି ହେଉଛି ସମୟ ହେଇନି ।'

ସତକୁ ସତ ଦିନେ ସନତ୍ ଆସିଲା । ବୀଥି ଆଉ ବୀଥିର ସର୍ତ୍ତକୁ ଗ୍ରହଣ କରିବାରେ ତା'ର କୌଣସି ଆପତ୍ତି ନଥିଲା । ଓଡ଼ିଶୀ ନୃତ୍ୟ ଓ ସଂଗୀତ ପ୍ରତି ତାର ଦୁର୍ବଳତା କିଛିଟା ବେଶୀଥିଲା । ତା ବାପା ବୋଉଙ୍କର ମଧ୍ୟ କିଛି ଆପତ୍ତି ନଥିଲା । ପୁଅର ଖୁସି ହିଁ ସେମାନଙ୍କର ଖୁସି । ସନତ୍ ସୁନ୍ଦର ସୁଦର୍ଶନ ଯୁବକ । ଗୋଟାଏ ବହୁରାଷ୍ଟ୍ରିୟ କଂପାନିର ଏକ୍‌ଜିକ୍ୟୁଟିଭ । ଆଶ୍ୱସ୍ତ ହେଲେ ବିଶ୍ୱକେତୁ । ଆୟୋଜନରେ ଲାଗିପଡ଼ିଲା ମାଧବୀ ।

ବୀଥି ଶାଶୁ ଘରକୁ ଯିବାର ମାସ କେଇଟାରେ ବିଶ୍ୱକେତୁଙ୍କର ସ୍ୱାସ୍ଥ୍ୟ କ୍ରମଶଃ ବିଗିଡ଼ିବାକୁ ଲାଗିଲା । ଦିନେ ଅଚାନକ ସିଡ଼ିରୁ ଓହ୍ଲାଉ ଓହ୍ଲାଉ ଗୋଡ଼ଖସି ପଡିଗଲେ । ଆଉ ଚାଲିପାରିଲେନି । ଡ଼ାକ୍ତର କହିଲେ ଫ୍ର୍ୟାକ୍‌ଚର ନେକ୍ ଅଫ୍ ଫିଉମର୍ । ଏ ବୟସରେ ହାଡ଼ ଯୋଡ଼ି ହେବା କଷ୍ଟକର ବ୍ୟାପାର । ହତାଶ ହେଲା ମାଧବୀ । ପୁଅଝିଅ ସମସ୍ତେ ଧାଇଁ ଆସିଲେ ବ୍ୟସ୍ତ ହୋଇ ।

ବିଶ୍ୱକେତୁ କିନ୍ତୁ ଶେଜରେ ଶୋଇ ସେମାନଙ୍କୁ ଆଶ୍ୱସନା ଦେଲେ -ତମେମାନେ ମୋ ପାଇଁ ମୋଟେ ବ୍ୟସ୍ତ ହୁଅନି । ଧୀରେ ଧୀରେ ସବୁଅଭ୍ୟାସରେ ପଡ଼ିଯିବ । ବରଂ ତୋ' ବୋଉ କଥାଟା ଟିକିଏ ବୁଝ ଟୁଟୁଲ, ଦିନରାତି ମୋ ସେବାରେ ରହି ତାର ସ୍ୱାସ୍ଥ୍ୟ ଭାଙ୍ଗି ଗଲାଣି ।

ଅନେକ ଅନେକ ଦିନ ଧରି ବିଶ୍ୱକେତୁ ଶଯ୍ୟାଶାୟୀ ହେଲେ । ଅଗତ୍ୟା ଚାକିରୀରୁ ଅବସର ନେବାକୁ ପଡ଼ିଲା । ବୀଥି ଚାଲିଗଲା କିଛିଦିନ ରହି । ଏକା ହୋଇଗଲା ମାଧବୀ । ବିଶ୍ୱକେତୁଙ୍କ ସ୍ୱାସ୍ଥ୍ୟ ଆଉ ଘରଟା ଯାକର କାମ । କଷ୍ଟ ଲାଗିଲା ସମ୍ଭାଳିବାକୁ । ଭାବିଲା, ଟୁଟୁଲକୁ କହିବ ଏଥର ବୋହୂଟିଏ ଆସୁ' ଘରଟା ଭାରି ଖାଲି ଖାଲି ଲାଗୁଛି । '

ଟୁଟୁଲ୍ ମନା କଲାନି ଆଉ । କହିଲା 'ତୋର ଆଉ ବାପାଙ୍କର ପସନ୍ଦ ହିଁ ମୋ ପସନ୍ଦ । ମୁଁ ଅଧିକା ଜଣ ଦେଖିବି ।'

ମାଧବୀ ଶୀମିକୁ ପସନ୍ଦ କରିଥିଲା ।

ଶୀମି ଆସିଲା ବୋହୂ ହେଇ । ଫଗୁଣର ରଂଗଖେଳ ଭିତରେ ମୁଠାଏ ଅବିର ହୋଇ ବିଶ୍ୱକେତୁଙ୍କ ଘର ଅଗଣା ଆନନ୍ଦ ଉଲ୍ଲାସରେ ହୋରି ଖେଳରେ ଫଗୁଳ ହୋଇ

Digitized by PPRACHIN, SOA

ଉଠିଲା । ମାଧବୀର ଗୋଡ ଆଉ ତଳେ ପଡୁ ନଥିଲା ନୂଆଁବୋହୂ ରୂପଗୁଣର ଚର୍ଚ୍ଚାରେ, ଗଲା ଆଇଲାଙ୍କ ଖବର ରଖିବାରେ ଅନେକ ଦିନ କଟିଗଲା ଖୁସି ଖୁସିରେ ।

ବୋହୂ ଦେଖିବାକୁ ଆସି ତାର ଜଣେ ସଂପର୍କୀୟ ଜାଆ କହିଲେ- ଏତେ ଦିନକେ ତୋ ଦୁଃଖ ଗଲା ଲୋ ମାଧବୀ-ବାଛି ହୋଇଗଲା ଭଳି ବୋହୂ, ଏଣିକି ତୋର ଆଉ ଚିନ୍ତା ନାହିଁ । ଗୋଡ଼ ଉପରେ ଗୋଡ ଥୋଇଖାଲି ଆରାମ କର । ତା' ସଂସାର ସିଏ ସମ୍ଭାଳିବ ।

ତୃପ୍ତିରେ ହସିଲା ମାଧବୀ, ସତେତ ! ଏଥର ତାର ମୁକ୍ତି । ଏଇ ଘର ପାଇଁ ଖଟିଂଖଟି ସେ କ୍ଳାନ୍ତ ହେଲାଣି । ବିଶ୍ରାମ ଦରକାର ଟିକିଏ । ଅନେକ ଦିନରୁ ସେ ନିଶ୍ଚିନ୍ତ ହୋଇ ବିଶ୍ୱକେତୁଙ୍କ ପାଖରେ ବସି ସୁଖଦୁଃଖ ହେଇପାରନ୍ତି, ଚା' କପେ ପିଇ ପାରିନି । କିମ୍ବା ଦି' ପହରରେ ନିଦକ ମନରେ ଟିକିଏ ଗଡ଼ପଡ ହେଇ ପାରିନି । ଏଥର ସେଇ ସୁଖ ଟିକକ ହୁଏତ ମଳିବ । ପତ୍ରିକା ଖଣ୍ଡେ ଓଲଟେଇବାକୁ ସମୟ ମିଳୁନଥିଲାକେବେ । ଭୁବନେଶ୍ୱର ରେ ତ ଆଉ ଆଗଭଳି ଖିଲ୍ ଖିଲ୍ ପବନର ଖେଳ ନାହିଁ । ତଥାପି ପଡ଼ିଶାଘର ମଣ୍ଟୁବୋଉ ସଂଗରେ ଛାତ ଉପରେ ବସି ସଂଜୁଆ ପବନ ତ ଖାଇ ପାରିବ । ପବନକୁ ତାର ଭାରି ଲୋଭ ପିଲାଟି ଦିନରୁ । ଖୁସିରେ କୁରୁଳି ଉଠେ ମାଧବୀ । ବିଶ୍ୱକେତୁ ହସନ୍ତି ।

ବାହାଘର ନିଶା କଟେଇ ଟୁଟୁଲ୍ ଚାଲିଯାଏ ଚାକିରୀ ଜାଗାକୁ । ଶୀମିକୁ ଏକା ଲାଗେ । ସେଇ ଏକା ପ୍ରକାରର କାମ । ସକାଳୁ ସଂଜ । କିଛି ଥ୍ରୀଲ ନାହିଁ, ରୋମାଞ୍ଚ ନାହିଁ । ଅବଶ୍ୟ ବୀଥି ଆଉ ସନତ ଆସନ୍ତି ମଝିରେ ମଝିରେ । ସେମାନେ ଆସିଲେ ଆହୁରି କାମ ବଢ଼େ । କଲେଜ ଜୀ ବନ ମନେପଡ଼େ । ଶୁଭ୍ରା, କାମିନୀ, ବନିତା ସାଂଗସାଥି ମନେ ପଡନ୍ତି । କେତେ଼ ଆନନ୍ଦର ଥିଲା ସେଇ ଦିନସବୁ ।

-୪-

'ସବୁ କଥାରେ ଖୁଁତ୍ ଖୁତ୍ । ସବୁ କଥାରେ ଅସନ୍ତୁଷ୍ଟ । କେମିତି ହେବ ମାଧବୀ ? ତମ ଭଳି କେମିତି ହେବେ ସମସ୍ତେ ? ତମ ମାପରେ ଅନ୍ୟକୁ ମାପିଲେ ଅଯଥା କଷ୍ଟ ହିଁ ପାଇବ । ବରଂ ନିଜକୁ ଟିକିଏ ବଦଳେଇବାକୁ ଚେ଼ଷ୍ଟାକର ।'

'ଏଇ ବୟସରେ ମୁଁ ନିଜକୁ ବଦଳେଇବି ? କାହିଁକି ବଦଳେଇବି ଯେ ?'

'ଯଦି ନବଦଳେଇ ପାରୁଛ, ତେବେ ଚ଼ଳେଇ ନେବାକୁ ଶିଖ'

'ଚଳେଇ ହିଁ ନେଉଛି । ଆଜିଯାଏ ତେଲଲୁଣ ସଂସାର ଭିତରେ ଘାଣ୍ଟି ହୋଇ ନିଜପାଇଁ ମୁଁ କଣ ବା 'ଚାହିଁଛି ? କିଛିନାହିଁ । କେବଳ ଘରର ମାନ ମହତକୁ ଜଗିଛି । ମାଧବୀ କଣ୍ଠରେ ସତେ ଯେମିତି ଅୟୁତ ଯୁଗର ଗ୍ଲାନି ଫୁଟି ଉଠିଲା ।

ଟିକିଏ ରହି କହିଲା, ବୋହୂ ହିଁ ତ ଘରର ମର୍ଯ୍ୟାଦା । ତା' ଆଚାର, ବିଚାର ଏବଂ ଚଳଣୀରୁ ଲୋକେ ବଂଶର ଆଭିଜାତ୍ୟକୁ ଠାବ କରନ୍ତି । ଏତକ ବୁଝି ପାରିବାର ଯୋଗ୍ୟତା ନାହିଁ ତାର ?

Digitized by PPRACHIN, SOA

ସେଦିନ ଗାଁରୁ ଗୃଣ ଦଦେଇ ଦେଠେଇ ଆସିଥିଲେ ତୁହିନାକୁ ସାଂଗରେ ନେଇଁ ମୁଁ ଶୀମିକୁ କହିଲି 'ଦିନ ଦିଟା ର କଥା ଦେଠେଇଙ୍କ ମନକୁ ପାଇବନି, ତୁ ମାକ୍ସି ଛାଡି ଶାଢ଼ୀ ପିନ୍ଧ । କହିଲା, ଯିଏ ଯୋଉଠୁଁ ଯେତେବେଳେ ଆସୁଥିବେ, ମୁଁ କଣ ଶାଢ଼ୀ ପିନ୍ଧି ପିନ୍ଧି ମୁଣ୍ଡିଆ ମାରୁଥିବି ।'' ତମେ ଜାଣିଛ, ତାଙ୍କର ସବୁ ଆଡିକି ନିଜର । ସାଂଗେ ସାଂଗେ ହସିଦେଇ କହିଲେ ହେଲା ମା, ଭଲରେ ଥା', ତମେ ସବୁ ପାଠ ପଢ଼ାଛିଅ । ତମ ପାଖରେ ପାଠର ଦମ ଅଛି । ଆମ ପାଖରେ ତ କିଛି ନଥିଲା । ବାରହାତୀ ଶାଢ଼ୀରେ ଗୋଡ଼ରୁ ମୁଣ୍ଡ ଢ଼ାଙ୍କି ହେଇ, ଅୟିସ୍ବଲକ୍ଷଣୀ ପଦୁଟିଏ ଶୁଣିବା ଲୋଭରେ ସହସ୍ରଥର ମୁଣ୍ଡିଆ ମାରି ଗୁରୁଜନଙ୍କ ଠୁଁ କଲ୍ୟାଣ ଗୋଟେଇ ରଖୁଥିଲୁ ପଣତ କାନିରେ, ଏବକୁ ସବୁ ଗଲା ।'

'ମୋର ତ ଦେହ ମୁହଁ ପୋଡ଼ି ହୋଇଗଲା ଲାଜ ଅପମାନରେ ।' ମୁହଁ ଫଣକେଇ ଆଖି ନାକ ପୋଛି ନେଲା ମାଧବୀ ।

ବିଶ୍ୱକେତୁ ବୁଝିପାରୁଥିଲେ, ମାଧବୀର ଅଭିଯୋଗ ନିହାତି ଅବାନ୍ତର ନୁହେଁ । ସେ ଯାହା ଶିଖିଛି ଏତେଦିନ ଧରି, ଯାହା ଆହରଣ କରିଛି ଅନୁଭବ ଦେଇ, ସେଇ ସଂସ୍କାର କୁ ପାରଂପରିକ ସୂତ୍ରରେ ଶୀମିକୁ ଦେବାକୁ ଚାହୁଁଛି । ହେଲେ ଶୀମି ଏ ସବୁ ପାଇଁ ପ୍ରସ୍ତୁତ ନୁହେଁ'' ଦୁଃଖ ଏଇଠି, ସଂଘର୍ଷ ବି ଏଇଠି । ଆଦର୍ଶର ବିଚାରର ।

-ତାଙ୍କର ଆଶଙ୍କା ବି ହେଲା, ଏଇ ସଂଘର୍ଷ ଯେ ଦିନେ ବିରାଟ ମହୀରୁହ ହେଇ ଏଇ ଘର ଅଗଣାରେ ଠିଆ ନହେବ, କିଏ କହିବ ! ବରଂ...

''ଆମେ ପୁରୁଣା ଖିଆଲର ମଣିଷ ମାଧବୀ, ସେମାନେ ଆଜିର । ତାଙ୍କ ଢ଼ଙ୍ଗରେ ସେ ଚଳିବେ । କହିଲେ ବିଶ୍ୱକେତୁ । 'ସେମାନେ ତ ଆଉ ପିଲା ହୋଇ ନାହାନ୍ତି ଆମ କଥାରେ ବସ ଉଠ ହେବେ ।

'ଇଏ କି ଢ଼ଙ୍ଗମ । ମୁଁ କଣ ପାଠ ପଢ଼ିନଥିଲି । ସେତେବେଳେ ବିଃଏ ପାଶ୍ କରିଥିଲି । କାହିଁ ମୁଁ ତ କେବେ ଗୁରୁଜନ ମାନଙ୍କୁ ଏମିତି ବେଖାତିର କରିନି । ଏତେ ଅହଂକାର କୋଉଥି ପାଇଁ ? କୋଉ ଗୁଣକୁ ମୋର ସରିହେବ ?

'ତମେ କଣ ପାଗଳ ହେଲ ପିଲାଟା ସାଂଗରେ ବାଦ କରୁଛ ମାଧବୀ ? ନା, ନା ମୁଁ ଅନ୍ତତଃ ତମଠୁ ଏଇଆ ଆଶା କରି ନଥିଲି ।

'ମୁଁ ଜାଣେ, ଯାହାହେଲେ ବି ଦୋଷ ମୋର ଦିଶିବ । ଭୁଲ୍ ମୋର ହେବ । ଆଜିକାଲି ଟୁଟୁଲ ଆଖିକୁ ବି ସେଇୟା ଦିଶୁଛି । କେତେ ବଦଳିଗଲା ପୁଅଟା ମୋର ।'' ମାଧବୀ ମୁହଁରେ ହତାଶାର ମେଘ ଛାଇ ହେଇଯାଏ ।

ବିଶ୍ୱକେତୁ ହସିଦିଅନ୍ତି ଟିକିଏ ମାଧବୀ ଆଖିର ଆଢୁଆଳରେ । ଭାବନ୍ତି, ଏଇ ନାରୀ ଜାତିଟା ହିଁ କେମିତି ଅଦ୍ଭୁତ । ଜଣେ ଆଉ ଜଣକୁ ସହି ପାରେନା । ବିଶେଷ ପରି ଶାଶୁ ବୋହୂକୁ-ବୋହୂ ଶାଶୁକୁ । ସେ ତ କାହିଁ କେବେ ଶୁଣିନାହାନ୍ତି । ଶାଶୁ ବୋହୂର ପ୍ରଶଂସା କରୁଛି ଅଥବା ବୋହୂ ଶାଶୁର । ସେଇ ଏକାଗୀତର ବୋଲି କୋଉ ଚିରାଚରିତ

Digitized by PPRACHIN, SOA

କାଳରୁ ଚାଲି ଆସୁଛି । କିଛି ନୂଆ ନାହିଁ । ଶିକ୍ଷା, ଦୀକ୍ଷା, ସଂସ୍କାରରେ ଯେତେ ପରିବର୍ତ୍ତନ ଆସୁପଛକେ ଏଇ ଅସୁସ୍ଥ ମାନସିକତାର ପରଂପରା ଅକ୍ଷତ ଭାବରେ ଗତି ଆସିଛି । ପୁରୁଷାନୁକ୍ରମେ । ଜଣେ କହିବ ମୁଁ ଠିକ୍ ସିଏ ଭୁଲ୍, ଆଉ ଜଣକ କହିବ ମୋତେ ସହିପାରୁନାହାନ୍ତି । ଜଣେ କର୍ତ୍ତୃତ୍ୱ ଛାଡ଼ିବାକୁ ନାରାଜ, ଆର ଜଣକ ସ୍ୱୀକାର କରିବନି । 'କାହିଁକି ଏମିତି ହୁଏ ମାଧବୀ ? କାହିଁକି ?'

'କୋଉ କଥା ??' କିଛି ବୁଝିନପାରି ପଚାରିଲା ଆଖିରେ ଚାହିଁଲା ମାଧବୀ ।

-୫-

ଦିଲ୍ଲୀରେ ନାଚ ପ୍ରୋଗ୍ରାମ ଦେଇସାରି ଫେରନ୍ତି ବାଟରେ ବୀଥି ଆଉ ସନତ୍ କଟକରେ ନଓହ୍ଲେଇ ଭୁବନେଶ୍ୱରରେ ଓହ୍ଲେଇଲେ । ବୀଥିର ଇଛାଥିଲା ନୂଆଁ ବର୍ଷଟା ଏଥର ବାପା ବୋଉଙ୍କ ସାଥିରେ ମନେଇବ । ପୁଣି ନାତୁଣୀ ମାନୁ ମାଧବୀର ପ୍ରାଣ । ମାନୁ ମଧ୍ୟ ଆଈ ବୋଲି ପାଗଳ । ବୀଥି ପ୍ରସ୍ତବ ଦେଲା, ପୁରୀଯିବା ସମସ୍ତେ । ଶୀମିତ ନାହିଁ ବାପଘରକୁ ଯାଇଛି । ବାପା ବି ଯିବେ । ଅନେକ ଦିନ ହେଲା ସେ କୁଆଡ଼େ ବାହାରକୁ ଯାଇନାହାନ୍ତି ।

ମାଧବୀ ଡ଼ରୁଥିଲା 'ବାପାଙ୍କର ଅସୁବିଧା ହେବ ଯିବା ଆସିବାରେ' ।

ସନତ୍ କହିଲେ 'ମନ୍ଦିର ପାହାଚ ସିନା ଉଠି ପାରିବେନି-ସମୁଦ୍ର କୂଳରେ ତ ବସିପାରିବେ । ବିଶ୍ୱକେତୁ ମଧ୍ୟ ଖୁସି ମନରେ ପୁରୀ ବାହାରିଲେ- ସମୁଦ୍ର ଦେଖିବାକୁ ।

ପୁରୀ ଯିବା ବାଟରେ ବୀଥି ଖୁସି ହୋଇ ବୋଉକୁ କହିଲା 'ଜାଣିଛୁନା ବୋଉ, ଆମର ଏଥରକ ଭୁବନେଶ୍ୱର ବଦଳି ହେଉଛି ।

'ସତେନା କଣ କେବେ ଆସୁଛ ? ଖୁସିରେ କୁରୁଳି ଉ ଠି ମାଧବୀ ପଚାରିଲା ।

'ଆସନ୍ତା ମାସ ଶେଷ ଆଡ଼କୁ , ନୁହେଁ ? ପ୍ରଶ୍ନିଳ ଆଖିରେ ସନତ ମୁହଁକୁ ଚାହିଁଲା ବୀଥି । ସନତ ଦୃଷ୍ଟି କିନ୍ତୁ ସାମନାକୁ ଥିଲା ।

ଭାରି ଭଲ ହେଲା । ଦୂରରେ ଥିଲୁ ବୋଲି ମନଟା ସବୁବେଳେ ଛଟପଟ ଲାଗେ । ଏଠି ସନତ୍‌ଙ୍କୁ ତ କ୍ୱାଟର ମିଳିବ ?

''ସାଂଗେ ସାଂଗେ ନ ହେଲେ ବି ମାସ ଦି'ଟାରେ ନିଶ୍ଚୟ ମିଳିଯିବ ।

'ତା ହେଲେ କଣ ଭଡ଼ା ଘର ଖୋଜିବାକୁ ପଡ଼ିବ ? ମୁଁ କଣ କହୁଛିକି ଦି' ଚାରିମାସର କଥା ତ ଆମରି ଘରେ ଚଳେଇ ନେଲେ ବୋଧେ ଚଳନ୍ତା, କଣ କିଛି ଅସୁବିଧା ହେବ ?'

କେଜାଣି ! ମୁହଁକୁ ଫୁଲେଇ ବୀଥି କହିଲା । ଇୟେ ତ କଣ ଲଗେଇଛନ୍ତି କଟକରୁ ଯିବା ଆସିବା କରିବେ । କ୍ୱାର୍ଟର ବି ନେବେନି । ଅଥଚ୍ ତୁ କହୁଛୁ ଭଡ଼ା ଘର କଥା ।

ଏତେବେଳଯାଏ ବିଶ୍ୱକେତୁ ଚୁପ୍‌ହୋଇ ବସି ମାଁ ଝିଅଙ୍କ ବାକ୍ୟାଳାପ ଶୁଣୁ ଥିଲେ । ଏଥର ପାଟି ଖୋଲିଲେ । 'ସନତ ଉଚିତ କଥା ଭାବିଛି ମା, କଟକ ରୁ ଭୁବନେଶ୍ୱର ଏମିତି କିଛି ବେଶୀ ବାଟ ନୁହେଁ । ଅଫିସ୍ ଗାଡ଼ି ତ ଅଛି ଯିବା ଆସିବାକୁ ମିଛରେ ଭଡ଼ାଘର

Digitized by PPRACHIN, SOA

ପାଇଁ ଟଙ୍କା ଗଣିବ କାହିଁକି ? ସମ୍ଭୁନି ମଧ୍ୟ ହାର୍ଟ ପେସେଣ୍ଟ । କେତେବେଳେ କୋଉ କଥା । ପୁଅ ପାଖରେ ଥିଲେ ତାଙ୍କର ଦମ୍ଭ ହେବ ଟିକିଏ । ଘରବାଡ଼ି ବି ଦେଖାଚାହାଁ ହେବ...

ସନତ କିଛି କହୁ ନଥାଏ । ଷ୍ଟିଅରିଂ ଉପରେ ହାତ ପକେଇ କେବଳ ଶୁଣୁଥାଏ- ଏମାନଙ୍କର ଆଲୋଚନା ।

'କାହିଁକି ମ ସନତ୍ କଣ ଗୋଟିଏ ପୁଅ କି ସବୁକଥା, ସମସ୍ତଙ୍କ କଥା ଦେଖିବ । ଆହୁରି ଦି'ଜଣ ଅଛନ୍ତି । ସୁଜିତ୍ ବଡପୁଅ । ତାର ପ୍ରକୃତରେ ସବୁ ଦାୟିତ୍ୱ । ସନତ ତ ଟଙ୍କା ପଠଉଛି, ସେମିତି ପଠଉଥିବ....' ଝିଅର ସ୍ୱାର୍ଥକୁ ଜଗି ମାଧବୀ ଜବାବ ଦେଲା ବିଶ୍ୱକେତୁଙ୍କୁ ।

ଏ କଣ ତମେ କହୁଛ ମାଧବୀ । ବଡ଼ ସାନର ପ୍ରଶ୍ନ ଉଠୁଛି କାହିଁକି । ସମସ୍ତେଇ ତ ଜନ୍ମ ହେଇଛନ୍ତି । ସମସ୍ତଙ୍କର କର୍ତ୍ତବ୍ୟ ଅଛି ବାପା ମାଁଙ୍କ ପାଇଁ ସମାନ ଭାବେ । ଟିକିଏ ବିରକ୍ତି ପ୍ରକାଶ କରି ବିଶ୍ୱକେତୁ ମାଧବୀ କଥାକୁ ଖଣ୍ଡନ କଲେ ।

ବୀଥି କହିଲା 'ସେ ସବୁ ତ ଅଲଗା କଥା ବାପା, ମୂଳ କଥା ହେଲା ମାନୁର ସ୍କୁଲ ପାଠପଢ଼ା ଏବଂ ତା ସହିତ ବି ମୋର ଇଛା ତାକୁ ଭଲ ନାଚ ସ୍କୁଲରେ ଦେବି । ହେଲେ ...ମୋ ଚାହିଁବା ନ ଚାହିଁବାରେ କିଛି ନାହିଁ..." କଥାଟା ସନତ ଆଡକୁ ଲକ୍ଷ୍ୟକରି ବୀଥି କହିଲା ।

"କଟକ ସହରରେ ତୋ ଝିଅ ପାଇଁ ନାଚ୍‌ସ୍କୁଲ ନାହିଁ ମା ? ପଚାରିଲେ ବିଶ୍ୱକେତୁ ।

ଅଛି ବାପା । ହେଲେ ମୁଁ ଯାହାଙ୍କ ପାଖରେ ଶିଖୁଥିଲି ମୋର ଇଛା ମାନୁ ବି ତାଙ୍କରି ପାଖରେ ଶିଖୁ । ସେଥିପାଇଁ କହୁଥିଲି, ହେଲେ ୟାଙ୍କ ପାଇଁ ବାପା ମାଁ ଆଗ ।

'ଠିକ୍ କଥା ଭାବିଛ ସନତ୍ । ବାପା ମାଁଙ୍କ ପାଇଁ କିଛି କର୍ତ୍ତବ୍ୟ ଅଛି ମା, ସେମାନଙ୍କ ଠାରୁ ମୁହଁ ଫେରେଇବା ଉଚିତ ହେବନି ।'

'ପାଖରେ ରହିଲେ ହିଁ କର୍ତ୍ତବ୍ୟ କରିହେବ ନ ହେଲେ ହେବନି ? ଝିଅର ପକ୍ଷ ସମର୍ଥନ କରି ମାଧବୀ ଯୁକ୍ତି ବାଢ଼ିଲା । ନାଚ୍‌ଗୀତ ସଂପର୍କରେ ବୀଥିର ନିଶ୍ଚୟ ଅଧିକ ଜ୍ଞାନ ଅଛି । ତା' ଛଡା ଭବିଷ୍ୟତ ବି ଦେଖିବ...'

ଏଥର ସତକୁ ସତ ବିରକ୍ତ ହେଇ ପଡିଲେ ବିଶ୍ୱକେତୁ । ଅଯଥା ତର୍କ ଆଡକୁ ମାଡ଼ି ଚାଲିଛି ମାଧବୀ । ନିଜ ସୀମାଟା ଜାଣିପାରୁନି । ନା, ରୋକିବାକୁ ହେବ ତାଙ୍କୁ 'ଏସବୁ ଚିନ୍ତା ବର୍ତ୍ତମାନ ପାଇଁ ଥାଉ ମାଧବୀ । ସେ ସବୁ ସନତ ଭାବିବା ସେ ଯାହା ବି କରିବ ଠିକ୍ ବୁଝି ବିଚାରି ହିଁ କରିବ । ସେ ଯୋଗ୍ୟତା ତାର ଅଛି । ସେ ସମର୍ଥ ମଧ୍ୟ ।

ବରଂ ଏଥର ତମେ ନିଜ କଥା, ନିଜ ମୁକ୍ତିର କଥା ଭାବ । ସମୁଦ୍ରକୁ ଦେଖ । କେମିତି ଡ଼ାକୁଛି ଆମକୁ ....'ମାନୁରେ, ଦେଖୁଛୁନା କେଡ଼େ ବିରାଟ ଏଇ ସମୁଦ୍ର । ତା ଆଗରେ ଆମେ ସବୁ କେଡ଼େ ଛୋଟ' । ନାତୁଣୀ ମାନୁକୁ ଲକ୍ଷ୍ୟ କରି କହିଲେ କି

Digitized by PPRACHIN, SOA

ଅନ୍ୟମାନଙ୍କୁ ଉପଲକ୍ଷ୍ୟ କରି କହିଲେ ଅବଶ୍ୟ ବୁଝାପଡ଼ିଲାନି, ତେବେ ସେ କହିଲେ....ଆଗରେ ସମୁଦ୍ର । ଗାଡି ରଖିଲା ସନତ୍ ।

-୬-

ଟୁଟୁଲ୍ ବଦଳି ହୋଇ ଆସିଲା ଭୁବନେଶ୍ୱର ।

ମାଧବୀକୁ ଆଶ୍ୱସ୍ତ ଲାଗିଲା । ବିଶ୍ୱକେତୁଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡି ଯାଉଛି । ନିଜ ସ୍ୱାସ୍ଥ୍ୟ ବି ଭଲ ରହୁନି । ଆଣ୍ଠୁ ଗଣ୍ଠି ଦରଜ ବଢ଼ିଛି । ଖାଦ୍ୟ ହଜମ ହେଉନି ଠିକ୍ । ବ୍ୟସ୍ତ ଲାଗୁଛି । ଟୁଟୁଲ ଆସିଲା ତା ଚିନ୍ତା କମିଲା । ଅବଶ୍ୟ ପାଖରେ ବୀଥି ଅଛି । ସୁବିଧା ଅସୁବିଧାରେ ଯିବା ଆସିବା କରୁଛି । ଟୁଟୁଲ ନୂଆ ଗାଡ଼ିଟିଏ କିଣିଛି । ଖୁସି ବାସିରେ ଯଦିଓ ଦିନ କଟିଯାଉଛି ସମସ୍ତଙ୍କର ।

ହେଲେ ଶୀମି ତ ସନ୍ତୁଷ୍ଟ ନୁହେଁ । ତାର ଅନେକ ଅଭିଯୋଗ । ତା ପୁଅ ରିଙ୍କୁ ମଧ୍ୟ ଏଥର ସ୍କୁଲଯିବ ନୂଆଁକରି ଝିଅ ନିମିକୁ ନର୍ସରୀରେ ଛାଡ଼ିବ ।

ରାତିରେ ଶୀମି ଟୁଟୁଲକୁ କହିଲା-ସେଇଠି ଆମକୁ ସୁବିଧା ହେବ । ତମେ ଥାଅ ନଥାଅ ରିଙ୍କୁକୁ ମୁଁ ନିଜେ ସ୍କୁଲ ନେଇ ଆଣି ପାରିବି । ନର୍ସରୀ ଟା ବି ଏକଦମ୍ କ୍ୱାର୍ଟର ସାମ୍ନାରେ ଭାରି ସୁବିଧା । ନିମି ପାଇଁ ଚିନ୍ତା ନାହିଁ । ତା' ଛଡ଼ା ଏଇ ଦି' ବଖୁରିଆ ଘରେ ତମେ ଅଫିସ୍ କେମିତି କରିବ କହିଲ? ଗୋଟାଏ ଘରେ ତ ବାପା ରହିଲେ । ଆଉ ବଖରାଏ ପୁଣି ବୀଥି ସନତ ଙ୍କର ଯିବା ଆସିବା ଲାଗିଛି । .....କୁଣିଆ ମଇତ୍ର ଅଛନ୍ତି...ଅଳ୍ପ ବହୁତ ଷ୍ଟାଟସ୍ ତ ଜଗିବା । ପୁଣି ଗାଡ଼ିଟା କୋଉଠି ରହିବ ଯେ...?''

'ସେ ସବୁ ଠିକ୍ କଥା ଯେ....' ଟୁଟୁଲ୍ କପାଳରେ ଚିନ୍ତାର ରେଖା ଫୁଟି ଉଠିଲା

'ଯେ...ପୁଣି କଣ ? କେମିତି ବାପା ବୋଉଙ୍କୁ କହିବ. ସେଇ କଥା ଭାବୁଛ ତ?

'ହଁ । ଏଇ ବୟସରେ ତାଙ୍କ ମନରେ କଷ୍ଟ ହେଲା ଭଳି କିଛି କରିବାକୁ ମୁଁ ଚାହୁଁନି ।' କେମିତି କହିବି, ମୁଁ ଅଲଗା କ୍ୱାର୍ଟରରେ ରହିବି ବୋଲି , ମାଡ଼ିପଡୁଛି ମୋତେ । ତମର ତ ସବୁକଥାକୁ ମାଡ଼ି ପଡେ । ବାପା ବୋଉଙ୍କ ଆଗରେ ପାଟି ସତକୁ ସତ ଶୀମି ଏଥର ଟିକିଏ ମୁହଁ ଛିଂଆଡ଼ି କହିଲା...ମୁଁ କିନ୍ତୁ ଏଠି ଆଉ ଚଳି ପାରିବିନି ବାନ୍ଧିବୁନ୍ଧି ହେଇ । ଅଣନିଃଶ୍ୱାସି ଲାଗିଲାଣି ବୋହୂ ପଣିଆକୁ ଜଗିଜଗି । ମୋ ସାଂଗର ଝିଅମାନେ କି ଖୁସିରେ ଅଛନ୍ତି...କେତେ ସ୍ୱାଧୀନତା ତାଙ୍କର । ଆଉ ମୁଁ....ପଦେ କଥା ବି କହିପାରିବିନି ନିଜ ଇଚ୍ଛାରେ...ପରଘରକୁ ଯାଇ ମଧ୍ୟବୀଥିର ଅଧିକାର ହିଁ ଏଘରେ ବେଶୀ ...। ମୁଁ ପାରୁନି । ମୋତେ ଭାରି କଷ୍ଟ ହେଉଛି ।' ଶୀମି ସୁଁ ସୁଁ ହେଇ ଆଖିରୁ ଲୁହ ପୋଛିଲା ।

ଟୁଟୁଲ୍ କିଛି ଉତ୍ତର ଦେଲାନି । ଚୁପ୍ ହେଇ କଥାଟାକୁ ଭାବିଲା ଅନେକ ସମୟ ଧରି । ପରଦିନ ଖାଇବା ଟେବୁଲ୍‌ରେ କଥାଟାକୁ ବାଗେଇ ବୁଗେଇ ବାପାଙ୍କ ସାମ୍ନାରେ ଥୋଇଲା ଟୁଟୁଲ୍ ।

Digitized by PPRACHIN, SOA

ବେଶ୍ ଗୋଟାଏ ବଡ଼ କ୍ୱାର୍ଟର ଟିଏ ମୋତେ କଂପାନି ଦେଇଛି ବାପା, ଭାବୁଛି ଆମେ ସମସ୍ତେ ସେଠିକି ଉଠିଯିବା । ସୁବିଧା ବି ହେବ ସନ୍ତୁ ଦୃଷ୍ଟିରୁ । ଅଡରଲି ପିଅନ୍ ଅଛନ୍ତି । ଗ୍ୟାରେଜଟିଏ ଅଛି.....ଢୋକ ଗିଳିଲା ଟୁଟୁଲ୍ କହୁ କହୁ ।

''ପିଲାଙ୍କ ପାଇଁ ସ୍କୁଲ ଅଛି.. ଡାକ୍ତଖାନା ସୁବିଧାରେ... ଏଇୟା ତ ? ମାଛରୁ କଣ୍ଟା ଛଡ଼େଇ ଛଡ଼େଇ କଥା ପୂରଣ କଲେ ବିଶ୍ୱକେତୁ ।

ଟୁଟୁଲ୍ ବୋକାଙ୍କ ଭଳି ବାପାଙ୍କ ମୁହଁକୁ ଚାହିଁ ମୁହୂର୍ତ୍ତେ ସ୍ଥିର ହୋଇଗଲା ।

ବାପା କଣ ଅନ୍ତର୍ଯ୍ୟାମୀ....କେମିତି ଜାଣିଲେ ତା ମନ ଭିତରର କଥା, ସତରେ ତା ଭିତରଟା ଚହଲି ଗଲା ଟିକିଏ ।

ବିଶ୍ୱକେତୁ କିନ୍ତୁ ସେମିତି ମାଛ ରୁ କଣ୍ଟା ଛଡ଼ାଉଥିବା ଅବସ୍ଥାରେ ପଚାରିଲେ 'ଆଉ ଏଇ ଘର ?' ସ୍ଥିର ଆଉ ନିଦା ପ୍ରଶ୍ନ ।

(ଟିକିଏ ରହି ରହି ଟୁଟୁଲ କହିଲା 'ଭଡା ଦେଇ ପାରିବା' । ସତେ ଯେମିତି ଗିଳିଥିବା କଥାଗୁଡ଼ାକ କାଢ଼ି ପକଉଛି । ରୋଷେଇ ଘରୁ ମାଧବୀ ଆଉ ଦି'ଖଣ୍ଡ ମାଛ ଭଜା ନେଇ ଆସୁ ଆସୁ ବାପ ପୁଅଙ୍କ କଥାବାର୍ତ୍ତା କିଛି ଶୁଣିଲା । ଟୁଟୁଲ୍ କଣ ଆଉ ଅଲଗା ଘରେ ରହିବାକୁ ଚାହୁଁଛି । ନ ହେଲେ ଘରଭଡା ଦେବା କଥା ଉଠୁଛି କହିଁକି ? ଛାତି ତାର ଦାଉଁ କଲା । 'କଣ କହୁଛି ଟୁଟୁଲ୍ ?' ହାତରେ ମାଛ ଧରି ବଲ୍ ବଲ୍ କରି ଚାହିଁଲା । ବିଶ୍ୱକେତୁଙ୍କୁ । 'ଅସମ୍ଭବ ! କେମିତି ହେବ ଏ କଥା....କେମିତି ହେବ !! ସତେକି ସ୍ଥାଣୁ ପାଲଟି ଗଲା ସେ । ମୁହଁଟା ହଠାତ୍ ଶେତା ଦିଶିଲା ତାର ମୁହୂର୍ତ୍ତକରେ ଅଭିଜ୍ଞ ବିଶ୍ୱକେତୁ ପରିସ୍ଥିତିକୁ ମନେ ମନେ ପରଖି ନେଲେ । ସେ ବୁଝି ପାରିଲେ ଟୁଟୁଲ ଅଲଗା ଘରେ ରହିବାକୁ ଚାହୁଁଛି । ଏକଥା ସେ ସ୍ଥିର କରି ସାରି କେବଳ ତାଙ୍କୁ ଜଣେଇ ଦେବାକୁ ଯାଉଛି । ଅଥଚ ଏଠି ଉଚିତ ଅନୁଚିତର ବିଚାର ବିମର୍ଷ କରି କଥାଟାକୁ ବଢ଼େଇବା ଠିକ୍ ହେବନି । ବିଗତ କେଇବର୍ଷର ଛୋଟମୋଟ ଅନୁଭବରୁ ସେ ଜାଣି ପାରିଛନ୍ତି, ଶୀମି ମଧ୍ୟ ଏଠି ଅସ୍ୱସ୍ତିବୋଧ କରୁଛି । କିନ୍ତୁ ଏଥର ସେ ମାଧବୀ ଉପରେ ନିଷ୍ପତିର ଭାର ଲଦି ନିଜକୁ ମୁକ୍ତ ରଖିବାକୁ ଉଚିତ ମନେ କଲେ ନାହିଁ । ସ୍ଥିର କଲେ ନିଜେ ହିଁ ଏ ସଂପର୍କରେ ସିଦ୍ଧାନ୍ତ ନେବେ । ତାଙ୍କ ପାରିବାରିକ ଜୀବନର ଗତି ପ୍ରବାହ ଆଜି, ଆସି ଗୋଟିଏ ଭିନ୍ନମୋଡ଼ରେ ପହଞ୍ଚିଛି । ରାସ୍ତା ସେ ବାଛିବେ । ଭାବ ପ୍ରବଣତାର ସ୍ଥାନ ଏଠି ନାହିଁ । ଏଥର ନିଜ ଭିତରେ ସେ ସ୍ଥିର ହେଇଗଲେ । ସେଇମିତି ଅବିଚଳିତ କଣ୍ଠରେ ଟୁଟୁଲ ମୁହଁକୁ ଚାହିଁ କହିଲେ-

''ତୋର କ୍ୱାର୍ଟରକୁ ଯିବାରେ କିଛି ଅସୁବିଧା ତ ମୁଁ ଦେଖୁନି । ବାସ୍ତବିକ୍ ଏଇ ଘରେ ସମସ୍ତେ ଚଳିବା ପାଇଁ ବିଶେଷ କିଛି ସୁବିଧା ନାହିଁ । ସେଠି ସବୁପ୍ରକାର ସୁବିଧା ମିଳିବ ଯେତେବେଳେ, ସେ ସବୁକୁ ହାତଛଡ଼ା କରିବା କାହିଁକି ? ବରଂ ତୁ ପିଲାଙ୍କୁ ନେଇ ସେଠି ରହିବା ଠିକ୍ ହେବ...ଗ୍ଲାସ୍‌ରୁ ଟିକିଏ ପାଣି ପିଇ ସେ ପୁଣି କହିଲେ ''ତେବେ ଏଇ

Digitized by PPRACHIN, SOA

ଘରକୁ ଭଡ଼ା ଦେବା ମୋର ଇଚ୍ଛା ନାହିଁ ରେ ଟୁଟୁଲ୍ । ତୋ ବୋଉର ସ୍ୱପ୍ନ ଇଏ । ଅନେକ ସାଧରେ ଏ ଘରକୁ ସେ ସାଇତି ସଂପାଦିଛି । ଅନେକ ସ୍ମୃତି ଗୁନ୍ଥି ହେଇଛି ଏ ଘରେ । ତା ଇଚ୍ଛାକୁ ତାର ସ୍ୱପ୍ନକୁ ଭାଙ୍ଗି ଦେବାକୁ ମୁଁ ଚାହୁଁନି । ତା' ମନରେ କଷ୍ଟ ହେଲେ, ମୋ ମନ କଷ୍ଟ ପାଇବ ।'

ଟୁଟୁଲ୍ ନିର୍ବାକ ହୋଇ ବାପାଙ୍କ ମୁହଁକୁ ଚାହିଁଥିଲା-କଣ ସେ ଶୁଣୁଛି । ବୋଉ ତ କଣ କିଛି କହୁନି । ପଥର ପ୍ରତିମା ଭଳି ଠିଆ ହୋଇଛି କେବଳ । ସତରେ କଣ ବାପାଙ୍କ ମନରେ କିଛି କଷ୍ଟ ନାହିଁ । ମୁହଁରେ ତ ସେ ପ୍ରକାରର କୌଣସି ପ୍ରତିକ୍ରିୟା ଦେଖାଯାଉନି, କେମିତି ସମ୍ଭବ ଏଇଟା ! ନିଜ ଭିତରେ ସେ ନିଜେ ସଙ୍କୁଚିତ ହୋଇପଡିଲା । ଆଶ୍ଚର୍ଯ୍ୟ !!

ତା ଆଖିରେ ଆଶ୍ଚର୍ଯ୍ୟର ଛାଇ ଦେଖି ବିଶ୍ୱକେତୁ କହିଲେ.....କଣ ଭାବୁଛୁ ଆଉ ? ଆଶ୍ଚର୍ଯ୍ୟ ହେଉଛୁ କି ? କିଛି ତ ଆଶ୍ଚର୍ଯ୍ୟ ହେବାର ନାହିଁ ଏଥରେ ।

ସେମିତି ଦେଖିଲେ କିଛି ନୂଆ କଥା ନୁହେଁ ଇଏ । ବରଂ ଭଲ ହେବ । ନିଜକୁ ଚିହ୍ନିବା ପାଇଁ ଆପଣାକୁ ଖୋଜିବା ପାଇଁ ସୁଯୋଗ ମିଳିବ ଅଧିକ...'ଟୁଟୁଲ ମୁଣ୍ଡଟେକି ବାପାଙ୍କ ମୁହଁକୁ ଚାହିଁଲା, ଗଣିତର ମୂଳସୂତ୍ର ଧରି ପାରୁନଥିବା ଛାତ୍ରଟିଏ ଭଳି ବିକଳ ଆଖିରେ, କିଛି ଗୋଟାଏ ଗଭୀର ଭାବେ ଚିନ୍ତାକରୁଛନ୍ତି ବାପା । ତାକୁ କେମିତି ଅସହଜ ଲାଗିଲା । ସେ କଣ ସତରେ ନିହାତି ଭୁଲ କରି ପକେଇଲା କଥାଟା କହିଦେଇ ?

ନିଜ ଭିତରେ ସେ ଜବାବ ସୁଆଲ ହେଲା । ଶୀମି ଯଦି ଟିକିଏ ତା ସହିତ ସହମତ ପ୍ରକାଶ କରନ୍ତା, ତେବେ ଆଉ ପ୍ରକାରେ କଥାଟାକୁ ସଜାଡ଼ନ୍ତା । ବୋଉ ବି....ନାଃ, କିଛି ହେବନି ଆଉ, ପାଣି ଗଡ଼ିଗଲାଣି ଯେତେବେଳେ...'

ପୁଣି ପାଟି ଖୋଲିଲେ ବାପା । ବାଧ୍ୟ ଛାତ୍ରଟି ଭଳି ଏଥର ସେ ଭାବନାକୁ ଆଡ଼େଇ ସ୍ଥିର ହେଇ ବସିଲା ।

'ମୁଁ ବୁଝି ପାରୁଛି ଟୁଟୁଲ, ତୋ ଭିତରେ ଥିବା ସାମାଜିକ ମଣିଷଟା ଟିକିଏ ଇତଃସ୍ତତ ହେଉଛି । ବୁଢ଼ା ବାପା ବୋଉ....ଏକା ହୋଇଯିବେ....କାଳେ କିଏ....ହଠାତ୍ ଅଟକି ଗଲେ ସେ ଟୁଟୁଲ ମୁହଁକୁ ଚାହିଁ ଏବଂ ହସିବାକୁ ଚେଷ୍ଟାକଲେ, ସେ ସତରେ ହସିଲେ କି କାନ୍ଦୁଥିଲେ ଭିତରେ ଭିତରେ ଟୁଟୁଲ୍ କିଛି ବୁଝି ପାରୁନଥିଲା । ତେବେ ତାର କାହିଁକି ମନେ ହେଲା ବାପାଙ୍କ ମୁହଁଟା ବଡ କରୁଣ ଦିଶୁଛି । ପିଲାଦିନେ ଯେମିତି ଦିଶେ ତା ପୁଅ ରିଙ୍କୁର ମୁହଁ, ସେ ଛୁଟିସାରି ନିଜ ଚାକିରୀ ଯାଗାକୁ ଗଲାବେଳେ । କାନ୍ଦୁରା କାନ୍ଦୁରା ଅଭିମାନିଆ...।

ତା ଭିତରଟା ଚାଉଁକିନି ଚହଲି ଗଲା ଓ ଅସ୍ଫୁଟ ଭାବେ ଉଚ୍ଚାରିତ ହୋଇଗଲା ବାପା ...!

ନିଜକୁ ସହଜ କରି ନେଲେ ବିଶ୍ୱକେତୁ 'ନା, ନା ତୋର ବ୍ୟସ୍ତ ହେବାର କିଛି ନାହିଁ । ମୁଁ ଏବେ ବି ସମର୍ଥ ଅଛି...କିଛି ଅସୁବିଧା ହେବନି'' ସବୁ ଅଭ୍ୟାସରେ ପଡ଼ିଯିବ

Digitized by PPRACHIN, SOA

ଧୀରେ ଧୀରେ । ଦେଖୁନ୍ତୁ, ଆମସମସ୍ତଙ୍କ ଜୀବନ ପ୍ରବାହ କେମିତି ସହଜ ଆଉ ସ୍ୱଚ୍ଛନ୍ଦ ଗତିରେ ବୋହିଯାଉଛି ।' କଥା ସାରିଲେ ବିଶ୍ୱକେତୁ । ପଛଆଡ଼କୁ କଥା ଗୁଡାକ ଟିକିଏ ଓଜନୀୟା ଶୁଭିଥିଲା ।

ତାକୁ କିନ୍ତୁ କିଛି ଭଲ ଲାଗିନଥିଲା ବରଂ ଅସ୍ୱସ୍ତି ଲାଗିଲା । କିଛି ନକହି ସେ ଉଠିଗଲା ହାତ ଧୋଇବାକୁ । ବାପା ରାଗିଥିଲେ ବରଂ ଭଲ ଲାଗିଥାନ୍ତା । ସବୁଥର ଭଳି ବୋଉ ଯଦି ଯୁକ୍ତି କରିଥାନ୍ତା ହୁଏତ ସ୍ୱାଭାବିକ ମନେହୁଅନ୍ତା । ଅଭିମାନ କରିଥାନ୍ତେ, ମୁହଁ ଫୁଲେଇଥାନ୍ତେ- ଅଥବା କଥାଟାକୁ ଆଉଥରେ ବିଚାର କରିବା ପାଇଁ କହିଥାନ୍ତେ.... କେହି ବି କିଛି କଲେନି । କେଡ଼େ ସହଜରେ ରାଜି ହୋଇଗଲେ ବାପା ।

'ରାଜି କାହିଁକି ହେବେନି ଯେ ? ପାଖରେ ତ ବୀଥି ଅଛନ୍ତି ସବୁ କଥାକୁ । ଟଙ୍କା ପଇସାର ତ ଅଭାବ ନାହିଁ । ପେନ୍‌ସନ୍ ଟଙ୍କା ସାଂଗକୁ ତୁମ ଟଙ୍କା ଖୋଲା ହାତରେ ଖର୍ଚ୍ଚ...ଅସୁବିଧା ହେଲେ ସିନା ଚିନ୍ତା....। ଶୀମି କଥା ଟୁଟୁଲକୁ ମୋଟେ ପସନ୍ଦ ହେଲାନି । ବିରକ୍ତିରେ ମୁହଁ ଛିଆଡ଼ି କହିଲା-'ଏମିତି ଛୋଟଲୋକଙ୍କ ଭଳି ମନ୍ତବ୍ୟ ନ ଦେଲେ ଚଳିନଥାନ୍ତା ?' ଶୀମି ରାଗରେ ମୁହଁ ବୁଲେଇ ଶୋଇଲା ।

ବିଶ୍ୱକେତୁ ମାଧବୀକୁ ବୁଝେଇଲେ । 'ଆଉ ମନକଷ୍ଟ କରୁଛ କାହିଁକି ? ଯ୍ୟା' ବ୍ୟତୀତ ଆଉ କିଛି ଉପାୟ ନଥିଲା । ସମୟ ବଦଳିଛି । ତା ସହିତ ମଣିଷ ମନର ବିଚାର ମଧ୍ୟ । ମୂଲ୍ୟବୋଧରେ ବିଶ୍ୱାସ ନାହିଁ । ପରଂପରା ଅର୍ଥହୀନ । ସଂପର୍କ ପ୍ରତି ଆନୁଗତ୍ୟ ନାହିଁ । ନିହାତି ଆତ୍ମ କୈନ୍ଦ୍ରିକ....ତା' ଛଡ଼ା ଆମେସବୁ ପଢ଼ା ହେଇ ସାରିଥିବା ପୁରୁଣା ଖବର କାଗଜ ମାଧବୀ ।

ମାଧବୀ ଶୂନ୍ୟ ଦୃଷ୍ଟିରେ ଚାହିଁଥିଲା । ବିଶ୍ୱକେତୁଙ୍କ କଥା ଗୁଡାକ ସେ ବୁଝି ପାରୁଥିଲା କି ନାହିଁ କେଜାଣି, ତା' ମୁହଁରୁ କିଛି ପଢ଼ି ହେଉନଥିଲା ।

ବିଶ୍ୱକେତୁ ନିଜକୁ ଭଲଭାବେ ତକିଆ ଉପରେ ସଜାଡ଼ି କହିଲେ-'ତମେ ଏଥିରେ ହତାଶ କାହିଁକି ହେଉଛ ଯେ ? ତମେ ବି ତ ଦିନେ ବୀଥି ଆଉ ସନତ୍‌ଙ୍କ ପାଇଁ ଏ ପ୍ରକାର ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲ ନା ?

ନିଜ ଭିତରେ ଚମକି ଉଠିଲା ମାଧବୀ ।

'ନାହିଁ ମାଧବୀ, ତମକୁ ମୁଁ ଆଘାତ କରିବା ଉଦ୍ଦେଶ୍ୟରେ ଏ କଥା କହୁନି । ଏଥିରେ କାହାର ଦୋଷ ନାହିଁ, ଇଏ ସମୟର ଗୀତ । କେବଳ ଘଷିମାଜି ହୋଇ ସମୟ ଦୋଳିରେ ଝୁଲୁଝୁଲୁ ବାଜି ହେଇଯାଉଛି, ଆଉ ଗୋଟାଏ ଛନ୍ଦରେ, ନୂଆଁ ସ୍ୱରରେ,ଆଉ ପ୍ରକାରେ ପୋଷାକ ପିନ୍ଧି, ଆପଣାଛାଏଁ ପୀଢ଼ି ପରେପୀଢ଼ି ଏ ଗୀତ କେବେ ଲେଖା ହୋଇଥିଲା, କିଏ ଗାଇଥିଲା ପ୍ରଥମେ ଜଣାନାହିଁ ।'

ମାଧବୀ ପାଟିରୁ ଉଁ କି ଚୁଁ କିଛି ବାହାରି ନଥିଲା । କେବଳ ସେ ଭାବି ଯାଉଥିଲା ଆଗପଛ ହୋଇ ଅନେକ କଥା । x x x x

Digitized by PPRACHIN, SOA

ନୂଆଁ ଡ଼ାଉଆ ରଂଗର କ୍ୱାଟରଟା ଟୁଟୁଲ୍‌ର । ଚମତ୍କାର ଦିଶୁଛି । ଘରଟା ପୁଣି ଦକ୍ଷିଣ ମୁହାଁ । ଜିତ୍ କିତ୍ ଖେଳୁଛି ପବନ । ବିସ୍ତର ଖୋଲା ଯାଗା ବିଗିଚା ପାଇଁ । ମାଳୀଟିଏ ବି ଅଛି ।

ଝିଅବେଳୁ ଶୀମି ଏମିତିକା ଘର ଆଉ ବଗିଚାର ସ୍ୱପ୍ନ ଦେଖୁଥିଲା । ହେଲେ ରଂଗଟା ଡ଼ାଉଆ ନୁହେଁ ଈଷତ୍ ଗୋଲାପୀ । ଚାରିଆଡେ ସବୁଜ ଘାସର ଲନ୍ । ଜାତି ଜାତିକା ରଙ୍ଗୁଫୁଲ । ଟିକିଟିକି ଚଢ଼େଇ, କେତେ କଥା ଛାଡ ସେ ସବୁ....। ଏତିକି ବି ତ ନଥିଲା ।

ଆସବାବ ପତ୍ର ସଜାଡ଼ିବାରେ, ଘରକୁ ମନମୁତାବକ ସଜେଇବାରେ ଦିନାକେତେ ବ୍ୟସ୍ତ ରହିଲା ଶୀମି । ଶାଶୁ ଶ୍ୱଶୁର ବି ମଝିରେ ଆସି ବୁଲି ଗଲେଣି । ଜଞ୍ଜାଳ ଭିତରେ ସମୟ ଖୋଜି ପାଇନଥିଲା ମୁହୂର୍ତ୍ତେ, ପବନ ସହିତ ନିରୋଳାରେ ବସି କଥା କହିବା ପାଇଁ ।

-୭-

ରିଙ୍କୁର ଏ ବର୍ଷ ଷ୍ଟାଣ୍ଡାର୍ଡ ଏଇଟ୍ । ତାର କିନ୍ତୁ ପାଠ ପଢ଼ାରେ ମନ ନାହିଁ । ଖାଲି କ୍ରିକେଟ୍ । କ୍ରିକେଟ୍ ପାଇଁ ପାଗଳ । ଗଲା ପରୀକ୍ଷାରେ ସେମିତି କିଛି ଭଲ କରିନି । ସେଥିପାଇଁ ଶୀମିର ମନଦୁଃଖ । ସେଥିରେ ପୁଣି ଟୁଟୁଲ୍ ତାକୁ ହିଁ ଦୋଷ ଦେଇଛି ।

'ତମେ ଘରେ ଥାଇ ତା ପଢ଼ା ପ୍ରତି ନଜର ରଖି ପାରୁନ ?'

'ତମେ ତ ରଖିପାରିଥାନ୍ତ । ତମେ ତା ବାପା । ତମର କଣ କିଛି ଦାୟିତ୍ୱ ନାହିଁ ?

'ଅଛି । ହେଲେ ମୋର ସମୟ କାହିଁ ? ଦିନରୁ ରାତି ଅଫିସ । କାମ ଆଉ କାମ ଖାଲି ଟେନ୍‌ସନ୍ । ହାକିମଙ୍କ ମନଜାଣି ଚ଼ଳ । ଘରକୁ ଆସିଲେ ବି ମୁକ୍ତ ନାହିଁ.... ତମେ କେମିତି ଜାଣିବ ସେ ସବୁ.....

'ହଁ ମୁଁ କେମିତି ଜାଣିବ, ହେଲେ ମୁଁ କଣ ଚାହିଁ ନଥିଲି ଚାକିରୀ କରିବାକୁ ? ତମେ ମାନେ ତ ଜାଣି ଜାଣି ମୋ ସ୍ୱାଧୀନତାକୁ ହତ୍ୟା କରିଛ । ଶୀମି ଟୁଟୁଲ୍ କଥାରେ ଅପମାନିତ ମନେ କରେ । ତାର ସଜତା ସାଇତା ଆତ୍ମ ସମ୍ମାନରେ ଆଘାତ ଲାଗେ । ଯୁକ୍ତି କରୁ କରୁ କଥାର ମୂଳଖିଅ ହାତଛଡା ହେଇ ଆଉକୋଉଠି ଯାଇ ଅଟକେ । କଥା କଟାକଟି, ମୁହଁ ଫୁଲା ଫୁଲି ଭିତରେ ରାତିକଟେ । ଅଭିଯୋଗ କରେ -''ମୁଁ ତ ତମ ଘରର ଚ଼ଉକିଦାର, ଘର ଜଗିବି । ପିଲାଙ୍କୁ ଦେଖିବି...ମୋର କଣ ଜୀବନ ଅଛି ଯେ ସୁଖ ଚାହିଁବି ।''

ସକାଳ ହୁଏ । ନିତିଦିନିଆ ସକାଳ । ରାତିର ଟାଣପଣ ଦିନକୁ ନଥାଏ । ପୁଣି ସେଇ ରୁଟିନ୍‌ବନ୍ଧା କାମ । ପିଲାଏ ସ୍କୁଲ ଯିବେ । ଟୁଟୁଲ୍ ଅଫିସ୍‌କୁ ଗଲାବେଳେ ତ ତାର ଉପସ୍ଥିତି ନିହାତି ଦରକାର । କିଛି ନା କିଛି ଭୁଲିଥିବେ ନିଶ୍ଚେ । ପିଲାଦିନର ବଦଅଭ୍ୟାସ । ରିଙ୍କୁ ର ବି ସେମିତିକା କେତେଟା ଅଭ୍ୟାସ ସେ ଲକ୍ଷ୍ୟ କରିଛି ।

Digitized by PPRACHIN, SOA

ଶାଶ୍ୱ ତାର କେମିତି ଏତେକଥାକୁ ଏକା ଏକା ପାରୁଥିଲେ କେଜାଣି । ଏବେ ତ ଚାକର ପୂଝାରୀ ଅଛନ୍ତି । ତଥାପି ତାଙ୍କ ପଛରେ ନଲାଗିଲେ ତ କିଛି କାମ ହେଉନି । ମୁହୂର୍ତ୍ତେ ନିଃଶ୍ୱାସ ନେବାକୁ ସମୟ ନାହିଁ ତାର ଏମିତିକି ଦିନେ ଦିନେ ସକାଳର କପେ ଚା' ବ୍ୟତୀତ ଜଳଖିଆ ଟିକେ ବି ପାଟିରେ ଦେଇ ପାରେନା । ବ୍ୟସ୍ତ ହୋଇପଡ଼େ ସେ ।

ସେଥିରେ ପୁଣି ଝିଅ ନିମି ଟା ରୋଗିଣୀ । ଏଇଟା ଖାଇବିନି ସେଇଟା ଖାଇବିନି । ଠିକ୍ ତା ବାପ ଭଳି । ମନେଇଟା । ସୁନ୍ଦର ଦିଶିଲାଣି । ପିଟିଦେଲା ଭଳି ଲମ୍ବାଳିଆ ଚେହେରା । ଭସାଣିଆ ଆଖି । ବୟସ ଲାଗିଲେ ଆହୁରି ଲୋଭନୀୟ ଦିଶିବ ।

ଅବଶ୍ୟ ତା'ର ଏମିତି ଭାବିବା କଥା ନୁହେଁ । ବୋଉ ହେଲେ ରାଗିଥାନ୍ତା । 'ପିଲାଙ୍କୁ ଆଖି ପକଉଛୁ ? ଡାହାଣୀ ଟା...

ଛାଡ଼ ଆଉ ଭାବିବନି । ତେବେ ମାଁ ମାନେ ଭାବିଲେ କିଛି ଖରାପ ହୁଏନି । 'ଆହା ! ନିମି ମୋର କୋଉଠି କେମିତି ଘର କରିବ କେଜାଣି । ଶୀମିର ମନ ଝିଅର ଭବିଷ୍ୟତ ଚିନ୍ତାରେ ବ୍ୟାକୁଳ ହେଇ ଉଠିଲା ।

ମାମା ମୁଁ ସ୍କୁଲ ଯାଉଛି ।'

ଭାବନା ଛିଣ୍ଡିଗଲା ଶୀମିର । ରିଙ୍କୁ ସ୍କୁଲ ବାହାରିଛି । ତାର ଅତି ପରିଚିତ ଅଭ୍ୟସ୍ତଛନ୍ଦର କଣ୍ଠସ୍ୱର । ଯେତେ ଅନ୍ୟମନସ୍କ ଥିଲେ ବି ସେ ଶୁଣିପାରେ । ବେଶୀ ଡେରି କରିବୁନି, ଶୀଘ୍ର ଫେରିବୁ, ବହୁତ ପଢ଼ା ବାକି ଅଛି ତୋର...ଟିଫିନ୍‌ବକ୍ସ ନେଇଛୁ ନା ...କ୍ଲାସନୋଟ୍, ପେନ୍ ମନେ ପକେଇ ରଖିଛୁ ତ କହୁ କହୁ ଦାଣ୍ଡ ଦୁଆରକୁ ଧାଇଁଗଲା ସେ ।

ପାଗଳା ପିଲାଟା ଖେଳନିଶାରେ କଣ ନାହିଁ କଣ ଭୁଲିଯାଇଥିବ । ରିଙ୍କୁ ସାଇକଲରେ ଉଠି କୁହେ -'ବାଏ ମାମା' ।

ହାତ ହଲାଇ ଶୀମି ଗତାନୁଗତିକ ଢ଼ଙ୍ଗରେ 'ବାଏ' କରୁ କରୁ ଆଖି ତାର ପହଁରିଗଲା ସାମ୍ନା ଫ୍ଲାଟର ସବୁଜ ଲନ୍ ଉପରକୁ । ମିସେସ୍ ରାୟ୍ ଫୁଲଟବ୍ ଗୁଡିକର ତଦାରଖ କରୁଥିଲେ ବୋଧେ ।

ଆଖିରେ ଆଖି ମିସିଗଲା । ମିଠା ହସରେ 'ହାଏ' କଲେ ମିସେସ୍ ରାୟ୍ । ଆପଣ ତ ଅନେକ ଦିନ ହେଲା ଆମ ଘରକୁ ଆସି ନାହାନ୍ତି । ଭଲ ଅଛନ୍ତି ତ ?'

ମୁଣ୍ଡ ହଲେଇ ସମ୍ମତି ଜଣେଇଲା ଶୀମି ।

'ଆଜି ଆସନ୍ତୁ ନା ସଂଧ୍ୟା ବେଳେ, ଆମ ଘରେ ଛୋଟକାଟର ଗୋଟିଏ ପାର୍ଟି ଅଛି । ଅନ୍ୟମାନେ ବି ଆସିବେ...କହିଲେ ମିସେସ୍ ରାୟ୍ । 'ଚେଷ୍ଟା କରିବି, ନିମିଟାର ଦେହ ଭଲ ନାହିଁ । ଟୁଟୁଲ ସ୍କୁଲରୁ ଫେରିଲେ ଯିବାପାଇଁ ଚେ଼ଷ୍ଟା କରିବି, ତେବେ....। ଘର ଭିତରୁ ଡ଼ାକ ପକେଇଲା ଚାକର ପିଲାଟା 'ମା କରେଇ ତାତି ଗଲାଣି ।'

କଥା ଅଧାରେ ରଖି, ଧାଇଁଗଲା ଶୀମି ରୋଷେଇ ଘରକୁ । ''ଓଃ ! ମୁହୂର୍ତ୍ତେ ବି ନିଃଶ୍ୱାସ ମାରିବାକୁ ଦେବେନି ଏମାନେ....''।

□□□

Digitized by PPRACHIN, SOA

ନୂଆ ସୁଅ

ସେ ଆଉ ତନିମା ଅନେକ ଦିନରୁ ପ୍ଲାନ କରିଥିଲେ ଏଥରର ନୂଆଁବର୍ଷଟା କୌଣସି ଏକ ଭଲ ନିକାଞ୍ଚନ ଯାଗାରେ କଟେଇବେ । 'ସବୁବେଳେ ହୋ ହଲ୍ଲା, ପାଟିତୁଣ୍ଡ ମୋତେ ଭଲ ଲାଗୁନି । ମାଇକର ଚିତ୍କାର, ବାଣର କର୍କଶ ଶବ୍ଦ ମୁଣ୍ଡ ବିନ୍ଧିଯିବ । ଆଉ କଣ ବୟସ ଅଛି ପିଲାଙ୍କ ଭଳି ପାର୍ଟି ପିକ୍‌ନିକ୍ କରି ସିନେମା ଦେଖି ନୂଆବର୍ଷ ମନେଇବାକୁ...'

ସେ ଅବଶ୍ୟ ଯୁକ୍ତି କରିଥିଲେ-ଏଇ କେଲେଣ୍ଡରୀୟ ନୂଆଁବର୍ଷଟା ପାଇଁ ତମେ ଏତେ ସ୍ଥାନକାଳ ଖୋଜୁଛ କାହିଁକି ଯେ....'

'ହେଉପଛେ କେଲେଣ୍ଡରୀୟ ବର୍ଷ....। ବର୍ଷର ଆରମ୍ଭ ଦିନଟା ତ ....ସମସ୍ତେ ଖୁସିବାସି କରିବେ । ଆମେ କଣ ଅଲଗା ରହିବା-ତିନିମା କହିଥିଲା ଓ ପ୍ରସ୍ତାବ ବି ଦେଇଥିଲା 'ଚାଲନା ପୁରୀଯିବା, ନ ହେଲେ ଚନ୍ଦ୍ରଭାଗା....ଭାରି ମନ ହଉଛି ସତରେ ଦିନଟା ସମୁଦ୍ର ବେଳାରେ କଟେଇବାକୁ । ବାଲିଶେଯରେ ଶୋଇ ଶୋଇ କେବଳ ସମୁଦ୍ରର ଖେଳ ଦେଖିବାକୁ । ସବୁବେଳେ ତ ସେ ସୁଯୋଗ ମିଳୁନି । ତା' ଛଡ଼ା ତମେ ତ ଜାଣ ନିଃସୀମ ସମୁଦ୍ରର ବ୍ୟାପ୍ତି ଭିତରେ ମୋତେ ହଜିଯିବାକୁ କେତେ ଭଲଲାଗେ । ମୋ ଭିତରେ 'ମୁଁ'ଟା କୁଆଡ଼େ ହଜିଯାଏ । ଲାଗେ ମୁଁ ତନିମା ନୁହେଁ...ତନ୍ମୟରେ ତନିମାର ଆଖି ବୁଜି ହୋଇ ଆସିଥିଲା, ସେ ଲକ୍ଷ୍ୟ କରିଥିଲେ ।

ଅବିନାଶ ଜାଣନ୍ତି ତନିମାର ଦୁର୍ବଳତା କେତେ ସମୁଦ୍ର ପାଇଁ । ନଈକୂଳ କି ଝରଣା ଦେଖିଲେ ତ ଫେରିଯାଏ କୈଶୋରକୁ । ସେ କିନ୍ତୁ ସବୁଜିମା କୁ ଭଲପାନ୍ତି । ଜଙ୍ଗଲର ସାଇଁ ସାଇଁ ନିଶୁନ୍ତା କିମ୍ବା ପାହାଡର ସ୍ତବ୍ଧ ନିଶ୍ଚଳତା ତାଙ୍କୁ ଆତ୍ମହରା କରେ । ଏଥିପାଇଁ କମ୍ ବିତର୍କ ହୁଏନି ଦୁହିଁଙ୍କ ଭିତରେ । ତେବେ ସମୁଦ୍ରବେଳାର ନିରନ୍ଧ୍ର ଅନ୍ଧକାର ଗର୍ଭରୁ 'ନୂଆଁବର୍ଷକୁ ପାଛୋଟି ଆଣିବାର ମନସ୍ଥ କରିଛି ତନିମା.....ଯୋଜନା ଅବଶ୍ୟ ମନ୍ଦନୁହେଁ ।

ତାଙ୍କର କିନ୍ତୁ ଇଚ୍ଛାଥିଲା ଶିମିଳି ପାଳ ଯିବାକୁ । ନିଘଞ୍ଚ ଜଙ୍ଗଲର ବନ୍ୟ ନୀରବତା ଭିତରେ ଆପଣାକୁ ନିବିଡ଼ ଭାବେ ଖୋଜିବାକୁ । ହେଉପଛେ ଦିନ ଦିଇଟା, 'ବନାନୀର ନୀଳ ସମୁଦ୍ରରେ ତମକୁ ଆକଣ୍ଠ ଗାଧୋଇଦେବି ତନିମା । ଦିଗନ୍ତ ବିସ୍ତାରି ମେଘାସନର ସାନ୍ଦ୍ର କୁହୁଡି ଭିତରେ ଆମେ ହଜିଯାଇ, ଖୋଜିହେବା ପରସ୍ପରକୁ କିଛି ନହେଲେ ମେଘର ଦୋଳିରେ ତ ତମକୁ ଝୁଲେଇ ପାରିବି ଭଲ ହେବନି ? ପଚାରିଥିଲେ ଅବିନାଶ ।

କିନ୍ତୁ ହେଲାନି । ଡାକ ବଙ୍ଗଳା କିମ୍ବା କଟେଜଟିଏ ଶେଷ ପର୍ଯ୍ୟନ୍ତ ଯୋଗାଡ଼ କରିପାରିଲେନି ସେ । ତନିମାର ମନଟା ମରିଗଲା । ଏତେଦିନକେ ସୁଯୋଗ ଟିକିଏ

Digitized by PPRACHIN, SOA

ମିଳୁଥିଲା । ଶାଶୁ ଶ୍ୱଶୁର ଗାଁ କୁ ଯାଉଛନ୍ତି । ମିଠୁ ଟୁଚୁ ମାମୁଁ ଘରେ ଏଥର ନୂଆଁ ବର୍ଷ ମନେଇବେ । ସପ୍ତାହେ ଆଗରୁ ଯାଇଛନ୍ତି କୁନା ମାମୁଁ ସାଂଗରେ । ସୁବିଧା ଥିଲା । ଛାଡ଼....ଯୋଗ ନାହିଁ ଜଗନ୍ନାଥ ଦର୍ଶନର ।

ତାର ଝାଉଁଳା ମୁହଁକୁ ଦେଖି ଅବିନାଶ କହିଲେ-"ଧଉଳିର ସୂର୍ଯ୍ୟାସ୍ତ ବି ତ ତମକୁ ଭଲଲାଗେ, ଚାଲ ଟିକିଏ ବୁଲି ଆସିବା । ତମେ ସେଠି ମଧ୍ୟ ନିରୋଳାରେ ସେଇ ଅବିଚଳିତ ଆନନ୍ଦକୁ ଲବଲବ୍ଧ କରିପାରିବ ।

ଅବିନାଶଙ୍କର ଇଛା ଉପରେ ତନିମାର କିଛି କହିବାର ନଥିଲା । ସେ ଜାଣେ ଶେଷ ମୁହୂର୍ତ୍ତରେ ସବୁବେଳେ ଏଇୟା ହିଁ ହୁଏ । ହେଲା ମଧ୍ୟ । ସେଇ ପୁରୁଣା ଘସାମଜା ରାତିରେ, ବାଣରୋଷଣୀର ଯମକ ଭିତରେ ନୂଆଁବର୍ଷକୁ ଡାକିଆଣିବେ । କିଛି ବୈଚିତ୍ର୍ୟ ନାହିଁ । ନୂତନତା ନାହିଁ । କେମିତି ବି ଥାନ୍ତା ଯେ? ଜଁଞ୍ଜାଳଗ୍ରସ୍ତ ଚାକିରୀଆ ଯେଉଁଠି ଘଣ୍ଟାକଣ୍ଟାର ମାପରେ ଜୀବନବଞ୍ଚେ ସେଠି ନୂତନତା ଆନନ୍ଦ ଉପଲବ୍‌ଧ ପାଇଁ ସୁଯୋଗ କାହିଁ ? କେବଳ ମନକୁ ବୁଝେଇବା ପାଇଁ ଯେତିକି କଳ୍ପନା ଯୋଜନା ।

ଗଲାଥରର ହୋଲି ସେଲିବ୍ରେସନ.....ବାଜାରେ । ଭାବିଲା ବେଳକୁ ହିଁ ତା' ଦେହମନ ପୋଡ଼ି ହେଇଗଲା ଭଳି ଲାଗିଲା, ରଂଗପାଣି, ନୁହଁ ତରଳ ନିଶା ହିଁ ଢ଼ାଳି ଦେଉଛି କିଏ ଯେମିତି । ତାର ତ ମନେ ହେଇଥିଲା, ସତେ କି ସେ ଏଇ ମାଟିରେ ଠିଆ ହେଇନି । ଆମ ସଂସ୍କୃତିର ଝଲମଲ ଚେହେରାଟା ସେ' ଦିନ ରାତିର ରୋଷଣୀ ଭିତରେ ଏମିତି କୁତ୍ସିତ ଦିଶିଲା କାହିଁକି, ସେ ଭାବି ପାରୁ ନଥିଲା । ସମଗ୍ର ପରିବେଶଟା ହିଁ ଆପାର୍ଟମେଣ୍ଟର ଅରୁଚିକର ମନେ ହେଇଥିଲା । ସବୁ ସ୍ୱପ୍ନ ତାଙ୍କର ଭାଙ୍ଗିରୁଚି ଚୁରମାର ହୋଇଯାଇଥିଲା । ବିଚରା ବାପା ବୋଉଙ୍କର କଥା ତ କହିଲେ ନସରେ । ସେମାନେ ତ ପୁଣି ପୁରୁଣା ମଣିଷ ।

ଆଗରୁ ଭଡ଼ା ଘରେ ରହୁଥିଲେ ସେମାନେ । ଦୁହେଁ ଚାକିରୀଆ । ତନିମା ଅଧ୍ୟାପିକା । ଅବିନାଶ ଡ଼ାକ୍ତର । ଓଡ଼ିଶାର ଉପାନ୍ତ ଅଞ୍ଚଳ, ବିଶେଷ କରି ଆଦିବାସୀ ଇଲାକା ମାନଙ୍କରେ ହିଁ ତାଙ୍କର ସମଗ୍ର ଚାକିରୀ ଜୀବନ କଟିଆସିଛି । ଆଜିକାଲିର ତୋଷାମଦି ଶାସ୍ତ୍ରରେ ତାଙ୍କର ପ୍ରବେଶ ନାହିଁ । ମୂଲ୍ୟବୋଧରେ ସେ ବିଶ୍ୱାସୀ । ତାଙ୍କର ଭିନ୍ନ ଆଦର୍ଶ । ଅବଶ୍ୟ ସେ ରକ୍ଷଣଶୀଳ ନୁହଁନ୍ତି । ହେଲେ ପରଂପରାକୁ ସମ୍ମାନ କରନ୍ତି । ତନିମା ବି ସେମିତି । ଆଧୁନିକ ମନର ଟ୍ରାଡ଼ିସନାଲ୍ ଛାଞ୍ଚରେ ତାର ମଧ୍ୟବିତ୍ତୀୟ ଜୀବନଧାରାକୁ ଚମତ୍କାର ଭାବେ ସେ ସଜାଡ଼ି ରଖିଛି ।

ଏକୁଟିଆ ହିଁ ସେ ଶାଶୁ ଶ୍ୱଶୁର ଆଉ ପିଲାଙ୍କର ଦାୟିତ୍ୱ ସମ୍ଭାଳି ସହରରେ ରହି ଆସିଛି । ଅବିନାଶଙ୍କ ସହ ଏକାଠି ରହିବାର ସୁଯୋଗ କେବେ ହୋଇନି ତାର । ଜୀବନର ଅଧିକାଂଶ ସମୟ ସେ କେବଳ ଧାଇଁଛନ୍ତି ଅତିଥି ହେଇ ପିଲାଙ୍କ ପାଖକୁ ଦି' ଚାରିଦିନ ପାଇଁ । ଏବେ କିନ୍ତୁ ସେ ଛୁଟୀରେ ଅଛନ୍ତି । ଦୀର୍ଘ ଛୁଟି ସରିଆସୁଛି ଚାକିରୀ କାଳ । ପିଲାଙ୍କ ଭବିଷ୍ୟତ ପାଇଁ କିଛି ଚିନ୍ତା କରିବାକୁ ହେବ । ଏ ଯାଏ ଘର ଖଣ୍ଡେ ନଥିଲା ମୁଣ୍ଡ ଗୁଞ୍ଜିବାକୁ ।

Digitized by PPRACHIN, SOA

ଜୀବନ ଯେଉଁଠି ଘଣ୍ଟା କଣ୍ଟାରେ ପାଦ ମିଳେଇ ଦଉଡି ଚାଲିଚି ମୁହୂର୍ତ୍ତେ ମୁହୂର୍ତ୍ତେ ଜରି ବଞ୍ଚିବା ପାଇଁ । ଅଫିସ୍ ଫାଇଲ ରୋଗୀ, ଟ୍ରେନ୍, ବସ୍‌ରୁ ଘର ପୁଣି ଠିକ୍ ସେମିତି ଘରୁ ବସ୍‌ରୁ, ଟ୍ରେନ ଦେଇ ଡାକ୍ତରଖାନା, ରୋଗ ଆଉ ରୋଗୀ ଏଇ ତ ଜୀବନ....ଖାଲି ଧାଇଁବା....ଗୋଟିଏ ନିଶ୍ଚିନ୍ତ ନିଦକପଣକୁ ସେ ଚିହ୍ନିନାହାନ୍ତି ଏ ଯାଏ । ତେଣୁ ମାଟି ଉପରେ ସଜଡା ସ୍ୱପ୍ନର ଘର ବାନ୍ଧି ସୁଖ ଜୀବନ ବିତେଇବା ତାଙ୍କର ପକ୍ଷରେ ସମ୍ଭବ ନୁହେଁ । ତେଣୁ ହିଁ ସେ ମନସ୍ଥ କରିଥିଲେ ଆପାର୍ଟମେଣ୍ଟରୁ ଖଣ୍ଡିଏ ନେବେ ବୋଲି ନେଲେ ମଧ୍ୟ ।

ବର୍ଷଟିଏ ବି ହୋଇନି ଏଇ ଆପାର୍ଟମେଣ୍ଟକୁ ଆସି । ନିଜର ଫ୍ଲାଟ ବୋଲି କହି ଭାବିଲାବେଳକୁ ଖୁସିଲାଗୁଥିଲା ଅବିନାଶଙ୍କୁ । ବାପା ବୋଉଙ୍କର ମୋଟେ ଇଚ୍ଛାନଥିଲା ଚାଖଣ୍ଡେ ବୋଲି ମାଟି ନାହିଁ । ହାତଗୋଡ ଟେକି ବୁଲେଇ ହବନି । ଅନ୍ତରଂଗ ବାତାବରଣ ବି କାହିଁ ଏଠି ? ନିଜର ସାଇ ପଡ଼ିଶା କାହିଁ ? ଯାହାଙ୍କୁ ନେଇଁ ପୁରୁଷ ପୁରୁଷ ଧରି ଚଳିଯାଇ ପାରିବ ମଣିଷ । ପିଲାଏ ନପଚାରନ୍ତୁ ଚିନ୍ତା ନାହିଁ ।

ଏଠି ମଣିଷଙ୍କର ଅଭାବ ନାହିଁ । ହେଲେ ଏମାନେ ଅଲଗା ପାହ୍ୟାରେ ପୋଷାକରେ, ଭାଷାରେ, ଚଳଣିରେ ଆଉ ବିଚାରରେ । ପରସ୍ପରର ସୁଖଦୁଃଖରେ ବାଣ୍ଟିହୋଇ ଭାଇଆଳି ଭାବର 'ଚିନ୍ତାନାହିଁ'। ଜୀବନ ଏଠି କାହିଁ ?' ବାପା ବୋଉଙ୍କର କଥାକୁ ତନିମା ବି ସମର୍ଥନ କରିଥିଲା ଏଇ ପୋଷାକୀ ସଭ୍ୟତାର କାଟଛାଣ୍ଟ ଭିତରେ ଆମେ ଅଣନିଃଶ୍ୱାସି ହେଇଯିବ । ଆମକୁ ପୋଷେଇବନି ଏଇ ଆପାର୍ଟମେଣ୍ଟ ଲାଇଫ୍ । ଆମ ସଂସ୍କୃତି ସଚେତନ ମନ ଖାପ ଖାଇବନି ଏଇ ଗୋଳିଆ ମିଶା ନୂଆଁ ସଂସ୍କୃତି ସହିତ ।' ତନିମା ର ଯୁକ୍ତି ବିଶେଷକରି ଅବିନାଶଙ୍କ ରୁଚିକୁ ଆଖି ଆଗରେ ରଖି । ସେ ଜାଣେ ତାଙ୍କୁ ଏପ୍ରକାର ଚଳଣି ଭଲ ଲାଗିବନି ।

ଅବିନାଶ କିନ୍ତୁ କାହାକଥା ଶୁଣିନଥିଲେ । ଓଲଟି ଯୁକ୍ତି କରିଥିଲେ-''ଆମ ସମୟ ତ ସରି ଆସୁଛି ତନିମା, ପିଲାଏ କଣ ଆମ ଭଳି ହେବେ ? ଜୀବନର କୋଉ ସ୍ଥିରତା ଅଛି ଯେ ସ୍ଥାୟୀ ଭବିଷ୍ୟତର ବ୍ୟବସ୍ଥା କରିବା । ଯାଯାବରୀ ଜୀବନ । ଯୋଉଠି ବଞ୍ଚିବାର ରାହା ମିଳିଲା । ସେଇଠି ଡେରା ପକେଇଲା ମଣିଷ । ତମେ ଏତେ ଦୂରକୁ ଭାବୁଛ କାହିଁକି ? ଏଇଭଲ । ଚୂନ ସିମେଣ୍ଟର ଗନ୍ଧନାହିଁ । ଲୁହା କଂକ୍ରିଟର ଝାମେଲା ନାହିଁ, କୁଲିମିସ୍ତ୍ରୀଙ୍କର ଗହଳି ନାହିଁ ଅଥଚ୍ ରାଜଧାନୀରେ ଆପଣାର ଘର-ନିଜର ସୁରକ୍ଷିତ ଆଶ୍ରୟ । ନିଶ୍ଚିତ ଦମ । ତମକୁ ଖୁସିଲାଗୁନି ?''

ତନିମାର ନିଜ ଖୁସି ବୋଲି କିଛି ନଥିଲା -ସମସ୍ତଙ୍କ ଖୁସି ରେ ହିଁ ତାରି ଖୁସି । ସେ ସବୁଠି ଚଳି ପାରିବ...। ସେ କଥା ତାକୁ ଜଣା ।

ସେ' ଦିନକିନ୍ତୁ ଏ ଯୁକ୍ତି ଥୋଇଲା ବେଳେ ଅବିନାଶ ସତରେ ଚାରିକାନ୍ଥ ଘେରା ମୁଣ୍ଡ ଉପରେ ଛାତଟିଏ ଥିବା ଘରଟିର କଥାହିଁ ଭାବିଥିଲେ । ଘର ସହିତ ଯୋଡ଼ିହେଇଥିବା

Digitized by PPRACHIN, SOA

ଆନୁସଙ୍ଗିକ ଛୋଟବଡ଼, ଘଟଣା ଦୁର୍ଘଟଣା ମାନ ଅଭିମାନ, ସ୍ନେହ ସୌହାର୍ଦ୍ଦ୍ୟ, ଭାବ ଅଭାବର କଥା ସେ ଭାବି ପାରି ନଥିଲେ । ଫ୍ଲାଟକୁ ଆସିବାର ଦିନାକେତେ ବାଲକନି ଧାରରେ ବସି ସୂର୍ଯ୍ୟାସ୍ତ ସୂର୍ଯ୍ୟୋଦୟର ରଂଗରେ ଗାଧୋଇ ଭାବିଥିଲେ ଜୀବନର ଗୋଟାଏ ବଡ ଦାୟିତ୍ୱକୁ ସେ ତୁଲେଇ ନେଇଛନ୍ତି -ବାଜି ରହିଲେ ମିଠୁ ଟୁଟୁ-ତାଙ୍କ ଭବିଷ୍ୟତ ।

ତନିମା ହସିଥିଲା ମନେ ମନେ ।

ସମୟ ଗଡ଼ିଚାଲିଲା । କ୍ରମଶଃ ଆପାର୍ଟମେଣ୍ଟର ଅନ୍ୟମାନଙ୍କ ସହିତ ପରିଚୟ ହେଲା । ବ୍ରିଜେଶ ଅଗ୍ରୱାଲ, ବେଣୁଗୋପାଳ, କୁନ୍ଦନ ଶ୍ରୀବାସ୍ତବ, ଅରୁଣ ସିଂ, ନାୟାର, କମଲ୍‌ଘୋଷ, ନବେନ୍ଦୁ ଚୌଧୁରୀ ଙ୍କ ସହିତ । ଏମାନେ ସମସ୍ତେ ନାଁରେ ନୁହେଁ ନମ୍ବରରେ ପରିଚିତ । ଅର୍ଥାତ୍ ଫ୍ଲାଟ୍ ନମ୍ବର ହିଁ ଡ଼ିଗ୍ରୀ ଭଳି ପରିଚୟ ସାଥିରେ ଯୋଡ଼ି ହୋଇଥାଏ । ଏହି ଆପାର୍ଟମେଣ୍ଟ ଜୀବନଧାରାରେ । ତା' ଛଡା ଆଜିର ମଣିଷ ନିଜ ପରିଚୟକୁ ସଂକ୍ଷିପ୍ତରୁ ସଂକ୍ଷପ୍ତ କରି ଦେବାରେ ବେଶୀ ଆଗ୍ରହୀ ।

ତେବେ ଏମାନେ ସମସ୍ତେ ଭଦ୍ରଟିଆ । କେହି କେହି ନାମଯାଦା କମ୍ପାନି ମାନଙ୍କର ପଦସ୍ଥ ଅଫିସର ନ ହେଲେ ବ୍ୟବସାୟୀ । ଭାରି ଖୁସିରେ ହିଁ ସମସ୍ତେ ସ୍ୱାଗତ କରିଥିଲେ ଅବିନାଶଙ୍କୁ । ଅକ୍ଷୟ ନନ୍ଦ,ଦିଲ୍ଲୀପରାଉତ, ଶୁଭେନ୍ଦୁ ପତି ଥିଲେ ନିଜ ନିଜ ଫ୍ଲାଟରେ । ଏମାନେ ଆପାର୍ଟମେଣ୍ଟର କର୍ମକର୍ତ୍ତା ମଧ୍ୟ । ଜଣେ ଜଣେ ସରକାରୀ ଅଫିସର । ସର୍ବମୋଟ ପଚଶଟି ପରିବାରକୁ ନେଇ ଗଢ଼ି ଉଠିଥିଲା ଆପାର୍ଟମେଣ୍ଟଟି ।

ପ୍ରଥମ କିଛି ମାସ ଘଟଣା ବିହୀନ ଭାବେ ହିଁ କଟିଗଲା-ଏମିତି ସହଜ ଗତିରେ ହିଁ ବାକିତକ ଜୀବନ କଟିଯିବ-ର ଧାରଣା ତାଙ୍କ ମନ ଭିତରେ ଧୀରେ ଧୀରେ ବସା ବାନ୍ଧି ଆସୁଥିଲା ।

ଖବର କାଗଜ ପୃଷ୍ଠା ଉପରେ ଆଖିରଖି ଅବିନାଶ ଅନେକ କଥା ଭାବି ଯାଉଥିଲେ । ଆଜି ସକାଳୁ ଭୋରରୁ ହିଁ ତନିମା ଗାଁକୁ ଯାଇଛି ଇନ୍ଦୁନାନୀ ସଂଗରେ । ଇନ୍ଦୁନାନୀ ତାଙ୍କ ପିଇସୀ ଝିଅ । ଓଡ଼ିଶା ବାହାରେ ରୁହେ । ବୁଲିଆସିଛି । ତାର ମନେହେଲା ଗାଁକୁ ଯାଇ ମାମୁ ମାଇଁଙ୍କୁ ଥରେ ଦେଖି ଆସିବ । ଟାଣିଲା ତନିମାକୁ 'ଚାଲଯିବା ଗାଁକୁ । ଏକୁଟିଆ ଭଲ ଲାଗିବନି ଯିବାକୁ । ତୁ ସାଂଗରେ ଥିଲେ ଫେରି ଆସିବା ସଂଧ୍ୟାରେ ।' ତନିମା କିମିତି ବି ମନା କରନ୍ତା । ତାଙ୍କୁ ବି ଡାକୁଥିଲା ଇନ୍ଦୁନାନୀ 'ଗାଡ଼ିରେ ତ ଯିବା ଆସୁନୁ' । ଭଲ ହେଇଥାନ୍ତା ଯାଇଥିଲେ । ଅପ୍ରୀତିକର ପରିସ୍ଥିତିରୁ ତ ମଣିଷ ବଞ୍ଚିଯାଇଥାନ୍ତା ନା ! ଅକ୍ଷୟ ଆଉ ଦିଲ୍ଲୀପ ନିହାତି ମନା ନ କରିଥିଲେ ସେ ବି ଯାଇଥାନ୍ତେ । ପିଲାଏ ନାହାନ୍ତି...ବର୍ଷ ଆରମ୍ଭରୁ ବାପା, ବୋଉଙ୍କ କଲ୍ୟାଣ ତାଙ୍କ ପାଇଁ ନାହିଁ ଏଥର ।

ଏକୁଟିଆ ବସି ବସି ତାଙ୍କୁ କିଛି କିଛି ଭଲ ବି ଲାଗୁ ନଥିଲା । ଆପାର୍ଟମେଣ୍ଟରେ ଆଜିକାଲି ଯେଉଁ ଟେନ୍‌ସନ୍ ଚାଲିଛି-ଯେ କୌଣସି ମୁହୂର୍ତ୍ତ ରେ ଯେ କୌଣସି ଘଟଣା

Digitized by PPRACHIN, SOA

ଘଟିଯାଇପାରେ । ଅବଶ୍ୟ ଦିହକୁ ନନଲେ ଘଟଣା ଯାହା ହେଲେ ବି ତାଙ୍କର କିଛି ଯାଏ ଆସେନା । କିନ୍ତୁ ନ ନେବେ କିମିତି ସଂପୃକ୍ତ ନହୋଇ ତ ରହିହେବନି । ପଡ଼ିଶ ଘରର ଅଗଣା ତ ଗୋଟିଏ ନା ।

ତଳେ, ଆପାର୍ଟମେଣ୍ଟର ବେଶ୍‌ମେଣ୍ଟରେ ନ୍ୟୁଇୟରର ସେଲିବ୍ରେସନ୍ ପାଇଁ ପ୍ରସ୍ତୁତି ଚାଲିଛି । ପାଟି ଶୁଭୁଛି । ହଠାତ୍ ସେ ବେକ ମୁଣ୍ଡାରେ ଭୀଷଣ ଯନ୍ତ୍ରଣା ଅନୁଭବ କଲେ । ବ୍ଲଡ୍ ପ୍ରେସର ବଢ଼ିବଣି ଟେନ୍‌ସନ୍ ଯୋଗୁଁ ।

କାନ୍ଥଘଣ୍ଟାରେ ପାଞ୍ଚଟା ବାଜୁଥିଲା ।

କପେ ଚା' ଖାଇଲେ ଭଲ ଲାଗନ୍ତା ନିଶ୍ଚେ । ଫ୍ଲାସ୍କ ଖୋଲି ଦେଖିବାକୁ ସେ ଉଠିଗଲେ ଟେବୁଲ୍ ପାଖକୁ । ନା, ତନିମା ଭୁଲିଯାଇଛି ଚା' କରି ରଖିବାକୁ । ନିଜେ କରିବା ପାଇଁ କିଚେନ୍‌କୁ ଗଲେ । ହିଟର ଅନ୍ କରି ସସ୍‌ପ୍ୟାନ୍‌ରେ ପାଣି ବସେଇ ଚା' ଆଉ ଚିନି ପକେଇଲେ । କ୍ଷୀର ପାଇଁ ଫ୍ରିଜ୍ ପାଖକୁ ଯାଉଛନ୍ତି, ମନେ ପଡିଲା ଆଜି ସକାଳେ ସେ କ୍ଷୀର ଆଣିବାକୁ ଯାଇ ନାହାନ୍ତି । ଯାଃ ଅଗତ୍ୟା ସେଇ ନାଲି ଚା'ରେ ଲେମ୍ବୁ ଦେଇ କପ୍‌ଧରି ଟି.ଭି ପାଖରେ ବସିଲେ ।

ନୂଆବର୍ଷର ସ୍ପେସିଆଲ୍ କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ସୂଚନା ଦେଉଛନ୍ତି ଉଦ୍‌ଘୋଷକ । ଖାଲି ଗୀତ ନାଚର ଧମାକା । ବିଚିତ୍ର ରୁଚି ଆଜିକାଲିକା ପିଲାଙ୍କର । ତଳୁ ପାଟି ଶୁଭୁଛି । ଚେୟାର ପଡୁଛି । କିଏ ଜଣେ ବୋଧେ ଲିଚୁମାଳ ଝୁଲାଉଛି ବିଲ୍‌ଡିଂ ଉପରେ ଚଢ଼ି । ମିଡ଼ିଆ ଯାହା ଦେଖାଉଛି, ଯେମିତି ଦେଖାଉଛି ଠିକ୍ ସେଇ ଷ୍ଟାଇଲ୍‌ରେ ସେଲିବ୍ରେଟ୍ କରିବେ ଏମାନେ କୁଆଡ଼େ ରାତିସାରା । ଇଚ୍ଛାକରି ବି ସେ ଦେଖିଲେନି । ଥାଉ ତୁଚ୍ଛା ବିରକ୍ତି ବଢ଼ିବ । ଚା' ଖାଇବାରେ ମନଦେଲେ । ହଠାତ୍ ଝରକାର ପରଦା ଠେଲି ଦଲକାଏ ଉଚ୍ଚାଟକାରୀ ପରଫ୍ୟୁମର ବାସ୍ନା ପଶିଆସିଲା ଘର ଭିତରକୁ । ଏବଂ ଅବିନାଶ ସେଇ ଅତର ମିଶା ପବନ ସହିତ ମିଶି ଚକା ଭଉଁରୀ ଖେଳିବାକୁ ଲାଗିଲେ ଭାବନା ଜଗତରେ ।

ପୁଣି ମନେ ପଡ଼ିଗଲା ହୋଲି ଦିନର ଘଟଣା । ହଠାତ୍ ସ୍ନାୟୁମାନେ ପ୍ରତିକ୍ରୀୟାଶୀଳ ହେଇଉଠିଲେ । ଝାଳେଇ ଗଲେ ସେ । ମନେ ମନେ ଉଚ୍ଚାରଣ କଲେ, ଛିଃ । ମଣିଷର ରୁଚିବୋଧ କେତେ ତଳକୁ ଖସିଗଲାଣି । ଏଠାକୁ ଆସିବାର ଦି' ମାସ ପରେ ବୋଧେ ହୋଲି ପଡ଼ିଥିଲା । ହଁ ସେଇ ସମୟ ଭିତରେ । ସବୁ ମନେ ପଡିଗଲା ଛବି ପରି ।

ଦିନେ ସନ୍ଧ୍ୟା ରେ ମିଃ ନାୟାର, ବିଜେଶ୍ ଆଉ ଅରୁଣ ସିଂ ମିଶି ତାଙ୍କ ପାଖକୁ ଆସିଥିଲେ । ପରାମର୍ଶ କରିବେ ବୋଲି । ଦିନେ ଛାଡ଼ି ହୋଲିପର୍ବ, ସେଲିବ୍ରେଟ୍ ହେବ । ଆପତ୍ତି ନଥିଲା । ହୋଲି ଆମ ଜାତୀୟ ପର୍ବ । ଫଗୁ ଆଉ ଅତରର ମହୋତ୍ସବ ମଣିଷ ମଣିଷ ଭିତରେ ସଂପ୍ରତି ସଦ୍‌ଭାବନାର ଅତୁଟ ରଂଗ ମାଖି ଆସିଛି ବହୁ କାଳରୁ ।

Digitized by PPRACHIN, SOA

ହୋଲି ଆଗଦିନ ନବେନ୍ଦୁ ଓ କମଲବୋଷ ପର୍ବପାଇଁ ପ୍ରସ୍ତାବିତ ଖସଡାଟିଏ ପ୍ରସ୍ତୁତ କରି ବଢ଼େଇ ଦେଲେ ଅକ୍ଷୟ୍ ହାତକୁ । ସନ୍ଧ୍ୟାରେ ଗୋଟାଏ ଛୋଟକାଟିଆ ବୈଠକ ଡାକି ଅକ୍ଷୟ୍ ପ୍ରସ୍ତାବିତ ଖସଡ଼ା ଫର୍ଦ୍ଦକୁ ପେଶ୍ କଲା ସମସ୍ତଙ୍କ ଆଗରେ ।

ସେଥିରେ ଆପାର୍ଟମେଣ୍ଟର ସାଂସ୍କୃତିକ କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ-ସକାଳେ ରଂଗଖେଳ, ସନ୍ଧ୍ୟାରେ ସଂଗୀତ ଆସର । ଆସର ପୂର୍ବରୁ ଛୁଆପିଲାଙ୍କ ପାଇଁ କିଛି କୁଇଜ୍, ପଦ୍ୟାନ୍ତର, ମ୍ୟୁଜିକାଲ ଚେୟାର ସହିତ କିଛି ଗିଫଟ୍‌ର ବ୍ୟବସ୍ଥା, ତା ପରେ ସଭାର ଆୟୋଜନ । ସଭାକୁ ସରସ ସୁନ୍ଦର କରିବା ପାଇଁ ଅରୁଣ ସିଂ ତାର ବିଧାୟକ ବଂଧୁ ମୋହନ ରାଜସିଂଙ୍କୁ କୁଆଡ଼େ ନିମନ୍ତ୍ରଣ କରିଛି । ଆନୁଷ୍ଠାନିକ ଭାବେ ସେ ହିଁ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିବେ । ତା ପରେ ସଂକ୍ଷିପ୍ତ ଭାଷଣ । ସଂଗୀତ ଆସର ଚାଲିଥିବା ଭିତରେ ହିଁ ଆରମ୍ଭ ହୋଇଯିବ ଖିଆ, ପିଆ ର ପାର୍ଟି....

ଚୁପ୍‌ଚାପ୍ ବସି ସେ ଶୁଣୁଥିଲେ କାର୍ଯ୍ୟକ୍ରମର ବିବରଣୀ । ହେଲେ ଶେଷ ପ୍ରସ୍ତାବଟି ବେଳକୁ ସେ ଠିଆହେଲେ ବାଟଓଗାଳି ।

'ମୁଁ ବୁଝିପାରୁନି ଅକ୍ଷୟ୍...ତମେ କଣ ପଢ଼ିଲ । ଖିଆ କଥାଟା ତ ବୁଝିଲି ତା ପଛକୁ ପିଆ ମାନେ ପିଆପିଇର ବ୍ୟବସ୍ଥା ଅଛି ନା କଣ ?'

ଅକ୍ଷୟ୍‌ର ମୁହଁ ଟିକେ ଫିକା ପଡିଗଲା ଓ ସେ ଉତ୍ତର ଦେବା ପୂର୍ବରୁ ହିଁ ଚତୁର ଅରୁଣସିଂ ଏବଂ ନବେନ୍ଦୁ ଚଟକରି କଥାଟିକୁ ଧରିପକେଇଲେ ।'' ନା, ନା, ଆପଣ ଅନ୍ୟଥା କିଛି ଭାବନ୍ତୁନି । ସେ ଭଳି କିଛି ଅତୁଆ ପରିସ୍ଥିତି ସୃଷ୍ଟି ହେବନି । ତା' ଛଡ଼ା.... ଅରୁଣ ସିଂ କଥାକୁ ଆଉ ଟିକିଏ ବାଟ ଆଗେଇ ନେଇ ନବେନ୍ଦୁ ଓ ଆୟାର ସମସ୍ୱର ରେ କହିଉଠିଲେ- 'ପାର୍ଟି ସହିତ ତ ଡ୍ରିଙ୍କସ୍ ଆପେ ଯୋଡ଼ି ହୋଇରହିଛି । ଖୁସିବାସିରେ ଯେତେବେଳେ ପାର୍ଟି ହେଉଛି... ଏଇ ସାମାନ୍ୟ ବୁଜିଂ ମାତ୍ର...ଅବଶ୍ୟ ଯିଏ ଚାହିଁବ....ନହେଲେ ରଂଗଖେଳର ଥ୍ରୀଲ୍ ହିଁ ରହିବନି...ପ୍ଲିଜ୍ ତାଙ୍କ ହାତକୁ ଧରି ପକେଇ ନାୟାର କହିଲା ।

ମୁହୂର୍ତ୍ତେ ସେ ସ୍ଥିର ହୋଇ ଚିନ୍ତା କଲେ । କହିବେ କି ନକହିବେ । ମଦ ଭିତରେ ଏମାନେ ଜୀବନର ଥ୍ରୀଲ୍ ଖୋଜୁଛନ୍ତି-କିଛି ଭଲ ଲକ୍ଷଣ ନୁହେଁ । ୟା ପଛକୁ ଆହୁରି ଅନେକ ଯୋଡ଼ି ହେଇ ରହିଛି...ସେ ସବୁ ତ ବେଶ ଥ୍ରୀଲ ଯୋଗେଇବ ଏଇ ନିଶାସକ୍ତଙ୍କୁ । ସେ ଏହାକୁ ସମର୍ଥନ କରିବେ ? ସମଗ୍ର ଜୀବନଟା ଯୋଉ ଆଦର୍ଶ ଆଉ ନିଷ୍ଠା ପାଇଁ ସେ ସମର୍ପଣ କରି ଆସିଛନ୍ତି ଆଜି ତାକୁ ପରୋକ୍ଷରେ ହେଉପଛେ କେମିତି ଭାଙ୍ଗିବେ । ସାମୟିକ ଆନନ୍ଦ ଉଲ୍ଲାସ କିମ୍ବା ସାଫଲ୍ୟ ତାଙ୍କ ପାଇଁ ବଡ଼ ନୁହେଁ-ବଡ ତାଙ୍କର ସିଦ୍ଧାନ୍ତ । ମଦଖାଇ ମାତାଲ ହେବାଟାକୁ ଆଜିର ମଣିଷ ପୌରୁଷ ମନେକରୁଛି, ଏଇଟା ସଭ୍ୟତାର ମାପକାଠି ବୋଲି ଯୁକ୍ତି ଥୋଇଛି । ଏ ମଣିଷର ଗତି କୁଆଡେ ? ବ୍ୟକ୍ତିଗତ ଭାବେ ତ ନୁହେଁ-ଜଣେ ଡାକ୍ତର ହିସାବରେ ବି ସେ ମୋଟେ ସମର୍ଥନ କରିପାରିବେନି ।

Digitized by PPRACHIN, SOA

ଉଠିଆସିଲେ ସେ ଚେୟାରରୁ । ଆସିଲାବେଳେ ତାଙ୍କ ମୁହଁଟା ହୁଏତ ରାଗରେ ନାଲି ପଡିଯାଇଥିଲା । ତାଙ୍କ ପଛେ ପଛେ ଅକ୍ଷୟ, ଶୁଭେନ୍ଦୁ ଆଉ ଦିଲ୍ଲୀପ ମଧ୍ୟ ଉଠି ଆସିଲେ ଘର ଭିତରକୁ । ସୋଫାରେ ବସୁ ବସୁ-କହିଲେ ଅବିନାଶ 'ମୁଁ ଏଇ ପ୍ରସ୍ତାବକୁ ମୋଟେ ଗ୍ରହଣ କରି ପାରୁନି ଅକ୍ଷୟ... ଏ ପାର୍ଟି ହେବାକୁ ଦେବନି ମୁଁ । ୟାକୁ ବନ୍ଦକର ନଚେତ ମୁଁ ଅନଶନ କରିବି' ମୁହଁରେ ଦୃଢ଼ ସଂକଳ୍ପର ଛାଇ ସୃଷ୍ଟି ହୋଇଉଠିଥିଲା । 'ଏଇଠୁ ବନ୍ଧ ନବାନ୍ଧିଲେ ଦିନେ ପାଣି ଉଛୁଳି ଆମ ସମସ୍ତଙ୍କ ଜୀବନକୁ ଭସେଇଦେବ ମହା ଧ୍ୱଂସର ସାଗର ଆଡ଼କୁ....ୟାକୁ ତମେ ସାଧାରଣ ବୋଲି ଭାବନି ଦିଲ୍ଲୀପ୍ ।

ନବେନ୍ଦୁ ଓ ଅନ୍ୟମାନେ ହୁଏତ କଥାଟାକୁ ପ୍ରାଞ୍ଜଳ ଭାବେ ବୁଝେଇବା ଅଭିପ୍ରାୟରେ ଆସୁଥିଲେ ପଛେ ପଛେ । ଅଟକି ଗଲେ ଦୁଆର ବନ୍ଧ ପାଖରେ । ଆଗାମୀ ସକାଳ ପାଇଁ ଜମି ଆସୁଥିବା ଉଲ୍ଲାସର ଜୁଆରରେ ଭଙ୍ଗା ପଡିଗଲା ସତେଜି । ନବେନ୍ଦୁ ସହିପାରିଲାନି ବ୍ରଜେଶ କାନରେ ଚୁପ୍ ଚୁପ୍ କହିଦେଲା । ମୁଁ ବୁଝି ପାରୁନି ଏ ଲୋକଟାକୁ ଏତେ ପ୍ରାଧାନ୍ୟ କାହିଁକି ଦିଆଯାଉଛି । ଜଣେ ଅଧେଙ୍କ ଇଛା ଅନିଛାରେ ତ କ୍ଲବ ଚାଲିବନି । ପୁଣି ଲୋକଟାର ମତର୍ଣ୍ଣ ଆଉଟ୍‌ଲୁକ୍ ହିଁ ନାହିଁ-

କେହି ତାଙ୍କୁ ବୁଝେଇ ପାରିନଥିଲେ । ସେଇ ଏକା କଥା-'ଏସବୁ କରିବାକୁ ମୁଁ ଅନ୍ତତଃ ଦେବିନି । ଅବଶ୍ୟ ଅନେକ ସମୟ ଧରି ଆଲୋଚନା ପରେ ଅକ୍ଷୟ ହେରିକା ତାଙ୍କୁ ଅନୁରୋଧ କରିଥିଲେ ଯେ 'ପରିସ୍ଥିତିକୁ ବେଶି ଜଟିଳ ହେବାକୁ ନଦେଇ ଟିକିଏ ୱାଚ୍ କରିବା-ସମୟ ହୁଏତ ସୁଧାରି ନେବ ସବୁ ।'

ଶେଷରେ ଗୋଟିଏ ମଝାମଝି ପନ୍ଥା ସ୍ଥିର ହେଲା -ପାର୍ଟି ହେବ କେହି ଡ୍ରିଙ୍କକରି ପାରିବେନି । ସେ କିନ୍ତୁ ଠିକ୍ ଜାଣିଥିଲେ ସେ ଦିନ ରାତିରେ ନାୟଁରର ଗ୍ୟାରେଜଟି ସଫା ହେଲା । ସ୍କ୍ରିନ୍ ଲାଗିଲା ଏବଂ ରାତ୍ରିର ଶେଷ ପ୍ରହରକୁ ଅରୁଣ ସିଂ, ବେଣୁ ଗୋପାଳ, କୁନ୍ଦନ ଆଉ କମଲ କୁ ନେଇ ରଂଗୀନ ନିଶାରେ ମସଗୁଲ ହୋଇ ଉଠିଥିଲା । କାଚ୍‌ଗ୍ଲାସର ଟୁଂଟା ହାଲୁକା କଥାର ଆମେଜ ଭିତରେ ଶେଷ ରାତିଟା ଉଷୁମ ହେଇ ଉଠିଥିଲା । ସେଇଟା କୁଆଡେ ସେମାନଙ୍କର ବ୍ୟକ୍ତିଗତ ପାର୍ଟି ଥିଲା ।

ସିଦ୍ଧାନ୍ତ ନିକଟରେ କେବେ ହାରି ମାନିନଥିବା ଡ଼ାକ୍ତର ଅବିନାଶ ସତକୁ ସତ ସେ'ଦିନ ରାତିର ଅନ୍ଧାର ଭିତରେ ଆତ୍ମଗ୍ଲାନିର ଯନ୍ତ୍ରଣାକୁ ଢ଼ୋକିବାକୁ ବାଧ୍ୟ ହୋଇଥିଲେ ।

ତନିମା ବୁଝେଇଥିଲା-'ସମୟ ବଦଳୁଛି, ତମେ ବୁଝୁନ କାହିଁକି । ଏକୁଟିଆ କଣ ତମେ କିଛି ବି କରି ପାରିବ ? ଏ ଯୋଉ ନୂଆଁ ସୁଅ ମାଡ଼ିଆସୁଛି ତମେ ଅଟକେଇ ପାରିବ ତାକୁ । ଖାଲି ଧକ୍କା ଖାଇବା ସାର ହେବ ସିନା । ସେମାନେ ସବୁ ବାଜେଲୋକ...ପୁରା ନିଶାସକ୍ତ... ।'

ଜାଣୁଛି ତନିମା, ମୁଁ ଏକୁଟିଆ କିଛି ବଦଳେଇ ଦେଇ ପାରିବିନି । ତେବେ ବି ଗୁଣ୍ଡୁଚି ମୂଷା ଭଳି ପ୍ରୟାସ କରିବାକୁ ତ' ମନା ନାହିଁ । କେବେ ପଢ଼ିଥିଲି ପିଲାଦିନେ, କିଏ

Digitized by PPRACHIN, SOA

କହିଥିଲା ଯେ ମନେରଖିନି କିନ୍ତୁ କଥାଟା ମନେ ଅଛି-'ଏ ଘଣ୍ଟି ବାଜୁଥାଉ....ଦିନେ ନା ଦିନେ କାହା କାନରେ ତ ବାଜିବ....କିଏ ବି ଜଣେ ଚେତିବ ।' ସେଇ ମୋର ଲକ୍ଷ୍ୟ ତନିମା । ମୁଁ ସେଇ କାମ କରୁଛି-ଘଣ୍ଟାବଜାଳିର କାମ । ବିନା ପ୍ରତିବାଦରେ ସବୁ କଥାକୁ ମାନିନେବା, ପୁଣି ଅକଥାକୁ ଅକାର୍ଯ୍ୟଙ୍କୁ ମାନିନେବା ବ୍ୟକ୍ତିତ୍ୱହୀନ ପୌରୁଷର କାର୍ଯ୍ୟ ।' ତନିମା କିଛି କହିନଥିଲା । ହେଲେ ଗୋଷ୍ଠୀ ଗତ ଜୀବନର ସୁନ୍ଦର ପରିକଳ୍ପନା ନେଇ ଆପାର୍ଟମେଣ୍ଟକୁ ଆସିଥିବା ମନଟା ତାଙ୍କର ଭାଙ୍ଗି ଭାଙ୍ଗି ଯାଉଥିଲା ।

ନିର୍ଦ୍ଧାରିତ ସମୟରେ ଯୋଜନାନୁସାରେ କାର୍ଯ୍ୟକ୍ରମ ହେଲା । ବେଶ୍ ମୋଟା ରକମର ଚାନ୍ଦା ଆଦାୟ କରାଯାଇଥିଲା-ଚାରିଶହ ଟଙ୍କାର ନୋଟ ଅରୁଣସିଂ ହାତକୁ ଚାନ୍ଦା ବାବଦରେ ବଢ଼େଇ ଦେଲା ବେଳେ ତନିମା ଦେହରେ ମେଞ୍ଚାଏ ନାଗ ଫେଣିଆ କଣ୍ଟା ଫୋଡ଼ି ହେଇ ଯାଇଥିଲା । ବାପାଙ୍କ ଆଖିତ କପାଳକୁ ଉଠିଗଲା ।

କେହି କିନ୍ତୁ ଯାଇନଥିଲେ ପାର୍ଟିକୁ ।

ଫୁଲସଂଜର ଆବେଗମୟ ପରିବେଶ ଭିତରେ ଫ୍ଲଡ୍ ଲାଇଟ୍‌ର ବନ୍ୟାରେ ଗାଧୋଇ ହେଇ 'ପ୍ରଶାନ୍ତି ଟାୱାର'ଟା ଉଚାଟିତ ନାୟିକା ଭଳି ଉଦ୍‌ଫୁଲ୍ଲ ଦିଶୁଥିଲା ସଭାପରେ ସଂଗୀତର ଆସର ଜମି ଆସିଲା-ବୟସୀ ହେଉଥିଲା କୁମାରୀ ସଂଜ । ଆଧୁନିକା ଯୁବକ ଯୁବତୀ, ତରୁଣ ତରୁଣୀ ମାନେ ଫରମାଇସ୍ କରି ଚାଲିଥିଲେ କିସମ୍ କିସମ୍‌ର ଗୀତ ପାଇଁ । ଶାରୀରିକ ସୌନ୍ଦର୍ଯ୍ୟ ପ୍ରଜ୍ଞାପନ ପାଇଁ ବଛା ବଛା ପୋଷାକ ପିନ୍ଧି ବିଭିନ୍ନ ଅଙ୍ଗଭଙ୍ଗୀ କରି ଗୀତ ଗାଉଥିଲେ ତରୁଣ ତରୁଣୀ ମାଇକ୍ ଆଗରେ ଉଛନ୍ନ ହେଇ । ଅଣାୟତ୍ତ ଅବସ୍ଥା ।

ଏଣେ ଘର ଭିତରେ ବାପାବୋଉ ଅସ୍ଥିର ହେଇ ଉଠୁଥିଲେ । ଉପର ମହଲାରେ କାହାର କୁନିପିଲାଟିଏ ରାହା ଧରି କାନ୍ଦୁଥିଲା । କାନ୍ଥ ଘଣ୍ଟାରେ ଗୋଟାଏ ବାଜି ସାରିଥିଲା । ଚାରିଆଡେ ହୋ ହଲ୍ଲା, ମାଇକ୍ରୋଫୋନର ଗର୍ଜନ ଅତିକ୍ରାନ୍ତ ରାତିର ସକଳ ପ୍ରଶାନ୍ତିକୁ ପ୍ରହ୍ରଷିତ କରିଦେଉଥିଲା । ଅବିନାଶଙ୍କର ଧୈର୍ଯ୍ୟବନ୍ଧ ସୀମା ଟପିଲା ।

'ନାଃ ଆଉ ନୁହେଁ । ବାପା ବ୍ୟସ୍ତ ହେଉଛନ୍ତି ଖୁବ୍-ସେ ହାର୍ଟ ପେସେଣ୍ଟ । ପିଲାଟି ସେମିତି କାନ୍ଦୁଛି ବିରକ୍ତିରେ । ଆନନ୍ଦ ଉଲ୍ଲାସ ନାଁରେ ବିରକ୍ତି, ଘୃଣା, ରାଗ ବଢ଼ୁଛି କ୍ରମଶଃ । ୟାକୁ ରୋକିବାକୁ ହେବ....

ଟ୍ରାଉଜର ଉପରେ ସାର୍ଟ ଖଣ୍ଡକ ଗଳେଇ କବାଟ ଖୋଲିବାକୁ ଯାଉଛନ୍ତି, ତନିମା ହାତଧରି ଅଟକେଇଲା 'ମୁହୂର୍ତ୍ତେ ଅଟକିଯାଅ-ସମସ୍ତେ ନିଶାରେ ଝୁଲୁଝୁଲୁ ....କିଏ ଶୁଣିବ ତୁମକଥା...ଅନର୍ଥ ସୃଷ୍ଟି ହେବ...ପ୍ଲିଜ୍...।'

ନା, ଶୁଣିନଥିଲେ ସେ ତନିମାର ଅନୁରୋଧ-ବୋଉ ବି ପଛରୁ ଡ଼ାକୁଥିଲା । ଇଏ ଘଣ୍ଟେ ଦିଘଣ୍ଟାର କଥା ନୁ ହେଁ । ଆଜି ନଅଟକେଇଲେ କାଲି ଆଉଥରେ ହବ, ଅଧିକା

Digitized by PPRACHIN, SOA

ହବ । ନେଡ଼ିଗୁଡ କହୁଣୀକୁ ଛୋହି ସାରିଥିବ । ନଚେତେଇଲେ ଚେତା ପଶିବନି । ଝଡଭଳି ଓହ୍ଲେଇଗଲେ ତଳକୁ । ସିଧା ଡାଏସ୍ ଉପରକୁ ।

'ପ୍ଲିଜ୍ ବନ୍ଦ କରନ୍ତୁ ଏ ତାମ୍‌ସା । ଖିଆଲ ଅଛି ରାତି କେତେ ହେଲାଣି ?' ଭଲ ଲାଗୁଛି ଆପଣମାନଙ୍କୁ ଏଇ ଉଦଣ୍ଡ ନୃତ୍ୟ, ତାହା ପୁଣି ଝିଅ ବୋହୂଙ୍କ ସାମ୍‌ନାରେ...''

ନିଶାର ଝଙ୍କାରେ ଝୁମି ଆସୁଥିବା ମସଗୁଲଆସର ମୁହୂର୍ତ୍ତକରେ ଥମିଗଲା ସୁଇଚ୍ ଅଫ୍ କଲା ଭଳି । ସତେକି ଭୂମିକମ୍ପ ହେଇ ଦୋହଲି ଗଲା ସବୁକିଛି । ହଇଚଇ ଖେଳିଗଲା ତରୁଣୀ ମହଲରେ ।

''ଘୋର ଅପମାନ....ଭଦ୍ରମହିଳାଙ୍କୁ ଲୋକଟା ଅପମାନିତ କଲା...ଚମତ୍କାର ଗୀତ ଗାଉଥିଲେ ମିସେସ୍ ବୋଷ । ଓଃ କି ସାଂଘାତିକ ଲୋକଟା-କିଏ କେତେ ପ୍ରକାରେ ମନ୍ତବ୍ୟ କଲେ, ଟିପ୍ପଣୀ କାଟିଲେ ଘୃଣାରେ, କ୍ରୋଧରେ । ପ୍ରତିବାଦ ଜଣେଇଲେ...ଠିକ୍ ହେଲାନି-ଅଭଦ୍ରାମି ପାଇଁ କ୍ଷମା ମାଗନ୍ତୁ ଘଟଣା ଭିନ୍ନ ମୋଡ଼ ନେଲା । ଏତେବଡ଼ ଫଙ୍କସନଟା ବେଲୁନ୍ ଭଳି ଫୁଟ୍‌କି ଗଲା ।

ଅହଂକାରୀ ମଣିଷର ଅହଂରେ ବାଧା ପହଞ୍ଚିଲେ ସେ ଭୟଂକର ହୋଇଉଠେ । ତାହା ହିଁ ହେଲା, ସେଇ ମୁହୂର୍ତ୍ତରୁ ସୃଷ୍ଟି ହେଲା ଦୁଇଗୋଷ୍ଠୀ । ଜିଦ୍‌ଖୋର ମନଭାବ ବଢ଼ିଲା । କେହି କାହାକୁ ସହିପାରୁ ନଥିଲେ । ସମୂହ ସ୍ୱାର୍ଥ ବ୍ୟାହତ ହେଲା । ସବୁବେଳେ ଟେନ୍‌ସନ୍.....

କିଛି କରିପାରୁନଥିଲେ କିଏ, ସଜାଡ଼ିବାକୁ ଚେଷ୍ଟା କରି ସବୁ ଅସଜଡା ହେଇ ଗଲା । ବିମୂଢ଼ ଅବସ୍ଥାରେ ଗୋଟାଏ ଚରମ ସମୟକୁ ପ୍ରତୀକ୍ଷା କରିଥିଲେ ସତେକି । କ୍ଲବ ସକ୍ରିୟ ହୋଇ ଉଠିଲା । କ୍ରମଶଃ, ଭଡାଟିଆ ବଦଳୁଥିଲେ । ଆପାର୍ଟମେଣ୍ଟର ନୂଆ ଭଡ଼ାଟିଆ ପୂରଣ ଶର୍ମା ଏବଂ ନାଭାଲମାର୍ଚ୍ଚେଣ୍ଟରେ କାମ କରୁଥିବା ତାଙ୍କର ଦୁଇପୁଅ ରାଘବ ଓ ରମେଶଙ୍କୁ ନେଇ ଯେଉଁଦିନଠୁ ରହିବାକୁ ଆରମ୍ଭ କଲେ, ସେହିଦିନରୁ ନିତିରାତିରେ ଛୋଟ କାଟର ସବୁ ମହୋତ୍ସବ ମାନ ପାଳିତ ହେଲା । ବର୍ଷରେ ଦଶମାସ ସମୁଦ୍ର ଭିତରେ ଜାହାଜ ଯାତ୍ରାକରି ଦେଶପାଇଁ ଆଉ କିଛି ଆଗନ୍ତୁ ନଆଣନ୍ତୁ । ବୋଝ ବୋଝ ପଇସା ଆଉ ଗୁଡାଏ ଅପସଂସ୍କୃତି ବୋହି ଆଣୁଥିବା ରାଘବ ରମେଶ ତେଣିକି ଫେସନ ପ୍ୟାରେଡ଼ କିଟିପାର୍ଟି ଆଉ ଜୁଆଖେଳର ପ୍ରବର୍ତ୍ତନ ମଧ୍ୟ କରେଇଲେ । ପରିବେଶ ଅରୁଚିକର ହେଲା-ପ୍ରତ୍ୟେକ ସନ୍ଧ୍ୟା ଅଶାଳୀନ ହେଇ ଉଠିଲା । ରାତ୍ରି ନିଶାସକ୍ତ ହେଲା ।

ତାଙ୍କ ଭଳି କେଇଟା ଭଲ ମଣିଷ କେବଳ ନୀରବଦ୍ରଷ୍ଟା ହେଇ ରହିଗଲେ । ପୋଲିସ୍‌ର ସହାୟତା ମାଗିବାକୁ ଯାଇ ମଧ୍ୟ ସେ ହାରିଗଲେ । ନିଜେ ପୋଲିସ୍ ଅଫିସର୍ ମାନେ ଗୋଟାଏ ପ୍ରକାରର ଚୁକ୍ତାମଣା ନାଁରେ ପାର୍ଟିରେ ସାମିଲ ହେଲେ....ତାଙ୍କ ଓଠରେ ବି ଚକ୍‌ମକିଆ କାଚଗ୍ଲାସ୍ ସଂପର୍କର ବନ୍ଧନକୁ ଟାଣ କଲା ।

Digitized by PPRACHIN, SOA

ମହାନଗରରେ ଗଢ଼ିଉଠୁଥିବା ଏଇ ନୂଆଁ ଆପାର୍ଟମେଣ୍ଟ ସଭ୍ୟତାର ଆଁ ଭିତରକୁ ପଶିଆସିଥିବା ତାଙ୍କ ଭଳି କେତେ ମଣିଷ ସ୍ୱପ୍ନଭଙ୍ଗର ଯନ୍ତ୍ରଣାରେ ଛଟପଟ ହେଉଥିଲେ ।

କାନ୍ଥଘଣ୍ଟାରେ ଠନ୍‌ଠନ୍ ହୋଇ ଛ'ଟା ବାଜିଲା । ସଚେତନ ହେଲେ ସେ । ଆରେ ! ଏତେ ସମୟ ଧରି ସେ କେବଳ ଗୁଡାଏ ବାଜେ ଚିନ୍ତାକୁ ରିଭାଇଜ୍ କରୁଥିଲେ । ମୋଟେ ଭଲକଥା ନୁହେଁ । ଟିଃଭିଃଟା ଚାଲୁଥିଲା । ଡ୍ରମ୍ସ, କମ୍ୟୁନିଟି ହଲରୁ ପଶ୍ଚିମୀ ସଂଗୀତର ମୂର୍ଚ୍ଛନା ଭାସି ଆସୁଛି ହଠାତ୍ ଫୋନଟା ରିଂ ହେଲା । ଉଠିଗଲେ ଅବିନାଶ ଫୋନ୍ ପାଖକୁ । ତନିମାର ଫୋନ । ନବବର୍ଷର ଶୁଭେଚ୍ଛା ଜଣେଇବା ପାଇଁ ବାଂଧବୀ ଜଣକୁ ତନିମାକୁ ଖୋଜୁଥିଲେ ।

ଏ ଯାଏ ଜାହିଁକି ତନିମା ଫେରିଲାନି । କିଛି ଅସୁବିଧା ହୋଇନି ତ ଆଉ ଦୋଉ ବି ଅଟକେଇ ଦେଇଥାଇପାରେ । ଇନ୍ଦୁନାନୀ ଡାକୁଥିଲାକେତେକରି । ଯାଇଥିଲେ ଭଲ ହେଇଥାନ୍ତା କିଛି ନହେଲେ ରାଧାମାଧବଙ୍କ ବାସ୍ମାୟିତ ବେଢ଼ା ଭିତରେ ଦି' ପହରଟା ଶାନ୍ତିରେ କଟିଥାନ୍ତା ତ ! ଅକ୍ଷୟ ହେରିକା ରାଜି ହେଲେନି । କାଳେ ଦୀପାବଳୀ ପରଦିନ ଘଟଣାର ଯଦି ପୁନରାବୃତ୍ତି ଘଟେ । ଆମର କିଛି ନୈତିକ କର୍ତ୍ତବ୍ୟ ବି ଅଛି । ଏଇ ଟାୱାର ପାଇଁ । ଆପଣ ଥିଲେ ଆମର ସାହସ ବଢ଼ିବ ମୁକାବିଲା କରିବାକୁ ।'

ହୋଲି ଭୁତକୁ ଝାଡ଼ିବାକୁ ଯାଇ ଦିପାବଳୀର ବୁଢ଼ୀ ଅସୁରୁଣୀ କବଳରେ ପଡିଗଲେ ସେ । ଦୀପାବଳି ଦିନ ଯଦିଓ ବିଶେଷ କିଛି ଘଟଣା ଘଟି ନଥିଲା । ବାଣ, ଆଲୋକର ରୋଷଣୀ ଭିତରେ ଯେନତେନ ପ୍ରକାରେଣ ରାତିଟା ପାହିଯାଇଥିଲା । କିନ୍ତୁ ତା ପରଦିନ....ସଂଧ୍ୟାର ଘଟଣା ଘଟଣା ତ ନୁହେଁ ଦୁର୍ଘଟଣା କହିବାକୁ ହେବ । ଓଃ । ପୁଣି ମୁଣ୍ଡଟା ଜାମ୍ ହୋଇଗଲାଣି । ସବୁ ମନେ ଅଛି, କିଛି ଭୁଲି ହେଇନି-

ସେ'ଦିନ ଚାରିଟା ବେଳେ ଆପାର୍ଟମେଣ୍ଟର ପିଲାଏ ସ୍କୁଲ ବୟସର, ନିତିଦିନ ଭଳି ଛାତ ଉପରକୁ ଯାଇଥିଲେ ଖେଳିବା ପାଇଁ । ହଠାତ୍ ଫେରି ଆସି କହିଲେ- 'ଉପରେ ପାର୍ଟି ଚାଲିଛି' ।

ଧାଇଁ ଆସିଲା ଶୁଭେନ୍ । ସମସ୍ତେ ମିଶି ଘଟଣା ଜଣ ଜାଣିବାକୁ ଉପରକୁ ଗଲେ । ଯିଏ ମନ ଯେତେବେଳେ ପାର୍ଟି କରିବ ଇଏ କେମିତି କଥା-

ପାର୍ଟି ଚାଲିଥିଲା । ମୁକୁଳା ଆକାଶ ତଳେ । ମୁକୁଳା ମଣିଷ । ବନ୍ୟ ମଣିଷ । ଗୋଟିଏ ଦି'ଟା ହୁଇସ୍କି ବୋତଲଦି'ଟା ବିଅର ବୋତଲ ଗଡୁଥିବା କାଚଗ୍ଲାସ, ପ୍ଲେଟ ମାନଙ୍କରେ କିଛି ଚିକେନ ପକୋଡ଼ା । କଟା ପିଆଜ । ଗାଲିଚା ଉ ପରେ ତାସ୍ ପାଲି । ମିସେସ୍ ନାୟାର ଓ ମିସେସ୍ ବୋଷଙ୍କ ସାଥିରେ ଦିଜଣ ଅଜଣା ପୁରୁଷବଂଧୁ ଚେସ୍‌ଖେଳିବାରେ ବ୍ୟସ୍ତ । ପୂରଣ ଶର୍ମା ପୁଅ ଦୁହିଁଙ୍କୁ ନେଇ ଖୋଲା ଦେହରେ ତଳେ ଚଟାଣ ଉପରେ ଗଡୁଛନ୍ତି ମାତାଲ ଭଳି ଆକାଶକୁ ଚାହିଁ । ନବେନ୍ଦୁ ଓ ଶ୍ରୀ ବାସ୍ତବ ପତ୍ନୀ,

Digitized by PPRACHIN, SOA

ବେଣ୍ଡ୍ରାପାଳ ଏବଂ କୌଣସି ଜଣେ ନାରୀଙ୍କୁ ନେଇ ଅଣ୍ଟାରେ ହାତ ଘେରେଇ ପାଦରେ ପାଦ ମିଳେଇ ନାଚୁଛନ୍ତି । ଇଂଲସ୍ ମ୍ୟୁଜିକ୍ ବାଜୁଛି । ଡୁବନ୍ତି ସୂର୍ଯ୍ୟର ଗୋଲାପି ଆଭା ପରିବେଶକୁ ବେଶ୍ ରୋମାଣ୍ଟିକ୍ କରି ତୋଳିଛି ।

ଇଏ ସିନେମା ନୁହେଁ ସତ । ଆଖିରେ ଦେଖୁଥିଲେ ସମସ୍ତେ । ସେମାନଙ୍କ ଆତଙ୍କୁ କାହାର ନଜର ହିଁ ନଥିଲା । ହଠାତ୍ ଦିଲ୍ଲୀପ ଓହ୍ଲେଇଗଲା ତଳକୁ ଲିଫ୍‌ଟ୍ ଦେଇ ।

ତା ପରବର୍ତ୍ତୀ ଘଟଣା ଭାରି ଦୁଃଖଦ । ଲଜ୍ଜାକର ନିମିଷକରେ ସବୁ ଓଲଟ ପାଲଟ ହୋଇଗଲା । ପରିଣତି ପ୍ରତି କେହି ସଜାଗ ନଥିଲେ । କିଛି ଧସ୍ତାଧସ୍ତି, ଧମକ ଚମକ, ଅଶ୍ଳୀଳ ଗାଳିଗୁଲଜ, ଅସଭ୍ୟ ଚିତ୍କାର ଭିତରେ ଗୋଲାପୀ ସଂଜର ସେଇ ଝୁମାଲିଆ ନିଶା ଚିତ୍‌କାତ ହୋଇ ପଡିଲା । ପୁଲିସ୍ ଆସିଲା ହେଲେ ଟିକିଏ ଡେରିରେ । ସେତେବେଳକୁ ଛାତଟା ଖାଲି ପଡିଥିଲା । କିଏ କୋଉଠି ଯାଇ ଆତ୍ମଗୋପନ କରିଥିଲେ । ପରିସ୍ଥିତି ସମ୍ବେଦନଶୀଳ ହୋଇ ପଡିଲା ଆହୁରି । ସମସ୍ୟାର ସମାଧାନ ମୋଟେ କିଛି ହେଲାନି । ଏ ଯାଏ ବି କିଛି ହେଇ ପାରିନି ।

ସେଇମାନେ ଆଜି ନୂଆଁବର୍ଷ ପାଳନ କରୁଛନ୍ତି ସେଇ ଜିଦ୍‌ରେ । ମଣିଷ ଚରିତ୍ରଟା ହିଁ ସେମିତି । ହାର ମାନିବାକୁ ପ୍ରସ୍ତୁତ ନୁହେଁ । ସେଇଟା ତାର ଇଗୋ । ତାକୁ ପାୱାର ଆଉ ପ୍ରତିଷ୍ଠାର ପୃଷ୍ଠପୋଷକତାରେ ସାର୍ପ କରିବ ପଛେ, ଭାଙ୍ଗିବାକୁ ନେବନି ।

ଅବିନାଶ ଭାବିଲେ, ତନିମା ଠିକ୍ ହିଁ କହୁଥିଲା, ସମୟକୁ ତା ବାଟରେ ଯିବାକୁ ଦିଅ । ବୋହିଗଲା ପାଣିକୁ ରୋକିଲେ ଆଖପାଖ ଭାସିଯିବ ସିନା ଫଳ କିଛି ହେବନି ସମୟ ହିଁ ସଜାଡ଼ିବ ତା' ନିଜକୁ । କିଛି ସ୍ଥିର ନୁହେଁ...ଦେଖିବ ସୂଅର ତୋଡ଼ ଦିନେ କମିବ ନିଶ୍ଚେ ।

ତଳେ ବୋଧେ କିଏ ଫୁଲଝରିଟିଏ ଲଗେଇଲା । କାଚ୍‌ଝରକା ବାଟେ ଆଲୁଅର ରୋଷଣୀ ପଶିଆସି ଘରଟାକୁ ହାଲୋଳମୟ କରିଦେଲା । ବାଣର ରୋଷଣୀ ଆରମ୍ଭ ହୋଇ ଗଲାଣି ତାହ ହେଲେ ! ଉଚ୍ଛ୍ୱସିତ କୋଳାହଳ । ଅସରନ୍ତି ପ୍ରତ୍ୟାଶା ପ୍ରତିଶ୍ରୁତ ଭିତରୁ ମଡ୍‌ର୍ଣ୍ଣଷ୍ଟାଇଲ୍‌ରେ ନୂଆ ବର୍ଷକୁ ସ୍ୱାଗତ କରୁଛି ମଣିଷ । ସବୁ ସୁଖ, ସବୁ ଐଶ୍ୱର୍ଯ୍ୟ, ସଫଳତା ତକ ଯେମିତି ତାର ହେବ ! କେତେ ବୋକା ଏଇ ମଣିଷ !! ଶବ୍ଦ ଆଉ ଶବ୍ଦ ଶବ୍ଦର କୋଳାହଳ ଚାରିଆଡ଼େ । ଯିମିତି ଶବ୍ଦର ସୁମଦ୍ର ଭିତରେ ନୀରବତା ଆତ୍ମହତ୍ୟା କରିଛି ।

ତାହେଲେ କଣ ନିର୍ଜନତାକୁ ଡରୁଛି ମଣିଷ ? କାଳେ ଭିତରର ଚେହେରାଟା ଧରା ପଡ଼ିଯିବ ବୋଲି ? କେଜାଣି । ନ ହେଲେ ଏ ଶବ୍ଦର ଆସ୍ଫାଳନ କୋଳାହଳରେ ଘୋଡ଼ଣୀ କାହିଁକି ??

ସାରାଟା ଦିନର ଉତ୍ତେଜନା ଭିତରେ ଏକୁଟିଆ ଛଟପଟ ହୋଇ ତାଙ୍କର ସ୍ନାୟୁମାନେ କ୍ଳାନ୍ତ ହୋଇ ପଡୁଥିଲେ । ତଳେ ନାଚଗୀତର ଧୁମ୍ ଚାଲିଥିଲା, କିଏ ଗୋଟାଏ

Digitized by PPRACHIN, SOA

ଡ୍ରମ ବଜଉଛି । ମାତ୍ର କେଇଟା ମୁହୂର୍ତ୍ତ.....କେଲେଣ୍ଡରୀୟ ନବବର୍ଷ ପଦାର୍ପଣ କରିବ ଏଇ ମାଟିରେ....

ମନେ ପଡ଼ିଲା ତନିମା । ବିଚାରୀ କେତେ ମନ କରିଥିଲା । ପୁରୀ ଯିବ, ଅସ୍ଥିର ମନକୁ ସେ ସ୍ଥିର କରିବାକୁ ଚେଷ୍ଟା କରୁଥିଲେ । ତନିମା ବାରଂବାର କହିଯାଇଛି-ଅଯଥା ଚିନ୍ତା କରି ଟେନ୍‌ସନ୍‌କୁ ଡାକି ଆଣିବିନି-। ପ୍ରେସର୍ ବଢ଼ିଯିବ...' ଠିକ୍ କଥା ପିଲାଙ୍କ ମୁହଁ ମନେ ପକେଇବାକୁ ଲାଗିଲେ । ତଳେ ବର୍ଣ୍ଣ ଫାୟାର ପାଇଁ କାଠ ସଜଡ଼ା ହେବାର ଶବ୍ଦ ଶୁଭୁଛି । ବେକମୁଣ୍ଡା କଟକଟ ଡ଼ାକୁଥିଲା ଯନ୍ତ୍ରଣାରେ ।

ରିଲାକ୍ସଡ଼ ହେବାପାଇଁ ସେ ଖଟ ଉପରକୁ ଉଠି ଯାଉଥିଲେ ହଠାତ୍ ଗୁଡାଏ ବାଣ ଫୁଟି ଉଠିଲା ଢ଼ୋ ଢ଼ୋ ହୋଇ-ବୋଧେ ଆସିଗଲା ନବ ସମ୍ବତ୍ସର ।

କେମିତି ତାର ରୂପ କେଜାଣି । ଆଗାମୀ ଦିନମାନଙ୍କ ପାଇଁ କଣ ଆଣିଛି ସାଥିରେ ?

ଶବ୍ଦରେ ଅତଡ଼ା ପଡିଯାଉଥିଲା କାନ । ହାତଦେଇ ସେ ବନ୍ଦ କରିବାକୁ ଯାଉଥିଲେ କାନକୁ । ଫାଟିଯିବ ପରଦା ନ ହେଲେ ଫୋନ୍‌ଟା ପୁଣି ବାଜି ଉଠିଲା । କ୍ରିଂ କ୍ରିଂ ହୋଇ ।

ରିସିଭର ଉଠେଇଲେ ବ୍ୟସ୍ତ ହୋଇ-''ହାପି ନ୍ୟୁଇୟର ବାପା'' ସେପଟୁ ମିଠୁ ଟୁଟୁଙ୍କର ମିଳିତ କଣ୍ଠର କୋରସ୍ ଆଃ !! ମୁହୂର୍ତ୍ତକ ପାଇଁ ସବୁ ଟେନ୍‌ସନ୍ ଭୁଲିଗଲେ ଅବିନାଶ ମନେହେଲା ସେ ଫୁଲଭଳି ହାଲୁକା ହୋଇଯାଉଛନ୍ତି ।

□□□

Digitized by PPRACHIN, SOA

ଆନି ଥୋମାସ୍

ରାଜରାଣୀ ଆଉ ଆୟାଙ୍କ ଅଦଉତିରେ ଅତିଷ୍ଠ ହୋଇ ସୁତପା କିଛିଦିନ ହେଲା ମନସ୍ଥ କଲାଣି, ନିପୁକୁ ଏଥର ଯେକୌଣସି ପ୍ରକାରେ ହଉ ନର୍ସରି ରେ ହିଁ ଛାଡ଼ିବ । ଆଉ ଉପାୟ୍ ନାହିଁ । ଲତା'ମାଁ ଟା ଥିଲା ଥିଲା ବୋଲି କିଛି ଅସୁବିଧା ହେଉ ନଥିଲା । ନିପୁର ସବୁ ଯତ୍ନ ସେ ନେଉଥିଲା । ନିଶ୍ଚିନ୍ତରେ ସେ ଘଣ୍ଟା ଘଣ୍ଟା ଧରି କଲେଜରେ ରହିଯାଇପାରୁଥିଲା । ନିପୁ ଦିମାସର ହୋଇଥିଲା ସେ ଆସିଥିଲା । ରୋଗିଣା ହୋଇଗଲା ବିଚାରୀ । ଚାଲିଗଲା ଝିଅପାଖକୁ । ଭାରି ମନକଷ୍ଟ କରିଥିଲା ଗଲାବେଳକୁ । ନିପୁ ବି ତାକୁ ଖୋଜିଲା ଅନେକ ଦିନ ପର୍ଯ୍ୟନ୍ତ ।

ବାଧ୍ୟହୋଇ ଗାଁରୁ ବୋଉ ଆସିଲା । ଦି' ତିନିମାସ ଚଳେଇଲା ବୋଉ । ହେଲେ ଘରେ ବୁଢ଼ା ବାପା, ଅଚଳ ଅବସ୍ଥା, ଚାଲିଗଲା ଅଗତ୍ୟା । ତାପରଠୁ ତିନି ତିନିଜଣ ସ୍ତ୍ରୀ ଲୋକକୁ ସେ ରଖିଲାଣି । କେହି ନିପୁକୁ ଆରେଇଲେ ନାହିଁ । କାହା କାମ ପସନ୍ଦ ହେଲାନି । ନିଜେ ଛୁଟିରେ ରହିଲାଣି ମାସେ ହେଲା କେତେଦିନ ଆଉ ଛୁଟିରେ ରହିବ...। ଗଲା ମାସଠୁ ନିପୁକୁ ତିନି ପଶିଲା । ନାଃ ଏଥର କିଛି ଗୋଟାଏ ସ୍ଥାୟୀ ବ୍ୟବସ୍ଥା କରିବାକୁ ପଡ଼ିବ । ସୁଖେନ୍ଦୁଙ୍କର ମୁହୂର୍ତ୍ତେ ଫୁରସତ୍ ନାହିଁ । ତାଙ୍କ ଡାକ୍ତରଖାନା ଆଉ ରୋଗୀ ନେଇ ବ୍ୟସ୍ତ...ତାକୁ ହିଁ କିଛି କରିବାକୁ ପଡ଼ିବ....।

ନିପୁର ଜାମା ସିଲେଇ କରୁ କରୁ ତାର ନିଳୀମା କଥା ମନେ ପଡ଼ିଲା । ସେ ଦିନ ସଂଧ୍ୟାରେ ନୀଳିମା 'କିଡ଼ସ ହାଉସ୍' ନର୍ସରି କଥା କହୁଥିଲା । କଲେଜ ଯିବା ରାସ୍ତାରେ ଟିକିଏ ଡାହାଣ ମୋଡ଼ିଲେ ନର୍ସରିଟା । ଛୋଟିଆ ଅନୁଷ୍ଠାନଟିଏ । ମାତ୍ର ଚାରି ପାଞ୍ଚ ଜଣ ବେବିସିଟର, ଆଉ ଜଣେ ଦିଜଣ କର୍ମଚାରୀଙ୍କୁ ନେଇ ଭଦ୍ରମହିଳା ଅନୁଷ୍ଠାନଟିକୁ ଚଳେଇଛନ୍ତି । ତେଣୁ ଖୁବ୍‌କମ୍ ପିଲାଙ୍କୁ ସେମାନେ ବାଛି ନିଅନ୍ତି । ସକାଳୁ ସଂଜଯାଏ ସେମାନେ ପିଲାଙ୍କୁ ରଖିବାର ବ୍ୟବସ୍ଥା କରିଛନ୍ତି । କିଛି ଅସୁବିଧା ହୁଅନ୍ତାନି, କଲେଜ ଗଲାବେଳେ ନିପୁକୁ ଛାଡି ପୁରି କଲେଜ ଫେରନ୍ତି ନେଇ ଆସନ୍ତା ।

ନିଳିମା କହୁଥିଲା, ଚମତ୍କାର ମଣିଷ ସେଇ ଭଦ୍ର ମହିଳା । ଅତ୍ୟନ୍ତ ସ୍ନେହପ୍ରବଣ । ହେଲେ କଣ ହେବ । ପ୍ରଥମେ ସୁଖେନ୍ଦୁ ରାଜି ହେବା ଦରକାର । ତାପରେ କର୍ତ୍ତୃପକ୍ଷ...।

Digitized by PPRACHIN, SOA

ଦେଖାଯାଉ, ସୁଖେନ୍ଦୁ ଡାକ୍ତରଖାନାରୁ ଫେରିଲେ ଏ ବିଷୟରେ କଥାବର୍ତ୍ତା କରିବ ବୋଲି ମନେ ମନେ ସ୍ଥିର ନିଶ୍ଚିତ କଲା ସୁତପା ।

ସେଦିନ ରାତିରେ ସୁଖେନ୍ଦୁ ଡାକ୍ତରଖାନାରୁ ଫେରିଲା ପରେ ସୁତପା ନିଲିମା କଥା କହିଲା । ସବୁ ଶୁଣେଲେ ସୁଖେନ୍ଦୁ କହିଲେ ''ତା ହେଲେ ତୁମେ ନିଜେ ଥରେ ଦେଖିଆସ । ତମ ମନ ବୁଝିଲେ ଦିନେ ଯାଇ ନିପୁର ଆଡମିସନ୍ କରି ଆସିବ ।'

ନା ତମେ ବି ଚାଲ । ଭଲ ଲାଗିଲେ ସେଇଠି 'ସେମାନଙ୍କ ସହିତ କଥାବର୍ତ୍ତା କରିଆସିବା; ଆଉ ଡେରି କାହିଁକି, ମୋ ଛୁଟି ସରି ଆସୁଛି ଯେ-ସୁତପା କହିଲା

ତାପର ଦିନ ସକାଳୁ ଡାକ୍ତରଖାନା ଯିବା ପୂର୍ବରୁ ସୁଖେନ୍ଦୁ ଓ ସୁତପା ନିପୁକୁ ନେଇ ଟିକିଏ ଶୀଘ୍ର ହିଁ 'କିଡସ୍ ହାଉସ୍' ରେ ପହଞ୍ଚିଲେ । ଆଗରୁ ଆପୟେଣ୍ଟ୍ ମେଣ୍ଟ ନଥିଲା । ତଥାପି ସେମାନଙ୍କୁ ଦେଖିବାମାତ୍ରେ ଜଣେ ପୁରୁଷ କର୍ମଚାରୀ ଗେଟ୍‌ପାଖରୁ ହିଁ ଭିତରକୁ ଡାକି ନେଇଗଲା ।

ଖୁବ୍ ବେଶି ବଡ ନ ହେଲେ ବି ଆପାତତଃ ବଡ ଆଉ ଲମ୍ବା ଗୋଟିଏ କୋଠରୀ ସଂଲଗ୍ନ ଛୋଟିଆ ବର୍ଗାକାର କକ୍ଷ, ବୋଧହୁଏ ଅଫିସ୍ ହେବ । ଟେବୁଲଟିଏ ତାକୁ କେନ୍ଦ୍ରକରି ଚାରି ପାଞ୍ଚୋଟି ଚଉକି । ପାଖକେ ଆଲମାରିଟିଏ ଏବଂ ଛୋଟ ଗୋଟିଏ ସେଲଫ । କେତୋଟି ବହି ଆଉ ଦି' ତିନୋଟି ଫାଇଲ୍ । ସୁଖେନ୍ଦୁ, ସୁତପାକୁ ବସେଇ କର୍ମଚାରୀ ଜଣକ ଘର ଭିତରକୁ ଚାଲିଗଲା ଖବର ପହଞ୍ଚେଇ ଦେବାପାଇଁ ।

ସୁତପାର ଆଖି ଚାରିଆଡେ ପହଁରିଯାଉଥିଲା । ସେଇ ଲମ୍ବା କୋଠରୀଟିରେ ବାଘ, ଭାଲୁ ହାତୀ ଇତ୍ୟାଦିର ମୁଖା କେଇଟା ଆଉ ବିଭିନ୍ନ ପ୍ରକାରର କିଛି ଖେଳଣା ସଜଡା ହୋଇ ଥୁଆହେଇଛି । ତିନିଚାରିଟା କ୍ରେଡଲ କାନ୍ଥକୁ ଆଉଜି ଥକାମାରୁଛନ୍ତି, ଟିକିଏ ପରେ ହୁଏତ ନାନାବାୟା ଗୀତଗାଇ ଅବୋଧ ଶିଶୁକୁ ଝୁଲେଇବେ ଝୁଲି ଝୁଲି । କିଛି ସଫା ନାପକିନ୍ ଚଉଡା ହୋଇ ଥୁଆ ହୋଇଛି କାନ୍ଥରେ ଚମତକାର ତୈଳଚିତ୍ର ମଦର ମେରୀଙ୍କର । ପାଖକୁ ଲାଗି କ୍ରୁଶବିଦ୍ଧ ଯିଶୁଙ୍କର କ୍ଷମାଶୀଳ ମାର୍ବଲ ମୂର୍ତ୍ତି । ସୁତପାର ଆଖି ସତକୁସତ ବାନ୍ଧିହୋଇଗଲା ମୁହୂର୍ତ୍ତକ ପାଇଁ । ରୁଚିଶୀଳ ସଂଭ୍ରାନ୍ତ ପରିବେଶ । ସୁଖେନ୍ଦୁଙ୍କୁ ବି ଭଲ ଲାଗୁଥିଲା । ନିଜ ଭିତରେ ପରିବେଶର ରୁଚିଶୀଳତାକୁ ନିଶବ୍ଦରେ ସେ ପିଇ ଯାଉଥିଲେ । ହଠାତ୍ ତାଙ୍କ ଦୃଷ୍ଟି, ବସିଥିବା ଗୋଟାଏ କୋଣରେ ରଖାଯାଇଥିବା ଫୋଟ ଉପରେ ଅଟକିଗଲା । ସୁଟ୍ ପରିହିତ ସୁନ୍ଦର ଯୁବକର ଆବକ୍ଷଚିତ୍ର । ତଳେ କାଚଷ୍ଟାଣ୍ଡ ଉପରେ ଜେଣ୍ଡଲଟିଏ ଓ ସଦ୍ୟ ବଗିଚାରୁ ତୋଳା ହୋଇ ଆସିଥିବା ଲାଲଗୋଲାପ ଫୁଲ । ଚିହ୍ନା ଚିହ୍ନା ଲାଗିଲା । ଫୋଟରେ ଥିବା ଏଇ ମଣିଷଟିକୁ ସେ କେଉଁଠି ଦେଖିଛନ୍ତିତ... ହଠାତ୍ ମନେ ପକେଇ ପାରୁନଥିଲେ । ଘର ଭିତରୁ ପରିଚାରିକା ଟ୍ରେ'ରେ ଚାହା ଆଣି ଟେବୁଲ ଉପରେ ଥୋଇଲା । ଚାଲିଗଲା । ଚଗଲା ନିପୁର ଅନିସନ୍ଧିତ୍ସୁ ଆଖି ଖେଳଣା

Digitized by PPRACHIN, SOA

ଆଉ ମୁଖା ଗୁଡିକୁ ଆଡ଼େ ଧାଇଁବା ଦେଖି ସୁତପା ନିପୁଣ୍ଣକୁ ନେଇଁ ଥୁଆ ହୋଇଥିବା ମୁଖା ଗୁଡ଼ାକୁ ଦେଖାଇବାରେ ଲାଗିଲା । ସୁଖେନ୍ଦୁ ନିବିଷ୍ଟ ମନରେ ଭାବିଚାଲିଥିଲେ । ଭାବନାର ଜୁଆରରେ କ୍ରମଶଃ ସେ ପଛକୁ ଟାଣି ହୋଇ ଯାଇଥିଲେ । ଗୋଟି ଗୋଟି ହୋଇ ଚିହ୍ନା ମଣିଷ ମାନଙ୍କ ମୁହଁସବୁ ମନେ ପଡିଯାଉଥିଲା । ହଠାତ୍ ସ୍ମୃତିର ପଟୁଆର ଭିତରୁ ଝାପସା ହୋଇ ମୁହଁଟିଏ ଦିଶି ଗଲା । ନିଜ ଭିତରେ ସେ ଚମକି ଉଠିଲେ...ଆରେ । ଇୟେ ତ ଇପେନ୍ ଥୋମାସ । ପଟୁଆର ଅଟକିଗଲା । ସତେଯେମିତି ପଟୁଆର ଭିତରୁ ଯୁବକ ଇପେନ୍ ବାହାରି ଆସି ଫ୍ରେମ୍ ତଳୁ କଥା କହିଲା "ୟେସ୍ ଡକ୍ଟର ଆଇଆମ୍ ଇପେନ୍...ଇପେନ୍ ଥୋମାସ..."।

ଆଃ କି ସୁନ୍ଦର ଆଉ ସ୍ନିଗ୍ଧ ଚେହେରା ଥିଲା ଇପେନ୍‌ର । ଲୋଭନୀୟ ସତରେ ଦେଖିଲେ ପେଟପୁରିଯିବ । ନାମୀ ଔଷଧ କଂପାନୀର ମେଡ଼ିକାଲ ରିପ୍ରେଜେଣ୍ଟିଟିଭ । ବାଇଶ ବର୍ଷର ଯୁବକ । କଳା ମୁଗୁନି ପଥର ଭଳି ବ୍ଳିଲା ବଳିଲା ପୁରୁଷାଳି ଚେହେରା । ମୁଣ୍ଡରେ ଲହଡ଼ି ଭଳି ବାଳ । ଲମ୍ବା ଧାରୁଆ ନାକ ସାଙ୍ଗକୁ ନିଶ ପଟକ ବେଶ୍‌ମାନେ ସେ ମୁହଁକୁ । ବଡ ବଡ ଭସାଣିଆ ଆଖିଦିଟା ଅନ୍ୟକୁ ସମ୍ମୋହିତ କଲାଭଳି ସବୁବେଳେ ସାହେବୀ ପୋଷାକ । ଅନର୍ଗଳ ଇଂରେଜି କୁହେ । ତା କଂପାନିର ଔଷଧ ମାନଙ୍କ ସହିତ ପରିଚୟ କରାଇଦେଲାବେଳେ, କେବଳ ଡାକ୍ତର ନୁହେଁ, ଯେ କେହି ଲୋକ ତାର କହିବା ଠାଣି ଆଉ ବ୍ୟବହାରରେ ମୁଗ୍ଧ ହୋଇଯିବ । ଭେରି ପୋଲାଏଟ୍ ପ୍ଲିଜିଂ ମେନରସ୍ । ସେଇଠୁ ହିଁ ତା ସହିତ ପରିଚୟର ସୂତ୍ରପାତ । ପୁଣି ଦୁହେଁ ମଧ୍ୟ ଏକା ଗାଁର । ଏହି ସୂତ୍ରରେ ଅନେକଥର ଇପେନ୍ ସହିତ ଦେଖାସାକ୍ଷାତ ହୋଇଛି କଟକ ମେଡିକାଲ କଲେଜରେ ଏବଂ ଖୋର୍ଦ୍ଧାରୋଡ ଫେରନ୍ତି ଟ୍ରେନ୍‌ରେ । ସେମାନେ ଖୋର୍ଦ୍ଧାରୋଡ୍‌ରେ ରହୁଥିଲେ । ବାପା ଆଂଗ୍ଲୋଇଣ୍ଡିଆନ୍ । ରେଲୱେ କର୍ମଚାରୀ, ରନିଂଷ୍ଟାଫ୍, ଦୁର୍ଘଟଣାରେ ମରିଯାଇଥିଲେ । ମା ଆନି ଥୋମାସ୍ କେରଲୀ, ସାବନା ରଂଗ....ସୁନ୍ଦର ଗଠନ, ଦେଖିବାକୁ କିଛିଟା ଇପେନ୍ ଭଳି । ଘରେ ସେମାନେ ଇଂରେଜିରେ କଥାବାର୍ତ୍ତା କରୁଥିଲେ କିନ୍ତୁ ଆଂଗ୍ଲୋଇଣ୍ଡିଆନ୍ ଲେଡ଼ିଙ୍କ ଭଳି ଆନି ଥୋମାସ୍ ଗାଉନ୍ ନ ପିନ୍ଧି ଶାଢ଼ୀ ପିନ୍ଧୁଥିଲେ । ଇପେନ୍ ତାଙ୍କର ଏକମାତ୍ର ସନ୍ତାନ ଥିଲା ।

ପୋଷ୍ଟ ଗ୍ରାଜୁଏଟର ଶେଷବର୍ଷ ତାଙ୍କର । ଡିଉଟି ସାରି ଆସି ହଷ୍ଟେଲରେ ମୁହଁ ହାତ ଧୋଉଛନ୍ତି ସେଦିନ ସନ୍ଧ୍ୟାରେ । ଜଣେ ଡାକ୍ତର ବଂଧୁ ବ୍ୟସ୍ତ ହୋଇ ଆସି କହିଲେ, ଇପେନ୍ ଥୋମାସ୍‌ର ଆକ୍ସିଡେଣ୍ଟ ହୋଇଯାଇଛି । ହେଡ୍ ଇନ୍‌ଜୁରି । ଅନ୍‌କନ୍‌ସସ୍ ଅଛି । ସେ ଆଉ କିଛି ନଭାବି ଧାଇଁଯାଇଥିଲେ ଇଣ୍ଟେନ୍‌ସିଭକୁ ତାକୁଦେଖିବା ପାଇଁ କିନ୍ତୁ ସେତେବେଳକୁସେ ଓଟିକୁ ଚାଲିଯାଇଥିଲା ।

ତାଙ୍କର ଠିକ୍ ମନେ ଅଛି । ସେ ଦିନ ରାତିରେ ସେ ଖାଇପାରି ନଥିଲେ । ପଢ଼ାରେ ମନ ଲାଗିନଥିଲା । ତାପରେ ଦୀର୍ଘ ତିନିମାସ । ଇପେନ୍ ଇଣ୍ଟେନ୍ ସିଭ୍‌ରୁ ଜେନେରାଲ

Digitized by PPRACHIN, SOA

ୱାର୍ଡକୁ ଫେରିଲା । ଇପେନ୍ ବଞ୍ଚିଥିଲା ସତ ହେଲେ ମୃତପ୍ରାୟ । କେବଳ ନିଶ୍ୱାସ ପ୍ରଶ୍ୱାସ ନେଉଥିଲା । ଇପେନ୍‌କୁ ଦେଖି ସେ ଚିହ୍ନି ପାରି ନଥିଲେ । ବାଇଶ ବର୍ଷ ଇପେନ୍ ବାସ୍ତରି ବର୍ଷର ବୁଢ଼ା ଭଳି ଦିଶୁଥିଲା ଲଣ୍ଡା ମୁଣ୍ଡ, ଢ଼େଗା ଢ଼େଗା ଆଖିର ଅର୍ଥହୀନ ଚାହାଣୀ, କଙ୍କାଳସାର ଶରୀର । ତାହା ବି ପାରାଲାଇଜଡ୍, ଅଚଳ । ତଟସ୍ଥ ହୋଇ ଯାଇଥିଲେ । ମଣିଷର ଏଇ ରୂପକୁ ସତେକି ସେ ନୂଆ କରି ଦେଖୁଛନ୍ତି । ସାମ୍‌ନାର ପ୍ରାଣୋଜ୍ଜ୍ୱଳ ଜୀବନଟା ମିଛ ମନେ ହୋଇଥିଲା ସେଇ ମୁହୂର୍ତ୍ତରେ । ଫୁର୍ତ୍ତି ହଜିଗଲା । ଫାଙ୍କା ଲାଗିଲା ସବୁ । ଫିକା ପଡ଼ି ଆସିଥିଲା ସ୍ୱପ୍ନ । ଅନେକ ସମୟ ପରେ ଅବଶ୍ୟ ସ୍ଥାଣୁତ୍ୱ କଟିଲା । ସେ ଇପେନ୍ ବେଡ୍ ପାଖକୁ ଯାଇ ଅତି ସ୍ନେହରେ ତା କପାଳରେ ହାତ ବୁଲେଇ ଡାକିଲେ-"ହାଲୋ ଇପେନ୍" ।

ଡାକଶୁଣି ସତେକି ଅଶିତ ବର୍ଷର ବୁଢ଼ାଟିଏ ବହୁ କଷ୍ଟରେ ଆଖିମେଲି ଶୂନ୍ୟକୁ ଚାହିଁଲା । ଏବଂ ଓଠଟା ଟିକିଏ ଥରିଗଲା । ବାସ୍ ସେତିକି ତାର ପ୍ରୋଗ୍ରେସ୍ । ସେଇ ଅବସ୍ଥାରେ ସେ ଆହୁରି ଦଶମାସ ସେଇ କମନ୍‌ୱାର୍ଡରେ ରହିଥିଲା । ପ୍ରାୟ ସବୁଦିନ ସେ ୱାର୍ଡରାଉଣ୍ଡ କଲାବେଳେ ତାକୁ ଦେଖୁଥିଲେ । ଦେଖୁଥିଲେ...ବିକଶି ଆସୁଥିବା ଉନ୍ମୁଖ ଜୀବନଟିଏ କେମିତି କ୍ରମଶଃ ବିଲୟ ଭଜୁଛି । ଜୀବନକୁ ଛୁଇଁବା ଆଗରୁ ଜୀବନ ତାକୁ ଠକି ଦେଇଛି । ବେଳେ ବେଳେ ମନେହୁଏ ସମୟଟା ସ୍ଥିର ହୋଇଯାଇଛି । କାମରେ ମନ ଲାଗେନି । ଉଦାସର ପାହାଡ ମାଡ଼ି ପଡେ ସତେ ଯେମିତି । ଆନେକ ଦିନ ପର୍ଯ୍ୟନ୍ତ ତାଙ୍କ ଭିତରେ ଏ ପ୍ରକାର ଭାବାନ୍ତର ସୃଷ୍ଟି ହୋଇଥିଲା ।

ଅଥଚ....ଆନିଥୋମାସ୍, ଯିଏ ଦିନ ଦିନ ଧରି ଇପେନ୍‌ର ଶଯ୍ୟା ଧାରରେ ସ୍ଥିର ଏବଂ ନିରୁଦ୍‌ବିଗ୍ନ ଭାବେ ଠିଆ ହୋଇ ନିର୍ବାଣମୁଖୀ ଦୀପଶିଖାକୁ ପ୍ରଜ୍ୱଳିତ ରଖିବାର ନିରବଧି ପ୍ରୟାସରେ ମଗ୍ନ ଥିଲେ....।

ବାସ୍ତବିକ ଆନି ଥୋମାସ୍ ତାଙ୍କ ଆଖିରେ ଏକ ବିସ୍ମୟକର ଚରିତ୍ର । ଇପେନ୍ କଥା ମନେପଡିଲେ ଆପଣାଛାଏଁ ମିସେସ୍ ଆନିଥୋମାସ୍‌ଙ୍କ କଥା ମନେପଡ଼ିଯାଏ । ତାଙ୍କ ପ୍ରଶାନ୍ତ ନିର୍ବିକାର ଅବିଚଳିତ କଲ୍ୟାଣମୟୀ ଜନନୀର ଚିତ୍ର ସ୍ମୃତି ପଟରେ ଭାସି ଉଠି ଅନ୍ତରର କୋଣ ଅନୁକୋଣକୁ ଉଦ୍‌ଭାସିତ କରିଦିଏ । ଆପେ ଆପେ ମୁଣ୍ଡ ନଇଁ ଆସେ ସେଇ ରକ୍ତମାଂସର ସାଧାରଣ ମାଁର ଅସାଧାରଣ ଶକ୍ତି ଆଗରେ । ଆନି ଥୋମାସ୍ ଏଭଳି ଗୋଟାଏ ମାଁ ଯାହା ମୁହଁରେ ଏତେ ଦୁଃଖରେ ବି ଦିନେ କେବେ ବିଷର୍ଣ୍ଣତା ଅଥବା ଅସହାୟତାର ଛାଇଟିକିଏ ସେ ଦେଖିନାହାନ୍ତି । ଅସୀମ ଧୈର୍ଯ୍ୟ ଆଉ ସହିଷ୍ଣୁତାର ଜ୍ୱଳନ୍ତ ଉଦାହାରଣ ।

ବୟସ ପଚାଶରୁ କିଛି ଅଧିକା ହୋଇଥିବ । କପାଳ ପାଖରେ ବାଳଟିକିଏ ଟିକିଏ ଧଳା ହୋଇଆସୁଥାଏ । ପରିଛଦ ଭିତରେ ଧଳାଶାଢ଼ୀ ଖଣ୍ଡେ । ଇପେନ୍‌କୁ ଦେଖିବାପାଇଁ

Digitized by PPRACHIN, SOA

ଅନେକ ବନ୍ଧୁ ବାନ୍ଧବ ଆସନ୍ତି । ହାତରେ ଫୁଲତୋଡା ଧରି । ଫୁଲ ତୋଡା ଥୋଇ ପ୍ରେ' କରନ୍ତି । କାଳ୍ପନିକ କ୍ରସ୍‌ର କଳ୍ପନା କରି ତାଙ୍କ ହାତ ସବୁ ଅଭ୍ୟସ୍ତ ଢ଼ଙ୍ଗରେ ମୁଣ୍ଡରୁ ଛାତିକୁ ଓ ଡାହାଣ କାନ୍ଧରୁ ବାମ କାନ୍ଧକୁ ଛୁଇଁ ହୋଇଯାଏ ନୀରବରେ ମୁହୂର୍ତ୍ତେ ବସନ୍ତି । ବ୍ୟସ୍ତ ବିବ୍ରତ କିମ୍ବା ଆହା ଚୁଚୁ କିଛି ନାହିଁ । ସମସ୍ତଙ୍କ ସ ହିତ ସଂଜତ ଅଥଚ ପ୍ରୀତିପୂର୍ଣ୍ଣ ବ୍ୟବହାର । ସତେ ଯେମିତି କିଛି ଘଟିନି । କୌଣସି ପ୍ରତିକ୍ରିୟା ନାହିଁ । ପଥର ପ୍ରତିମା । ଆଶ୍ଚର୍ଯ୍ୟ ଲାଗେ । ବିସ୍ମୟାଭିଭୂତ ହୋଇ ସେ ମାସ ମାସ ଧରି ଲକ୍ଷ୍ୟ କରିଛନ୍ତି ମିସେସ୍ ଥୋମାସ୍‌ଙ୍କୁ କେମିତି, କେମିତି ସମ୍ଭବ !! ଅନ୍ୟସବୁ ରୋଗୀଙ୍କ ପରିଚର୍ଯ୍ୟା କାରୀମାନେ କାରୁଣ୍ୟର ଲହଡ଼ିରେ ଭାଙ୍ଗି ପଡ଼ିବା ସେ ଦେଖିଛନ୍ତି । ବ୍ୟାକୁଳତା ଲକ୍ଷ୍ୟ କରିଛନ୍ତି । ରୋଗୀ ଆଉ ରୋଗ ସଂପର୍କରେ ଅହରହ ବହୁ ଅବାଞ୍ଛିତ ପ୍ରଶ୍ନବାଚୀରେ ସେ ବ୍ୟସ୍ତ ହୋଇ ପଡିଛନ୍ତି ଅଥଚ.... ସେଇଠି ସେଇ ମଣିଷ ମାନଙ୍କ ଗହଳରେ ଥାଇବି ମସେସ୍ ଥୋମାସଙ୍କର କୌଣସି ପ୍ରତିକ୍ରିୟା ନାହିଁ । ତାଙ୍କର ସେଇ ଶାନ୍ତ ଅଥଚ ଶୀତଳ ମାତୃତ୍ୱର ଅନ୍ତରାଳରେ ଗୋଟିଏ ବିକଳ ବିଧ୍ୱସ୍ତ ଗର୍ଭଧାରିଣୀ ମାଁ କୁ ଦେଖିବା ପାଇଁ ସେ ନିତିଦିନ କମ୍ ପ୍ରୟାସ କରିନଥିଲେ । ତଥାପି.....କଣ ପାରିଲେ ?

ଦିନୁ ଦିନ ଶ୍ରୀହିନ ହୋଇପଡୁଥିବା ପୁଅର ରୁକ୍ଷ ମୁହଁକୁ ପ୍ରତ୍ୟେକ ସକାଳୁ ନିର୍ମଳଭାବେ ସେଭ୍ କରିବାଠୁ ସ୍କିନ୍ ଟଣା ରୁମ୍‌ଟିକୁ ସଫା କରିବାଭିତରେ ଫୁଲଦାନୀରେ ସଜଫୁଲର ତୋଡାଟିଏ ରଖି ପରଫ୍ୟୁମ ସ୍ପ୍ରେ କରିବା, ଇପେନ୍‌କୁ ଗାଧେଇ ଦିନରେ ପାଇଜାମା ରାତିରେ ନାଇଟ୍‌ସୁଟ ପିନ୍ଧେଇ ଦେବା, ଏବଂ ସମୟମାପରେ ଖୁଆଇ ପିଆଇବା.... କୌଣସି ପରିଚର୍ଯ୍ୟାରେ କିଛି ବି ଭୁଲ୍ ହୁଏନି ମିସେସ୍ ଥୋମାସ୍‌ଙ୍କର । ସତେ ଯେମିତି ସେ ତପସ୍ୟାରତ ଅଛନ୍ତି । କାହାପାଇଁ ତାଙ୍କର କିଛି ପ୍ରଶ୍ନ କିଂବା ଅଭିଯୋଗ କିଛି ନାହିଁ । କେବଳ ଅନ୍ତହୀନ ପ୍ରତୀକ୍ଷା । ସମୁଦ୍ର ଭଳି ଗଭୀର ତାର ଉପଲବ୍‌ଧି । ସାଧାରଣ ମଣିଷର ଚିନ୍ତାର ବାହାରେ ।

ସେ ଆଉ ନିଜ କୌତୁହଳକୁ ଚାପିପାରିନଥିଲେ ଦିନେ ୱାର୍ଡ ରାଉଣ୍ଡ କରିବା ଅବସରରେ ପଚାରିଥିଲେ ତାର ରହସ୍ୟ । ''ଯଦି କିଛି ମନେ ନକରନ୍ତି ତା' ହେଲେ ମୁଁ ଆପଣଙ୍କୁ ଗୋଟାଏ ପ୍ରଶ୍ନ ପଚାରି ପାରେକି ?'' ଅବଶ୍ୟ ଇଂରେଜିରେ ପଚାରିଥିଲେ । - ''ୟେସ୍ ଡକ୍ଟର'', କହିଲେ ଆନିଥୋମାସ୍ ମାପଚୁପର ହସଟି ହସି ।

-''ଆପଣଙ୍କୁ ଏଇ ପୁଅ ପାଇଁ କେବେ ଦୁଃଖ ଲାଗେନି, ଛାତି ଥରି ଉଠେନି ?'' ମୁହୂର୍ତ୍ତକ ଲାଗି ଆନିଥୋମାସ୍ ସତେ ଯେମିତି ଆତ୍ମସ୍ଥ ହୋଇଗଲେ । ବାସ୍ ସେତିକି । ସେଇମିତି ମାପଚୁପ୍‌ର ସ୍ନିଗ୍ଧ ହସଟିକେ ଓଠକୋଣରେ ଫୁଟିଉଠି ଲଭିଗଲା-ଉତ୍ତର ଦେଲେ''ଡକ୍ଟର, ଇପେନ୍ ଯେତେବେଳେ ଆକ୍ସିଡେଣ୍ଟ ପରେ ଅପରେସନ୍ ଥିଏଟରକୁ ଗଲା ଏବଂ ଇଣ୍ଟେନ୍‌ସିଭରେ ଅଡଚାଳିଶ ଘଣ୍ଟା ଅଚେତ ରହିଲା ସେଇ ସମୟତକ ମୁଁ

Digitized by PPRACHIN, SOA

ମୋ ଘରେ ଯିଶସଙ୍କ ପାଖରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରି ପ୍ରେ' କରିଥିଲି । କାନ୍ଦିଥିଲି ମଧ୍ୟ । ମୋର ଅନେକ ବନ୍ଧୁ ଓ କଜିନ୍ ଯେଉଁମାନେ ଆମେରିକାରେ ଅଛନ୍ତି, ସେମାନେ ଭର୍ଟିକାନ୍ ପ୍ୟାଲେସ୍‌ରେ ସେ' ଦିନ ସ୍ପେଶାଲ ପ୍ରେୟାର ବ୍ୟବସ୍ଥା କରିଥିଲେ । ମୋର ପ୍ରିୟ ଇପେନ୍ ପାଇଁ ସେଦିନ କ୍ୟାଣ୍ଡଲ ଜଳେଇ ପ୍ରେୟାର କରିଯାଇଥିଲା....'' ପୁଣି ମୁହୂର୍ତ୍ତକ ପାଇଁ ସେ ଅଟକି ଗଲେ, ଢ଼ୋକ ଗିଳିଲେ କି ଲୁହ ଗିଳିଲେ ଅଥବା ଉଦ୍‌ଗତ କୋହକୁ ଧୈର୍ଯ୍ୟର ଢ଼ାଙ୍କୁଣି ଦେଇ ଚାପି ରଖିଲେ, ମୁଁ ତାଙ୍କ ମୁହଁକୁ ଚାହିଁ ଥିଲେ ବି ବୁଝିପାରିଲିନି । ତା ପରେ ସେ ପୁଣି କହିଲେ...''ଏବଂ ଦେଆର୍ ଆଫଟ୍‌ର ଆଇ ନେଭର୍ ଶୁକ୍...ମୁଁ କେବେ ବି କାନ୍ଦିନି...ଦୁଃଖ କରିନି...ତା ପରେ ମୋର ଆଉ ଅସ୍ଥିରତା ନଥିଲା ।''

''ଡକ୍ଟର, ମୋର ପ୍ରିୟ ଇପେନ୍ ପାଇଁ ୟାଠୁଁ ଅଧିକା ଆଉ କଣ କରି ପାରିଥାନ୍ତି ? ଯିଏ ତାକୁ ମୋ ପାଖକୁ ପଠେଇଲା, ତା' ପାଖରେ ମୁଁ ଠିକ୍ ସମୟରେ ଖବର ପହଞ୍ଚେଇ ଜଣେଇ ଦେଇଛି...ଯେ ଆଇଆମ୍ ହେଲପ୍‌ଲେସ୍, ମୁଁ ପାରୁନି ବୋଲି । ଏବଂ ଦାୟିତ୍ୱ ହସ୍ତାନ୍ତର କରିଦେଇଛି । ହି ୱ୍ୱିଲ ଟେକ୍ କେୟାର ଅଫ୍ ମାଇ ସନ୍, ସେ ବୁଝିବ ତା'କଥା, ମୁଁ କଣ ଆଉ ଭାବିବି, କାହିଁକି ଭାବିବି?'' କଥା ବନ୍ଦ କଲେ ମିସେସ୍ ଥୋମାସ୍ । ଏଥର ତାଙ୍କ ମୁହଁର ସ୍ୱାଭାବିକ କାଠିନ୍ୟ ଏବଂ ଶୀତଳତା ଫେରି ଆସୁଥିଲା...କିଛି ଉତ୍ତର ନଥିଲା । ଦୀର୍ଘ ଶ୍ୱାସଟାଏ ମଧ୍ୟ ସେତେବେଳେ ସେ ନେଇ ପାରିନଥିଲେ । ମିସେସ୍ ଥୋମାସ୍‌ଙ୍କ ସାମ୍‌ନାରେ । କି ଗଭୀର ବିଶ୍ୱାସ । କିଛିଦିନ ପୂର୍ବରୁ ବସାବାନ୍ଧି ଥିବା ଧାରଣା ହଠାତ୍ ବଦଳିବାକୁ ଲାଗିଲା । ମନେହେଲା ଜୀବନଟା ମିଛନୁହେଁ, ଜୀବନର ଅର୍ଥ ଅଛି । ମିସେସ୍ ଥୋମାସ୍ ହିଁ ଏ କଥା ସେ ଦିନ ଶିଖେଇ ଦେଇଥିଲେ ତାଙ୍କୁ ।

''ତାର କିଛି ଦିନପରେ ଦିନେ ମିସେସ୍ ଥୋମାସ୍ ଇପେନ୍‌କୁ ଟାକ୍ସି କରି ନିଜ ଘରକୁ ନେଇଯାଉଥିଲେ । ଶୁଭକାମନା କରି ବିଦାୟ ଜଣେଇଥିଲେ ସେ । ତାପରେ ଇପେନ୍ ଖବର ଆଉ ରଖିପାରିନାହାନ୍ତି କାମର ଚାପାରେ ଯଦିଓ ମଝିରେ ମଝିରେ ଆନିଥୋମାସ୍‌ଙ୍କ କଥା ତାଙ୍କର ବହୁବାର ମନେପଡିଛି । ଯେତେଥର ଭାବିଛନ୍ତି ସେତିକି ଅଭିଭୂତ ହେଇଛନ୍ତି ମାତ୍ର ।

ସେ ଅନେକ ମାଙ୍କୁ ଦେଖିଛନ୍ତି । ନିଜ ମାଁଙ୍କୁ ତ ଦେଖି ଆସୁଛନ୍ତି । ''ଯିଏ ପିଲାଙ୍କ ଦେହ ଖରାପ ହେଲେ ନଖାଇ ନପିଇ ରାତିଦିନ ମୁହଁକୁ ଚାହିଁ ବସିଥିବ, କାନ୍ଦୁଥିବ, ବ୍ୟସ୍ତ ହୋଇଯାଉଥିବ, ଦିଅଁ ଦେବତାଙ୍କୁ ଅନବରତ ପୂଜା ଯାଚୁଥିବ, ମନାସୁଥିବ, ଘିଅଦୀପ ଜାଳୁଥିବ, ଭଲରେ ଟିକିଏ ରାନ୍ଧିବାଢ଼ି ଖାଉନଥିବ କି କାହାକୁ ଖୁସିରେ ବାଢ଼ି ପାରୁନଥିବ, ସମସ୍ତଙ୍କୁ ଅଥୟ କରି ପକାଉଥିବ । ଅସ୍ଥିର, ଅଧୀର, କାରୁଣ୍ୟମୟୀ ବିଚଳିତ ହୃଦୟା ମାଁର ରୂପକୁ ହିଁ ସେ ଦେଖିଆସିଥିଲେ ଅଦ୍ୟାବଧି । ହେଲେ ଆନିଥୋମାସ୍‌ଙ୍କ ଭଳି କ୍ୱାଏଟ୍ ଅବିଚଳିତ ମାଁକୁ ସେ ଦେଖିନଥିଲେ । କି ଗଭୀର ଆତ୍ମବିଶ୍ୱାସ । ବିଶ୍ୱାସ ହିଁ ଆନିଥୋମାସ୍‌ଙ୍କର 'ଗଡ୍' । 'ସେ' ହିଁ ବିଶ୍ୱାସ ।

Digitized by PPRACHIN, SOA

ସେଠି ଅବିଶ୍ୱାସର ଆଉ ପ୍ରଶ୍ନ ନାହିଁ । ଈଶ୍ୱରଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ । ଏହି ବିଶ୍ୱାସବୋଧର ପରଂପରା ଆମର କେତେ ପୁରାତନ, ଅଥଚ କେତେ ନିତ୍ୟନୂତନ.... । କେତେ ଗଭୀର । ଯୁଦ୍ଧକ୍ଷେତ୍ରରେ ଶ୍ରୀ କୃଷ୍ଣ ବିଚଳିତ ଅର୍ଜୁନଙ୍କୁ କହିଥିଲେ 'ତୁମର ସକଳ କର୍ମ, ସବୁ ବିଶ୍ୱାସ ମୋତେ ଅର୍ପଣ କରି କେବଳ ନିରାସକ୍ତ ଭାବେ କର୍ତ୍ତବ୍ୟ କରିଯାଅ...ଦୁଃଖ, ଶୋକ ତମକୁ ଛୁଇଁବନି....''

ଏଇ ଆତ୍ମସମର୍ପଣ ହିଁ ବୋଧହୁଏ ଆନିଥୋମାସ୍‌ଙ୍କୁ....

''ଗୁଡ୍ ମର୍ଣିଂ .....

ସୁଖେନ୍ଦୁଙ୍କର ନିବିଷ୍ଟତା ଭାଙ୍ଗିଗଲା ହଠାତ୍ । ଚମକି ଉଠିଲେ । ପରିଚିତ କଣ୍ଠସ୍ୱର ତାଙ୍କୁ ଭାବନାରାଜ୍ୟରୁ ଚେତନସ୍ତରକୁ ଟାଣିଆଣିଲା । ସଚେତନ ଭାବରେ ହିଁ ସେ ଚାହିଁଥିଲେ, ସାମନାରେ ଯିଏ ତାଙ୍କୁ ଅଭିବାଦନ ଜଣାଉଛନ୍ତି ଠିଆ ହୋଇ ସେ ଆଉ କେହି ନୁହେଁ ତାଙ୍କ ଭାବଜଗତରେ ସେହି ମହିୟସୀ ମହିଳା ମିସେସ୍ ଆନିଥୋମାସ୍ । ଆଖିକୁ ବିଶ୍ୱାସ କରି ପାରୁନଥିଲେ ଏକ ବିଚିତ୍ର ସଂଯୋଗ ସତେ !

ଆଉ ମିସେସ୍‌ଥୋମାସ୍ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠି ଠିଆ ହୋଇଗଲେ ମୁହୂର୍ତ୍ତେ । ଚିହ୍ନାମୁହଁ....ବେଶି ସମୟ ଲାଗିଲାନି ମନେ ପକେଇବାକୁ....କିନ୍ତୁ ନାଁଟାମନେ ପକେଇ ପାରୁନଥିଲେ ହୁଏତ । ଓଠରେ ସେଇ ପୁରୁଣା ଚିହ୍ନା ହସ । ସମଗ୍ର ଶରୀରକୁ ସମୟର ତୂଳୀ ଛୁଇଁ ଦେଇଯାଇଛି । ସନ୍ୟାସିନୀ ଭଳି ଚେହେରା । ସ୍ଥିର ପୁଷ୍କରଣୀ ଭଳି ଆଖିଦୁଇଟିରେ ବିସ୍ମୟର ଲହଡି ଶୀତଳ ଆଉ କଠିନ ମୁଖଶ୍ରୀ ହଠାତ୍ ଟିକିଏ କମ୍ପିବାକୁ ଲାଗିଲା...ଓଠଟା ଟିକିଏ ଫୁଲି ଉଠିଲା କିଛି ପଚାରିବେ । ସୁଖେନ୍ଦୁ ପାଲଟା ଅଭିବାଦନ ଜଣାଉ ଜଣାଉ ବିହ୍ୱଳ ହୋଇ କହିଲେ...''ମୁଁ ଡକ୍ଟର ସୁଖେନ୍ଦୁ ରାୟଗୁରୁ ମନେ ପକେଇ ପାରୁଛନ୍ତି ମିସେସ୍ ଥୋମାସ୍...''? ''ଇ ୟେସ୍ ଚିହ୍ନିପାରୁଛି ।'' ଆଖିରେ ଆଖିଏ ଆନନ୍ଦ ଫୁଟିଉଠିଲା ମିସେସ୍ ଥୋମାସ୍‌ଙ୍କର । ସୁତପା, ନିପୁକୁ ନେଇ ପାଖକୁ ଆସିଲା, ଚିହ୍ନାଇ ଦେଲେ ସୁଖେନ୍ଦୁ । ପ୍ରଣାମ ଜଣେଇଲା ସୁତପା । ଅନେକ ସ୍ମୃତି ସଜୀବ ହୋଇ ଉଠିଲା ମୁହୂର୍ତ୍ତକରେ । ସାଧାରଣ ଚା' ଓ ପରିଚୟ ପର୍ବ ଶେଷ ହେଲା । ପରେ ଟିକିଏ ସୁଖଦୁଃଖ କଥା ସକାଳର ପ୍ରାଣୋଚ୍ଛଳ ମୁହୂର୍ତ୍ତକୁ କିଞ୍ଚିତ ବିଷର୍ଣ୍ଣ କରି ତୋଳିଲା । ଏ ଭିତରେ ମିସେସ୍ ଥୋମାସ୍ ଟିକିଏ ଟିକିଏ ଓଡ଼ିଆ କହିବାକୁ ଆରମ୍ଭ କରିଥିଲେ । ନିଜ ଅନୁଷ୍ଠାନଟି ସଂପର୍କରେ କିଛିଟା ଆଲୋଚନା ହେଲା ମଧ୍ୟ । ସୁଖେନ୍ଦୁ ଇପେନ୍ ସଂପର୍କରେ କିଛି ଜାଣିବାକୁ ଯଦିଓ ଚାହୁଁଥିଲେ, ସାହସ ହେଉନଥିଲା ପଚାରିବା ପାଇଁ । ନିପୁକୁ କୋଳକୁ ନେଇ ମିସେସ୍ ଥୋମାସ କହିଲେ ଆପଣାଛାଏଁ....''ଜାଣିଛନ୍ତି ନା ଡକ୍ଟର, ମୋ ଇପେନ୍ ଡାକ୍ତରଖାନାରୁ ଫେରିବା ଦୁଇମାସ ପରେ ଆମକୁ ଛାଡ଼ି ଈଶ୍ୱରଙ୍କ ପାଖକୁ ଚାଲିଗଲା....ସେ ଈଶ୍ୱରଙ୍କର ଅତିପ୍ରିୟ ଥିଲା ନିଶ୍ଚୟ....ତାକୁ ଶେଷ ବିଦାୟ ଜଣେଇ ସେ' ଦିନ କହିଥିଲି ''ଦୁଃଖ

Digitized by PPRACHIN, SOA

କରିବିନି, ନିଜକୁ କେବେ ନିଃସଙ୍ଗ ମନେ କରିବିନି, କାନ୍ଦିବିନି ମୁଁ ବଞ୍ଚିବି''....କହୁ କହୁ ତାଙ୍କର ମୁଖଶ୍ରୀ ଟିକିଏ କରୁଣହୋଇ ଉଠିଲା । ମାତ୍ର ନିମିଷକ ଲାଗି । ତାପରେ ସ୍ୱାଭାବିକ କାଠିନ୍ୟ ଓ ଶୀତଳତା ଫେରି ଆସିଲା । ସେ କିନ୍ତୁ ଭାବିଥିଲେ ଏଇ ଥଣ୍ଡା କଠିଣ ମଣିଷଟା ଏଥର ବହୁତ ବରଫ ହୋଇ ଗଳି ପଡିବ ଝର ଝର....କିନ୍ତୁ ନା, ଥଣ୍ଡା ଗଳାରେ ହିଁ କହିଲେ....ମିସେସ୍ ଥୋମାସ୍''ୟୁ ସିଆଇ ଆ'ମଷ୍ଟିଲ ଏଲାଇଭ'' ମୁଁ ବଞ୍ଚିଛି ମୋ ଇପେନ୍‌ର ମଧୁର ସ୍ମୃତିକୁ ସତେଜ ରଖିବା ପାଇଁ ଠିକ୍ ଏଇ ଗୋଲାପ ଫୁଲ ଭଳି....ଜାଣ ଡାକ୍ତର ମୋ ଇପେନ୍‌ର 'ରେଡ଼ରୋଜ' ପ୍ରିୟ ଥିଲା ଏବଂ ତାର ଆଉ ଗୋଟିଏ ସ୍ୱପ୍ନ ଥିଲା ଭବିଷ୍ୟତରେ ନର୍ସରିଟିଏ ଖୋଲିବ । କାରଣ ଏଇ ଫୁଲ ଭଳି କୋମଳ ଶିଶୁଙ୍କୁ ସେ ତା ନିଜଠୁ ବି ବେଶୀ ଭଲ ପାଉଥିଲା....ତାର ସ୍ୱପ୍ନକୁ ମୁଁ ରୂପ ଦେବାକୁ ଚେଷ୍ଟା କରିଛି । ଗୋଟାଏ ଇପେନ୍ ବଦଳରେ ମୁଁ ଅନେକ ଇପେନ୍‌ଙ୍କୁ ପାଇଛି....ମୋର ଆଉ କିଛି ଦୁଃଖ ନାହିଁ । ଅବେଶୋଷ ନାହିଁ....।''

ସେ ନିର୍ବାକହୋଇ ଯାଇଥିଲେ । ସମସ୍ତ ଚେତନା ଆଉ ଅନୁଭୂତି ନେଇ ତାଙ୍କର ଅଭ୍ୟନ୍ତର ମିସେସ୍ ଥୋମାସ୍‌ଙ୍କ ମାତୃପ୍ରାଣର ମହନୀୟତା ଉପଲବ୍ଧି କରିଥିଲା । ଏଇ ପରିଣତ ବୟସରେ ବି ତାଙ୍କ ତପସ୍ୟାର ଅନ୍ତନାହିଁ....ଏବେ ବି ଆଖିର ଦୃଷ୍ଟି ସ୍ଥିର...ସେଠି ବିଶ୍ୱାସର ଗଭୀର ଛାପ....ମନ ଆକାଶ ଭଳି ବ୍ୟାପ୍ତ....ସେଠି ଗୋଟିଏ ନୁହେଁ କୋଟିଏ ଇପେନ୍ ପାଇଁ ମମତାର ଅଫୁରନ୍ତ ଝରଣା । ଫ୍ରେମ୍ ଭିତରେ ବନ୍ଦୀ ହୋଇଥିବା ମଦର ମେରୀ ସତେ ଯେମିତି ଆନିଥୋମାସରେ ରୂପାନ୍ତରିତ ହୋଇ ଯାଇଥିଲେ...

ସୁଖେନ୍ଦୁ ଏକ ଅନିର୍ବଚନୀୟ ବିହ୍ୱଳତାରେ କ୍ରମଶଃ ପଛକୁ ଫେରି ଯାଉଥିଲେ....ଆହୁରି ପଛକୁ....ପଛକୁ....ସେ ଯେମିତି କୁନି ଇପେନ୍‌ଟିଏ ଅଥବା ନିପୁଟିଏ ପାଲଟି ଯାଇଛନ୍ତି । ମିସେସ୍ ଥୋମାସ୍‌ଙ୍କ ସେହି ଆକାଶ ଭଳି ଛାତି ଭିତରେ ହଜିଯିବାପାଇଁ ।

❑❑❑

Digitized by PPRACHIN, SOA

ଅଖିଳ ଓ ମଶା ଉପାଖ୍ୟାନ

ସଇତାନ ମଶାଟା କେତେବେଳୁ ପଛରେ ପଡ଼ିଛି ଯେ ପଡ଼ିଛି । କେତେଥର କେଜାଣି ଖୁମ୍ପିଲା ଭଳି, ଚିହାଇଲା ଭଳି, ଉସୁକେଇଲା ଭଳି ଗୁଣୁଗୁଣୁ ହେଇ କାମୁଡ଼ି ସାରିଲାଣି । ଶୂଳେଇ ହେଉଛି କାନମୁଣ୍ଡାଟା । ଓହୋ ! ବଦ୍‌ମାସ୍‌ଟାଏ । ରହ ତୋତେ ଦେଖୁଛି ଏଥର । ଚୋର କାହାଁକା ଏତେ ଟିକେ ପତଙ୍ଗ, କଣ ବା ତାର ସ୍ଥିତି, କେତେ ବା ତାର ବଳବପୁ । ଟିକିଏ ଚାପିଦେଲେ ନିଶ୍ଚିହ୍ନ ହେଇ ମିଶିଯିବ କୁଆଡେ । (ଖାଲି ଧରିବା ପାଇଁ ଟିକିଏ କୌଶଳ ଦରକାର ଯାହା) ଅଥଚ.... ପ୍ରତାପ କେତେ । ବିଷାକ୍ତ କେମିତି ! ସତରେ ଯଦି ଆଖି ଦୁରୁଶିଆ ଜନ୍ତୁଟା ହୋଇଥାନ୍ତା-ବାଘ, ଭାଲୁ କି ହାତୀଭଳି । କଂସ, ରାବଣ କି ମହିଷା ଭଳି । ତେବେ ତ କଥା ସରିଥାନ୍ତା । ଆରେ ବାପ୍‌ରେ ! ରଖେଇ ଥୋଇ ଦେଉନି । ଯେମିତି ହନ୍ତସନ୍ତ କରିବାକୁ ରାଣ ଖାଇଛି ଶତ୍ରୁଟା । ସତରେ କି ଭୟଙ୍କର । ଗୋଟାଏ ଦ'ଟାକୁ ତ ପାରି ହେଉନି । ଏମାନେ ଦଳ ଦଳ ହେଇ ମାଡ଼ି ଆସିଲେ ଆଉ ରକ୍ଷା ଅଛି ।

ବ୍ୟସ୍ତ ହେଇ ପଡିଲା ଅଖିଳ । ଟେବୁଲ ଉପରେ ଖେଳେଇ ହେଇ ପଡିଥିବା ଫାଇଲ୍‌ପତ୍ର ଆଡ଼େଇ ବିରକ୍ତିରେ ଉଠି ପଡ଼ିଲା ଚଉକି ଉପରୁ । ତାର ଏକାଗ୍ରତାକୁ ବାରଂବାର ଭାଙ୍ଗିବାର ପ୍ରୟାସ କରୁଛି ମଶାଟା । ରାତି ପାହିଲେ ଇନ୍‌କ୍ବାରୀ କମିଟି ଆଗରେ ହାଜିର ହେବ । ସେଥିପାଇଁ ଦରକାରୀ କାଗଜପତ୍ରକୁ ସେ ଖୋଳତାଡ଼ କରୁଥିଲା । ହେଲେ ମଶାଟା....ନାଃ, ନିହାତି ମଶାଟାକୁ ଖୋଜି ମାରିବାକୁ ପଡ଼ିବ । ରକ୍ତମୁଖାକୁ ନିପାତ ନକଲେ ସ୍ୱସ୍ତିରେ ବସି ହେବନି ଟିକିଏ ।

ସମସ୍ତେ ଜାଣନ୍ତି ସେ'ବି ଜାଣେ, ହେତୁ ହେଲା ଦିନୁ ଶୁଣିଛି ଏ କଥା । ବାପା, ମାଁ, ଗୁରୁଜନଙ୍କଠୁଁ । ବହିପାଠ ବି କହିଛି । ସାବ୍‌ଧାନ କରିଦେଇଛି-ଏଗୁଡାକ ହେଲେ ରକ୍ତଶୋଷା । ଡାହାଣୀ । ସୁବିଧା ସୁଯୋଗ ଉଣ୍ଡି ଜୀବନ ଶୋଷି ନେବେ । ତେଣୁ ନିଜକୁ ସବୁବେଳେ ପ୍ରସ୍ତୁତ ରଖ ମୁକାବିଲା କରିବାପାଇଁ । ବେଳ ହୁଁ ସାଞ୍ଜୁପିନ୍ଧ । ମଶାରୀ ଲାଗଅ । ନିଜକୁ ରକ୍ଷା କର । ସତକଥା । ବିଳମ୍ବ ଅନୁଚିତ । ନିହାତି ମଶାରୀ ଭିତରେ ପଶିବା କଥା । ହେଲେ ରାତି ହେଲେ ସିନା ମଶାରୀ ଖୋଜିବ । ଏଇ ଦିନ ଦିପହରଟାରେ ! ବାହାରେ ଖରା, ଭିତରେ, ମାନେ ନିଜ ଭିତରେ ବି ତ ଖରା ପଡ଼ିଛି ନିର୍ମଳ ଭାବେ ।

ଆଖପାଖ ଚାରିଆଡ଼କୁ ନିଘା କଲା ଅଖିଳ । ଧୋବ ଫର୍ ଫର କାନ୍ଥ । ଟେବୁଲ ତଳଟା ରେ ମଧ୍ୟ ଖରା ପଡିଛି । ଘର ସଫା । ଅଳିଆ ଅନ୍ଧରା କିଛି ନାହିଁ । ଝରକା ବାଟ ଦେଇ ଦିବ୍ୟ ଖରା ପଶି ଚାରିଆଡ଼ ଅଣ୍ଡାଳି ପକାଉଛି । ଖଟ ଉପରେ ସଫେଦ ଚାଦର

Digitized by PPRACHIN, SOA

ଧପ୍‌ଧପ୍ କରୁଛି । ସବୁ ଦିଶୁଛି ଜଳ ଜଳ ହେଇ । ପେନ୍‌ସିଲ୍‌ର ବିନ୍ଦୁଟାଏ ବି ଲୁଚୁନି । ଅଥଚ...ବଦ୍‌ମାସ ମଶା କୋଉଠି ଏଇଠି ମୁହଁ ଲୁଚାଦେଇଛି ଯେ, ଜମା ଦେଖିପାରୁନି ସେ । ଟିକିଏ ମନଧ୍ୟାନ ଲଗେଇ ଫାଇଲ୍ ଭିତରକୁ ପଶିଥିବ କି ନାହିଁ, ଆରମ୍ଭ ହୋଇଯିବ ଗୁଣୁଗୁଣୁ, ଗୁଣୁଗୁଣୁ କେତେବେଳେ ବାଁ କାନ ପାଖେ ତ କେତେବେଳେ ଡାହାଣ କାନ ପାଖେ । ସତେକି ଯୁଦ୍ଧଂ ଦେହିରେ ଡ଼ଙ୍କରା । ଟିହାଇଲା ଭଳି । ଅସହ୍ୟ । ଧୈର୍ଯ୍ୟଚ୍ୟୁତି ଘଟିବା ସ୍ୱାଭାବିକ । ନା, ଖୋଜିବାକୁ ହେବ । ହେଉ ପଛେ କିଛି ସମୟ ନଷ୍ଟ । ଜୀବନର ଅଧାରୁ କିଛି ଅଧିକା ଭାଗ ତ ଏମିତି ଦଂଶନ ଖାଇ ଖାଇ ନଷ୍ଟ ହୋଇଗଲାଣି । ଏବେ ନିପାତ କରିବାରେ କିଛି ସମୟ ନଷ୍ଟ ହେଉ ଦୁଃଖ ନାହିଁ । କୋଟିଏ ଭିତରୁ ଗୋଟିଏ ମଲେ ବି ତ ପୃଥିବୀ ଉଶ୍ୱାସ ହେବ । ଲାଗିବ ନିଜକୁ କିଛି ଗୋଟାଏ ଜନହିତକର କାମ କଲାଭଳି ।

ଅଖିଳ ଟେବୁଲ ତଳ, ଖଟତଳ ଦେଖିବା ପାଇଁ ନଇଁ ପଡିଲା । ଶଳା, ଆଜି କାଲି ସହରୀମଶା ଗୁଡ଼ିକ ଭାରି ସିଆଣା ହେଲେଣି । ପ୍ରବଞ୍ଚନା, ଛଳନା ଆଦି ପ୍ରପଞ୍ଚର ଯେତେସବୁ କଳାକୌଶଳ ଆଉ ପାଠକୁ ଡେଇଁ ସାରିଲେଣି ମଧ୍ୟ । କହିବାକୁ ଗଲେ କର୍ତ୍ତୃତ୍ୱର ମଙ୍ଗ ଧରିଥିବା ବଡ଼ବଡ଼ ମଙ୍ଗୁଆଳଙ୍କ ଭଳି । କୌଣସି ବିଦ୍ୟାର ଗଳିକନ୍ଦି ଆଉ ବାକି ନାହିଁ ।

ପିଲାଦିନେ ଜଣ ସେ ମଶା ଦେଖିନି ? ଦେଖିଛି । ଗାଁ ବାଡ଼ିପଟେ, ଜେଜେଙ୍କ ହଳଦୀ ବଣ ଭିତରୁ । ବୋଉର କୁନ୍ଦୁରି, କଖାରୁ ଲଟାର ଅନ୍ଧାରୁଆ ଭାଡ଼ି ତଳୁ, ବାପାଙ୍କ କଦଳୀ ବଣରୁ, ସଂଜ ଗଡ଼ିଲେ ମାଡି ଆସିବେ ପଲ ପଲ ଡାଆଁଶ ମୁହାଁ ମଶା । ଖଟିଖିଆ ଦିନମଜୁରିଆଙ୍କ ଘର ଲେଉଟାଣି ଭଳି ବଜ ବଜ ହେଇ । ଗୁଣୁଗୁଣୁ ତ ନୁହେଁ ଏକାଠି ଶୁଣିଲେ ଲାଗିବ ସତେକି କୋଉ ଦୂରରୁ ଶଂଙ୍ଖ ଫୁଙ୍କୁଛି । ଏମାନେ ହେଲେ ମଫସଲି ମଶା । ଏମାନଙ୍କର ଅସନ୍ତୁଷ୍ଟ ସ୍ୱର ଅଲଗା । ପ୍ରତିବାଦର ସ୍ୱର ଅଲଗା । ପ୍ରତିବାଦର ଢ଼ଙ୍ଗ ବି ଅଲଗା । ସହରୀ ମଶାଙ୍କଠୁଁ ଏମାନେ ଅଲଗା-ଢ଼େର ଅଲଗା । ରୋଟାମୋଟା ସବୁ । ରୂପରେ ଆଉ କାର୍ଯ୍ୟକଳାପରେ ବି । ଏମାନେ କାଳିଆ ବେଶ୍ ଆଖିକୁ ଦିଶିଲା ଭଳି । ଲୁଚି ଲୁଚି କାମୁଡନ୍ତିନି । ମଫସଲିଆ ତ ବୋକା ବୋକା । ଦାଦନଙ୍କ ଭଳି ଡରୁଆ । କାମୁଡିଲେ ଧରାପଡି ମରନ୍ତି । ଦେଖିଲେ ଚହ୍ନି ହେଇଯାଏ, କିଏ କୋଉ ଜାତିର, କାହାର କି ମତଲବ । ତେଣୁ ତାଙ୍କ ପାଇଁ ବାଟ ଅଛି ।

ହେଲେ ସହରୀ ମଶାଙ୍କୁ ବାଟ ନାହିଁ । ତାଙ୍କ ଗୁଣ ଆଉ ସ୍ୱଭାବ କୁ ଚାହିଁ ରଂଗକୁ ବଦଳେଇ ଦେଇଛନ୍ତି । ପାଉଁଶିଆ, ଧଳା, ଦିହଛୁପା ଦେଲା ଭଳି ରଂଗ । ଆକାର ବି ସାନ । ପ୍ରକୃତି ହିଁ ବଦଳେଇ ଦେଇଛି ହୁଏତ ଆଜିରେ ପରିସ୍ଥିତିକୁ ଚାହିଁ । ଡ଼ାରୱିନଙ୍କ ସରଭାଇଭାଲ୍ ଥିଓରି । ପରିବେଶ ସହିତ ବେଶ୍ ଖାପ୍ ଖୁଆଇ ଚ଼ତୁର ହେଇଯାଇଛନ୍ତି ଏମାନେ । ତେଣୁ ସହଜରେ ଧରା ଦିଅନ୍ତିନି । ଉଦ୍ରତାର ଧଳା ଖୋଳପା ତଳେ ଏମାନଙ୍କର କାଳିଆ ସନ୍ତସନ୍ତିଆ

Digitized by PPRACHIN, SOA

ଫିମ୍ପିମରା ମନ ଦିଶେନି କାହାକୁ । ଭାରି ସିଆଣା । ତା' ଅଫିସର ରତିକାନ୍ତ ଭଳି, ହରିଶ୍ରୀଚନ୍ଦନ ଭଳି, ମଧୁଭୋଳ ଭଳି, ଭାରି ମାରାତ୍ମକ । ତଣ୍ଟିଚିପା ଲୋଭି । ଜଳହସ୍ତୀ ଗୋଟାଏ ଗୋଟାଏ । ଆଁଟା ବିରାଟ, ସଂସାରଟା ପଶିଯିବ ସେ ଆଁରେ । ଯେତେ ଗୋଟେଇଲେ ବି ଅଣ୍ଟି ପୁରେନି । ଶୋଷ ଆଉ ଶୋଷ । ଅନ୍ତହୀନ ଶୋଷ । ତା' ପେଟ-ଟୋ ପେଟ ଅଣ୍ଡାଳି ସବୁ ନିଜ ପେଟ ଭିତରେ ପୁରେଇ ଥିକ୍ରୁଲୁ ଥାକୁଲ ମୁକୁନ୍ଦ ପାଲଟିଥିବା ଉପରିସ୍ଥ ରତିକାନ୍ତ ହରିଶ୍ରୀଚନ୍ଦନ ଆଉ ମଧୁଭୋଳ କଥା ମନେ ପଡ଼ିବା କ୍ଷଣି ତା ତାଳୁରୁ ତଳିପା ଯାଏ ବିଷ ଚ଼ରିଗଲା । ସ୍ନାୟୁ ଗୁଡ଼ାକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ । କେଡ଼େ ଭୟଙ୍କର ମଣିଷ ଗୁଡ଼ାକ ! ସରଳତାର ସୁଯୋଗ ନେଇ ତା ନିଷ୍ଠାମୟ ସଚ୍ଚୋଟ ଜୀବନଟାକୁ ନର୍କରେ ପରିଣତ କରିଦେଲେ ସିନା !

ଅବଶ୍ୟ ତା ପାଇଁ ଚାକିରୀଟା ମନଲାଖି ନଥିଲା । ନୃତତ୍ତ୍ୱର ଛାତ୍ର, ପ୍ରଥମ ଶ୍ରେଣୀରେ ଏମ୍:ଏ: ପାଶ୍ କରିଥିଲା । ଇଚ୍ଛାଥିଲା ଅଧ୍ୟାପକଟିଏ ହେବ । ହେଲେ ସବୁ ଇଚ୍ଛା ତ ଫଳବତୀ ହୁଏନି । କର୍ମରେ ବିଶ୍ୱାସ ରଖି ଆସିଥିବା ଦାମ୍ଭିକ ମଣିଷ ମଧ୍ୟ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ଭାଗ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହୁଏ ।

ସେଥର ମେଘାଳୟରୁ ଇଣ୍ଟରଭ୍ୟୁ ଦେଇ ଫେରିବା ବାଟରେ ସବୁ ତକ ସାର୍ଟିଫିକେଟ୍ ସହିତ ବ୍ରିଫ୍‌କେଶଟା ଚୋରୀ ହେଇଗଲା, ପରେ ତା' ଜୀବନର ଗତିପଥ ଭିନ୍ନ ଏକ ମୋଡ଼ ନେଲା । ସ୍ୱପ୍ନ ଦେଖିବା ଆଗରୁ ହିଁ ନିଦ ଭାଙ୍ଗିଗଲା । ବାପା କହିଲେ, ''ଈଶ୍ୱର ସର୍ବଦା ପ୍ରାଣୀର ମଙ୍ଗଳ କରନ୍ତି । କିଛି ଉଦ୍ଦେଶ୍ୟ ଥିବ ତାଙ୍କର ।'' କେଜାଣି କଣ ଉଦ୍ଦେଶ୍ୟ ଥିଲା ଈଶ୍ୱରଙ୍କର ତାକୁ ଜାଣିବା ତ ତା ବୁଦ୍ଧିର ବାହାରେଥିଲା । ତେବେ ଦୁଃଖ କରିବା ପାଇଁ ବେଳ ନଥିଲା । ସେଇ ବର୍ଷ ବାପା ଅବସର ନେଉଥିଲେ ଚାକିରୀରୁ । ତିନି ତିନିଟା ଭଉଣୀ, ଅନେକ ଦାୟିତ୍ୱର ବୋଝ ତା ଉପରେ ।

ସେତିକି ବେଳକୁ ଏଇ ବ୍ଲକସ୍ତରର ଚାକିରୀଟା ତାକୁ କିଛି କମ୍ ସାହସ ଯୋଗେଇ ନଥିଲା ଯୋଉବାଟରେ ବି ହେଉ ମଣିଷ ଜାତିର ତ ସେବା କରିବ । ଦୁଃଖ ନାହିଁ । ଯେ କୌଣସି ପରିଶ୍ରମ ତା ପାଇଁ ଗୌରବମୟ । ପରିଶ୍ରମର ଫଳ ତା ପାଇଁ ଅମୃତ । ଡ଼ିଗ୍ନିଟ୍ ଅଫ୍ ଲେବର' ରେ ସେ ବିଶ୍ୱାସ କରେ । ଅନେକ ଉତ୍ସାହ ଆଉ ଉଦ୍ଦୀପନା ନେଇ ସେ ଯୋଗ ଦେଇଥିଲା ଚାକିରୀରେ । ପ୍ରଥମେ ପ୍ରଥମେ ତ ଗୋଡ଼ତଳେ ଲାଗୁନଥିଲା । କହିବା ଆଗରୁ କରିଦେଉଥିଲା କାମ ଗୁଡାକ । ଖୋସି ହୋଇଯାଉଥିଲା ଆଖି ସମସ୍ତଙ୍କର ଅଫିସରେ । ତାର କେତେଜଣ ସହଯୋଗୀ ବନ୍ଧୁ ଖୁବ୍ ବିରକ୍ତ ବି ହୋଇଥିଲେ ତା ଉପରେ । 'ଏତେ ସିନ୍‌ସିଅରିଟି ଦେଖାଇବା ତୋର କଣ ଦରକାର, ତୁ ଆମକୁ ବୁଡ଼େଇବୁ ଆଖିଳ...' । ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା, ବୁଝି ପାରୁନଥିଲା ସେ କୋଉଠି ଭୁଲ୍ କରୁଛି ? କାହିଁକି ବୁଡ଼େଇବ ସେ ଏମାନଙ୍କୁ ??

Digitized by PPRACHIN, SOA

ହେଲେ ବେଶି ଦିନ ଲାଗିନଥିଲା ତାର ପ୍ରଶ୍ନର ଉତ୍ତର ପାଇବା ପାଇଁ । ମଣିଷ ଜାତିର ଇତିବୃତ୍ତକୁ ଚିଜିନିଖି କରି ପଢ଼ି ହଜମ କରିଥିବା ବିଶ୍ୱବିଦ୍ୟାଳୟର କୃତିଛାତ୍ର ଅଖିଳ ମଣିଷ ମନର ସ୍ୱରୂପକୁ ବୁଝିସମଝି ପାରୁନଥିଲା । ମାତ୍ର ବର୍ଷଟିଏ ପୁରିଲାନାହିଁ, ଆରମ୍ଭ ହୋଇଗଲା ତାର ପ୍ରତିକ୍ରିୟା । ଚାକିରୀ ପ୍ରତି ମନ ମରିଗଲା । ବୁଝି ବିଚାରି କାମ କରିପାରୁଥିବା ମଣିଷଟାକୁ ସେମାନେ ଚାବିଦିଆ ମେସିନ୍‌ରେ ରୂପାନ୍ତରିତ କରିଦେବାକୁ ଚାହିଁଲେ । ବିତୃଷ୍ଣା ଆସିଲା । ଇଚ୍ଛା ବିରୁଦ୍ଧରେ ଅନେକ କିଛି ତାକୁ କରିବାକୁ ପଡ଼ିଲା । ମଣିଷର ଉପକାର କରିବା ପାଇଁ ଅଙ୍ଗୀକାର ବଦ୍ଧ ଥିବା ମନ ତାର ଭାଙ୍ଗି ପଡ଼ିଲା କ୍ରମଶଃ । ଅନେକ ବାଧା ଆଉ ଦୁଃସ୍ଥିତିର ସାମ୍ନା କରିବାକୁ ପଡ଼ିଛି ତାକୁ ସେଇ ସବୁ ସମୟରେ । ବହୁ ମାନସିକ ଯନ୍ତ୍ରଣା ସେ ସହିଛି ।

ଆଜି ଚାକିରୀ ପାଇଁ ତାର କିଛି ଆକର୍ଷଣ ନାହିଁ କି ଆନ୍ତରିକତା ନାହିଁ ।

କାହିଁକି ଆସିବ ଯେ ? କେମିତି ବି ଆସିବ ??

ଏତେ ବର୍ଷର ନିଷ୍ଠା ଏବଂ ପରିଶ୍ରମର ଫଳ ସେ କଣ ପାଇଲା ?

ଓଲଟି ଆଉ ଦଶଜଣ ଖୁମ୍ପିଲେ । କାଉ ଖୁମ୍ପିଲା ଭଳି । 'କଣ ଏମିତି ହେଲା କି ଅଖିଳ, ସସ୍‌ପେଣ୍ଡ ପର୍ଯ୍ୟନ୍ତ କଥାଗଲା ?' ଅଥବା କେହି ହିତାକାଂକ୍ଷୀ ଆଶ୍ୱାସନା ଦେଇ କହିଲେ-'ସସ୍‌ପେନ୍‌ସନ୍‌ଟା ଗୋଟାଏ ଦଣ୍ଡ ନୁହେଁ । ତୁ ମନକଷ୍ଟ କରୁଛୁ କାହିଁକି ? ଏ ସମୟ ରହିବନି । ଅଥବା ଆଉ କେହି କେହି ପେଟରୁ କଥା କାଢ଼ିବା ବାହାନାରେ କହିଲେ- 'ଭାରି ସ୍ୱାର୍ଥପର ଏଇ ମଣିଷ । ଅନ୍ୟ କାନ୍ଧରେ ବନ୍ଧୁକ ଥୋଇ ବାହାଦୁରୀ ନେବେ ନିଜେ । ଧକ୍କା ସହିବ ତମେ । ଏମିତି ପୋଜିସନରେ ବସିଛନ୍ତି ସେମାନେ ଯେ, କେହି ତାଙ୍କୁ ପ୍ରଶ୍ନ କରିପାରିବେନି ।' ଆଉ କିଏ କିଏ କାନ କୁହାକୁହି ହେଲେ-ମିଛୁଟାରେ ସସପେଣ୍ଡ ହେଲା, କିଛି ଥିବନା ଗଫଲତ । ଲକ୍ଷଲକ୍ଷ ଟଙ୍କା ଅଜାଡ଼ି ଦେଉଛି ସରକାର ଏଇ ଅନୁସୂଚିତ ଜାତି ଉପଜାତି ପାଇଁ....ଇଏ କଣ ଗୋଟାପଣେ ତୁଳସୀ ?'-ଏମିତି ଅନେକ ଆଲୋଚନା ସମାଲୋଚନା ଅସଲ କଥା କେହି ବୁଝୁନି । ସବୁ ବୁଝୁଛନ୍ତି, ସବୁ ଜାଣୁଛି ବୋଲି ଫାଟେଇ ହୁଅନ୍ତି ଯାହା ମିଛରେ ।

ମଶା ଖୋଜିବାକୁ ଯାଇ ମଣିଷ ମନର ଅରମା ଜଙ୍ଗଲ ଭିତରେ ପଶିଯାଇ ବ୍ୟତିବ୍ୟସ୍ତ ହୋଇପଡିଲା ଅଖିଳ । ସତରେ ମଣିଷ ଚରିତ୍ରଟା ଅଦ୍ଭୁତ । କିଛି ଠିକଣା ଲଗେଇ ହେବନି । ଏତେଦିନ ଧରି ସେ କେବଳ ଭ୍ରମ ଭିତରେ ହିଁ ଥିଲା । ନ ହେଲେ ସେ ତ ମଣିଷ ବିଷୟରେ କିଛି ହିଁ ପଢିନି, କିଛି ବି ଜାଣିନି । କେହି ତାକୁ ଶିଖେଇ ନାହାନ୍ତି ।

ତା' ଛଡ଼ା ଏତେ କଥା ଶିଖେଇଥିବା ବାପା ବି କାହିଁ କେବେ ମଣିଷ ଚରିତ୍ରର ଏଇ ବୈଚିତ୍ର୍ୟ ସଂର୍କରେ କିଛି ଧାରଣା ଦେଇ ନାହାନ୍ତି । ପଢ଼େଇ ନାହାନ୍ତି । କେବଳ ଯାହା- 'ମିଛ କହିବନି', 'ନିଜ ଉପରେ ବିଶ୍ୱାସ ରଖିବ', 'ପରଧନ ପରସ୍ତ୍ରୀରେ ଲୋଭ କରିବା

Digitized by PPRACHIN, SOA

ପାପ', 'ଗୁରୁଜନଙ୍କୁ ମାନ୍ୟ କରିବ' 'କାମରେ ନିଷ୍ଠା ରଖିବ' ନର ହିଁ ନାରାୟଣଙ୍କ ସ୍ୱରୂପ, 'ମାନବ୍ ସେବା ମାଧବ ସେବା' ଭଳି ବହୁ ନୀତିବାକ୍ୟ ଶୁଆକୁ ଘୋଷେଇଲା ଭଳି ଘୋଷେଇ ଥିଲେ ବାପା । ଆଜି ବି ପିଲା ଦିନର ବହିଥାକ ଖୋଜିଲେ ଗାରପକା ଖାତାରେ ଗୋଲ ଗୋଲ ଅକ୍ଷରରେ ଥରେ ନୁହେଁ ଦଶଦଶ ଥର ଲେଖା ହେଇଥିବ । ଏସବୁ ସେ ମନେରଖିପାରେନି ବୋଲି କମ୍ ମାଡ଼ ଖାଇନି । କେତେଥର ଏକ ଗୋଡ଼ିକିଆ ଠିଆ ମଧ୍ୟ ହୋଇଛି । ଆଉ ଆଜି... କେମିତି ଭୁଲିଯିବ ? ରକ୍ତରେ ତ ମିଶିଯାଇଛି ନିଶା ଭଳି, ମନେ ଅଛି ତାର, ଥରୁଟିଏ ମିଛ କହିଥିଲା ବୋଲି ବାପା ବୋଉକୁ ଆଦେଶ ଦେଇଥିଲେ-'ଦିନଟିଏ ତୋକୁ ଭୋକରେ ରଖିଦିଅ, ଠିକ୍ ମନେ ରହିବ ।'

ମନେ ବି ରହିଗଲା ସତରେ । ଆଉ ସେଇ ମନେରଖିବା ଟା ହିଁ କୁଆଡେ ଆଜି ତାକୁ ଅସୁବିଧାରେ ପକେଇ ଦେଇଛି-ବୋଲି ବନ୍ଧୁମାନେ ଥରକୁ ଥର ମନେ ପକେଇ ଦେଉଛନ୍ତି । ତଥାପି ଘଟଣାଟି ତାର ବେଶ୍ ମନେଅଛି । ସପ୍ତମ ଶ୍ରେଣୀରେ ପଢୁଥିବା ବେଳର ଘଟଣା, ଦୋଳ ବେଳକୁ ଗାଁରେ ଯାତ୍ରା ପଡେ । ଭାରି ଜମେ ସାଂଗସାଥି, ପ୍ରକାର ପ୍ରକାର ଲୋକ, ମଜାଲଗେ । ସେଥରକ ଭଲ ଯାତ୍ରା ଦଳ ଆସି ଗାଁ ତୋଟା ଠି ଡେରା ପକେଇଥିଲେ । ଜଗୁ, ବିଧୁ, କାହ୍ନୁ ହେରିକା ଥରେ ଥରେ ଯାତ୍ରା ଦେଖି ଆସି ଭାରି ଗପନ୍ତି । ବାହାଦୁରୀ ମାରନ୍ତି । ମନ ଛକପକ ହୁଏ ଦେଖିବାକୁ । ସେମାନେ ଦେଖିବେ, ମୁଁ ଦେଖିବିନି । ଛୋଟ ଲାଗେ ନିଜକୁ । ମନ ଲାଗେନି ପଢ଼ାରେ । ଭୁଲହୁଏ । କାନମୋଡା ଖାଏ ସାର୍‌ଙ୍କଠୁଁ । ସ୍କୁଲଯିବା ଆସିବା ବାଟରେ ଯାତ୍ରାର ବାହାର ଯମକ ସିନା ଦେଖେ । ହେଲେ ଯାତ୍ରା.....। ବାପାଙ୍କ ନାଲିଆଖି, ବୋଉର ତାଗିଦା ଇଚ୍ଛାସବୁକୁ ମାଟି କରିଦିଏ । କାନ୍ଥ ଘଣ୍ଟାରେ ଛ' ବାଜିଲେ, ଶୀତଦିନେ ତ ଆହୁରି ଶୀଘ୍ର ସଂଜ ଗଡୁ ନଗଡୁଣୁ ବୋଉ ଆମ ସବୁ ଭାଇଭଉଣୀଙ୍କୁ ଯେମିତି ପଢ଼ା ପାଖରେ ଦେଖିବ । ନହେଲେ ...ର ପ୍ରଶ୍ନ ହିଁ ନାହିଁ । ଇଏ ଗୋଟାଏ ଅଭ୍ୟାସ-ଏବେ ବି । ଛ' ବାଜିଲେ ଯୋଉଠି ଥାଏ ବୋଉ ମୁହଁଟା ଦିଶିଯିବ....ଆପେ ବୁଲିଯିବ ମୁହଁ ଘର ଆଡ଼କୁ । ଅଥଚ଼ କଣ ଆଉ କେମିତି କରିବ ...।

ବାପା ସେ'ଦିନ ଘରେ ନଥାନ୍ତି । କଣ ଗୋଟାଏ କାମରେ ଯାଇଥାନ୍ତି ଚାଷ ଗାଁକୁ । ଏଇ ମଉକା । ମନ ଅଥୟ ହେଲା । ଆଜି ଯଦ ଦେଖିପାରିବନି ତ ଜୀବନରେ ଆଉ ଦେଖି ପାରିବନି । ଖେଳଛୁଟି ହେଲା । ସୁବିଧା ଦେଖି ଜଗୁ ଆଗରେ ସେ କଥାଟା ପକେଇଲା । ଜଗୁ ଭାରି ଧୂର୍ତ୍ତ ଥିଲା । ଏବଂ ସେହିଁ ବୁଦ୍ଧି ବତେଇଥିଲା ।

''ନିହାତି ଅଙ୍କ ନବୁଝିଲେ ନଚଳେ-ଟ୍ୟୁସନସାର୍‌ଙ୍କ ଠୁ ବୁଝିଆସିଛି ଜଗୁ । ଗୋଟାଏ ରାତି ବୋଉ-ମନା କରନି । ସକାଳୁ ସକାଳୁ ଫେରି ଆସିବି-।'' ବୋଉକୁ ନେହୁରା ହେଇଥିଲା ।

ଏତେ ଚାଲାକ୍ ବୋଉଟା ତା' କଥାର ବାସ୍ନା ବାରିନପାରି ରାଜି ହୋଇଗଲା । ''ରାତିଏ ତ ...ହଉଯା' ଖାଇଦେଇ ଜଗୁଘରକୁ ଯିବା ନାଁରେ ସେ'ଦିନ ରାତିରେ ଯାତ୍ରା

Digitized by PPRACHIN, SOA

ଦେଖି ଘରକୁ ବଡ଼ି ସକାଳୁ ଫେରିଲା ବେଳକୁ ବୋଉ ଚଉରାମୂଳେ ପାଣି ଢ଼ାଳୁଥିଲା । କିଛି ଜାଣି ପାରିଲାନି । ଟିକେଟ ପଇସା ଜଗୁ ଦେଇଥିଲା । ସେଇ ପାଞ୍ଚଟଙ୍କାକୁ ବହୁ ସାବଧାନରେ ବୋଉର ବଜାର ସଉଦାରୁ ବଞ୍ଚେଇ ବଞ୍ଚେଇ ଜଗୁକୁ ଫେରେଇଥିଲା । ଅବଶ୍ୟ ବୋଉ ଥରେ ଅଧେ ସଂଦେହ କରି ପଚାରିଛି-'କିରେ ଆଳୁଦାମ୍ ଏତେ ନେଲା କାହିଁକି, ମାଧ ଦୋକାନରୁ ଆଣିଛୁଟି ? ନ ହେଲେ 'ଜିରା, ଧନିଆର ଦାମ କଣ ବଢ଼ିଗଲାଣି ?' କିମ୍ବା 'ଇଏ ଅଧକିଲୋ ଭେଣ୍ଡିଭଳି ଦିଶୁନିରେ'...ଇତ୍ୟାଦି । ସେତିକି ବେଳେ ବି କିଛି ମିଛ କହିବାକୁ ପଡିଛି । ମିଛ କହିଲା ବେଳକୁ ଛାତି ଧଡ଼ପଡ଼ ହୋଇ ଗଳାକୁ କିଏ ଚିପି ଧରିଲା ଭଳି ଲାଗିଛି । ବୋଉ ମୁହଁକୁ ସିଧା ଅନେଇ ପାରିନି ସେ । ସତେ ଯେମିତି କେଡ଼େବଡ଼ ଅପରାଧଟେ କରି ପକେଇଛି ।

ଅନେକ ଦିନ ପର୍ଯ୍ୟନ୍ତ ଏଇ ଅପରାଧବୋଧଟା ତା ସଂଗେ ଲାଗି ରହିଥିଲା । ଏମିତି ବି ସେ ମୋଟେ ଧରା ପଡ଼ିନଥାନ୍ତା । କଥାଟା ଯଦି ସେ ରୀନା'ନୀକୁ ପ୍ରସଙ୍ଗ ଛଳରେ ଯାତ୍ରା ଦେଖିବାକୁ ଯାଇଥିଲା ବୋଲି ନିଜେ କହିନଥାନ୍ତା । ନିଜେ ହିଁ କହିପକେଇଥିଲା ବୋକାଙ୍କ ଭଳି । ନାନୀ ବି ସେତେବେଳେ ତାକୁ ବ୍ଲାକ୍‌ମେଲ୍ କରିଛି, 'କୋଳି ଆଣିଦେ,' ଏଇ ଅଙ୍କଟା କଷିଦେ ମୋ ପାଇଁ' ନ ହେଲେ 'ରଚନା ଟା ଉତାରି ଦେ ଖାତାରେ' ବୋଲି । ତଥାପି ବି କେମିତି କେଜାଣି ଡ଼ବଡ଼ବି ନାନୀ ପାଟିରୁ କଥାଟା ଛିଟିକି ପଡ଼ି ବୋଉ ବାଟ ଦେଇ ବାପାଙ୍କ କାନକୁ ଗଲା ସେ କହି ପାରିବନି । ଦି ମାସ ଗତ ହେଇ ସାରିଥିଲା । ତାପରେ ଦେଖ.... ବାପାଙ୍କ କୋର୍ଟମାର୍ଶାଲ ରୀତିମତ । ପୁରା ଦିନଟିଏ ଉପାସ । ପଢ଼ାଘରେ ବନ୍ଦୀ କରି ରଖିଥିଲେ ବାପା । କେହି କଥା କହିବନି ତା ସହିତ....ଖବରଦାର ।' ବୋଉ ପ୍ରତିବାଦ କରିଥିଲା, ଖୁବ୍ ନରମ ସ୍ୱରରେ । 'ପିଲାଟା କଣ ଟିକିଏ ଭୁଲ କରି ପକେଇଛି । ବୈଶାଖର ଏଇ ମୁଣ୍ଡଫଟା ଖରାରେ ଦିନଟା ଯାକ ଭୋକରେ ରହିବ...ସେ ଆଉ ବଞ୍ଚିବ ନା ! ବୋଉ ଛାତି ବୋଧେ ଫାଟି ଯାଉଥିଲା । ପୁଅ ତାର ଭୋକରେ ରହିବ ବୋଲି । ବୋଉଟାତ କ୍ଷମାର ସାଗର । ହେଲେ ବାପା ତାଙ୍କ ଜିଦ୍‌ରେ ଅଟଳ । 'ତମେ ଜାଣିନ ଅଖିଳ ବୋଉ, କଞ୍ଚାମାଟିକୁ ଦଳି ଚ଼କଟି ଆପଣା ଇଚ୍ଛାମତେ ରୂପଦେଇ ହୁଏ । ଥରେ ଟାଣ ଧରିଲେ ଆଉ କିଛି ହବନି । ତେଣିକି ଭାଙ୍ଗିଯିବାର ଯନ୍ତ୍ରଣା ସହିବାକୁ ପଡ଼ିବ । ତାର ଯେତିକି ଭୁଲ୍....ତୁମର ବି ସେତିକି । ତୁମ ଅପାରଗତାରୁ ସେ ସୁଯୋଗ ପାଇଲା' । ରାଗରୁଷାରେ ବାପା ବୋଉ ସାଂଗେ କଥା କହି ନଥିଲେ ସପ୍ତାହେ । ଭାରିମନ କଷ୍ଟ ହୋଇଥିଲା ବୋଉ ପାଇଁ । କିଛି ନା କିଛି ଗାଳିମନ୍ଦ ଶୁଣୁଥାଏ ବୋଉ ପିଲାଙ୍କ ପାଇଁ ସବୁଦିନେ । ଆହା ବିଚାରୀ ବୋଉ । ସବୁ ମନେ ଅଛି । କିଛି ଭୁଲିନି ।

ତୋର କିନ୍ତୁ ଭୁଲିଯିବା ଉଚିତ ଥିଲା ଅଖିଳ । ପିଲାଦିନ କଥା, ପିଲାଦିନ ସ୍ୱପ୍ନ, ମାନ ଅଭିମାନ ସବୁ ତ ପିଲାଖେଳ, ଭୁଲିଯିବା ପାଇଁ । ତାକୁ ସାଇତି ରଖିଲେ ଜୀବନରେ

Digitized by PPRACHIN, SOA

ଆଗେଇବାଟା ସହଜ, ହୁଏନି । ପୁରୁଣା ସବୁବେଳେ ପୁରୁଣା । ଆଜି ପାଇଁ ତାର ଜାଗ୍‌ତି କାହିଁ ? ତୁ ଭୁଲ କରୁଛୁ.... ବଂଧୁ ରାଜୀବ ସେ ଦିନ କହିଥିଲା ଏ ସବୁଶୁଣି ।

ସତକଥା । ସେ ଦିନର ବିଚାର, ସେଇ ଆଦର୍ଶ, ସେଇ ନୀତିର ଆଜି କିଛି ମୂଲ୍ୟ ନାହିଁ । ତାକୁ ବାରଂବାର ଅଭ୍ୟାସ କରିବାକୁ ଯାଇ ସେ କମ୍ ହଇରାଣ ହୋଇନି । ପ୍ରତିଟି କ୍ଷେତ୍ରରେ, ଏମିତିକି ବ୍ୟାବହାରିକ ଜୀବନରେ ମଧ୍ୟ ସତକଥାର ତାତିନିଆଁରେ ଅନେକଙ୍କର ମୁହଁଦିହ ପୋଡ଼ି ଅଙ୍ଗାର ହୋଇଛି । ଉତ୍‌କ୍ଷିପ୍ତ ହେଇଛନ୍ତି ସେମାନେ । ଶତ୍ରୁବଢ଼ିଛନ୍ତି । ଆପଣାର ମଣିଷମାନେ ମଧ୍ୟ ଦୂରେଇ ରହିଛନ୍ତି । କାଳେ ଲୋକଟାର ଆଖିରେ ସବୁ ଧରାପଡ଼ିଯିବ । ଆଖି ତ ନୁହେଁ ମାଇକ୍ରୋସ୍କୋପ । ଏଇ ଦୂରତା ଭଲା ଯାଉ ସେ ସ୍ୱର୍ଗକୁ ଧର୍ମରାଜ ହେଇ ।

ସେ ଏକୁଟିଆ ହୋଇଯାଉଛି ବୋଲି ଅନୁଭବ କରିପାରୁଛି ମଧ୍ୟ ।

ସେ'ଦିନ ଘରକୁ ଫେରିବା ବାଟରେ ଶ୍ରୀବତ୍ସ କହିଲା-''ଆଚ୍ଛା ଅଖିଳ, କଥା କହିବାର ଢ଼ଙ୍ଗକୁ ତୁ ଟିକେ ବଦଳେଇ ପାରନ୍ତୁନି ? ମାନେ, ସେଇ କଥାକୁ ଟିକିଏ ବଙ୍କେଇ ତେଢ଼େଇ ଅନ୍ୟକୁ ଖରାପ ନଲାଗିଲା ଭଳି, ସେମାନଙ୍କ ଦୋଷ ତ୍ରୁଟିକୁ ନ ଦେଖେଇଲା ଭଳି, ସେମାନଙ୍କୁ ପ୍ରଶ୍ନ ନକଲା ଭଳି...''

-''ପ୍ରଶଂସା କଲାଭଳି, ସେମାନଙ୍କ ଅପକର୍ମକୁ ନିଜ ମୁଣ୍ଡରେ ବୋଲି କୃତାର୍ଥ ହେଲା ଭଳି, ଏଇୟା ତ ? ମୁଁ ପାରିବିନି ଶ୍ରୀବତ୍ସ । ଉପରିସ୍ଥଙ୍କ ବାପା ମଲେ ନିଜେ ଲଣ୍ଡା ହୋଇ ମୁଁ କ୍ରିୟା ବଢ଼େଇ ଅନ୍ୟର ପ୍ରିୟପାତ୍ର ହୋଇପାରିବିନି । ନିଜତ୍ୱକୁ ବଳି ଦେବା ମୋ ଜାତକରେ ନାହିଁ ଶ୍ରୀବତ୍ସ, ଏ ନୂଆ ପାଠ ମୁଁ କେମିତି ଶିଖିବି ?

'ମୁଁ ମାନୁଛି ଅଖିଳ, ତୋର ଉଦ୍ଦେଶ୍ୟ ମହତ୍ । ଦୃଷ୍ଟି ଉଦାର । ତୋ' ଭିତରେ ନିତାନ୍ତ ଭଲ ମଣିଷଟିଏ, ଗୋଟାଏ ଭଲ ସମୟର ଅପେକ୍ଷାରେ ଅହରହ ସଂଘର୍ଷ କରି ବଂଚିଛି । ହେଲେ ଭାଇ ! ଯୁଗ ତ ବଦଳିଛି ନା ! ଏଇ ମଣିଷ କେତେ ସ୍ୱାର୍ଥପର ଆଉ ସୁବିଧାବାଦୀ ହେଇପଡ଼ିଛି ତୁ ଦେଖୁଛୁ ପ୍ରତି ମୂହୂର୍ତ୍ତରେ । କେମିତି ଚ଼ଳିବୁ ଏଇ ଶୋଷକ ରକ୍ତ ମୁଖାଦଳଙ୍କ ଭିତରେ ? ଏକୁଟିଆ କେତେ ଲଢ଼ିବୁ ସାଲିସ୍ ନକଲେ ?''

ସୁରମା ବି ମନେ ପକେଇ ଦେଇଛି ଏକଥା ଅନେକଥର । ''କେତେଦିନ ଏମିତି ନିଜକୁ ଅନ୍ୟମାନଙ୍କ ଠାରୁ ଅଲଗା ରଖିବ? କେମିତି ଚଳିବେ ପିଲାଏ ଭାବିଛ ଥରେ ? ଆମ ସାମ୍ନା ଘର ଦାମଜେନା ସ୍ୱାସ୍ଥ୍ୟ ବିଭାଗର କିରାଣୀଟିଏ । କେମିତି ଚଳୁଛନ୍ତି ଅୟସରେ ଦେଖୁଛ ତ । ଗାଡ଼ି ଟେଲିଫୋନ୍, କେଡ଼େ ବଡ଼ କୋଠା, ନିତିଦିନର ଚଳଣି ଦେଖିଲେ ଆଖି ଖୋସି ହୋଇଯିବ । ଲକ୍ଷେ ଟଙ୍କା ଡୋନେସନ ଦେଇ ପୁଅକୁ ବାହାରେ ଡ଼ାକ୍ତରୀ ପାଠ ପଢ଼ାଉଛନ୍ତି । ଆଉ ଦିଲ୍ଲୁ ମହାନ୍ତି...ସପ୍ଲାଇ ଅଫିସର କିରାଣୀ ...ଆଧୁନିକ ସାଜବାଜରେ ଘର ଝଟକି ଉଠୁଛି । କାଲିକୁ କାଲି ଝିଅର ବାହାଘର କରିବେ କୋଉ

Digitized by PPRACHIN, SOA

ଗୋଟାଏ ବଡ ରାଜକୁମାର ସାଥିରେ । କେତେ ଖାତିର ତାଙ୍କର । କେତେ ଦମ୍ଭ ତାଙ୍କ ସ୍ତ୍ରୀର.....

"ତମେ କଣ ସେଇଆ ହେବାକୁ ଚାହଁ ସୁରମା? ଦାମଜେନାଙ୍କ ସ୍ତ୍ରୀ ଭଳି, ଦିଲୁମହାନ୍ତିଙ୍କ ଧର୍ମପତ୍ନୀ ଭଳି ? ତମର କଣ ସାହସ ଅଛି ଶୁଣିବାକୁ ଯେ, ସ୍ୱାମୀ ତମର ସଲାସୁତୁରା କରି ବସ୍ତା ବସ୍ତା ଡ଼ାଲି, ଚାଉଳ, ଚିନି, ନେଇ ମୋଟା ବ୍ୟବସାୟୀଙ୍କୁ ବିକୁଛି । କିମ୍ବା ଦରକାରୀ, ଜରୁରୀ ଫାଇଲକୁ ଏପାଖ ସେପାଖ ଘୁଞ୍ଚେଇବା ପାଇଁ, କି ଚପେଇ ରଖିବା ପାଇଁ ମୋଟା ଅଙ୍କର ହାତଗୁଞ୍ଜା ନେଉଛି । ଶୁଣିପାରିବ, ଆଉ ଶହେଜଣ ଯେତେବେଳେ ନାକରେ ଆଙ୍ଗୁଠି ଦେଇ କହୁଥିବେ, ବଦ୍‌ମାସ ଚୋର ଅଖିଳପତି ଦିଅଁ ଖାଇ ଖାଇ ଶେଷରେ ଖଟୁଲି ବି ଖାଇସାରିଲାଣି । ବାହାରେ ବଡ ବଡ ଆଦର୍ଶର କଥା କହି ଭିତରେ ଭିତରେ ଚଳୁ କରି ଚାଲିଛି । ଭଣ୍ଡ, ଧୋକାବାଜ୍, ତାରି କେତେ ରୂପ....ଗୋଟିଏ ନୁହେଁ ।

ଆଉ ତାପରେ ବି ତମେ ଦାମଜେନାଙ୍କ ସ୍ତ୍ରୀ ଭଳି, ଦିଲୁ ମହାନ୍ତିଙ୍କ ଧର୍ମପତ୍ନୀ ଭଳି ଛାତି ଫୁ'ଲେଇ ଦମ୍ଭରେ ବାଟ ଚାଲି ପାରିବ ?? ତମେ କଣ ଚାହଁ ସୁରମା ମୁଁ ଦାମ ଜେନା କି ଦିଲୁ ମହାନ୍ତି ଭଳି ହୁଏ । ସାଧାରଣ ଜନତାର ଅର୍ଥକୁ ବାଟମାରଣା କରି, ବଦଳରେ ତମମାନଙ୍କ ପାଇଁ ସୁଖ କିଣେ, ବଡହୁଏ ? ଏ ସୁଖକୁ, ଏ ବଡ ପଣକୁ ତମେ ପୌରୁଷ ବୋଲି ଗ୍ରହଣ କରିବ ତ ?

ସୁରମାର ପାଟି ବନ୍ଦ ହୋଇଯାଏ ଏକ ଦୁରନ୍ତ ଅଭିମାନରେ ସତ । ହେଲେ ଦ୍ୱିଧାଗ୍ରସ୍ତ ହେଇପଡେ ସେ । ଏଇ କାଉଁରିଆ କାଠି ମଣିଷଟା ମୂଳନୀତି ପାଖେ କେବ ବି ମୁଣ୍ଡ ନୁଆଇଁବନି । 'ଶେଷରେ....ଚାକିରୀଟାକୁ ବି ଧରି ରଖି ପାରିବକି ନାହିଁ କେଜାଣି !

କେମିତି ସେ ଧରି ରଖିବ ଚାକିରୀକୁ ? କେମିତି ଧରି ରଖନ୍ତା? ଉପରିସ୍ଥ ଯାହା ଚାହିଁବେ ଆଖିବୁଜି କଣ ସବୁ କଥା ସେ ମାନି ନେବ? ତା ନିଜର ବୁଦ୍ଧି ବିବେକ ନାହିଁ ? ଦାୟ ଦାୟିତ୍ୱ ନାହିଁ । ଚାକିରୀରେ ପଶିଲା ଦିନୁ ସରକାରଙ୍କ ନିକଟରେ ବିଶ୍ୱସ୍ତ ରହିବ ବୋଲି ଅଲିଖିତ ପ୍ରତିଶ୍ରୁତି ଦେଇଛି । ମନ ବଚନ କର୍ମରେ ମଧ୍ୟ ସେ ବିଶ୍ୱସ୍ତ ରହିବାକୁ ଚାହେଁ । ଏ ନୀତିର ସେ ଖିଲାପ କରିପାରିବନି ଏ ବିଶ୍ୱାସକୁ ସେ ଭାଙ୍ଗିବ କେମିତି ଯେ ?

ହେଲେ ଏବେ ସେ କିଛିବାଟ ସାଲିସ୍ କରିବାକୁ ପ୍ରସ୍ତୁତ ହେଇଥାନ୍ତା, ଚାକିରୀଟାର ଲୋଭରେ ହେଉକି ପିଲାଛୁଆଙ୍କ ମୁହଁକୁ ଚାହିଁ, କିଛିବାଟ ପଛକୁ ହଟିଯାନ୍ତା...ଯଦି ସିନା ତାକୁ ଏଇ ସବୁ ପାଇଁ ଜବାବ ଦେହି ହେବାକୁ ପଡିନଥାନ୍ତା ! ଜାଣୁ ଜାଣୁ କେମିତି ସେ ଗୁଡାଏ ତାହା ମିଛକୁ କଲମ ଗାରକରେ ସତବୋଲି ଲେଖି ପକାନ୍ତା ଯେ,-'ହଁ ଖର୍ଚ୍ଚହୋଇଛି । ଲକ୍ଷ ଲକ୍ଷ ଟଙ୍କା ଏଇ ଅଶିକ୍ଷିତ ଅନୁସୂଚିତ ବର୍ଗ ମଣିଷଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହେଇଛି । କମଳା ଲେମ୍ବୁର ବଗିଚା ହେଇଛି । ଛେଳି କୁକୁଡା କିଣା ହେଇଛି, ଗାଈ ମଇଁଷୀକିଣା ହେଇଛି, ଜମିକୁ ଖତ, ଘରକୁ ଚାଉଳ, ପିଲାଙ୍କୁ ପାଠ, ସବୁ ଯୋଗେଇ ଦିଆ ଯାଇଛି ।

Digitized by PPRACHIN, SOA

ସବୁହେଉଛି....ହେଉଛି...ଆଉ ହୋଇଛି । ଦାରିଦ୍ର୍ୟର ସୀମାରେଖା ତଳେ ଶୋଇ ପଡ଼ିଥିବା ହତଭାଗ୍ୟ ମଣିଷ ଗୁଡ଼ାକଙ୍କର ଜୀବନ ଏଣିକି ରେଖା ଅତିକ୍ରମିବାକୁ ଚେଷ୍ଟା କଲାଣି । ସବୁ କାଗଜ କଲମରେ-ଚିତ୍ରେଇବାକୁ ଆଦେଶ ଥିଲା ।

କେମିତି ମାନିଥାନ୍ତା ଆଦେଶ ! କେମିତି ଲେଖି ପକେଇଥାନ୍ତା ଏ ସବୁ କଥା । ହାକିମ ଦପ୍ତର ଷ୍ଟେନୋ୍ ବ୍ରଜସୁନ୍ଦର ଖେଞ୍ଚା ମାରିଲା ଭଳି କହିଥିଲା-'ଏମିତି କୋଉ ବିଚିତ୍ର କଥାଟାଏ ତମେ କରିପକେଇବକି ଅଖିଳବାବୁ? ସମସ୍ତେ ସେମିତି ଲେଖନ୍ତି ନା । ପ୍ରଶ୍ନ କାଗଜ କଲମରେ ହୁଏ ଉତ୍ତର ବି ଯାଏ କାଗଜ କଲମରେ । ସମସ୍ୟା ତିଆରିହୁଏ କାଗଜକଲମରେ , ସମାଧାନ ବି ସେଇ କାଗଜ କଲମରେ । ନହେଲେ କମିଟି ବସେ କଥା ବଢ଼ିଗଲେ । ଫଳ କିଛି ହୁଏନା । ଯୋଉ ତିମିରେ ଲୁ ସେଇ ତିମିରେ । ମୁଁ ପରା ଏତେ ବର୍ଷ ହେଲା ଦେଖି ଆସୁଛି । ମୋ' କଥା ମାନ, ମଝି ନଈରେ ଘରକରି କୁମ୍ଭୀର ସାଂଗେ ବାଦ କରନା । ଏଠି ପାଠ କାମ କରେନି-ଶାଠ । ବୁଦ୍ଧିର କରିସ୍ମା ଦେଖାଅ । କିଏ ଆସି ଦେଖୁଛି ତମ ସତ ମିଛକୁ ? ବଡବଡ଼ ହାକିମମାନେ କଣ ଏଇ ବଣ ଜଙ୍ଗଲ ଘେରା ବ୍ଲକ ଅଫିସକୁ ଆସୁଛନ୍ତି ତନଖି କରିବାକୁ ? ଦେଖିଛ କେବେ ? ଏଇମାନେ ହେଲେ ଆମ ପ୍ରଭୁ !

ସେ ଆଶ୍ଚର୍ଯ୍ୟ ହୋଇ ଦରବୁଢ଼ା ବ୍ରଜସୁନ୍ଦର ମୁହଁକୁ ଚାହିଁଥିଲା । ବୋକାଙ୍କ ଭଳି । ବ୍ରଜ ସୁନ୍ଦରର ଚତୁର ଆଖି ଦି'ଟା ଜଳି ଉଠିଥିଲା । ଦପ୍ ଦପ୍ ହେଇ । ବୋଧେ ଶିକାରକୁ ପଟେଇ ପାରିଛି ବୋଲି ଭାବି ।

''କଣ ଏମିତି ଚାହିଁଛ ଯେ....କେତେ ବର୍ଷ ଚାକିରୀ କଲଣି ?''

''ମୁଁ ବୁଝିପାରୁନି, ତମେ କଣ କହିବାକୁ ଚାହୁଁଛି । ସତର ସିନା ଗୋଡ଼ ଅଛି ଠିଆ ହେବା ପାଇଁ, ହେଲେ ମିଛ...ମିଛ କେମିତି ଠିଆ ହେବ ?

''ଠିଆ ହେବ । ତମେ ଚାହିଁଲେ ସବୁ କରି ପାରିବ । କିହୋ, ଆମ ଗାଁ ସ୍କୁଲ ନାହିଁ ? ଆମ ଗାଁ ଆଖ ପାଖରେ ଆମ୍ବ, କମଳା, ଲେମ୍ବୁ ତୋଟା ନାହିଁ ? ପାଖ ସହରରେ କୁକୁଡା ଫାର୍ମ ନାହିଁ ନା ଗାଈ ଗୋରୁ ପାଳନ କେନ୍ଦ୍ରଟିଏ ନାହିଁ ? ଦି' ଚାରିଟା ଫୋଟ ସହିତ ବାଗେଇ ବୁଗେଇ କଲମ ବୁଦ୍ଧିରେ ଏମିତି ବୁଝେଇ ଦେବ ଯେ, କାହାର ଅବକାଶ ନଥିବ ସଂଦେହ କରିବାକୁ । ଭଲ ଦିନ ଦେଖି ନାମୀ, ଦାମୀ ମଣିଷଙ୍କୁ ଡ଼ାକି ତାଙ୍କରି ହାତରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭଟିଏ ମଧ୍ୟ କରିପାରିବ । ମନେରଖ, ସବୁବେଳେ ଫୋଟବାଲା ପାଖରେ ଥିବ । କାରଣ ସବୁକଥାର ପ୍ରମାଣ ଚାହି । ଆପେ ଆପେ ଶିଖିବା ପାଠ ଇଏ...ମୁଁ ତମକୁ କଣ ଶିଖେଇବି ? ବୁଦ୍ଧି ଖଟେଇ କାମ କଲେ ମିଛ ଗୋଡ ଲଗେଇ ଠିଆ ହେବନି ଖାଲି...ଟଙ୍ଗ ଟଙ୍ଗ ହୋଇ ଚାଲିବ ମଧ୍ୟ । ସବୁ ପରସେଣ୍ଟେଜର କାମ...କମିସନିଯୁଗ ଏଇଟା....

Digitized by PPRACHIN, SOA

ବ୍ରଜସୁନ୍ଦରର କଥା ଶୁଣୁ ଶୁଣୁ ତାଳୁରୁ ତଳିପା ଯାଏ ଜଳିଉଠିଥିଲା ତାର । ହେଲେ ସମ୍ଭାଳି ନେଲା ନିଜକୁ । ତା' ନାଁରେ ଅଭିଯୋଗଫର୍ଦ୍ଦ ଦାଖଲ ହେଇଛି । କର୍ତ୍ତବ୍ୟରେ ଅବହେଳା, ଟଙ୍କା ପଇସାରେ ହେରଫେର । ସଚ୍ଚୋଟତା ଉପରେ ପ୍ରଶ୍ନ ଉଠିଛି । ଚାକିରୀଟା ଚାଲିଯାଇ ପାରେ ! ଚାକିରୀ ଚାଲିଯିବାର ସମ୍ଭାବନାକୁ ଏଡ଼େଇବା ପାଇଁ ବ୍ରଜସୁନ୍ଦର ଆପଣା ମଣିଷ ହୋଇ ବୁଦ୍ଧି ବତେଇବାକୁ ବସିଥିଲା ସେ'ଦିନ । ବିନା ପଇସାରେ କଥା କୁହେନି ବ୍ରଜସୁନ୍ଦର ।

ସେ ରାଜି ହୋଇ ପାରିଲାନି ।

ଦୁର୍ନୀତିର ଦୁର୍ଗ ଭିତରେ ପୌରୁଷକୁ ମେଣ୍ଢା କରି ରହିବାର ମାନେ କିଛି ହୁଏନା । ହାତ ଥିଲେ ଭାତର ଅଭାବ ହେବନି । ପେଟ ଅପୋଷା ରହିବନି । ହେଲା ଏବେ, ସୁଖଅୟସର ଜୀବନଟିଏ ସେ ଦେଇପାରିବନି ପିଲାଙ୍କୁ । ଦାମଜେନା ପୁଅଭଳି ପୁଅ ତାର ଡ଼ାକ୍ତରୀ ପାଠ ନ ପଢୁ ପଛକେ ମଣିଷଟିଏ ହେଉ । ଦେଶର କୋଟି କୋଟି ତ ଏମିତି ବଞ୍ଚିଛନ୍ତି ନା । ସୁଖଶାନ୍ତିର ଶାଗଭାତ ଜୀବନଟିଏ ସେ ଚାହେଁ । ଉଚ୍ଚମନ ଉଚ୍ଚଚିନ୍ତା ଚାହେଁ । ଲୋଡ଼ାନାହିଁ ସେଇ ପେଞ୍ଚପାଞ୍ଚର ଛି ଛାକରା ଜୀବନ । ମିଛର ଖୋଳପା ପିନ୍ଧି ଛଳନାର ନୀଳ ବୋଲି ହେଇ, ପଂଝାଏ ଚୋରଡକେଇତଙ୍କ ମଝିରେ ଠିଆ ହୋଇ 'ମୁଁ ବି ତୁମ ଦଳର, ତୁମ ଭିତରୁ ଜଣେ' ବୋଲି ବଡ଼ପଣ ସେ ଦେଖେଇ ପାରିବନି । ସେ ମିଛି କହିବନି । ଛଳନା କରିପାରିବନି । ଅକୃତଜ୍ଞ ହେଇ ପାରିବନି ତା' ଦେଶର ମଣିଷମାନଙ୍କ ପାଖରେ । ଏମିତିକି ନିଜ ପାଖରେ ନିଜ ଭିତରେ ଥିବା ଈଶ୍ୱରଙ୍କ ପାଖରେ । ନା, ସେ ପାରିବନି ମିଛି କହି । କେହି ତାକୁ ଆଉ ଅଟକେଇ ପାରିବେନି, ଭୟ ଦେଖେଇ ପାରିବେନି ଚ଼ରିତ୍ରଲିପିର, ପଦୋନ୍ନତିର ଅଥବା ଚାକିରୀର, କିମ୍ବା ଐଶ୍ୱର୍ଯ୍ୟମୟ ଲୋଭିଲା ଜୀବନର । ରାତି ପାହିଲେ ସେ କୋର୍ଟରେ ହାଜିର ହେବ । ସବୁ ସତସତ ହିଁ କହିବ । ଯାଉ ଚାକିରୀ । ତାର ଲୋଭ ନାହିଁ ଚାକିରୀକୁ । ଏଇ ଭୟଙ୍କର ରକ୍ତଶୋଷା ଜନ୍ତୁମାନଙ୍କ ଭିତରେ ସେ ବଞ୍ଚି ପାରିବନି ନିଃଶ୍ୱାସ ନେଇ । ଓହୋ ! ଏଥର କିମିତି ନିଶ୍ଚିନ୍ତ ଲାଗିଲା ତାକୁ । ଏତେଦିନକେ ଗୋଟାଏ ସିଦ୍ଧାନ୍ତ ଭଳି ସିଦ୍ଧାନ୍ତଟିଏ ନେଲା ସେ । ବାଟବଣା ହୋଇଯାଇଥିଲା ତ, ଏଥର ଠିକଣା ଯାଗାରେ ଆସି ପହଞ୍ଚିଛି । ଓହୋ ! କି ହାଲୁକା ଲାଗିଲା ସତରେ !

ପୁଣି ଆଶ୍ଚର୍ଯ୍ୟ ବି ଲାଗିଲା ତାକୁ ।

ଆଶ୍ଚର୍ଯ୍ୟ ଲାଗିଲା ଏଇଥି ପାଇଁ ଯେ, ସେ ଏଇ ଟିକକ ଆଗରୁ ଛାର ଗୋଟାଏ ମଶାର ଖୋଜରେ ବାହାରିଥିଲା ବିରକ୍ତିରେ, ଘୃଣାରେ,ରାଗରେ ।

ଅଥଚ ମଶା ଖୋଜୁ ଖୋଜୁ ଗୋଟାଏ ଦୁର୍ଲ୍ଲଭବସ୍ତୁକୁ ଖୋଜି ପାଇଲା ।

ହଁ, ସେ ଖୋଜି ଖୋଜି ପାଇଛି, ତାର ଅତୁଟ ଆତ୍ମବିଶ୍ୱାସ । ସଂଘର୍ଷ ପାଇଁ ଦୃଢ଼ ମନୋବଳ ।

Digitized by PPRACHIN, SOA

ମନେ ମନେ ଏଥର ସ୍ୱସ୍ତିରେ ହସିଦେଲା ଅଖିଳ । ଟେବୁଲ୍ ଉପରେ ଖୋଲେଇ ହୋଇ ପଡିଥିବା ଫାଇଲ୍ ଗୁଡାକୁ ଏକାଠି ସଜାଡୁ ସଜାଡୁ ଭାବିଲା, ହେଉ, ଶତ୍ରୁଟା ଆଜି ମଉକା ଦେଖି ଖସି ସିନା ପଳେଇଛି। ପୁଣି ଆସିବ ସୁଯୋଗ ଉଣ୍ଡି ଦଂଶିବାକୁ । ତାକୁ ନହେଲେଆଉ କାହାକୁ । ଲକ୍ଷେ ପ୍ରୟାସ କଲେ ବି ଏମାନଙ୍କର ଅନ୍ତ ହେବନି । ନିପାତ ହେବେନି ଏମାନେ । କେମିତି ହେବେ ? ଦେଶ ଗୋଟାକ ତ ଭୟଙ୍କର ଭ୍ରଷ୍ଟାଚାରର ପୂତିଗନ୍ଧରେ ପ୍ରଦୂଷିତ ହୋଇସାରିଛି । ଚାରିଆଡେ କଳା ଅଙ୍ଗାରର ଘନ ଅନ୍ଧକାର....ଏଇ ଅନ୍ଧାର ଭିତରେ ଆହୁରି କୋଟି କୋଟି ସଂଖ୍ୟାରେ ଜନ୍ମନେବେ ଏମାନେ । ମାଡ଼ିବସିବେ ଜଳସ୍ଥଳ ଆକାଶକୁ । ଲୁଚେଇଦେବେ ସୂର୍ଯ୍ୟଙ୍କୁ ଚକ୍ରାନ୍ତ କରି ନିଜ ଭ୍ରଷ୍ଟାଚାରର କଳାଡେଣାରେ । ସୂର୍ଯ୍ୟର ଖରା କେମିତି ଖୋଜିବ ଏମାନଙ୍କୁ ?? କେମିତି ଖୋଜିବ ??

ଭାବୁ ଭାବୁ କେମିତି ହତାଶ ଛାଇଗଲା ତା ମନରେ । ସବୁ ଚିନ୍ତା ଚେତନା କେନ୍ଦ୍ରିଭୂତ ହେଲା ଯାଇ ଗୋଟିଏ ବିନ୍ଦୁରେ 'କେମିତି ଖୋଜିବ ??

ହଠାତ୍ ଗୋଟାଏ ବିସ୍ଫୋରଣ ହେଲା ଭଳି ତା' ଅଭ୍ୟନ୍ତରରୁ କିଏ ଯେମିତି ଖୁବ୍ ଜୋରରେ ଚିତ୍କାର କରି କହିଉଠିଲା-ହଁ ଖୋଜିପାଇବ । ସତ ନିଆଁର ଖରାରେ ପୋଡିଯିବ ଦିନେ ଏମାନଙ୍କ ଡେ଼ଣା । ସେ' ଦିନ ଆସୁଛି । ଡେ଼ରି ନାହିଁ ...ଟିକିଏ ଧୈର୍ଯ୍ୟ ଦରକାର ।

ଅଖିଳ ଆଶ୍ଚର୍ଯ୍ୟ ଚକିତ ହୋଇ ନିଜ ଭିତରକୁ ଚାହିଁଲା-କିଏ କହୁଛି ? ଚାହିଁଲା ମଧ୍ୟ ବାହାର ପୃଥିବୀକୁ । ହୁଏତ ମନେ ମନେ ଖୋଜୁଥିଲା ସେଇ ନିର୍ମଳ, ସ୍ୱଚ୍ଛ, ଦାଉ ଦାଉ ହୀରାଟିଆ ଖରାକୁ !

□□□

Digitized by PPRACHIN, SOA

କୁବେର

ସହରର ବିଶିଷ୍ଟ ଶିଳ୍ପପତି ତଥା ଜନନେତା ଦିବଂଗତ ଉତ୍ତରମାନଧାତାଙ୍କର ଜନ୍ମଦିନ ପାଳନ ଅବସରରେ ସ୍ଥାନୀୟ ଟାଉନ୍‌ହଲ "ମାନଧାତା ଭବନ" ଠାରେ ଗୋଟାଏ ବଡ଼ ଧରଣର ସଭା ଆୟୋଜନ ହେବାର ସ୍ଥିର କରାଯାଇଥିଲା । ହେଲେ ଉଦ୍ୟୋକ୍ତା ମାନେ ସେତିକିରେ ସନ୍ତୁଷ୍ଟ ହୋଇ ନଥିଲେ । ଆଉ କିଛି ଅଧିକା କରିବା ପାଇଁ ସ୍ଥାନୀୟ ନେତା ପ୍ରସ୍ତାବ ଦେଲେ....ଯେମିତି ବଡ ବଡ ନେତାମାନଙ୍କ ପାଳନ କରାଯାଏ । କାରଣ ଉତ୍ତରମାନଧାତା କିଛି କମ୍ ପ୍ରଭାବଶାଳୀ ନଥିଲେ । ରାଜ୍ୟର ଅର୍ଥନୀତି ଏବଂ ରାଜନୀତି ଉଭୟ କ୍ଷେତ୍ରରେ ତାଙ୍କର ସମାନ ନିୟନ୍ତ୍ରଣ ଥିଲା । ବହୁ ଧର୍ମାନୁଷ୍ଠାନ, ସ୍କୁଲ କଲେଜ, ଡାକ୍ତରଖାନା ତାଙ୍କ ନାମରେ ନାମିତ ଥିଲା । ତା'ଛଡ଼ା ନିର୍ମାଣାଧୀନ ଆହୁରି ଗୋଟାଏ ଅଧେ ଭବନ, ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ଫଳକର୍ରେ ଏବେବି ତାଙ୍କର ନାମ ଝୁଲୁଛି । ତେଣୁ ଏଭଳି ଜନପ୍ରିୟ ପୁରୁଷଙ୍କ ଜନ୍ମଦିନ କୁ ଅଧିକ ସ୍ମରଣୀୟ କରିବା ପାଇଁ ସିଦ୍ଧାନ୍ତ ହେଲା ଯେ, 'ବୃକ୍ଷରୋପଣ' ଅଥବା 'ଗଣଦୌଡ଼' ଭଳି କାର୍ଯ୍ୟକ୍ରମକୁ ସଂଯୋଜନା କରାଯିବା ହିଁ ଉଚିତ ହେବ ।

ଶେଷରେ ସମସ୍ତଙ୍କ ଅନୁମୋଦନ କ୍ରମେ ସ୍ଥିରହେଲା 'ଗଣଦୌଡ଼' ହେବ ଏବଂ ମାନଧାତାଙ୍କ ପାଇଁ ତାହା ହିଁ ହେବ ଯଥାର୍ଥ ସମ୍ମାନ ।

ସେ ଦିନ ବହୁ ମାନ୍ୟଗଣ୍ୟ, ଦାମୀ, ନାମୀ ବ୍ୟକ୍ତି ବିଶେଷ ନିମନ୍ତ୍ରିତ ହୋଇ ସଭାକୁ ଆସିଲେ । ବେଶ୍ ଜନସମାଗମ ହେଲା ମଧ୍ୟ । ସ୍ଥାନୀୟ ନେତା ସଭାରେ ମଞ୍ଚମଣ୍ଡନ କରି ଯୁବପୀଢ଼ିକୁ ସମ୍ବୋଧିତ କରିବା ଆରମ୍ଭ କରିଦେଇଥିଲେ... ସଭା ସରଗରମ ହେଇ ଉଠିଥିଲା ତାଙ୍କ ଭାଷଣରେ । କେତେବେଳେ ଦାର୍ଶନିକର ଉଦାର ଦୃଷ୍ଟି ମଣିଷ ଜୀବନ ଆଡ଼କୁ ଇଙ୍ଗିତ କରୁଥିଲା ତ,କେତେବେଳେ ନିପୁଣ ରାଜନେତା ଠାଣିରେ ଜୀବନର ପ୍ରଗତି ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଥିଲେ-"ମଣିଷ ଏ ପୃଥିବୀକୁ ଆସିଛି କିଛି କରିବ ବୋଲି- କରି ଦେଖେଇବ ବୋଲି-ସେଇଥିପାଇଁ ତାର ଅନବରତ ପ୍ରୟାସ । ଯିଏ ଯେତେ, ଆଗକୁ ଯିବ, ତାର ବାହାଦୁରୀ ସେତିକି-ସେଇଥିପାଇଁ ହିଁ ଏଇ ଦୌଡ଼....ସବୁଠି, ସବୁକ୍ଷେତ୍ରରେ ଏଇ ପ୍ରତିଯୋଗିତା । ଜୀବନ ପାଇଁ ଯାହା ସତ୍ୟ ଦେଶ ପାଇଁ ମଧ୍ୟ ସେଇ ସତ୍ୟ । ଦୌଡ଼ ହିଁ ଜୀବନ । ତାଳି ମାଡ଼ରେ କମ୍ପିଉଠିଲା ସଭାସ୍ଥଳି ।

କୁବେର ଗୋଟାଏ କୋଣରେ ଠିଆ ହୋଇ ଅନ୍ୟମନସ୍କଭାବେ ଶୁଣୁଥିଲା ନେତାଙ୍କ ଅଭିଭାଷଣ । ସଭା ଆରମ୍ଭ ହେବାର କିଛି ପୂର୍ବରୁ ହିଁ ପହଞ୍ଚିଯାଇଥିଲା । ସେଇଠି ପହଁଞ୍ଚିବା ମାତ୍ରେ ଆଖି ତାର ଖୋଜି ବୁଲିଥିଲା ଉଲ୍ଲାସକୁ । କାରଣ ସେ ଜଣେଇ ଦେବାକୁ

Digitized by PPRACHIN, SOA

ଚାହୁଁଥିଲା ଯେ, ତାରି ମନରଖିବାକୁ ସେ ଆସିଛି । କିନ୍ତୁ ଉଲ୍ଲାସ ଏତେ ବ୍ୟସ୍ତ ଥିଲା ଯେ, କଥାକହିବା ପାଇଁ ତାର ମୁହୂର୍ତ୍ତେ ବି ସମୟ ନଥିଲା । ତଥାପି ସେଇ ଗହଳି ଭିତରୁ ତାକୁ ଦେଖିପାରି ହାତ ହଲେଇ ଥିଲା ଏବଂ ଆଖିର ଇଶାରାରେ ପ୍ରସନ୍ନତା ଫୁଟେଇ ହୁଏତ କହିଥିଲା...'ଯାହାହେଉ ଆସିଲୁ ତ'... ପୁଣି କାମରେ ଲାଗିଗଲା ।

ଉଲ୍ଲାସଟା ଭାରି କାମିକା ସତରେ । ଏମିତିକା ଦିନମାନଙ୍କରେ ଭୋକଶୋଷ ଭୁଲି ଦାଦନ ଶ୍ରମିକ ଭଳି ଆଖିବୁଜା କାମକରେ । ସେଇଥିପାଇଁ ତ ପନ୍ଦର ଦିନ ଆଗରୁ ତା' ଆଖିରେ ନିଦ ନଥିଲା । ଆୟୋଜନର ଭାର ପୁରାପୁରି ଯଦିଓ ଦୀନୁଭାଇ ଓରଫ ଦୀନବଂଧୁ ଦକ୍ଷିଣରାୟ ଉପରେ ନ୍ୟସ୍ତଥିଲା । ତଥାପି ଦୀନୁ ଭାଇର ଜଣେ ମୁଗ୍ଧ ସ୍ତାବକ ଭାବରେ ଉଲ୍ଲାସ ନିଜେ ହିଁ ନିଜ ଉପରକୁ କିଛି ଅଧିକା ଦାୟିତ୍ୱ ଟେକି ନେଇଥିଲା । ତା'ଛଡ଼ା ପାଞ୍ଚଟା ମଣିଷକୁ କେମିତି ପଟେଇ ପାଟେଇ କାମ ଆଦାୟ କରିବାକୁ ହୁଏ ସେଇ କଳା ତାକୁ ବେଶ୍ ଜଣା । ସେଇଥିପାଇଁ ଦୀନୁଭାଇ କୁଆଡେ ତାକୁ ଭାରି ତାରିଫ୍ କରେ । 'ଚିଅର୍‌ଅପ୍ ଉଲ୍ଲାସ, ଚିଅର ଅପ୍-କାମ କରି ଯା' ମନମୁନ ଲଗେଇ । ହଠାତ୍ ଦିନେ ଦେଖିବୁ କେତେ ଉପରକୁ ଉଠିଯାଇଛୁ। ଖାଲି ମନନେଇ କାମ କରିଯା । ମୋ'ମନ ଡ଼ାକୁଛି ତୋ ଲକ୍ଷ୍ୟସ୍ଥଳ ଦୂରରେ ନାହିଁ....। ଦୀନୁ ଭାଇ ବି କିଛି କମ୍ ଜଣେ ନୁହେଁ । ଚିହ୍ନରା ଗ୍ରାହକ ଲୁହା ଜାଣି ପାଣି ଦିଏ । ନ'ହେଲେ ପାର୍ଟିର ଏତେବଡ଼ ଦାୟିତ୍ୱ ତା ଉପରେ ଲଦି ଦିଆ ଯାଇଥାନ୍ତା କିମିତି । ଭାରି ପାରିବାର ମଣିଷଟିଏ ।

ଉଲ୍ଲାସ ତାର ଉପଯୁକ୍ତ ଶିଷ୍ୟ । କଥା ଦେଇଥିଲା ଦାୟିତ୍ୱ ତୁଲେଇବ-' ''ଦେଖିବ ଦୀନୁଭାଇ କେମିତି ଲୋକ ଜମିବେ । ବଢ଼ିଆ ପ୍ରଚାର ହେବ । ସୋରିଷ, ପକେଇବାକୁ ଜାଗା ଧରିବନି । ତମେ ନିଶ୍ଚିନ୍ତ ରହ ଏବଂ ଆଉ ସବୁ ସମ୍ଭାଳ ସତକୁ ସତ ଲୋକ ଗହଳିରେ 'ମାନଧାତା-ଭବନ' ଉଛୁଳି ପଡୁଥିଲା । ସେଇ ଉଲ୍ଲାସ ହିଁ ତାକୁ ଟାଣି ଆଣିଛି ଏ ସଭାକୁ । ନ ହେଲେ ତାର ଭାଷଣ ଶୁଣିବାର ଅଭିପ୍ରାୟ ନଥିଲା । ଏ ସବୁ ଭାଷଣ ବାଜିରେ ତାର ମୋଟେ ବିଶ୍ୱାସ ନାହିଁ ।

ତାଳିମାଡ଼ର ଲହଡ଼ି ମଝିରେ ମଝିରେ ଚୂଡ଼ା ଭାଙ୍ଗୁଥିଲା । କୁବେରର ଭାବନା ମଧ୍ୟ ଛିଣ୍ଡି ଛିଣ୍ଡି ଯାଉଥିଲା ସେଇ ତାଳରେ । ଦୃଷ୍ଟି ମଞ୍ଚ ଉପରକୁ ପହଁରିଗଲା । ନେତା ମୁହୂର୍ତ୍ତେ ଅଟକି ଟେବୁଲ ଉପରେ ଥୁଆ ହୋଇଥିବା ଝକମକିଆ କାଚ୍‌ଗ୍ଲାସରୁ ଦି'ଚାରି ଢ଼ୋକ ପାଣି ପିଇ ପୁଣି ଆରମ୍ଭ କଲେ-ଏଥରକ ତାଙ୍କ କଣ୍ଠସ୍ୱର କିଶୋର ବାଳକଟିଏ ଭଳି ପ୍ରତିଯୋଗିତାର ପଡ଼ିଆ ମଝିକୁ ଓହ୍ଲେଇ ଆସି ଦୃପ୍ତ କଣ୍ଠରେ ଉଦ୍‌ଘୋଷଣ କଲା ''ଏ ଯୁଗ ହେଲା 'ସ୍ପୀଡ୍'ର-ଗତି ମନ୍ଥର ହେଲେ ତୁମେ ପଛରେ ପଡ଼ିଯିବ । ଅଥବା ଅନ୍ୟମାନେ ପଛରୁ ଆସି ଧକ୍କା ଦେଇ ଆଗକୁ ମାଡ଼ିଯିବେ । ତେଣୁ ତୁମକୁ ସତର୍କ ରହିବାକୁ ହେବ । ସ୍ପୀଡ୍ ନାହିଁ ତ ଜୀବନ ନାହିଁ । ତେଣିକି ଜୀବନର ସବୁକିଛି ଫିଲିଓର୍-ତେଣୁ

Digitized by PPRACHIN, SOA

ସବୁବେଳେ ଆଗକୁ ଦେଖ । ଆଗରେ ମାଣିକ୍ୟର ଝମ...ତୁମେ ଯଦି ରାସ୍ତାକଡ଼ର ସ୍ୱର୍ଣ୍ଣାଭ ପଦ୍ମକୋରକ ରେ ପ୍ରଲୁବ୍ଧ ହୋଇଗଲ ତ କଥା ସରିଲା....। ନା ତୁମ ଭାଗ୍ୟରେ ରାଜକୁମାରୀ, ନା ରାଜସିଂହାସନ !'' ନେତା ତୃପ୍ତିରେ ଟିକିଏ ମୁରୁକି ହସା ଦେଲେ ନିଜ ତର୍ଜମାରେ ନିଜେ ମୁଗ୍ଧ ହୋଇ । ସମ୍ଭବତଃ ନେତାଙ୍କର 'ଗତି' ସଂପର୍କୀତ ଅଭିଭାଷଣ ଜନତାର ହୃଦ୍‌ବୋଧ ହେଲା । ମାଡ଼ି ଆସିଲା ଆଉ ଏକ ତାଳିର ଜୁଆର ।

ଅତିଷ୍ଠ ଲାଗିଲା ତାକୁ । କଣ ଆଉ କରିବ, ଅଗତ୍ୟା । ଉଲ୍ଲାସ ତାର ବଂଧୁ । ଖରାପ ଭାବିବ ସେ ଏଠୁ ଚାଲିଗଲେ । ପନ୍ଦର ଦିନ ପୂର୍ବରୁ ତା ପଛରେ ଲାଗିଛ ଉଲ୍ଲାସ । '' ଆବେ ଚାଲ...ସବୁ କଥାକୁ ତୁ ମନା କରୁ କାହିଁକି କହିଲୁ, ଗଳି ପଶିଲେ କିଛି ଗୋଟାଏ ବାଟ ଫିଟିଯିବନି ଯିବନି ! ଘରେ ବସି ରହିଲେ ଖାଲି ହେବକି ? କିଛି ନହେଲେ, ଦି' ଚାରିଜଣ ସାଥିରେ ଚିହ୍ନା ପରିଚୟ ହେବ ତ ! ଦୀନୁଭାଇଟା ଯେତେବେଳେ ଖାସ୍ ପାର୍ଟିରେ ଅଛି, ଚିନ୍ତା ନାହିଁ । ତା ଉପରେ ବେଶ୍ ଭରସା ରଖି ହେବ । ତାର କେତେ ଚିହ୍ନା ଅଛନ୍ତି । ଯେମିତି ହେଲେ କିଛି ଗୋଟାଏ ସେ ଯୋଗାଡ଼ କରିଦେଇ ପାରିବ । ଏଇ ସୁଯୋଗ । ତା ସହିତ ଟିକିଏ ହେଲେମେଳେ ହେଇ ମନ ନେଲେ ଆଗକୁ ଫାଇଦା ଅଛି । ଦୀନୁଭାଇଟା ଅଛି । ଦୀନୁ ଭାଇଟା ଆପ୍ରୋଚେବୁଲ୍ । ପୁଣି ମାନଧାତା ପୁଅମାନେ ବେଶ୍ ପଇସା ଖର୍ଚ୍ଚ କରୁଛନ୍ତି । ଆଗକୁ ନିର୍ବାଚନ । ବଢ଼ିଆ ଜର୍‌ସି ସବୁ କିଣା ହୋଇଛି ଜାଣିଛୁ-ତିନି ରଙ୍ଗିଆ ଚମତ୍କାର ଦିଶୁଛି । ଚାହିଁଲେ, ଅବଶ୍ୟ ସେମାନଙ୍କର ମନଖୁସି ହେଲେ, କିଛି ପଇସା ବି ମିଳିପାରେ । ହାତରେ ଶହେ ଦି'ଶହ ହେଇଗଲେ ଏବେ କ୍ଷତି କଣ....କହୁନୁ...? ଚାଲ୍....ଏମିତି ମୁହଁ ଶୁଖେଇ ବସିଲେ କିଛି ଲାଭ ନାହିଁ । ଠାକୁର ତୋ ଦୁଆରକୁ ଆସି କେବେ ବି ମାଟି କୁଢ଼େଇ ଦେଇ ଯିବେନି । ତୋତେ ହିଁ ମାଟିଖୋଳିବାକୁ ହେବ । ବୋହିବାକୁ ବି ହେବ । ଆଜି ସୁବିଧା ମିଳୁଛି ତ ଗୋଟେଇ ନେ...କାଲିକୁ କିଏ ଦେଖିଛି କିରେ ଭାଇ ? ଚାଲ୍ ମୋ ସାଂଗେ...''ତାକୁ ପ୍ରାୟ ଜବରଦସ୍ତ ଟାଣି ଆଣିଥିଲା ଉଲ୍ଲାସ ।

ସତରେ ଉଲ୍ଲାସଟା ସବୁବେଳେ ଏମିତି । କାଲିରେ ତାର ବିଶ୍ୱାସ ନାହିଁ ବୋଲି, ଆଜିଟାକୁ ସେ ଖୋଜି ଖାଜି ମୁଠା ଭିତରେ ଜାବୁଡି ଧରେ । ବାପ ଗରୀବ ଚାଷୀଟିଏ । ଭାଇ ଭଉଣୀ ମିଶି ପାଞ୍ଚଜଣ । ମନ ପୁରେଇ ଖାଇବାକୁ ପିନ୍ଧିବାକୁ ସବୁବେଳେ ଯୁଟେନା । ତଥାପି ଉଲ୍ଲାସ ସବୁବେଳେ ଉଲ୍ଲସିତ । ସତେକି କିଛି ଦୁଃଖ ନାହିଁ ଅଥବା ଦୁଃଖକୁ ଘୋଡେଇ ଦେବା ପାଇଁ ହସଖୁସିର ଚାଦର ଘୋଡେଇ ହେଇଛି । ଗାଁ ପାଖ ବେସରକାରୀ କଲେଜରେ ସେମାନେ ଏକାଠି ପାଠ ପଢ଼ିଛନ୍ତି ବହୁକଷ୍ଟ ରେ । ପରୀକ୍ଷା ସରିଛି । ଫଳ ପାଇଁ ସେ ଏତେ ବ୍ୟସ୍ତ ନୁହେଁ । ତାର ବିଶ୍ୱାସ ଯେନତେନ କରି ବିଃଏଃଟା ପାଶ୍ କରିଗଲେ ଏଇ ଦୀନୁଭାଇ ହେରିକାଙ୍କ ଲାଙ୍ଗୁଡଧରି ଯୋଉଠି ହେଉ ଖଣ୍ଡେ ଚାକିରୀ ଯୋଗାଡ କରିନେବ । ଯଦି ନହୁଏ ତା ହେଲେ ଏଇମିତି ପଲିଟିକ୍‌ସ କରିବ । ସେଇଥିପାଇଁ ତାର ଏ ସବୁ କ୍ଷେତ୍ର

Digitized by PPRACHIN, SOA

ପ୍ରସ୍ତୁତି । ହେଉପଛେ ବର୍ତ୍ତମାନଟା ଦଦରା ଦାନ୍ତୁଡ଼ା, ଭବିଷ୍ୟତକୁ ଆଖି ଆଗରେ ରଖି ବାଟ ଚାଲୁଛି ଉଲ୍ଲାସ । ତା ଲକ୍ଷ୍ୟ ସ୍ଥିର । କିନ୍ତୁ ଜୀବନର ଆଦର୍ଶ କିଛି ନାହିଁ । ସେ ସବୁ ଗହନ କଥା ସେ ବୁଝେନା । ତାର ସଉକି ମଧ୍ୟ କିଛି ନାହିଁ । ହଁ, ଉଦ୍ଦେଶ୍ୟ ଅଛି । ସେଇ ଉଦ୍ଦେଶ୍ୟ ପୂରଣ ପାଇଁ, କିଛିର ଆବଶ୍ୟକତା ଅଛି ।

ସେଇ 'କିଛି'ର ଆବଶ୍ୟକତା କୁ ସେ ଯେ କୌଣସି ଉପାୟରେ ପୂରଣ କରେ ସେଥିପାଇଁ ତାର ମାନ ଅଭିମାନ ନାହିଁ ଅଥବା ପୌରୁଷର ପ୍ରଶ୍ନ ଉଠେନା । -''ବୁଝିଲୁ ରେ କୁବେର, ମୁଁ ତ ଆଉ ମହାପୁରୁଷ ହେବାକୁ ଚାହେଁନା, ପୌରୁଷ କଥା ଚିନ୍ତା କରିବି କାହିଁକି ? ଚରିତ୍ରକଥା ଭାବିବି କାହିଁକି ? ଯୋଉମାନଙ୍କର କିଛି କାମଧନ୍ଦା ନାହିଁ, ଅଯ୍ୟସରେ ବସି ବସି ସେମାନେ ଏ ସବୁ ଭାବୁଥାନ୍ତୁ । ମୋର କିନ୍ତୁ ଲକ୍ଷ୍ୟସ୍ଥିର-ଉଦ୍ଦେଶ୍ୟ ବି ଏକ 'ସେଇଠି' ସାମନା ମଞ୍ଚକୁ ଦେଖେଇ ସେ କୁହେ....) ଏଇ ଯୋଉ ଷ୍ଟେଜ୍....ସେଇଠି, ବେଜରେ ଫୁଲମାଳ ପକେଇ, କାନ୍ଧରେ ଖାଣ୍ଟି ଓଡ଼ିଶୀ ଫୁଲପକା ମୁଣି ଝୁଲେଇ ଦିନେ ଠିଆ ହେଇ ମାଇକ୍ ଆଗରେ ଭାଷଣ ଦେବି । ଆଉ ମାନେ ଠିଆ ହୋଇଥିବେ ତଳେ । ତାଳି ମାରୁଥିବେ । ମୋ' ଚାରି ପଟେ ଘୁରିବୁଲୁଥିବେ ସାଟେଲାଇଟ୍ ଭଳି....ଦେଖିବୁ ତୁ.....।''

ଉଲ୍ଲାସର କେଡେ ଦମ୍ଭୋକ୍ତି !!

କୁବେରକୁ ଆଶ୍ଚର୍ଯ୍ୟ ଲାଗେ । ଆଶ୍ଚର୍ଯ୍ୟ ହେଇ ସେ ଉଲ୍ଲାସର ସ୍ୱପ୍ନୋଜ୍ଜ୍ୱଳ ମୁହଁକୁ ଚାହୁଁ ଚାହୁଁ ନିଜ ଆଡକୁ ଦୃଷ୍ଟି ଫେରାଏ, ନିଜକୁ ଚାହେଁ....ନିଜ ଅଭ୍ୟନ୍ତରକୁ ।

ଏଇ ଗାଁ କଲେଜରୁ ସେ ମଧ୍ୟ ବି:ଏ: ପାଶ୍ କରିଛି ବର୍ଷେ ଆଗରୁ । ବାପା ପ୍ରାଇମେରୀ ସ୍କୁଲର ଟିଚ୍ରର । ଦୁଇବର୍ଷ ହେଲା, ଟଙ୍କା ଯୋଗାଡ଼ କରି ନପାରିବା ଯୋଗୁଁ ବଡ ଭଉଣୀଟା ବାହା ହୋଇ ପାରୁନି । ଅସୁନ୍ଦରୀ ନୁହେଁ କି ଅଗୁଣର ନୁହେଁ । ସାନ ଭଉଣୀଟା ସପ୍ତମ ପରେ ପଢ଼ାଛାଡ଼ି ଘରେ ବସିଛି ଅନେକ ଦିନରୁ । ବିଚାରୀ ସିଲେଇ ମେସିନ୍‌ଟିଏ ପାଇଁ କେତେ ମନ କରିଥିଲା । ସଉକିରେ ନୁହେଁ । ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ । ଭାଉଜଙ୍କ ପାଖକୁ ଯାଇ ଆସି କେମିତି କଣ ସିଲେଇ ଟିକିଏ ଶିଖି ନେଇଛି । ସେଇ ତାକୁ ବତେଇଛନ୍ତି-ଗାଁର ଦି' ଚାରିଘରଙ୍କ ପାଇଁ ସମୟ୍ ଦେଖି ଜାମାପଟା ସିଲେଇ କଲେ ଦିପଇସା ହାତକୁ ଆସନ୍ତା । ହେଲେ କଣ ହେବ । ସବୁ ଇଚ୍ଛାଗଛରେ କଣ ଫଳ ଧରେ ? ଚାକିରୀ ପରେ ବାପାଙ୍କର କୌଳିକ ଯଜମାନୀଟା ହିଁ ଏବେ ପରିବାରଟାକୁ ଢ଼ୋକ ଯୋଗାଉଛି । ନ ହେଲେ କେମିତି ଯେ ପାଞ୍ଚପ୍ରାଣୀର ସଂସାରଟା ଚଳୁଛି...ଭାବିପାରେନା ସେ । ଗଲା ନିର୍ବାଚନ ବେଳେ ମଧ୍ୟ ସେ ଉଲ୍ଲାସ ତାକୁ ଡାକିଥିଲା ସାଂଗହୋଇ କାମ କରିବା ପାଇଁ ''ଦୀନୁଭାଇ ଖବର ପଠେଇଛି ରେ କୁବେର । ତା ପାର୍ଟିପାଇଁ କାମ କରିବାକୁ ଲୋକ ଦରକାର । ମାସଟାକର ଖଟଣୀ । ସେମାନଙ୍କର କାମ ଦରକାର । ଆମର ଟଙ୍କା

Digitized by PPRACHIN, SOA

ଦରକାର । ନିର୍ବାଚନ ସଭାସବୁ ହେବ । ଲୋକ ଯୋଗାଡ କରିବା କଥା । ପାର୍ଟି ଟଙ୍କା ଖର୍ଚ୍ଚ କରିବ । ଗାଡ଼ି ଯୋଗେଇବ, ଖାଇବାକୁ ଦେବ । ଗାଁ ଗଣ୍ଡା, ସହର ବଜାରରେ କେବଳ ପ୍ରଚାର ଦରକାର ସେମାନଙ୍କର । ଜେତେବାଟରେ ଖର୍ଚ୍ଚହେବ । ଅନେକ ଅନେକ ଟଙ୍କା ସେମାନଙ୍କର ଡେଣା ଫଡ଼୍‌କେଇ ଉଡ଼ି ବୁଲନ୍ତି ପକ୍ଷୀ ଭଳି । ଧରି ପାରିଲେ ହେଲା । କିଛି ମେହେନତ ଦରକାର । ଚାଲୁନୁ....ଏଇ ମଉକାରେ କିଛି ରୋଜଗାର ହୋଇଯିବ । କହୁଥିଲୁ ନା, 'ମିନି' ପାଇଁ ସିଲାଇ ମେସିନ୍‌ଟା ଏ କିଣିଲେ ହୁଅନ୍ତା । ! ତୋର ମୁହଁ ବି ଖୋଲିବା ଦରକାର ନାହିଁ, ମୁଁ କହିବି ଦୀନୁଭାଇକୁ....ରାଜି ?''

ନା, ସେ ଯାଇ ପାରିନଥିଲା ଯଦିଓ ସେ ଜାଣୁଥିଲା ଉଲ୍ଲାସ ତାକୁ ଭାରି ଭଲ ପାଏ ଏବଂ ଯେ କୌଣସି ଉପାୟରେ ସାହାଯ୍ୟ କରିବା ପାଇଁ ଚାହେଁ । ତା ସାହାଯ୍ୟର ଢ଼ଙ୍ଗଟା ଅଲଗା କାରଣ ତାର ଚଲାବାଟ ଅଲଗା । ସେ ଜାଣେ ଉଲ୍ଲାସର କଥା ଗୁଡାକ ତାକୁ କେମିତି ବିଡ଼ିକିଟିଆ ଲାଗିଥିଲା । ଅରୁଚିକର ବିସ୍ୱାଦ ଲାଗିଲେ ବି ମୁହଁ ଖୋଲି 'ଭଲ ଲାଗୁନି' ବୋଲି କହିପାରିନଥିଲା । ଜାଣେନା କାହିଁକି, ଉଲ୍ଲାସ ପାଇଁ ତାର ଏଇ ବିବଶତା । ଦୁହିଁଙ୍କର ଚ଼ଲାବାଟ ଭିନ୍ନ ଭିନ୍ନ । ଦୁହିଁଙ୍କର ଚିନ୍ତାଧାରା ଅଲଗା ଅଲଗା । ଅଥଚ଼ ଦୁହିଁଙ୍କୁ କିଏ କେମିତି, କୋଉଥିରେ, ବାନ୍ଧି ଦେଇଛି କେଜାଣି । ଏକା ଗାଁର ଛାତତଳେ ଧୂଳିମାଟିର ଶେଜରେ ଗଡ଼େଇ ତଡେଇ ହେଇ ଏକାଠି ବଢ଼ି ଆସିଛନ୍ତି ବୋଲି କି କଣ !

ତଥାପି ଉଲ୍ଲାସକୁ ସେ କହିଥିଲା ନିଜ ମନକଥା-'' ତୋର ତ ଏତେ ଚିହ୍ନାଜଣା ଅଛି । କେତେଲୋକଙ୍କ ସହିତ ତୋର କାରବାର । ଦାରିଦ୍ର୍ୟ ଦୂରୀକରଣ ସ୍କିମରେ ସରକାର କେତେ ଯୋଜନା ରଖିଛନ୍ତି ବୋଲି ଶୁଣିଛି । ସେଇଥିରୁ ଗୋଟିଏ କିଛି ଯୋଗାଡ କରିପାରନ୍ତୁନି...ମୋ ଦ୍ୱାରା ଏ କାମ ହେବନି ରେ ଉଲ୍ଲାସ.... ମୋତେ ଏଇ ସବୁ ରାସ୍ତା ଭଲ ଲାଗୁନି । ସିଧା ସିଧା ଜୀବନଟେ ମୁଁ ବଞ୍ଚିବାକୁ ଚାହେଁ ।''

-''ମୁଁ ଜାଣେ କୁବେର ତୁ ତୋ ବିଚାର ଓ କାର୍ଯ୍ୟରେ ଅନେଷ୍ଟ୍ । ହେଲେ ଏ ଯୁଗରେ ଅନେଷ୍ଟିର କିଛି ଅର୍ଥ ଅଛି ? କେହି ତୋ ପାଇଁ ଆହା କରିବେନି । ନିଜେ ନିଜକୁ ନବଦଳେଇଲେ କେହି ରକ୍ଷା କରିବେନି ତୋତେ, ମୁଁ ବା କଣ କରିପାରିବି ? ତେଣିକି ତୋ ଇଚ୍ଛା ।''

ଉଲ୍ଲାସ ବେଶ୍ ଦିପଇସା ରୋଜଗାର କରିଥିଲା ସେତେବେଳେ । ଥରେ ଦି'ଥର ତାକୁ ଜବରଦସ୍ତ ନିଧିଆ'ନା ହୋଟେଲକୁ ନେଇ ଜଳଖିଆ ଖୁଆଇଛି । ବନ୍ଧୁତ୍ୱର ଖାତିରିରେ ସେ ମନା କରି ନପାରି ସିଙ୍ଗଡା ଆଳୁଦମ୍ ଖାଇଛି । ଗରମ ସିଙ୍ଗଡ଼ା ପାଟିରେ ପୁରେଇଲା

Digitized by PPRACHIN, SOA

ବେଳେ ତାକୁ ଲାଗିଛି ସତେ ଯେମିତି କିଏ ନିଆଁ ଚିଆଁଟିଏ ମାଡ଼ି ଦେଉଛି ତା ପାଟିରେ । ଛଟପଟ ହେଇଛି । ଟେବୁଲ୍ ଛାଡ଼ି ଚୁପ୍ ଚାପ୍ ଉଠି ଆସିଛି ବାହାରକୁ ବାହାନା କରି । ହେଲେ ଉଲ୍ଲାସ ଠିକ୍ ଠଉରେଇ ପାରିଛି । କଣ ଆଉ କରିବ । ଏକ ସିଙ୍ଗିଆ । ଭାଙ୍ଗିଯିବ ପଛେ ନଇଁବନି । କାଉଁରିଆ କାଠିତ ।

ବିଚରା ଭଲ ପିଲାଟିଏ କୁବେର । ଭାରି ଭଲ ଲାଗେ ତାକୁ । ତାର ଏତେ ସାଂଗ ସାଥି ଭିତରେ ବାଛିହୋଇଗଲା ଭଳି । ସତେକି ପାଆଁଶ ବର୍ଷ ତଳର ଦୁର୍ଲ୍ଲଭ ମୁଦ୍ରାଟିଏ, ଆଲମିରା ଥାକ ଭିତରେ ନେଇ ସଜାଡ଼ି ସାଇତି ରଖି ହେବ । ପଢ଼ା ବହିରେ ଲେଖା ହେଲାଭଳି ମଣିଷଟିଏ । ଆଶ୍ଚର୍ଯ୍ୟ ଲାଗେ ପଛରେ ଉଠି ଆସୁ ଆସୁ ଟିପ୍ପଣୀ କରେ ଉଲ୍ଲାସ 'ତୁଟା କିଛି କରିପାରିବୁନି...କିଛି ବି ହେବନି ତୋ ଦେଇ । କେବଳ ମନରେ କୁବେର ହେଇ ବସିଥା...

ଉତ୍ତରରେ ପଦେ କିଛି ନକହି ତଟସ୍ଥ ଆଖିରେ ଚାହିଁରହେ ଉଲ୍ଲାସର ପ୍ରାଣୋଚ୍ଛଳ ମୁହଁକୁ । ସେଠି ଜୀବନ ଶତ ମୁଖରେ କଥା କହୁଛି । ସମ୍ଭାବନାର ଦୀପ୍ତସୂର୍ଯ୍ୟ ସକାଳର ପାହଚ ଡ଼େଇଁ ଆର ପାହାଚ୍କୁ ଗୋଡ ବଢ଼ଉଛି ।

"ଏମିତି କଣ ଚାହିଁଛୁ ବୋକାଙ୍କ ଭଳି ?"

-"ତୋତେ....ତୋତେ ଦେଖୁଛି । ତୁ କେମିତି ବଦଳିଯାଉଛୁ....ମୁଁ ଆଉ ଚିହ୍ନିପାରୁନି ତୋତେ ।"

-"ସତେ!"

ଉଲ୍ଲାସ କିନ୍ତୁ କୌଣସି କଥାରେ ନିଜକୁ କେବେ ଅପମାନିତ ମନେ କରିନି । ଗଣ୍ଠି ପକେଇ ଧରି ରଖିନି କିଛି କଥା କିମ୍ବା ପ୍ରତିକ୍ରିୟା ଦେଖେଇନି କେବେ । ଏଇଟା ତାର ଗୋଟାଏ ଭଲ ଗୁଣ । ଆଉ ମାନେ କୁହନ୍ତି ସହିବା ମଣିଷ ବଡ । ସେ ନିଜେ ମଧ୍ୟ ଅନେକଥର ଏକଥା ଭାବିଛି । ଗୁରୁତ୍ୱ ଦେଇ ଭାବିଛି । ସତରେ କଣ ଏଇଟା ଉଲ୍ଲାସର ସହଣିକ ପଣ ! ନା, ଗୋଟାଏ ପ୍ରକାର ଆଡ଼ାପଟେସନ୍ ଯେ କୌଣସି ପରିବେଶ, ପରିସ୍ଥିତି ଆଉ ଘଟଣାକୁ ସହଜରେ ଆଡ଼ାପଟ୍ କରିନେବା । ଯୋଉ ଧରଣର ଚ଼ରିତ୍ର ହେଉନା କାହିଁକି ତା ସହିତ ନିଜକୁ ଖାପ ଖୁଆଇ ଦେବା ମଧ୍ୟତ ଗୋଟାଏ ସ୍ୱତନ୍ତ୍ର ଗୁଣ । କାରଣ ତାର ଲକ୍ଷ୍ୟ ଅଲଗା । ସେଇ ଲକ୍ଷ୍ୟ ପୂରଣ ପାଇଁ ସେ ମଉକା ଖୋଜୁଛି । ସୁଯୋଗ ଦେଖୁଛି । ସୁବିଧା ପାଇଲେ ଫାଇଦା ଗୋଟେଇନେବ ଉପରକୁ ଉଠିବାପାଇଁ । ସେଇଥିପାଇଁ ତାର ଏଇ ସହଣିକ ପଣ । ଯୋଉମାନଙ୍କୁ ସେ ଆଦର୍ଶ ବୋଲି ଗ୍ରହଣ କରିଛି, ସେମାନେ ଧାଇଁଛନ୍ତି ଅନବରତ ନିଜ ନିଜ ଢ଼ଙ୍ଗରେ । ଉଲ୍ଲାସ ବି ଧାଉଁଛି ଧଇଁସଇଁ ହୋଇ ସେମାନଙ୍କ ପାଦରେ ପାଦ ମିଶେଇବାକୁ । ଗୋଡ ମୋଡ଼ି ହେଉ କି ଝୁଣ୍ଟି ହେଉ, ଚାଲି ସୁନ୍ଦର ଦିଶୁ କି

Digitized by PPRACHIN, SOA

ନଦିଶୁ ତାର ସେଦିଗକୁ ଲକ୍ଷ୍ୟ ନାହିଁ । ସେ କିନ୍ତୁ ଧାଇଁଛି ଉଲ୍ଲାସରେ । ଲସର ପସର ହେଇ । ଅନ୍ୟମାନେ ହସନ୍ତୁ କି ନହସନ୍ତୁ, ଭାବନ୍ତୁ କି ନଭାବନ୍ତୁ ତାର କିଛି ଯାଏ ଆସେ ନା ।

ତାକୁ ଲାଗେ, ଉଲ୍ଲାସ ଦିନେ ତା ନିଜ ସ୍ଥାନ ଖୋଜିନେବ । ସେ ପ୍ରଧାନ ପୁରୁଷଟିଏ ନିଶ୍ଚୟ ହେବ । ନଥାଉ ତାର ବ୍ୟକ୍ତିତ୍ୱ । ଆବଶ୍ୟକ ନାହିଁ । ତାର ଦରକାର ପପୁଲାରିଟି । ବାସ୍ । ଯାହାର ନିଜର କିଛି ବ୍ୟକ୍ତିତ୍ୱ ନଥାଏ । ସେଇମାନେ ହିଁ ଅନାୟାସରେ ଅନ୍ୟର କଥାକୁ ସମର୍ଥନ କରିପାରନ୍ତି । ଅନ୍ୟର ଚାଟୁ କରିପାରନ୍ତି । ଖୁସାମତି କରନ୍ତି, ସ୍ତବପାଠ କରନ୍ତି, ତାଙ୍କପାଇଁ ଖଟନ୍ତି ମଧ୍ୟ । ଅବଶ୍ୟ ଏଇଟା ତା' ନିଜ ମତ । ତା' ମାପରେ ସେ ମାପି ଦେଖିଛି । ଯୁକ୍ତିଛଳରେ ଦିନେ ସେ ପଚାରିଦେଇଥିଲା ମଧ୍ୟ ''ଆଚ୍ଛା ଉଲ୍ଲାସ, ଏମିତି ଅନ୍ଧଭାବେ ଅନ୍ୟକୁ ଖୁସାମତ କରିବାକୁ ତୋତେ କେମିତି ଭଲ ଲାଗେରେ ? ମାଡ଼ି ମାଡ଼ି ପଡେନି ? ତୋର କଣ ନିଜସ୍ୱ ବିଚାର ବୋଲି କିଛି ନାହିଁ ?''

''ଆରେ ଯାଃ'' । ମୁଣ୍ଡକୁ ଝାଳି କପାଳ ଉପରୁ ଟୋପା ଟୋପା ଝାଳକୁ ରୁମାଲରେ ପୋଛୁ ପୋଛୁ ଉଲ୍ଲାସ କୁହେ-''ମୋର ଏତେ ଭାବିବା କଣ ଦରକାର । ସ୍ୱତନ୍ତ୍ର ବିଚାର ଦେଇ କଣ୍ଟ୍ରୋଭର୍ସିକୁ ଯିବି କାହିଁକି ? ହଁ ରେ ହଁ ମିଶେଇଲେ ତ କାମ ଚଳିଲା । ମୋଟାମୋଟି ମୋର ପପୁଲାରିଟି ଦରକାର । ସେତିକି ମୋ ନିଜ କାମରେ ଲାଗିବ ।'' ହାଲୁକା ଭାବରେ ସହଜଗଳାରେ ଉଲ୍ଲାସ ଉତ୍ତର ଦେଇଥିଲା ତାକୁ ।

''ତା'ଛଡା ଜୀବନକୁ ମୁଁ ସହଜଭାବରେ ଦେଖିଛି । ଏତେ ଟେନସନ୍ ନେଇ ବାଟ ଚାଲିବା ଭାରିକଷ୍ଟ । ବୋଝ ମାନେ ହିଁ ଓଜନ । ମୁଁ କାହିଁକି ବୋହିବି ସେଇ ବୋଝ ? ଯିଏ ବୋହୁଛି ବୋହୁ ।

ଉଲ୍ଲାସ ଦିନେ ନିଶ୍ଚୟ ପପୁଲାର ହେବ କାରଣ ସ୍ୱାର୍ଥକୁ ସେ ଚିହ୍ନିଛି ଠିକ୍ ।

ପପୁଲାରିଟି ଗେନ୍ କରିବାର କୌଶଳକଳା ଉଲ୍ଲାସକୁ ଜଣା । ଗଲାବର୍ଷ କଲେଜର ସଭାପତି ପଦପାଇଁ କଣ୍ଟେଷ୍ଟ କରିଥିଲା । ଜିତିଥିଲା । ସେଥିପାଇଁ ବି ତା ପଛରେ ଦୀନୁଭାଇର ଆଶୀର୍ବାଦ ଥିଲା । ପ୍ରଥମ ପରୀକ୍ଷାରେ ସେ ଖୁବ୍ ଭଲରେ ଉତ୍ତୀର୍ଣ୍ଣ ହୋଇଛି । ଉଲ୍ଲାସ ନିଷ୍ଠାରେ ବିଶ୍ୱାସ ରଖେନି । କେବଳ ସୁଯୋଗ ଖୋଜେ ।

ସେଇ ଉଲ୍ଲାସ ଆଜି ସକାଳୁ ସକାଳୁ ତାକୁ ଟାଣି ଆଣିଛି 'ଗଣଦୌଡ଼'ରେ ଜଣେ ହୋଇ ଭାଗ ନେବାକୁ ।

ମନା ନକରି ସେ ମଧ୍ୟ ଆସିଛି 'ଗଣ' ଭିତରେ 'ଜଣେ' ହେବାପାଇଁ । ଅଥବା କିଛିଟା ନୂଆ ଅଭିଜ୍ଞତା ଗୋଟେଇବାକୁ । ନହେଲେ ତାର କୌଣସି ଦେଶପ୍ରୀତି ନଥିଲା । ତା ଛୋଟ ବୁଦ୍ଧିରେ ସେ ଭାବେ ଏମିତିକା ଦେଖେଇପଣରେ କେବେ କୌଣସି ଦେଶ କି ଜାତି ବଡ ହୋଇ ପାରିବନି । ତା ପାଇଁ ନିଷ୍ଠା ଲୋଡା । ସେଇ ନିଷ୍ଠା କାହା ଭିତରେ ନାହିଁ । ଖାଲି ଉପରେ ଦେଖାଣିଆ ।

Digitized by PPRACHIN, SOA

ସତରେ କଣ ଏଇଠିକି ଯେତେ ମଣିଷ ଆସିଛନ୍ତି ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆସିଛନ୍ତି ? କେଜାଣି । ତାର ସଂଦେହ ହେଲା । ଆଖି ପହଁରିଗଲା ତା ପଛ ଆଡକୁ, ଡାହାଣ ପଟକୁ ବସିଥିବା ମଣିଷ ମାନଙ୍କ ଉପରକୁ ସେଇ ଯେ, ଡ଼ାହାଣ ଜଟାକୁ ବାଉଁଶ ଦ୍ୱାରା ଚିହ୍ନିତ କରି ବାରିକେଡ୍ କରାଯାଇଛି,-ତା ଭିତରେ ଯୋଉମାନେ ବସିଛନ୍ତି....ନାଲି ଗାମୁଛା ପିନ୍ଧି, ଛିଣ୍ଡା ସାର୍ଟମଡ଼େଇ, ଖାଲି ଦେହରେ ବି, ସେଇ ବିଚ଼ାରାମାନେ କଣ ବା କହିପାରିବେ 'ଦେଶପ୍ରେମ'ର ଅର୍ଥ । ତାଙ୍କ ଠି କୋଉ ଉଚ୍ଛୁଳି ପଡୁଥିବ ଦେଶପ୍ରୀତି ! ସବୁ ପାର୍ସି, ତୁଚ୍ଛାମିଛ । ହୁଏତ ସେଥିରେ ଥିବେ ଅନେକ ଉଲ୍ଲାସ । ଯାଇଥିବେ ସୁବିଧା ଗୋଟେଇବା ପାଇଁ, ନ ହେଲେ ଆଉଥୋଡାଏ ଯାଇଥିବେ 'ହାତରେ କିଛି କାମ ନାହିଁ' ବୋଲି । କିମ୍ବା ଆଉ କିଛି ଯାଇଥିବେ ମଜା ଦେଖିବା ପାଇଁ । ନଚେତ୍ ଅଧିକାଂଶ ଆସିଛନ୍ତି ତ ଲୋଭରେ । କିଛି ପାଇବାର ଆଶାନେଇ । ବାନିଆନ୍ ଟିଏ ପାଇବେ । କିଛି ଖାଇବାକୁ ପାଇବେ । ନହେଲେ କେଇଟା ଟଙ୍କା । ଏମାନଙ୍କୁ ଆଣିଛନ୍ତି ଉଲ୍ଲାସମାନେ । ଯୋଗାଡ଼ କରିଛନ୍ତି । କିଛି ବାଟ ଧାଇଁବା ପାଇଁ । ଏମାନେସବୁ ନଥିଲେ ସଭା ସାଜିବନି କି ଦୌଡ଼ ଜମିବନି । ସବୁରେ ଗୋଟାଏ ସୌନ୍ଦର୍ଯ୍ୟବୋଧ ଅଛି । ଉଲ୍ଲାସ ମାନେ ଏ ସବୁ ଦିଗରୁ ଖୁବ୍ ସଚେ଼ତନ-

ରଂଗ ବେରଂଗି ନୂଆଁ ଜର୍ସିବ୍ୟାନିଆନ୍‌ର ଛୋଟିଆ ହୁଦଟିଏ । ସ୍ୱେଚ୍ଛାସେବୀ ମାନେ ଉତ୍ସାହର ସହିତ ସଭାସ୍ଥଳ ଘାଣ୍ଟି ପକାଉଛନ୍ତି ତଦାରଖ କରିବା ବାହାନାରେ । ସମସ୍ତଙ୍କ ଭିତରେ ଗୋଟାଏ ଦେଖେଇପଣ । ଆଉ ଚାରି ଛ'ଜଣ ଭଲେଣ୍ଟିଅର ଜାମାକୁନ୍ଦରୁ ଝାମ୍ପିଆଣି ଗୋଟାଏ ଗୋଟାଏ ପ୍ୟାକେଟ ବଢ଼େଇ ଦେଉଛନ୍ତି ଜଣ ଜଣ କରି । ସଭାସ୍ଥଳର ଚାରିପଟେ ଉତ୍ସାହ ଉଦ୍ଦୀପନାର ଫଗୁ ବିଞ୍ଛ ହୋଇପଡିଛି । ଦିଶୁଛି ସତେଯେମିତି ସମସ୍ତେ ଦେଶପ୍ରୀତିର ବଟିକା ଗିଳି ଆସିଛନ୍ତି । ଏଥର ସମସ୍ତେ ପ୍ରାୟ ନୂଆ ବ୍ୟାନିଆନ୍ ଟି ମାନ ଗଳେଇ ହୋଇ ପ୍ରସ୍ତୁତ ହେଲେ ଦୌଡ଼ିବା ପାଇଁ । ସବୁ ଶ୍ରେଣୀ, ସବୁ ବୟସର, ମଣିଷ ମିଶି ସ୍ରୋତଟିଏ ସୃଷ୍ଟି ହେଲା । କାର୍ଯ୍ୟ ବ୍ୟସ୍ତତା ଭିତରେ ମଧ୍ୟ ଉଲ୍ଲାସ ମୁହୂର୍ତ୍ତେ ସମୟ କାଢ଼ି, ନିଜେ କୁବେର ହାତକୁ ଜର୍ସିବ୍ୟାନିଅନ୍‌ର ନୂଆ ପ୍ୟାକେଟ୍‌ଟିଏ ବଢ଼େଇ ଦେଇ ଚାଲିଗଲା ସହଜ ଗତିରେ । ସମସ୍ତେ ପ୍ରସ୍ତୁତ । ସବୁ ପ୍ରସ୍ତୁତ ।

ନେତାଙ୍କ ହାତକୁ ସବୁଜ ପତାକା ବଢ଼େଇ ଦିଆଗଲା । ସବୁଜ ପତାକା ହଲେଇ ଗଣଦୌଡ଼ର ଶୁଭାରମ୍ଭ କରିବେ ନେତା । ମୁହୂର୍ତ୍ତେ ଅଟକିଗଲା ସଭାକାର୍ଯ୍ୟ । ସ୍ଥିର ହୋଇଗଲା ଜନସ୍ରୋତ ।

ଏଥର ପତାକା ହଲିଲା । ଆରମ୍ଭ ହେଲା ଦୌଡ଼ । ତା ପରେ ଯଥାରୀତି ସଭାକାର୍ଯ୍ୟ ଚାଲିଲା । ଆଉ ଆମେମାନେ 'ଗଣଦୌଡ଼'ର ସାରବତ୍ତା ବୁଝାଉଥିଲେ

Digitized by PPRACHIN, SOA

ସ୍ୱାଡ଼ର ତର୍ଜମା କରୁଥିଲେ । ହାତରେ ପ୍ୟାକେଟ୍‌ଟିକୁ ଧରି କୁବେର କିନ୍ତୁ ସ୍ଥାଣୁ ପାଲଟି ଯାଇଥିଲା ଯେମିତି । ତାର କିଛି ସ୍ପୀଡ୍ ନାହିଁ ? ଗତି ନାହିଁ ??

ଜୀବନର ଲକ୍ଷ୍ୟ ବି ନାହିଁ ? ବୋଧହୁଏ ନାହିଁ ।

ସମସ୍ତେ ଆଗମୁହାଁ ଦୌଡୁଥିଲେ । ଆଗକୁ ....ଆଗକୁ....ଆହୁରି ଆଗକୁ । ହୁଏତ ସେମାନଙ୍କ ସାମ୍ନାରେ ମାଣିକ୍ୟର ଖଞ୍ଜ-ଉଜ୍ୱଳ ଭବିଷ୍ୟତ ଆଡକୁ ଦୃଷ୍ଟି ନିବଦ୍ଧ ଥିଲା ବୋଲି ଦୌଡୁଥିଲେ ।

ଆଉ ତାର ??

ସେ କିନ୍ତୁ ପଛକୁଫେରୁଥିଲା । ଧୀରେ ଧୀରେ ପଛ ଆଡକୁ ମୁହଁକରି । ମାଇକ୍‌ରେ ନେତାଙ୍କ ଭାଷଣ ଗୋଡାଉଥିଲା ତାକୁ ପଛରୁ ଧରିବା ପାଇଁ ।

ସେ ଏକାମୁହାଁ ପଛକୁ ହିଁ ଫେରୁଥିଲା ।

ଫେରିଲାବେଳେ ଅବଶ୍ୟ ପଛକୁ ଥରେ ଚାହିଁଥିଲା...ସେତେବେଳକୁ ଉଲ୍ଲାସ ଓ ଆଉ ସବୁ ଉଲ୍ଲାସ ମାନେ ବହୁତ ବାଟ ଆଗେଇଯାଇଥିଲେ ।

ତାକୁ ଆଉସେ ଧରି ପାରିବନି ।

ତେଣୁ ସେ ସ୍ଥିର ଆଉ ସଚେତନ ମନରେ ପଛକୁଫେରିଲା ।

ଫେରିବା ବାଟରେ କୁବେର ଅନେକ କିଛି ଭାବିଲା । ଭାବିଲା ଦାର୍ଶନିକଙ୍କ ଭଳି । ଆପଣା ଭିତରୁ ମୁଣ୍ଡଟେକି ଆଶ୍ଚର୍ଯ୍ୟ ଚକିତ ଆଖିରେ ଚାହିଁଲା ଜୀବନ ଆଡ଼କୁ ।

ତାକୁ ଲାଗିଲା ଜୀବନଟା ହିଁ ବଡ ବିଚିତ୍ର । କିଛି ସୀମା ସରହଦ ତାର ନାହିଁ । କୌଣସି ହିସାବ ନିକାଶ ଭିତରକୁ ସେ ଆସେନା । ବେଳେ ବେଳେ ମନେହୁଏ ଇଏ ତ ସୀମା । ହାତ ପା'ନ୍ତାରେ ଦିଗ୍‌ବଳୟ । ହାତ ବଢ଼େଇଲେ ଧରିହେବ । ଯେମିତ ବୁଡ଼ନ୍ତା ସୂର୍ଯ୍ୟ । ନାଲି ପେଣ୍ଡୁଟିଏ । କୌଣସି ଏକ ଉଚ୍ଚସ୍ଥାନରୁ ଦେଖିଲେ ମନେହେବ ଏଇତ ଧରି ଲି, ଆଉ ଟିକିଏ ଗଲେ, ଅଥବା ଆଉଟିକେ ଉଠିଗଲେ; କିମ୍ବା ଢ଼ାଲୁଟା ପାରିହୋଇଗଲେ, ନହେଲେ ଆଉ ଟିକେ ତୀଖଟାକୁ ଡେଇଁ ପଡିଲେ । ଟିକକରେ ହିଁ ଧରିହେବ ନାଲି ପୁଚୁପୁଚୁ ସୂର୍ଯ୍ୟକୁ । ତେଣିକି ସୂର୍ଯ୍ୟ ଗୋଟାକଯାକ ତାର । ହେଲେ...ଅସରା ବାଟ ସରେନା । ସୂର୍ଯ୍ୟ ଧରା ପଡେନା । ମଣିଷ ଖାଲି କ୍ଳାନ୍ତ ହୁଏ ଧାଇଁ ଧାଇଁ । ଆଶା ପଛରେ । ସେଇମିତି ଏଇ ଜୀବନ । ପାଉ ପାଉ ହାତଛଡା । କିମ୍ବା ପାଇବା ଲୋଭରେ ଆଣ୍ଠୁଗଣ୍ଠି ଛିଣ୍ଡା ଧାଉଡି । ଲୋଭ ଦେଖାଏ ସୁନାମିରିଗ । ହାତରୁ ଖସି ପୁଣି ବେହିସାବ ହୋଇଯାଏ । କେବେ କେବେ ସ୍ୱପ୍ନ ବି ପାଲଟିଯାଏ । ଯେମିତି ତାର ବୁଢ଼ାବାପା, ଶ୍ୱାସରୋଗିଣୀ ବୋଉ, ଯୌବନ ଅତିକ୍ରାନ୍ତ ବଡ ଭଉଣୀ, ଅଥବା ସେମାନଙ୍କ ଭଳି ଆଉ ମାନେ । ହିସାବ ଖୋଜୁ ଖୋଜୁ କ୍ଷତାକ୍ତ ହୋଇଯାଆନ୍ତି । ଅଛିଣ୍ଡା ଅଙ୍କ ଛିଣ୍ଡେନା । ସଂଜର ପଣତ ଲମ୍ବି ଆସେ ଜୀବନ ଉପରକୁ । ଜୀବନ ଖାଲି ଭେଳିକି ଦେଖାଇ ଛୁଁ ଛୁଁ କା ଖେଳେ

Digitized by PPRACHIN, SOA

ବୁଲାଣି ରାସ୍ତାରେ । କେବେ ଧରା ଦିଏନା କୁବେରମାନଙ୍କୁ । କର୍ମରେ ବିଶ୍ୱାସ କରିବାକୁ ଶିଖିଥିବା ଅଟଳମନଟା ପରିସ୍ଥିତିର ଧାସରେ ତଳିଲି ଭାଗ୍ୟକୁ ସ୍ୱୀକାର କରିବାକୁ ବାଧ୍ୟହୁଏ । ହେଲେ ଅମତା ମାଡ଼ି ପାରେନା ।

ଅନେକ ସମୟରେ ତାର ମନେ ହୋଇଛି, ମଣିଷ ଯଦି ସତରେ ଆଗଟାକୁ ଦେଖିପାରୁଥାନ୍ତା (ଆଉମାନଙ୍କ କଥା ଅଲଗା, କୁବେରମାନେ କଣ ଆଗଟା ଦେଖିପାରନ୍ତି ?) ଜଳ ଜଳ ହୋଇ ଯଦି ଦିଶୁଥାନ୍ତା ଭବିଷ୍ୟତ, ତେବେ ପୃଥିବୀରୁ ସବୁ ଦୁଃଖ ଯନ୍ତ୍ରଣା ର ଅବସାନ ଘଟନ୍ତା । ଏଇ ଛକାପଞ୍ଝା ଖେଳ, ବାଘବକୁରି ଖେଳ, ପ୍ରତିଶ୍ରୁତି ପ୍ରତାରଣା କିଛି ବୋଲି କିଛି ନଥାନ୍ତା । ସକାଳୁ ଉଠି ବାପା ଚିନ୍ତା କରୁନଥାନ୍ତେ ପାଞ୍ଚୁଟା ପେଟ ପାଇଁ ଦାନା କେମିତି ଯୋଗାଡିବେ । ବୋଉ କାନ୍ଦୁନଥାନ୍ତା ଲୁଚେଇ ଲୁଚେଇ । ଭଉଣୀର ଚନ୍ଦ୍ର ଉଦିଆ ମୁହଁକୁ ଅବେଳରେ ରାହୁ ଗ୍ରାସୁନଥାନ୍ତା, କିମ୍ବା ସକଳ ସମ୍ଭାବନା ସତ୍ତ୍ୱେ ବି କୁବେର ମାନେ.....

ସେ କିଛି ଆଉ ଭାବି ପାରିଲାନି । ପେଟରେ ଭୋକ । ଗଁ ଗଁ ହଉଛି । ସଂଜ ବେଳେ ଭାତ ଖଣ୍ଡେ ଖାଇଥିଲା ବୋଲି ଗଲା ରାତିରେ ଆଉ କିଛି ଖାଇନି । ଏତେ ବେଳ ହେଲାଣି ଆସି...

ଆଜିକାଲି ଭୋକ ଲାଗୁଛି ବୋଲି ବୋଉ ଆଗରେ କହିବାକୁ ଲାଜମାଡେ ।

ସେ କୁହେନା ।

ଅଧା ଭୋକିଲା ବାପା ବୋଉଙ୍କୁ ଖାଇବାକୁ ମାଗିଲାବେଳେ ତାକୁ ମାଡି ମାଡି ପଡେ । ବୋଉଟା ଆଶ୍ଚର୍ଯ୍ୟ ଭାବେ ସହଣିକ । ସତେ ଯେମିତି ଅମୃତ ଖାଇ ଜନ୍ମ ହୋଇଛି ତାକୁ କେବେ ଭୋକ ଲାଗିବନି । ସତରେ ଆଜିକାଲି ବୋଉଟା କେତେବେଳେ ଖାଉଛି, କଣ ଖାଉଛି, କେବେ ସେ ଦେଖେନା ।

ଉଲ୍ଲାସ କୁହେ-"ପେଟରେ ଭୋକ ମୁହଁରେ ଲାଜ....' ତୋର ଏ ସବୁ ଢ଼ଙ୍ଗ ମୋତେ ଭଲ ଲାଗେନା ରେ କୁବେର । କିଛି ଗୋଟାଏ ବାଟ ଖୋଜ... ଏବେ ବି ସମୟ ଅଛି, ମୋ କଥା ତୁ ବଚାର କରିପାରୁ" କିନ୍ତୁ ସେ କଣ ଉଲ୍ଲାସ ଭଳି ହୋଇପାରିବ ?

ଉଲ୍ଲାସ ତାର ପାରିଲାପଣକୁ ପୌରୁଷ ବୋଲି ଭାବୁଛି ।

ଅନେକ ତାହା ହିଁ ଭାବନ୍ତି । ସଫଳପୁରୁଷ ମାନଙ୍କର ଏଇଟା ହିଁ ମୂଳ ପ୍ରଣବ । ସେମାନଙ୍କ ଥାକ ଅଲଗା ।

ସେ ତ ସେଇ ଥାକର ନୁହେଁ ।

ଭାବନାର ବଡ଼ଦାଣ୍ଡରେ ଚାଲୁ ଚାଲୁ କେତେବେଳେ ଯେ ଅଭ୍ୟସ୍ତ ବଳଦ ପରି ଘରମୁହାଁ ଗଳିରେ ବାଟ ଭାଙ୍ଗି ଚାଲିବାକୁ ଲାଗିଲାଣି ତାର ହୋସ ନଥିଲା । ସାହି ଆରମ୍ଭ ରେ ବିରାଟ ଗୋଟାଏ ଓସ୍ତ ଗଛ । ଗଛ ମୂଳଟାରେ ପାଗଳା ବିଶି ଖଣ୍ଡେ ଚିରାକନା ଗୁଡେଇ

Digitized by PPRACHIN, SOA

ହେଇ ଜାକିଜୁକି ବସିଥିଲା । ପେଟ ପଶି ପେଟରେ ଲାଗିଛି ତାର । ମନକୁ ମନ କଣ ସବୁ ଗପି ଚାଲିଛି ବିଶ୍ୱନାଥ । ଓସ୍ତ ଗଛର ପତ୍ରରେ ସୂର୍ଯ୍ୟ କିରଣ ପଡ଼ି ଚିକ୍‌ଚିକ୍ କରୁଛି । ବିଶିଆର ଫୁଙ୍ଗୁଳା ଦେହଟା ରହି ରହି ଥରି ଉଠୁଛି । କେଜାଣି କାହିଁକି । ଚାଲୁ ଚାଲୁ ଠିଆ ହୋଇ ପଡିଲା କୁବେର । ସେଇ ଗଛ ମୂଳରେ । ବିଶି ଆଖିରେ ଆଖି ପଡ଼ିଗଲା । ଅବୋଧ ଶିଶୁର ଅମାୟିକ ହସଟିଏ ଉକୁଟି ଉଠିଲା ସେଇ ଆଖିର ଦର୍ପଣରେ । କିଛି ବୁଝୁନି ସେ ।

ବିଶି କେମିତି ପାଗଳା ହେଲା ?

କୁଆଡେ ବିଶ୍ୱାସଘାତର ଅସ୍ତ୍ରରେ ତାକୁ କ୍ଷତ ବିକ୍ଷତ କରି ଦିଆଯାଇଛି । ସତ ମିଛ ସେ ଜାଣେନା । ତେବେ ବିଶି ଯେ ଜୀବନ ଦୌଡରେ ହାରିଯାଇ ଝୁଣ୍ଟିପଡିଛି ମୁହଁମାଡି ଏଥିରେ ସଂଦେହ ନାହିଁ ।

ହଠାତ୍ ତାର କମିତି ମନେହେଲା, ଜୀବନଟା ଗୋଟାଏ ଲଟେରୀ । ବାଜିଗଲେ ତାର ବାହାଦୂରୀ, ତାର ପୌରୁଷ । ଆଉ ନବାଜିଲେ , ନପାଇଲେ ଅଥବା ପାଇ ହରେଇଲେ ତାର ସେଇଟା 'ଭାଗ୍ୟ' । ଭାଗ୍ୟକୁ ଆଦରି ନିଜକୁ ନିଜେ ପ୍ରବଞ୍ଚିତ କରୁଛି ମଣିଷ । ନହେଲେ ଆଉ ସବୁ ମିଛ । ଏଥର ହାତରେ ଧରିଥିବା ପ୍ୟାକେଟ୍‌ଟା ତାକୁ ଓଜନୀଆ ଲାଗିଲା । ଜାଣେନା କାହିଁକି, ଗୋଟାଏ ଲହସ ରେ ସେ ଖୋଲି ପକେଇଲା ତା ଭିତରେ ଉଲ୍ଲାସ ଦେଇଥିବା ନୂଆ ଜର୍‌ସି, ଆଖି ମିଟ୍ ମିଟ୍ କରି ହସୁଛି ତାକୁ ଲକ୍ଷ୍ୟ କରି ।

ବିଶି ପାଗଳା ବି ହସୁଛି । ଥରିଲା ଦେହକୁ ଥୟ କରିବା ପାଇଁ ବିଶି ଗଛ ମୂଳକୁ ଆଉଜି ପଡିଲା ।

ହଠାତ୍ କଣ ମନହେଲା କେଜାଣି, ଓସ୍ତଗଛ ମୂଳକୁ ଲକ୍ଷ୍ୟ କରି କୁବେର ବିଶି ଉପରେ ପକେଇଦେଲା ନୂଆ ଜର୍‌ସିବ୍ୟାନିୟାନ୍ କୁ ଏବଂ ବଡ ବଡ ପାହୁଣ୍ଡ ପକେଇ ଚାଲିବାକୁ ଲାଗିଲା ।

❑❑❑

Digitized by PPRACHIN, SOA

ସାଥୀଟିଏ ଚାହେଁ

"....ଏମାନେ ଭାରିଭଲ । କେହି ବାଛିପାରିବେନି କଉଥିରେ । ସ୍ୱାମୀ ହିସାବରେ ଯେମିତି ବାପ ହିସାବରେ ବି ସେତିକି ଦାୟିତ୍ୱସଂପନ୍ନ । କର୍ତ୍ତବ୍ୟପରାୟଣ ପୁଅ । ଚାକିରି କ୍ଷେତ୍ରରେ ଭାରି ସିନ୍‌ସିୟର । ବସ୍‌ଙ୍କ କଥାରେ ଏପାଖ ସେପାଖ ହେବନି । ସବୁବେଳେ ଗୁଡ଼୍ ସିସିଆର୍ । ବନ୍ଧୁମେଳରେ ବେଶ କୌତୁକପ୍ରବଣ ଆଉ ବନ୍ଧୁବତ୍ସଳ ବି । ସମସ୍ତଙ୍କ ପାଖେ ଭଲ....ସବୁଭଲ....ତଥାପି...."

କଥା ପୁରିଲାନି ବିନୀତାର । ମୁଁ ଚାହିଁଲି ତା ମୁହଁକୁ ।

ଉତ୍ତୀର୍ଣ୍ଣ ସନ୍ଧ୍ୟାର ପଣତ ତଳେ ଆମେ ଦୁହେଁ ଚାଲୁଥିଲୁ କିଛିଟା ଆନମନା ହେଇ । ବିନୀତା ଗପୁଥିଲା । ମୁଁ ଶୁଣୁଥିଲି । ହଠାତ୍ ବିନୀତାର କଣ୍ଠସ୍ୱର କେମିତି ଭାଙ୍ଗିଗଲା ଭଳି ମନେହେଲା । ଯେମିତି ସ୍ୱଚ୍ଛନ୍ଦରେ ଗୀତ ଗାଉ ଗାଉ ଆକସ୍ମିକ ଭାବେ ସ୍କେଲଟା ତଳକୁ ଓହ୍ଲେଇ ଆସିଲା । ଟିକିଏ ବେସୁରା ଲାଗିଲା ବି । ରାସ୍ତାଟା ଅନ୍ଧାରୁଆ ଲାଗୁଥିଲା । ଲାଇଟ ପୋଷ୍ଟର ବତୀସବୁ କାହିଁକି ଜଳି ନଥିଲା । ତେବେ ଅନେକ ଗାଡ଼ିମୋଟର ଯା ଆସ କରୁଥିଲେ । ନୀତା ଅନ୍ୟମନସ୍କ ଭାବେ ଅନ୍ଧାର ଆଡ଼କୁ ହିଁ ଚାହିଁଥିଲା । ଗାଡ଼ି ମୋଟରର ଚଳନ୍ତି ଆଲୁଅରେ ତା ମୁହଁ ଦେଖିବାର ପ୍ରୟାସ କରି ମୁଁ ହତାଶ ହେଲି । କୌଣସି ପ୍ରତିକ୍ରିୟା ପଢ଼ି ପାରିଲିନି ।

ବିନୀତାଟା ସ୍ୱଭାବରେ ଚୁପ୍‌ଚାପ୍ ଢ଼ଙ୍ଗର । ବେଶୀ ଗପି ପାରେନି । କଥା ବି କମ୍ କୁହେ । ବୁନ୍ଦା ବୁନ୍ଦା ସ୍ୟାହି ପଡ଼ିଲା ଭଳି କଥା ଗୁଡ଼ାକ ଏଠିସେଠି ବିଚ୍ଛି ହେଇ ପଡିଥାଏ । ଗଭୀର ଦାଗ ଆଙ୍କି ଦେଇ । କିନ୍ତୁ କହିବ ବୋଲି କିଛି କୁହେନା । ଅଥଚ କଲମରୁ ସ୍ୟାହି ଗଳିପଡ଼ିଲା ଭଳି ଅଜାଣତରେ ତା ମନ କଲମରୁ ଛପିଲା କଥାର ସ୍ୟାହି ଗଳିପଡେ ବୁନ୍ଦା ବୁନ୍ଦା ହେଇ ।

ଆଉ ମୁଁ ତାକୁ ନ ପୋଛି, ଗଭୀର ଭାବେ ଅନୁଧ୍ୟାନ କରେ । କେତେ ଗାଢ଼ ସେଇ କଥାର ରଂଗ । କେତେ ବ୍ୟାପକ ତାର ପରିସର । ମୋ ମନର କାଗଜକୁ ମିଞ୍ଜେଇ ବ୍ଲଟିଙ୍ଗ ପେପର ଭଳି ଶୋଷିନିଏ ମୁଁ ତା ଉଚ୍ଛଳ ମନର ନୀରବ ଅଭିବ୍ୟକ୍ତିକୁ ।

ମୁଁ ବୁଝିପାରେ ସବୁ । କାରଣ ମୁଁ ବଡ଼, ବୟସର ଅଭିଜ୍ଞତାରେ । ବେଶ୍ କିଛି ବଡ । କହିବାକୁ ଗଲେ ତା ମୋ ବୟସରେ କିଛି ମେଳ ନାହିଁ । ଆମ କର୍ମକ୍ଷେତ୍ର ବି ଏକା ନୁହେଁ । ବିଚାର ଆଉ ସ୍ୱଭାବ ମଧ୍ୟ ଏକାବୋଲି କହି ପାରୁନି । ତଥାପି ବି କୋଉଠି କେମିତି ଗ.ସା.ଗୁ ଟା ମିଳିଯାଏ । ଆଉ ବୟସର ପାହଚ୍ ଡ଼େଇଁ ସେହି ସମତଳ ଭୂମିରେ ଆମେ ଏକାତ୍ମ ହୋଇଯାଉ କେଇ ମୁହୂର୍ତ୍ତ ପାଇଁ । ସେଠି ତା ମନ ମୋ ମନକୁ ବୁଝେ । ମୋ ମନ ତା ମନକୁ ଚିହ୍ନେ । ଗୋଟିଏ ନିଃଶବ୍ଦ ଘେନାଘେନି ।

Digitized by PPRACHIN, SOA

ସେଇ ବିନୀତା ଆଉ ମୁଁ । ଅନେକ ଦିନ ପରେ ଘରର ଅର୍ଗଳି ଡ଼େଇଁ ରାସ୍ତାକୁ ଓହ୍ଲେଇ ଆସିଥିଲୁ ଓ ଖୋଲା ପବନରେ ପହଁରି ପହଁରି ଅନତିଦୂରରେ ଥିବା ଗୋପୀନାଥ ଜିଉ ମନ୍ଦିରର ନିରୋଳା ବେଢ଼ା ଆଡ଼କୁ ମୁହାଁଇଥିଲୁ ।

ଅନେକ ଦିନ ପରେ ଦେଖା ହେଇଥିଲା ତା ସହିତ । ତେଣୁ ହଠାତ୍ ନୀତାର ବେସୁରା କଣ୍ଠସ୍ୱର ମୋତେ ମୁହୂର୍ତ୍ତକ ପାଇଁ ଚହଲେଇ ଦେଇଥିଲା । ଅନୁମାନ କଲି ସେ ନିଜକୁ ଲୁଚେଇବାକୁ ଚେଷ୍ଟା କରୁଛି । କିମ୍ବା ଆପଣାଛାଏଁ ଖୋଲି ହେଇଯାଉଥିବା କଥାର ପାଖୁଡ଼ାକୁ ବୁଜିଦେଇ ପୁଣି ଗୋଟେ ନୂଆକଥାର ସୂଅ ଧରିବା ପାଇଁ ମୁହୂର୍ତ୍ତର ଅବକାଶ ଖୋଜୁଛି । ମୁଁ ତାକୁ ସେଇ ଅବକାଶ ଦେଲି ଅନ୍ୟ କଥାର ମୋଡ଼ ଧରି । କାରଣ ତାକୁ ଅପ୍ରସ୍ତୁତ ଦେଖିବାକୁ ମୋର ଇଛା ନଥିଲା ।

-ନୀତା, କେତେମାସ ପରେ ମୋ ସଂଗେ ତୋର ଦେଖାହେଲା କହିଲୁ ? କହିବାକୁ ଗଲେ ତୋ ଘରକୁ ମୋ ଘର ଡାକେବାଟ ବି ନୁହେଁ । ଅଥଚ...

ସତରେ ଛବିନାନୀ ଏତେ ପାଖରେ ଥାଇ ବି ଦେଖା ସାକ୍ଷାତ ହୋଇପାରୁନି । ଥରେ ଅଫିସରୁ ଫେରି ଘର ଭିତରେ ପଶି ଶାଢ଼ୀ ବଦଳେଇ ସାରିଲେ ଯେମିତି ବାହାର ଦୁନିଆଁ ସଂଗେ ଆଉ ସଂପର୍କ ନାହିଁ କି ନଥିଲା । ତେଣିକି ତମେ ଆଉ ଗୋଟାଏ ଭିନ୍ନ ମଣିଷ । ତମେ ତମେ ନୁହେଁ । କୁଆଡ଼େ ବାହାରିବାକୁ ମନ ହୁଏନି ।

ହେଲେ ବି ଜଞ୍ଜାଳ ବାଟ ଛାଡ଼େନି । ଅଫିସରୁ ଫେରିଲା ବେଳକୁ ତ ସଂଜ । ପିଲାଏ ସ୍କୁଲରୁ ଫେରିଥିବେ ଭୋକରେ ଆଉଟୁପାଉଟୁ ହୋଇ । କେବେ କୁଣିଆ ମଇତ୍ର ଘରେ ଅଛନ୍ତି ତ କେବେ ଶାଶୁ ଶ୍ୱଶୁର ଆସିଛନ୍ତି । ୟାଙ୍କର ତ ସକାଳୁ ଗଲେ ପୁଣି ରାତି ପହରକୁ ଘର ବାହୁଡାଣି । ଗଲା ଅଇଲା ହଜାରେ ଫାଇଫାଉମାସ । ସମସ୍ତଙ୍କ ମନକୁ ଜଗି ଚଳ । ସେଥିରେ ନିଜ ଖୁସି ପାଇଁ ବେଳ କାହିଁ ଛବିନାନୀ ।

ଏଥରକ ସଂପାଦକ ଫେରିଗଲେ ପଛେ, ଧାଡ଼ିଏ ଲେଖା ମଧ୍ୟ ପାରିଲିନି ।

- ଏ ଭିତରେ ମୁଁ ବି ତୋର ଲେଖା କିଛି ପଢ଼ିବାକୁ ବେଳ ପାଇନି । ତେବେ ତାରି ଭିତରୁ ସମୟ କରି ଲେଖୁଥିବୁ, ନା ରାତିରେ ଲେଖୁ ?

-ଅଫିସ କାମ ସାରି ଘରକାମକୁ ତ ବେଳ ପାଉନି । ଖିଆପିଆ ସରୁ ସରୁ ତ ଅଧରାତି । ଆଉ ରାତି କାହିଁ ଲେଖିବାକୁ ଭାବିବାକୁ । ଖାଲି କ୍ଲାନ୍ତି ଆଉ କ୍ଲାନ୍ତି...କିଛି କରିପାରୁନି କୁଆଡ଼େ ଯାଇ ପାରୁନି । ହେଲେ ତମେ ତ ଆସି ପାରିଥାନ୍ତ ।

-ମୁଁ ବି କଣ ବେଳ ପାଉଛି ? ତା ଛଡା ତୋତେ ବ୍ୟସ୍ତ କରିବାକୁ ମନହୁଏନି ସବୁବେଳେ । କଥା ତା ବାଟରେ ସିଏ ଶାଖା ପ୍ରଶାଖା ମେଲି ପଲ୍ଲବୀତ ହେଲା । ଆମେ ବଡ଼ରାସ୍ତା ଛାଡ଼ି ମନ୍ଦିର ଗଳି ଧରିଲୁ । ଗଳିମୁଣ୍ଡରେ ମନ୍ଦିର । ସଦ୍ୟ ସଞ୍ଜ ଆରତି ସରିଥିଲା ବୋଧେ । ଅଗୁରୁ ଧୂପର ବାସ୍ନା ମହକି ଆସୁଥିଲା ପବନରେ । ମୁଁ ଆମୋଦିତ ହେଲି । ଭଲ ଲାଗୁଥିଲା ଏଇ ଖୋଲାପବନ, ଖୋଲା ଯାଗା ଆଉ ଖୋଲା ମନର ଖୋଲା

Digitized by PPRACHIN, SOA

କଥା...ସବୁ କଥା...ସବୁ ହାଲୁକା ହାଲୁକା ଉଶ୍ୱାସ, ଆଃ...ଆଖିବୁଜି ମନଭରି ଆଘ୍ରାଣ କଲି ସୁଗନ୍ଧିତ ଅଗୁରୁଗନ୍ଧର ଗୋଳିଆ ମିଶା ପବନକୁ । ହେଉ ପଛେ ମୁହୂର୍ତ୍ତକ ପାଇଁ, ମଣିଷ କିନ୍ତୁ ମୁକ୍ତି ଚାହେଁ...କେଡ଼େ ହାଲୁକା ଲାଗୁଛି...ପବନରେ ଭାସିଲା ଭଳି ....କିଛି ମନେ ପଡୁନି ଜଞ୍ଜାଳର କଥା...ଘର ସମସ୍ୟା..... ଆଃ...!!

ମୋ ମନର କଥା ଶୁଣିପାରିଲା ଭଳି ନୀତା କହିଲା-ସତରେ ନାନୀ କେତେ ଆନନ୍ଦ ଲାଗୁଛି ନା । ମନ ହେଉଛି ଏଇ ଧୂପର ବାସ୍ନା ଭଳି ଉଡିବୁଲିବାକୁ । କି ଶାନ୍ତି । ବିନୀତା ପବନ ସହିତ ଅନ୍ତରଙ୍ଗ ହେବା ପାଇଁ ଠିଆ ହୋଇଗଲା ମୁହୂର୍ତ୍ତେ ଆଖିବୁଜି । ଆମେ ବେଢ଼ା ଭିତରେ ପହଞ୍ଚି ଯାଇଥିଲୁ ।

ନୀତା ଆଚ୍ଛନ୍ନ ହୋଇପଡିଥିଲା । ତାର ସେଇ ସ୍ୱପ୍ନାଚ୍ଛନ୍ନ ଅବସ୍ଥାକୁ ଉପଭୋଗ କରୁକରୁ ମୁଁ ହାଲୁକା ଭାବରେ ତାକୁ ମନ୍ତବ୍ୟ କଲି ହଠାତ୍ ଜଞ୍ଜାଳର ପାଚେରୀ ଡ଼େଇଁ ପବନ ସାଙ୍ଗରେ ପ୍ରେମ କରିବସିଲୁ ଯେ...

ସତରେ ଛବି ନାନୀ ଦିନେ ଦିନେ ଟିକିଏ ରୋମାଣ୍ଟିକ ହେବାକୁ ମନହୁଏନି ? ସେମିତି ଆଖିବୁଜି ଉତ୍ତର ଦେଲା ନୀତା । ମୁଁ ଦେଖୁଥିଲି ବାସ୍ତବତାର ବାଡ଼ ଡେଇଁବାକୁ ସେ ପ୍ରୟାସ କରୁଛି । ମୋର ଘରକୁ ଫେରିବାକୁ ମନହେଉନି ଛବିନାନୀ...।

-ଆରେ ବାଃ ! ବେଶ୍ ତ ! ତୋତେ ପବନ ସାଙ୍ଗରେ ପ୍ରେମ କରିବାକୁ ଛାଡ଼ିଦେଇ ଘରକୁ ଫେରି ଅଖିଳେଶଙ୍କୁ କି କୈଫିୟତ ଦେବି ? ହସି ହସି କହିଲି ।

-ମୋତେ ନୁହେଁ । କେହି ମୋତେ ଖୋଜିବେନି । ଅନେକ ଦିନ ହେଲା ଏମିତିକା ମୁକୁଳା ପବନ, ନୀଳ ଆକାଶ, ଏତେ ବାସ୍ନା ଦେଖିନଥିଲି, ଅନୁଭବ କରିନଥିଲି, ଛବିନାନୀ ସତରେ ମୋର ଭାରି ମନହୁଏ ଏମିତି ଟିକେ ନିରୋଳାରେ ବସନ୍ତି....ହେଲେ ମୁଁ ବଡ଼ ଏକୁଟିଆ ଛବିନାନୀ....ବଡ଼ ନିସଙ୍ଗ ।

ମୁଁ ଚାହିଁଥିଲି ତା ମୁହଁକୁ । ମନ୍ଦିର ଭିତରୁ ଧାରେ ଆଲୁଅ ଆସି ତା ମୁହଁକୁ ଆଲୋକିତ କରୁଥିଲା । ସେଇ ଆଚ୍ଛନ୍ନତା ଭିତରେ ସେ ଭାବାତୁର ହୋଇ ପଡୁଥିଲା କ୍ରମଶଃ ।

-ଟିକିଏ ଆଗରୁ କହୁଥିଲି ନା, ଛବିନାନୀ ମୋ ପାଖରେ ସବୁ ଅଛି । ଘର, ବର, ସମ୍ମାନ, ଚାକିରି, ପୁଅଝିଅର ପରିପୂର୍ଣ୍ଣ ସଂସାର.... ସବୁକିଛି । ତଥାପି ମୋତେ କାହିଁକି ଏମିତି ଏକୁଟିଆ ଲାଗେ । ଏକଦମ୍ ଏକା । ମୁଁ ଅନୁଭବ କରେ ନିଜ ଭିତରେ ଯେମିତି କେହି ନାହିଁ କୁଆଡ଼େ...ଏକେଲା ଚାଲିଛି ଯେମିତି କଣ ଖୋଜୁଛି, କାହାକୁ ଖୋଜୁଛି...। ଦି ଆଣ୍ଠୁ ମଝିରେ ମୁହଁଟିକୁ ରଖି ଅଧା ମେଲା ଆଖିରେ ନୀତା ଚାହିଁଥିଲା ।

-କଣ ସବୁ ପାଗଳୀଙ୍କ ଭଳି ଗପୁଛୁ...।

-ବିଶ୍ୱାସକର ଛବିନାନୀ ମୁଁ ସାଥୀଟିଏ ଚାହିଁଥିଲି । ଏକାନ୍ତ ନିଜର, ଆପଣାର, ଅନ୍ତରଙ୍ଗର । ଯେଉଁଠି କିଛି ବାଡ଼ ନଥିବ । ପ୍ରଭୁପଣ ନଥିବ । ଶାସନର ନାଲିଆଖି ନଥିବ ।

Digitized by PPRACHIN, SOA

ନଥିବ ଦେ' ନେ' ର ହିସାବ । ପାର୍ଥକ୍ୟ ହଜି ଯାଇଥିବ ସଖାପଣ ଭିତରେ । ସେଠି ଖାଲି ଭାଗଥିବ । ଆବେଗ ଥିବ, ପ୍ରବଣତା ଥିବ । ସେମିତିକା ଗୋଟାଏ ସାଥୀ...ଆଉ ସାଥିପଣ....ତାଠୁ ଅଧିକା ମୁ କିଛି ଚାହିଁ ନଥିଲି ଛବିନାନୀ । ନୀତା ଆଖିରେ ଲୁହ ଟଳମଳ ହେଲା । କୋହ ଉଠି ଆସୁଥିଲା ଛାତିତଳୁ । କଲମ ଉଚ୍ଛୁଳି ସ୍ୟାହିଗଳି ପଡୁଛି ଟପ୍‌ଟପ୍...। ମୁଁ କିନ୍ତୁ ତାକୁ ଆଶ୍ୱାସନା ଦେଲି ନାହିଁ । ବରଂ ନିଜକୁ ପ୍ରସ୍ତୁତ କଲି ତା ଅଭିମାନର ସ୍ୟାହିକୁ ଶୋଷିନେବା ପାଇଁ । ପିଠିକୁ ଟିକଏ ଆଉଁସି ଦେଲି କେବଳ । ସତେ ଯେମିତି ନିଃଶବ୍ଦ ଆଶ୍ରୟଟିଏ ଖୋଜି ପାଇଲା ଲତା ଲଟେଇଯିବାକୁ । ତା କଥାର ଖିଅ ଧରି କହିଲି,- ଆମେ ସମସ୍ତେ ଆପଣା ଭିତରେ ଭାରି ଏକୁଟିଆରେ । କିଏ କାହାର ? ପୁଅଝିଅ, ସ୍ୱାମୀ ସଂସାର ସବୁତ ସ୍ୱାର୍ଥର । ସ୍ୱାର୍ଥର ପରିଧି ଭିତରେ ଆମେ ସଂପର୍କକୁ ବାନ୍ଧି ରଖିଛୁ ଯାହା ନ ହେଲେ ଆମ ଭିତରେ ଆମେ ସଂପର୍କକୁ ବାନ୍ଧି ରଖିଛୁ ଯାହା । ନ ହେଲେ ଆମ ଭିତରେ ଆମେ ବଡ଼ ନିଃସଙ୍ଗ । ନିଜ ଇଚ୍ଛାର ରାସ୍ତାରେ ଆମେ ନିଜେ ହିଁ ପଥିକ । ଏକା ଏକା ସ୍ୱପ୍ନ ଦେଖି ବାଟ ଚାଲିବା କଥା । ସଂପର୍କର ହାତ ସବୁ କାମ ସରିଗଲେ ବାଟଭାଙ୍ଗି ନିଜ ରାସ୍ତାରେ ଚାଲିଯିବେ । ସଂସାରଟା ଗୋଟାଏ ଅଲଗା ଜିନିଷ । ଆମ ଭାବନା ପଛରେ ତ ସଂସାର ଗୋଡାଏନି । ତାର ଅଲଗା ଟ୍ରାକ୍....ନୀତିନିୟମ, ବିଧିବିଧାନ ଯେତେ ସବୁଅଲଗା । ତା ପାଇଁ ଅଲଗା ବ୍ୟାକରଣ, ଅଲଗା ଉପପାଦ୍ୟ । ସଂସାର ଭିତରେ ପାଦ ରଖିଲେ ସେ ସବୁ ମୁଖସ୍ଥ କରିବାକୁ ପଡ଼େ । ଅଭ୍ୟାସ କରିବାକୁ ହୁଏ । ଆଉ ସ୍ୱାମୀ, ସ୍ୱାମୀ ହିଁ ତ ପୋଜେସିଭ । ତୁ ମନଊଣା କରୁଛୁ କାହିଁକି ଯେ...।

-ମୁଁ କିନ୍ତୁ ଆସେଟ ନୁହେଁ ଛବିନାନୀ, ଆସେଟ ହେବାକୁ ଚାହେଁନା ମଧ୍ୟ । ମୋର କଣ ନିଜ ପରିଚୟ ନାହିଁ । ନିଜ ଭାବନା ନିଜ ଇଚ୍ଛା କିଛି ନାହିଁ । ଆବେଗ ନାହିଁ, ଇମୋର୍ସନ ନାହିଁ ? ବାହା ହୋଇଛି ବୋଲି କଣ ମୋର ସ୍ୱାଧୀନତା ସବୁଲୋପ ପାଇଗଲା ? ମୋ ଭାବନାକୁ ଦୋହଲାଇ ଗୋଟାଏ ଦୀର୍ଘଶ୍ୱାସ ବାହାରି ଆସିଲା । ମନ୍ଦିର ବେଢ଼ାରେ ନିଃଶବ୍ଦ ନିର୍ଜନତା...କନିଅର ଟଗରର ଗଛ ସନ୍ଧିରେ ବହଳ ଅନ୍ଧାର...ଜୀଉଙ୍କ ଆସ୍ଥାନ ପାଖରେ ଘିଅ ଦୀପଟିଏ ଜଳୁଛି କ୍ଷୀଣ ଆଲୋକ ଦେଇ.... ନିତା ପ୍ରଶ୍ନ କରି ମୋ ମୁହଁକୁ ଚାହିଁଛି - କୁହ ଛବିନାନୀ ।

ମୋତେ ଲାଗିଲା ଅନ୍ଧାର ଭିତରେ ସତେ ଯେମିତି କିଏ କହୁଛି କିଛି ନାହିଁ କିଛି ନାହିଁ ତମର ଇଚ୍ଛା । ତମେ ଯେ ନିଜ ଇଚ୍ଛାରେ ଏଇ ପରାଧୀନତାକୁ ବରଣ କରି ନେଇଛ । ବିନୀତା କ୍ରମଶଃ ଇମୋସନାଲ ହୋଇଉଠୁଥିଲା ।

-ଛବିନାନୀ ମୁଁ କେବଳ ଧାଇଁ ଥିବି ତାଙ୍କ ଇଚ୍ଛାର ଖେଳନା ହୋଇ । ମୋ କର୍ତ୍ତବ୍ୟରେ ମୁଁ ତ କେବେ ଅବହେଳା କରିନି । ତାଙ୍କ କକେଇପୁଅ ଆକ୍ସିଡେଣ୍ଟ ହେଲା ଦେଖିବାକୁ ଯାଇଛି, ଭାଇବୋହୂର ଡ଼େଲିଭରି ହେବ ପଥିସଜାଡି ରଖିଛି । ନଣନ୍ଦେଇ ଯିବେ କଚେରୀକୁ ଦଶଟାରେ ଅଫିସକାମ ପଛରେ ପକେଇ ଭାତବାଢ଼ି ଦେଇଛି । କାର୍ତ୍ତିକ ଆସିଲା

Digitized by PPRACHIN, SOA

ବିଧବା ପିଇସୀ ହବିଷ କରିବେ ତାଙ୍କ ପାଇଁ ସାମଗ୍ରୀ ସଜାଡ଼ି ହବିଷ ରାନ୍ଧି ଦେଇଛି ଅଫିସରୁ ଛୁଟୀନେଇ । ପର୍ବ ପର୍ବାଣୀ ହେଲେ ଦେହକଷ୍ଟ କୁ ପଛରେ ପକେଇ ତାଙ୍କ ସ୍କୁଟର ପଛରେ ବସି ଖିରିପିଠା ବାଣ୍ଟିଛି ନଣନ୍ଦମାନଙ୍କ ଘରେ । ଜଣ ମୁଁ ନକରିଛି ଛବିନାନୀ । ଅଥଚ କେତେବେଳେ ଯଦି ଧାଡ଼ିଏ ଦି ଧାଡ଼ି ଲେଖିବସିଲି ତ ତାଙ୍କ ଆଖି ସହିବନି, କହିବେ କଣ ଏମିତି ରାଜ୍ୟ ଯାକର ପୁରସ୍କାର ଆଣି ଘରେ କୁଢ଼େଇଦବକି....! ବୋଉ ତେଣେ ରୋଷେଇ ଘରେ ଧନ୍ଦି ହେଉଛି...ତମେ ବସିଗଲ ଟେବୁଲ ପାଖରେ । ନ ହେଲେ ଅଫିସ କାମ ଯଦି ଏତେ କରିବାକୁ ମନ ବାହାହଉଥିଲ କାହିଁକି ! ଏମିତି କେତେ କଣ ସବୁକୁ ଛାଡ଼ିଛୁଡ଼ି କେବଳ ରୋଷେଇ ଘରକୁ ଧାଇଁଛି ଫାଇଫରମାସ ତୁଲେଇଛି । ଏଥର ତା ଆଖିରୁ ରୁଦ୍ଧ ଅଭିମାନର ଲୁହ ଝରିପଡିଲା ଟପ୍‌ଟପ୍ ହୋଇ ରାତି ଶେଷର କାକର ଟୋପା ଭଳି । ନୀତା କହୁଥିଲା ତା କଥା ।

ମୋତେ କିନ୍ତୁ ଲାଗୁଥିଲା ମୋରି କଥା ମୁଁ ଶୁଣୁଛି । ମୋରି ଅଭିଯୋଗ । ମୋରି ସ୍ୱପ୍ନ ବଖାଣୁଛି ନୀତା । ସେଦିନର ମୁଁ ଆଜିର ନୀତା ଭିତରେ କିଛି ତଫାତ୍ ନାହିଁ । ଆଗାମୀ ନୀତାମାନେ ଏଇମିତି ଅକୁହା ଯନ୍ତ୍ରଣାର ଲୁହ ଝରେଇବେ । ଅଭିଯୋଗ ବାଢ଼ିବେ, ଅଥବା ଚଳନ୍ତି ସଂସାରର ବ୍ୟାକରଣକୁ ଘସି ମାଜି କଣ୍ଠସ୍ଥ କରି ମୋରି ଭଳି ଛେଚାପିଟା କେବଳ ଗୃହିଣୀଟିଏ ପାଲଟିଯିବେ । ଅନ୍ୟମାନଙ୍କ ଆଖିର ସ୍ୱପ୍ନହିଁ ତା ନିଜର ସ୍ୱପ୍ନ ହୋଇଥିବ । ଅଜାଣତରେ ମୋ ଆଖିରୁ ଲୁହ ଝରି ପଡିଲା । ନୀତାର ହାତ ପାପୁଲିରେ । ମୋ ମୁହଁକୁ ଚାହିଁଲା ନୀତା ।

-ତୁ ଏମିତି ଭାଙ୍ଗି ପଡୁଛୁ କାହିଁକି...ଏତେ ଶୀଘ୍ର ହାରିଯାଉଛୁ. ତୋର ଲମ୍ବା ଭବିଷ୍ୟତ୍ ପଡିଛି ଥୟଧର ଟିକେ ।

-କେତେ ଥୟଧରିବି ଛବିନାନୀ । ଏ ସବୁ ବଦଳରେ ମୋ ନିଜର ବୋଲି ଦାବି କେତେ କହିଲ ? ହେଇ ହେଇକି ବାପା ବୋଉଙ୍କୁ ଟିକେ ଦେଖିବାକୁ ଯିବି ନ ହେଲେ ସାମାଜିକତା ରକ୍ଷା କରିବା ପାଇଁ ମାମୁଁ ମାଉସୀ କି ଜକେଇ ଖୁଡ଼ିଙ୍କ ଦେହପା, ସୁଖଦୁଃଖ କି ନିମିତ୍ତ ପର୍ବରେ ଯାଇ ଠିଆ ହେବି ତାଙ୍କ ପାଖରେ । ସେମାନଙ୍କ ସ୍ନେହର ପ୍ରତିଦାନରେ ଏତିକି ଦେଇ ପାରିବିନି ?

-ନିଶ୍ଚୟ ଏଇଟା ବି ତୋର କର୍ତ୍ତବ୍ୟ । ତେବେ ମୁଁ ବୁଝିପାରୁନି ନୀତା ଏ ପ୍ରକାର ଚିନ୍ତା ତୋ ମନରେ ଉଠୁଛି କାହିଁକି ? ଅଖିଳେଶ କଣ ଏତେ ଅସାମାଜିକ ନା ଅବିବେକୀ ?

-ନାଁ ସେ ଅସାମାଜିକ ନୁହଁନ୍ତି, ଅହଂକାରୀ । ନିଜପାଇଁ ତାଙ୍କର ଅହଂକାର । ସାମନ୍ତବାଦୀ ଢ଼ଙ୍ଗ । ତାଙ୍କଠୁ ତାଙ୍କ ଘରଠୁଁ କେହି ବଡ଼ ହୋଇ ପାରିବେନି । ହେବନି ସେକଥା । ସେମାନଙ୍କ ଦୁଆରକୁ ସେ ଯିବେ କାହିଁକି ? ଊଣାପଣ ହେଇଯିବ । କେହି ତାଙ୍କ ସମସରି ନୁହଁନ୍ତି । ହେଇପାରିବେନି । ଗୋଟାଏ ବଦ୍ଧଧାରଣା ତାଙ୍କର ସମଗ୍ର ସତ୍ତାକୁ ରାହୁ ଭଳି ଗ୍ରାସି ରଖିଛି । ସେଥିରୁ ମୁକ୍ତ ହେଲେ ସିନା ମଣିଷ ଚିହ୍ନିବେ ।

Digitized by PPRACHIN, SOA

ମୁଁ ନୀତାକୁ ଅଟକାଉ ନଥିଲି ପ୍ରଗଳ୍‌ଭ ହୋଇ ସେ କହିଚାଲିଥିଲା । କହୁ, କହିଦେଉ ବିଚାରୀ, ମନଟା ହାଲୁକା ହେଇଯିବ ହେଲେ....

ନୀତା କହିଲା -ଛବିନାନୀ ମୁଁ ଏତେଦିନ ହେଲା କେବଳ କର୍ତ୍ତୃତ୍ୱର ସ୍ୱର ହିଁ ଶୁଣିଛି । ପ୍ରଭୁପଣ ହିଁ ଦେଖିଛି । ଯାହା ସେ ଯେତେବେଳେ ଚାହିଁଛନ୍ତି ଅଧିକାର ସୂତ୍ରରେ ଦଖଲ କରିନେଇଛନ୍ତି । ଆଦାୟ କରିଛନ୍ତି ମୋ ପାଖରୁ । କେତେବେଳେ କର୍ତ୍ତବ୍ୟ ଦାୟରେ କେତେବେଳେ ବାଧ୍ୟ ବାଧକତାରେ ନଚେତ୍ ଭୟରେ ବି ମୁଁ ମୋର ଇଚ୍ଛାକୁ ସମର୍ପି ଦେଇଛି । ହେଲେ ଛବିନାନୀ ମୁଁ ତ ଏଇୟା ଚାହିଁ ନଥିଲି । ମାନୁଛି ସେଇଟା ତାଙ୍କର ପୌରୁଷର ଅହଂକାର । ସେ ନିଜକୁ କେବଳ ସ୍ୱାମୀର ଆସନରେ ବସେଇଲେ ପ୍ରଭୁପଣର ଚାଦର ଘୋଡ଼େଇ । ମୁଁ ଦୂରରେ ଥାଇ ନୈବେଦ୍ୟ ସିନା ସମର୍ପିଲି ହେଲେ ସେଇ ଦୂରତାର ଲକ୍ଷ୍ମଣରେଖା ଡେ଼ଇଁ ପାରିଲିନି ଆଜିଯାଏ ।

ଆକୁଳ ହୋଇ ଉଠିଲା ନୀତା । ମୋ କୋଳ ଉପରେ ମୁହଁ ଲୁଚେଇ ବ୍ୟଥାତୁର କଣ୍ଠରେ କହିଲା ଛବିନାନୀ ମୁଁ ପ୍ରଭୁ ଚାହିଁନଥିଲି, ସ୍ୱାମୀ ଚାହିଁନଥିଲି । ସାଥିଟିଏ ଚାହିଁଥିଲି । ଆତ୍ମୀୟତାର ଭାବଭୂମିରେ ଅନୁରାଗର ବିଗ୍ରହ ଭିତରେ....ସେତକ ମୁଁ ପାଇଲିନି ଏ ଜନ୍ମରେ...। ବିନୀତା ବିକଳ ହୋଇ ମୋ କୋଳରେ ମୁହଁଗୁଞ୍ଜି କାନ୍ଦୁଥିଲା । ତା ଲୁହ ସହିତ ମନର ଉଷ୍ମତାକୁ ମୋ ଭିତରେ ମୁଁ ଅନୁଭବ କରୁଥିଲି ଏବଂ ଅନ୍ୟବାଟରେ ବାଟଭାଙ୍ଗି କଥାଟାକୁ ତଉଲୁଥିଲି ।

ଅଖିଳେଶ ! ବିଶ୍ୱବିଦ୍ୟାଳୟର ସ୍ୱନାମଧନ୍ୟ ଅଧ୍ୟାପକ । ପ୍ରତିଷ୍ଠା ଅଛି । କିଛି ପ୍ରତିପତ୍ତି ବି । ନୀତା ତାଙ୍କର ଛାତ୍ରୀ ନହେଲେ ବି ଛାତ୍ରୀ ବୟସର । ଦୁହିଁଙ୍କର ବୟସଗତ ପାର୍ଥକ୍ୟ କିଛି ବେଶୀ । ସେ ଦୃଷ୍ଟିରୁ ବିଚାର, ଅନୁଭବ ଆଉ ପ୍ରବଣତା ମଧ୍ୟ ଦୁହିଁଙ୍କର ଅଲଗା । ଅଖିଳେଶଙ୍କର ଭୂମିକା ଘରେ ବାହାରେ ଉଭୟକ୍ଷେତ୍ରରେ ଗରିଷ୍ଠ । ସ୍ୱାମୀପଣଟା ଆସନ ଜମେଇ ବସିଛି । ପୁଣି ଉତ୍ତରାଧିକାର ସୂତ୍ରରେ ଆଣିଥିବା ଅହଂକାରଟାକୁ ସେଥିରେ ମିଶେଇ ଦେଲେ ତାଙ୍କର ପୌରୁଷ ଅନମନୀୟ ହେଇପଡିଛି । ନୀତାକୁ ସେ ବନ୍ଧୁ ଭାବରେ ଗ୍ରହଣ କରିପାରୁନାହାନ୍ତି କି ପାର୍ଥକ୍ୟର ବାଡ ଭାଙ୍ଗି ଆତ୍ମୀୟତାର ହାତକୁ ବଢ଼େଇ ପାରୁନାହାନ୍ତି ।

ନୀତା କଥା ଚିନ୍ତା କରୁ କରୁ ମୁଁ ନିଜେ ଭାବନାର ଭଉଁରି ଭିତରେ ଚକ୍କର କାଟି କାଟି କୂଳକୁ ଫେରି ଆସିଲି । ଅଖିଳେଶ ଆଉ ନୀତାର ସିନା ବୟସଗତ ପାର୍ଥକ୍ୟଟା ପ୍ରତିବନ୍ଧକ ସୃଷ୍ଟି କରୁଛି । ହେଲେ ଶାନ୍ତନୁ ଆଉ ତା ଭିତରେ ତ ସେଇ ପାର୍ଥକ୍ୟ ନାହିଁ । ତେବେ ଶାନ୍ତନୁଙ୍କର କଣ ଇଗୋ ନାହିଁ । ନା ଶାଶୁ ଶ୍ୱଶୁରଙ୍କର ମୁଁ ପଣ ନାହିଁ ? ଦୀର୍ଘ ପଚିଶବର୍ଷର ଘରକରଣା ଭିତରେ ତାର କଣ କିଛି କମ୍ ଅଭିଜ୍ଞତା ଏ ସଂପର୍କରେ । ପୁରୁଷ କେବେ ହେଲେ ନାରୀର ଦକ୍ଷତାକୁ ସ୍ୱୀକାର କରିନି ପୂର୍ଣ୍ଣ ପ୍ରାଣରେ ଏବଂ ସ୍ୱାଧୀନତା ଦେଲାବେଳେ ବି ଭାବିଛି ଟିକିଏ । ନହେଲେ ଏତେ ବୁଝିବା ସୁଝିବା ମଣିଷ ହେଇ ମଧ୍ୟ

Digitized by PPRACHIN, SOA

ଶାନ୍ତନୁ କାହିଁକି କହିଥାନ୍ତେ, ତମେ ପାଠପଢ଼ିଛ; ତମ ଆଖି ଖୋଲିଛି ସତ; ହେଲେ ନିଜ ଜ୍ଞାନ ଗରିମାକୁ ଯେମିତି ଏଘର ଭିତରେ ଅଭ୍ୟାସ ନକର । ବାପା ବୋଉ ଖରାପ ଭାବିବେ । ଆଉ ସେ ଏଇ ପଚିଶ ବର୍ଷ ଭିତରେ ଦିନେ ହେଲେ ପ୍ରଶ୍ନ କରିନି ଶାନ୍ତନୁ ଙ୍କୁ କାହିଁକି ବାପାବୋଉ ଖରାପ ଭାବିବେ, ସେ ଏମିତି କଣ ଭୁଲଟା କରିପକାଉଛି କି ? ସେ, କେବେ ବି ଚେଷ୍ଟା କରିନି ଟଣାହୋଇଥିବା ଲକ୍ଷ୍ମଣରେଖାକୁ ଡ଼େଇଁବା ପାଇଁ । ଡେଇଁଥିଲେ କଣ ହୋଇଥାନ୍ତା କେଜାଣି । ତେବେ ଡ଼େଇଁବାର ସାହସ ତାର ନଥିଲା । ପରବର୍ତ୍ତୀ ଆନୁସଙ୍ଗିକ ଅପ୍ରୀତିକର ଅସୁସ୍ଥ ପରିସ୍ଥିତିକୁ ସାମନା କରିବାର ମନୋବଳ ସେ ସଂଚୟ କରି ପାରିନଥିଲା । ବାପା ବୋଉ ପାଖରେ ପ୍ରତିଶ୍ରୁତିବଦ୍ଧ ଥିଲା ସେ । ଠିକ୍ ସେମିତି ଶାନ୍ତନୁଙ୍କ ପାଖରେ ବି । କୌଣସି ଅଘଟଣ ଘଟୁ ସେ ଚାହୁଁନଥିଲା । ଉଭୟ ଘରର ମାନସମ୍ମାନ ମର୍ଯ୍ୟାଦା ରକ୍ଷା କରିବା ତାର କର୍ତ୍ତବ୍ୟ ବୋଲି ହିଁ ଧରି ନେଇଥିଲା? ତେଣୁ ଅନେକ ସମୟରେ ତାକୁ ନିଜ ସହିତ ଯୁଦ୍ଧ କରିବାକୁ ପଡିଛି । ନିଃଶବ୍ଦ ଯନ୍ତ୍ରଣାକୁ ଢ଼ୋକିବାକୁ ପଡିଛି । ଇଚ୍ଛାମାନଙ୍କୁ ତୁରେଇ ଦେଇଛି....ଅଗତ୍ୟା । ଅପେକ୍ଷା କରିଛି ସମୟକୁ । ସବୁଦିନେ ତ ରାତି ରହିବନି । ଫରଚ଼ା ଦିଶିଲା ଯେତେବେଳେ ସୂର୍ଯ୍ୟ ଉଇଁବ ନିଶ୍ଚେ ।

କିନ୍ତୁ ସୂର୍ଯ୍ୟ କାହିଁ ? ଦଲକା ଦଲକା ସନ୍ଦେହ ଅହଂପଣର ଅବୁଝାମଣାର କଳାମେଘ ଯଦି କୋଉଠୁ ଆସି ଘୋଡେଇଦିଏ ସୂର୍ଯ୍ୟକୁ । ଗୋଟାଏ ହତାଶାଭାବ କେମିତି ଛାଇହେଇଗଲା ତା ଭିତରେ । ଭାବନାରେ ଥଳକୂଳ ପାଉନଥିଲା ସେ କେମିତି ହେବ କିଏ ବଢ଼େଇବ ପାଦ ? କିଏ ଡେଇଁବ ଆଗ ଏଇ ପାଚ଼େରୀ ??

ନୀତା ସେମିତି ମୋ କୋଳରେ ମୁହଁ ଗୁଞ୍ଜି କୋହଭରା କଣ୍ଠରେ କହିଲା ଛବିନାନୀ ତାଙ୍କ ମନଭିତରଟା ଏତେ ଅନ୍ଧାର କାହିଁକି କହିଲ....ମୁଁ ସେଇ ବୁଢ଼ିଆଣୀ ଜାଲ ଘେରା ଅନ୍ଧାର ଭିତରେ ପଶିପାରେନା ମୋଟେ...ଭୟଲଗେ.....କାଳେ ବାଟବଣା ହୋଇଯିବି ।

ନୀତା ଆହୁରି କଣ ସବୁ କହୁଥିଲା । ମୁଁ କିନ୍ତୁ ଅନ୍ୟକଥା ଭାବୁଥିଲି । ଅବଶ୍ୟ ନୀତା କଥା ହିଁ ଭାବୁଥିଲି । ଭାବୁଥିଲି, ଯଦି ଅଖିଳେଶ ହଠାତ୍ ବଦଳିଯାନ୍ତେ.... ବଦଳି ଯାନ୍ତା ତାଙ୍କର ରଙ୍ଗଢ଼ଙ୍ଗ । ହଠାତ୍ ବୟସଟା ଖସି ଆସନ୍ତା ତଳକୁ । ଚପଳ କିଶୋରଟିଏ ପାଲଟିଯାନ୍ତେ ଅଖିଳେଶ । କେମିତି ଲାଗନ୍ତା ନୀତାକୁ ...ପ୍ରବୀଣ ଅଖିଳେଶଙ୍କର ଇମୋସନାଲ ଚେହେରାଟା ।

-ଆଚ୍ଛା, ନୀତା । ମନେକର କାଲିସକାଳୁ ଅଖିଳେଶ ଗୋଟାଏ ଅଭିନବ ପ୍ରସ୍ତାବ ଦିଅନ୍ତେ...କିଛିଦିନ ପାଇଁ ତୋ ସହିତ ଏକୁଟିଆ କୁଆଡେ ବାହାରକୁ ବୁଲିଯିବା ପାଇଁ ଅଥବା ତୁ ଦେଖନ୍ତୁ ଅଖିଳେଶ ହଠାତ୍ ଅଠେଇଶ, ତିରିଶି ବର୍ଷର ଯୁବକ ପାଲଟିଯାଇ ରୋମାଣ୍ଟିକ୍ ରୋମାଣ୍ଟିକ୍ ଲାଗୁଛନ୍ତି । ତୋ ସହିତ ଗପୁଛନ୍ତି, ତ ଗପୁଛନ୍ତି ଚା ଖାଉଛନ୍ତି ହସୁଛନ୍ତି ଖେଳୁଛନ୍ତି ଛାଇପରି ଲାଗିଛନ୍ତି ପଛରେ । ରାତି ଦିନ ପାଲଟି ଯାଇଛି । ନିତି ବସନ୍ତ ମଞ୍ଜରିତ ହେଉଛି ତୋ ମନ ଉପବନରେ । କେମିତି ଲାଗନ୍ତା ।

Digitized by PPRACHIN, SOA

ଅନ୍ଧାର ଭିତରକୁ ଚାହିଁ ଚାହିଁ ମୁଁ ଯେ କାହିଁକି ଏମିତିକା ସୃଷ୍ଟି ଛଡ଼ା ପ୍ରଶ୍ନଟିଏ ପଚାରି ବସିଲି କେଜାଣି ଜାଣେନା । ଅବଶ୍ୟ ମୋର ବୟସୀମନ ପରେ ପରେ ସଚେତନ ହୋଇ ଅପ୍ରସ୍ତୁତ ହେଲା । ନୀତା କଣ ଭାବିବ....ଭାବିବନିତ ମୁଁ ଥଟା କରୁଛି...ହେ· ଭଗବାନ ! ରକ୍ଷାକର । ମୋର ତ ଏମିତିକା ପ୍ରଶ୍ନ କରିବାର ଉଚିତ ନଥିଲା ।

ସତକୁ ସତ ନୀତା ମୋ କୋଳରୁ ମୁଣ୍ଡଟେକି ମୋ ମୁହଁକୁ ଅଚିହ୍ନାଙ୍କ ଭଳି ଚାହିଁଲା । କଲବଲ ହେଇ । ଯେମିତି ସ୍ୱପ୍ନ ଦେଖୁଛି । ଭାବିପାରୁନି କିଛି । ମୁହୂର୍ତ୍ତକ ପାଇଁ ତାର ସେଇ ସ୍ୱପ୍ନାଛନ୍ନ ମୁହଁକୁ ଚାହିଁ ମୁ ମଧ୍ୟ ଅପେକ୍ଷା କଲି ।

ସେଇ ଘୋର ଭିତରେ ଥାଇ ନୀତା କହିଲା-ନା ନା ମୁଁ ଯେ ଅଣନିଃଶ୍ୱାସୀ ହୋଇଯିବି । ସହି ପାରିବିନି...ସହି ପାରିବିନି ମୋଟେ ଛବିନାନୀ....ତମେ ଏ କଣ କହୁଛ ମୁଁ ଯେ ଏତେ ସୁଖ ଚାହେଁନା । ମୁଁ ଜାଣେ ତାଙ୍କର ଖୁବ୍ ଅହଂକାର ନିଜକୁନେଇ । କିନ୍ତୁ ଛବିନାନୀ ସେ ସେମିତି ଥାନ୍ତୁ । ଅହଂକାରଟା କେଜାଣି କାହିଁକି ତାଙ୍କର ସେଇ ଚେହେରାକୁ ବେଶ୍ ସାଜେ....ତମେ ଦେଖିନ ?

ମୁଁ ଆଶ୍ୱସ୍ତ ହେଲି ମୋ ଭିତରେ ସତ କିନ୍ତୁ ତୃପ୍ତ ହେଲିନି ।

ମୁଁ ଜାଣିପାରିଲି ନୀତା ଏଇୟା ହିଁ କହିବ ।

ମୁକୁଳା ଆକାଶ, ଖୋଲା, ପବନ, ଉଚ୍ଛୁଳା ସବୁଜିମା ପାଇଁ ମୁକ୍ତ ବିହଙ୍ଗମର ଅନନ୍ତ ବ୍ୟାକୁଳତା । ତଥାପି ପଞ୍ଜୁରି ଭିତରେ ଆବଦ୍ଧ ବିହଙ୍ଗର ସେଇ ପଞ୍ଜୁରୀ ପାଇଁ ମଧ୍ୟ ଏକ ଅହେତୁକି ଆକର୍ଷଣ ଅଛି । ଅଛି ଅପରିସୀମ ଭଲପାଇବା । ସେଇ ପଞ୍ଜୁରି ଭିତରେ ହିଁ ତାର ଅନନ୍ତତ୍ୱକୁ ସେ ହୁଏତ ଉପଲବ୍ଧି କରିବାର ଅଭ୍ୟାସ କରିଛି । ଏଇଟା ଏଇମାଟିର ପରମ୍ପରା । ଯା ପଛରେ କିଛି ଯୁକ୍ତି ନାହିଁ । କୌଣସି ତର୍କ ବିତର୍କ ଅପେକ୍ଷା ରଖେନା । ଏଇ ଅଭ୍ୟାସ ।

କେବଳ ବିଶ୍ୱାସ । ବିଶ୍ୱାସ ହିଁ ଏ ଉଲବ୍ଧିକୁ ଉର୍ବର କରେ । ନ ହେଲେ ଜାଣିଶୁଣି· ସେ ଧରାଦିଏ କାହିଁକି ? ଅନେକ ବେଳୁ ସଂଜ ଗଡ଼ି ଯାଇଥିଲା । ଜାଣି ହେଉନଥିଲା କଥାର ଲହସରେ ।

''ଯିବାଚାଲ ଏଥର''-ନୀତାର ହାତଧରି ମୁଁ ଉଠେଇଲି । ମନ୍ଦିର ଗଳି ପାରିହୋଇ ବଡରାସ୍ତାକୁ ମୋଡ଼ିଲା ବେଳେ ନୀତା କହିଲା-ଛବିନାନୀ ରେଣୁକୁ ଟିକିଏ ଦେଖିଦେଇଗଲେ ହୁଅନ୍ତାନି, ବିଚାରୀ ଅପରେସନ ପରେ ଭୀଷଣ ଦୁର୍ବଳ ହୋଇ ଯାଇଛି...ରେଣୁ ନୀତାର ସାନ ଯା' ।

ମୁଁ ହସିଦେଇ କହିଲି ଚାଲୁନୁ । ମନେ ମନେ ଭାବିଲି ନୀତା ମଧ୍ଯ ସଂସାରୀ ପଣର କିଛିଟା ବ୍ୟାକରଣ ମୁଖସ୍ତ କରିଛି । ଆହୁରି କରିବ ।

❑❑❑

Digitized by PPRACHIN, SOA

ଅନ୍ତରୀଣ ଯାତ୍ରା

ମୁଁ ଖୋଜୁଥିଲି ମୋତେ । ମୋ' ଭିତରର 'ମୁଁ' କୁ । ମୋ ନିକଟରେ ଠିଆ ହୋଇ । ଚାରିଆଡ଼କୁ ହାତ ବଢ଼େଇ, ଦରାଣ୍ଡି ହୋଇ ମୁଁ ମୋତେ ଧରିବାକୁ ଚାହୁଁଥିଲି । ହେଲେ ଛାଇ ଆଲୁଅର ଲୁଚକାଳି ଭଳି କିମ୍ବା ପିଲାଦିନର ଛୁଁ ଛୁଁକା ଖେଳଭଳି ମୋ ସାଥିରେ ସେ ଖେଳୁଥିଲା ।

ମୁଁ ତାକୁ ମୋଟେ ଧରିପାରୁ ନଥିଲି । କଅଁଳା ବାଛୁରି ଭଳି ସେ ମୋ' ହାତପା'ନ୍ତାରୁ ଖସି ଛୁଟି ଯାଉଥିଲା ଦୂରକୁ ଚିରାମାରି । ଅଣନିଃଶ୍ୱାସୀ ହୋଇ ଧାଉଁଥିଲି ତା' ପଛରେ । ଧାଉଁ ଧାଉଁ ଝୁଣ୍ଟି ପଡୁଥିଲି ମଧ୍ୟ । ରକ୍ତ ଝରୁଥିଲା, କଷ୍ଟ ହେଉଥିଲା । ପୋଛି ଦେଉଥିଲି ଆଖି ଲୁହରେ । ଉଷୁମ ଆଉଁସାରେ କ୍ଷତ ସିନା ଭରି ଆସୁଥିଲା, ହେଲେ ସେଇ ଦୁଷ୍ଟ 'ମୁଁ'ଟା ଧରାଦେଉ ନଥିଲା । କେବଳ କ୍ଲାନ୍ତ ହୋଇଯାଉଥିଲି ।

ଥରେ ଛୁଁଛୁଁକା ଖେଳୁ ଖେଳୁ ହଠାତ୍ ମୋତେ ହାଲୁକା ଲାଗିଲା । ସତେକି ପବନରେ ଉଡ଼ିଯାଉଛି । ଉଠିଯାଉଛି ଶୂନ୍ୟକୁ । ମୋ' ଅସ୍ତିତ୍ୱ, ସକଳ ଅଙ୍ଗାଭରଣକୁ ଖୋଲିଦେଇ କେନ୍ଦ୍ରୀଭୂତ ହୋଇଯାଉଛି ବିନ୍ଦୁଟିଏ ହେଇ ଏବଂ ସେଇ ବିନ୍ଦୁଟି ନିଃସୀମ ଶୂନ୍ୟତାର ପ୍ରଚ୍ଛଭୂମିରେ ଝୁଲୁଛି । ବିଚିତ୍ର । ନିଜକୁ ମନୋନୟନ କରିବାକୁ ଚେଷ୍ଟାକଲି ।

ଏଥର ମୁଁ ମୋ' ଭିତରୁ ବାହାରକୁ ଆସିଲି । ଅଣ୍ଡା ଭିତରୁ ଛୁଆ ବାହାରକୁ ଆସିଲା ଭଳି । ନୂଆ ନୂଆ ଲାଗିଲା ସବୁ । ଅନ୍ଧାରରୁ ଆଲୁଅକୁ ଆସିଲେ ଯେମିତି ଲାଗେ । ବିଚିତ୍ର ପରିବେଶ । କୌଣସି ମାୟାବୀର ଇନ୍ଦ୍ରଜାଲ ଭିତରେ ପଶିଗଲା କି ଆଉ ! ଚକିତ ଚକିତ ଲାଗିଲା । ଆଲୁଅର ପୃଥିବୀ-ଏଇଟା । କିମିଆଁ କଲାଭଳି ଉପାଦାନ ସବୁ ବିଞ୍ଚି ହେଇ ପଡିଛି ଚାରିଆଡ଼େ । କ'ଣ କରିବି, କୁଆଡ଼େ ଯିବି ? ବାଟ ଭୁଲି ଯିବିନି ତ !

ଭାବୁ ଭାବୁ ସ୍ଥିର ହେଇଗଲି ମୁହୂର୍ତ୍ତେ ଏବଂ ମନେ ମନେ କାଞ୍ଚନିକ ବିନ୍ଦୁଟିଏ ଆଙ୍କି ଠିଆ ହେଇ ରହିଲି ତା' ଉପରେ । ସମୟ ବି ସ୍ଥିର ହୋଇଗଲା ମୋ' ସାଥିରେ । ଠିଆ ହେଇ ମୁଁ ଚାହିଁଲି ।

କ'ଣ ଚାହିଁଲି ??

ଆଗକୁ ? ନା ପଛକୁ ? ବିନ୍ଦୁ ଉପରେ ମୁଁ ଠିଆ ହେଇଥିଲି । ଆଗଟା ତ କିଛି ଦିଶୁନି...ଅନ୍ଧାର ଆଉ ଅନ୍ଧାର ବିଲିବିଲି...ପାଦ ବଢ଼େଇବି କିମିତି ?

ପଛକୁ ଚାହିଁଲି । ପଛଆଣି ରାସ୍ତାଟା ବି ଦିଶୁନି । ଅଙ୍କାବଙ୍କା କଙ୍କରିଳ ମୋଡ଼ରେ କୋଉଠି ହୁଏତ ହଜିଯାଇଛି । ମୋଟେ ଜାଣି ହେଉନି । କେତେବାଟ ମୁଁ ଚାଲି ଆସିଛି ? କୋଉଠିକି ଆସିଛି ? ନିଶ୍ଚେ ବାଟ ଭୁଲିଗଲି । ମନେ ପକେଇଲି । ଚେଷ୍ଟାକଲି ମନେ

Digitized by PPRACHIN, SOA

ପକେଇବାକୁ । କୋଉଠୁ ମୁଁ ଆରମ୍ଭ କରିଥିଲି ମୋର ଯାତ୍ରା । ଲକ୍ଷ୍ୟ କଣ ଥିଲା ସେ ଯାତ୍ରାର ? ଉଦ୍ଦେଶ୍ୟ ?? କୋଉଠି ଛାଡ଼ିଆସିଲି ମୁଁ ସେଇ ପହିଲୁ ବିନ୍ଦୁଟାକୁ !

ସତେ ତ, କିଛି ମନେ ପଡୁନି । ଫାଙ୍କା ଫାଙ୍କା ଲାଗୁଛି । ଶୂନ୍ୟ ଶୂନ୍ୟ ।

ମୁଁ ଯେଉଁ ବିନ୍ଦୁରେ ଠିଆ ହୋଇ ମୋତେ ଖୋଜିବାକୁ ଆରମ୍ଭ କରିଛି,ସେଠି କେବଳ ନିଃସ୍ତରଙ୍ଗ ଶୂନ୍ୟତାର ଢ଼େଉ....ଏବଂ ମୁଁ ବିନ୍ଦୁଟିଏ ପାଲଟିଯାଇ ସେଇ ଢ଼େଉର ଦୋଳିରେ ବସି ହଲୁଛି, ହଲୁଛି, ହଲୁଛି ।

ସେଇ ବିନ୍ଦୁରୁ ଏଇବିନ୍ଦୁ ପର୍ଯ୍ୟନ୍ତ ଏକ ଦୀର୍ଘ ରୈଖିକ ବ୍ୟବଧାନ । ଏଇ ବ୍ୟବଧାନ କାଳର, ସମୟର, ନା ଶୂନ୍ୟତାର ??

ସମୟର କ'ଣ ବୟସ ଅଛି ? ନା ଶୂନ୍ୟତାର ? କୋଉଥିରେ ମାପିବି ତାକୁ ? ସେଇ ବିନ୍ଦୁରୁ ଏଇ ବିନ୍ଦୁ ପର୍ଯ୍ୟନ୍ତ ଲମ୍ବି ଆସିଥିବା ତରାଙ୍ଗାୟିତ ଲମ୍ବମାନ ସମୟଟା କୁଆଡେ ଯେ ହଜିଗଲା ।

ପଛକୁ ସମୟଟା କଣ ହଜିଯାଏ ?

ହଜିଯାଏ ସବୁ ଚିନ୍ତା, ସବୁ ଭାବନା, ସବୁ କଳ୍ପନା, ସ୍ମୃତି ଅନୁଭୂତି ଆଉ ଆଉ ସବୁ ଯେତେ । ତା' ହେଲେ ହଜେଇ ଦେବାପାଇଁ ମଣିଷ ନାମକ ପୃଥିବୀର ଏକ ଜୀବଟି ପାଗଳ ଭଳି ସବୁକୁ ଗୋଟେଇ ଗାଟେଇ ସାଇତୁଛି; ପୁଣି ଅନ୍ଧାର ଭିତ୍ରେ କୋଉଠି ମୁହଁଲୁଚା ଦେଇଥିବା 'ଆଗ' କୁ ଦେଖିବା ପାଇଁ ପାଦ ବଢ଼େଇ ପଡି ଉଠି ଧାଇଁଛି ରକ୍ତାକ୍ତ ହେଇ ! ହେଲେ 'ଆଗ'-ଟା କୋଉ ଦିଶୁଛି ତାକୁ ଯେ' ! ଖାଲି ଗୋଟେ ଖେଳ ।

ମୁଁ କିନ୍ତୁ ବର୍ତ୍ତମାନ ଉପରେ ଠିଆହୋଇ ଲମ୍ବମାନ ସମୟର ସ୍ରୋତକୁ ବିଦୀର୍ଣ୍ଣ କରିଦେବାକୁ ଚାହୁଁଛି । ଚାହୁଁଛି ତାକୁ ଛେଚିକୁଟି ଭାଙ୍ଗିଦେବାକୁ । ଖଣ୍ଡ ବିଖଣ୍ଡ କରି ଟୁକୁରା ଟୁକୁରା କରି ଅଣୁ ପରମାଣୁରେ ପରିଣତ କରି ଭାଙ୍ଗିଦେବାକୁ ଚାହୁଁଛି ।

ଏବଂ ଭାଙ୍ଗିଦେଲି ମଧ୍ୟ । ଭାଙ୍ଗିଦେଇ ତା'ରି ଭିତରୁ ଖୋଜିଲି ମୁଁ କୋଉଠି, କେବେ ଓ କାହିଁକି ଜନ୍ମ ନେଇଥିଲି । ମୁଁ କିଏ ? କ'ଣ ମୋର ପରିଚୟ ?

ଅନ୍ତହୀନ ସମୟର ସ୍ରୋତରେ ଅସୁମାରି ପାଣି ଫୋଟକାର ବୁଦ୍‌ବୁଦ୍.....ଭାସୁ ଭାସୁ ଆପଣାର ସତ୍ତାକୁ ଜାହିର କରୁଥିବ କିଛି ସମୟ ପାଇଁ, କିଛି କାଳ ପାଇଁ, ଅଥବା କେଇଟା ଦଣ୍ଡ ପାଇଁ । ପୁଣି ନାଁ ଗାଁ ଠିକଣା ହରେଇ ହଜିଯାଉଥିବ କାଳର ସ୍ରୋତରେ...ମିଶିଯାଉଥିବ ପାଣି ହୋଇ, ମାଟିରେ ମାଟି ହେଇ, ପବନରେ ପବନ....। ଏଇମିତି ବୁଣି ହେଇ ମିଶିଯାଉଥିବ ମହାଭୂତରେ । ଏବଂ ...ପୁଣି ଯାତ୍ରା.....ଘଟରୁ ଘଟକୁ । ଏହିଭଳି ପୁନଃ ପୁନଃ । ପୁନଃରାବୃତ୍ତିର ଖେଳ କୋଉ କାଳରୁ କୋଉ କାଳଯାଏ ।

ଅଥଚ କୁଆଡେ ଯାଏ ଏସବୁ ଜୀବନ ? ଜୀବନକୁ ପରିପୁଷ୍ଟ କରୁଥିବା, ବିମଣ୍ଡିତ କରୁଥିବା ନିର୍ଦ୍ଦିଷ୍ଟ ଗୋଟାଏ ପରିଚୟ ଦେଉଥିବା ଏବଂ ସଂଜ୍ଞା ନିର୍ଦ୍ଧାରିତ କରୁଥିବା ଯେତେକ

Digitized by PPRACHIN, SOA

ସ୍ମୃତି ଅନୁଭୂତି, ଘଟଣା ଦୁର୍ଘଟଣା....ପାପ....ପୁଣ୍ୟ....କୁଆଡେ ଯାଏ ....କୁଆଡେ ? କିଏ ଖେଳେ ଏଇସବୁ ଖେଳ ? ଖେଳ ଆଉ ଖେଳାଳୀ କ'ଣ ଏକ ଆଉ ଅଭିନ୍ନ ? ନା, ଅଲଗା? ଅସଂଖ୍ୟ ପ୍ରଶ୍ନ....ଅସୁମାରି ମହାସାଗରରେ ମାଡ଼ିଆସୁଥିବା ଲହରିମାଳା ଭଳି ତୁହାକୁ ତୁହା ।

ତେବେ ମୁଁ କ'ଣ ଜନ୍ମ ଜନ୍ମାନ୍ତର ରହସ୍ୟକୁ ଖୋଜୁଛି....ନିଜକୁ ଖୋଜୁଛି ? ନା ଈଶ୍ୱରଙ୍କୁ ଖୋଜୁଛି ? କିଏ ଏଇ ଈଶ୍ୱର ! କିଏ ତିଆରିଲା ତାଙ୍କୁ ! କାହିଁକି ଯେ ....ଈଶ୍ୱର !!

ମୁଁ ପୁଣି କିଏ ?

ଗୋଟିଏ ବିଚିତ୍ର ଉପଲବ୍ଧି । ଲାଗିଲା ସତେ ଯେମିତି 'ମୁଁ' ନାମକ ବିନ୍ଦୁଟା କ୍ରମଶଃ ବିସ୍ତାରି ଦେଉଛି ନିଜକୁ । ବ୍ୟାପିଯାଉଛି ସଚରାଚରରେ ଆକାଶ, ପାତାଳ, ଆଉ ଧରିତ୍ରୀକୁ ଆକ୍ରାନ୍ତ କରି । ତା' ଭିତରେ ମୁଁ ମୋତେ ଦେଖୁଛି, ତୁମକୁ ଦେଖୁଛି, ସବୁକୁ ଦେଖୁଛି । ଆଶ୍ଚର୍ଯ୍ୟ !! ଏ କ'ଣ ପାଗଳାମି, ନା ସତ୍ୟ !

ତା' ହେଲେ....ମୁଁ ନିଜେ କଣ ମୋ' ଈଶ୍ୱର । ଚେତନାକୁ ତରଳେଇ ତରଳେଇ ଭାବିଲି । ମୁଁ ହିଁ ଈଶ୍ୱର । ଶୂନ୍ୟବ୍ରହ୍ମ । ପରମ ....। ଶୁଦ୍ଧ....ଶୂନ୍ୟ....

ଏକ ଦୋଳାୟମାନ ମାନସିକ ଅବସ୍ଥା । କିଛି ଭାବିପାରିଲିନି । ତେବେ ଏ କଥା ସତ୍ୟ ଯେ, ମୁଁ ମୋତେ ଖୋଜିବାକୁ ଯାତ୍ରା ଆରମ୍ଭ କରିଛି । ଅଥଚ ରାଜରାସ୍ତାଟା ଦିଶୁନି । ଖୋଜୁ ଖୋଜୁ କେତେବେଳେ ଆସି ଚଉଛକିରେ ଠିଆ ହେଇ ଗଲିଣି । କୁଆଡେ ଖୋଜିବି ସେ ମାର୍ଗ ? କେତେ ତ ବାଟ, କେତେ ଗଳିକନ୍ଦି । କେତେ ଦର୍ଶନ । କୁଆଡେ଼ ଯିବି ?

ନା, ମୁଁ ନଚିକେତା ନୁହେଁ, ସତ୍ୟକାମ ବି ନୁହେଁ ।

ନାମବାଚକ ଜୈବିକ ସତ୍ତାଟିଏ ମାତ୍ର । ଚେତନାର ଉଜଳ ବିନ୍ଦୁଟିଏ ବି ହୋଇପାରେ ।

ମୁଁ ଜାଣେନା ଜାଣେନା ମୁଁ ।

ତଥାପି ମୁଁ ଖୋଜି ଚାଲିଛି ମୋତେ । ମୋ ଜୀବନ-ସତ୍ୟକୁ । ଯାତ୍ରାରମ୍ଭର ପହିଲି ବିନ୍ଦୁକୁ ....ପ୍ରଥମ ସୂର୍ଯ୍ୟୋଦୟକୁ ...ପ୍ରଥମ ଶବ୍ଦକୁ ...ଓଁକାରକୁ ।

ସମୟର ନିସ୍ତରଙ୍ଗ ସମୁଦ୍ରରେ ଚେତନାର ବଟପତ୍ର ଉପରେ ସାତଗଣ୍ଠି ପକା ମୋ ପ୍ରାଣସଂଖାଳି 'ମୁଁ'ଟି ଶୂନ୍ୟତାର ଢେ଼ଉ କାଟୁ କାଟୁ କୋଉଠି ବାଟ ଭୁଲାହେଇ ଯାଇଛି । ତାକୁ ହିଁ ଖୋଜିବାକୁ ଯାଇ ତ ମୁଁ ଭଜୁଛି, ଅଣନିଃଶ୍ୱାସୀ ହୋଇଯାଉଛି ଏବେ ।

ପାପ-ପୁଣ୍ୟ, ଅନ୍ଧାର-ଆଲୁଅ, ଆକର୍ଷଣ-ବିକର୍ଷଣ ଥିବା ମଣିଷ ନାମର ଏଇ ଅରଣ୍ୟ ଭିତରେ କଣ ଯେ ମୁଁ ଖୋଜୁଛି ଓ କାହିଁକି ଖୋଜୁଛି, କହିପାରିବିନି । ବୋଧହୁଏ ଖୋଜିବାର ଅନ୍ୟସବୁ ରାସ୍ତା ବନ୍ଦ ହୋଇଗଲାପରେ ଫେରି ଆସିଛି ନିଜ ପାଖକୁ, ନିଜ ଭିତରକୁ, ମୋତେ ଖୋଜିବାକୁ । କାରଣ ମୁଁ ଜାଣେ, ମୋ ପରିଚୟ ଅନନ୍ତ ଶୂନ୍ୟତାର

Digitized by PPRACHIN, SOA

ଏଇ ନୀଳ ସମୁଦ୍ର ଭିତରେ ନିଶ୍ଚୟ କୋଉଠି ଭାସୁଛି, ବଟପତ୍ରରେ ଶୋଇ । ହୁଏତ ସ୍ୱପ୍ନ ବୁଣୁଥିବ ଆଉ ଏକ ଅଭିନବ ସୃଷ୍ଟିର ସର୍ଜନା ପାଇଁ । ଭାବୁଥିବ, ପ୍ରଥମ ଆଲୁଅ ହେଇ ଝଲସି ଉଠିବ ନା ଶବ୍ଦ ହୋଇ ଅନୁରଣିତ ହେବ । ଏଇ ଖୋଜାର ଶେଷ ଅଛି ନା ଆରମ୍ଭ ଅଛି ।

କେବଳ ଖୋଜ, ଆଉ ଖୋଜୁଥାଅ ବିଶ୍ୱ ବ୍ରହ୍ମାଣ୍ଡଯାକ ଗଳିପଶି ।

ହେଲେ, ମୁଁ କାହିଁକି ଯିବି କୋଉ ବ୍ରହ୍ମାଣ୍ଡ ଖୋଜିବାକୁ । ବ୍ରହ୍ମାଣ୍ଡ ତ ଏଇଠି, ମୋ'ରି ଭିତରେ । ମୁଁ ନିଜେ ତ ବ୍ରହ୍ମାଣ୍ଡ ବ୍ରହ୍ମାଣ୍ଡ ଭିତରେ ମୁଁ ।

କେତେ ଗହୀର, ଅଥଚ କେତେ ସହଜ ମାର୍ଗ ସତେ । କେମିତି କେଜାଣି ମୁଁ ଭାବିପାରୁ ନଥିଲି । ତେଣୁ ମୁଁ ମୋତେ ହିଁ ଖୋଜିବାକୁ ବ୍ରହ୍ମାଣ୍ଡ ଭିତରେ ପଶି ଗଲି । ସେଠି ଅନ୍ଧାର ଘନନୀଳ ସମୁଦ୍ର । ଅକାତକାତ ପାଣି ...

ମୁଁ ଆଲୁଅ ଖୋଜିଲି । ଆଖି ପଡ଼ିଲା, ସୁଡ଼ଙ୍ଗଟିଏ....

ମୋତେ ସୁଡ଼ଙ୍ଗ ଭେଦ କରିବାକୁ ପଡ଼ିବ । ହେଲେ, ମନ୍ତ୍ର କିଛି ମୁଁ ଜାଣେନା ।

ହୁଏତ ସୁଡ଼ଙ୍ଗ ସେପାଖେ ଅଣମାଦି ଐଶ୍ୱର୍ଯ୍ୟର ଅନିର୍ବାଣ ବିଭୂତି ଜଳୁଥିବ ଅହରହ । ଶୁଭୁଥିବ ଅନାହତ ନାଦ...ଥିବ ଅମୃତମୟ ସ୍ପର୍ଶ....ସୂକ୍ଷ୍ମ ଅନୁଭବ....। ମୁଁ କ'ଣ ପାରିବି ସେଇ ସୁଡ଼ଙ୍ଗ ଭେଦି ? ଶୁଣିପାରିବି ସେ ଅନାହାତ ନାଦ ??

ଗୋଟିଏ କାକୁସ୍ଥ ଭାବ ଘେରିଗଲା ଚାରିଆଡ଼ୁ । ମୁଁ ତଟସ୍ଥ ହେଇ ଠିଆହେଲି ।

ହଠାତ୍ ଗୋଟିଏ କ'ଣ ଶବ୍ଦ....ଚହଲି ଗଲା ଚେତନା ।

ନିବିଷ୍ଟ ଭାବେ ନିଘାକଲି । ଶବ୍ଦକୁ ଅନୁସରଣ କଲି....ଅନୁଭବ କଲି....ଧୁକ୍ ଧୁକି ଶବ୍ଦ । ତା' ସହିତ ଉଷୁମ ଉଷୁମ ନରମ ସ୍ପର୍ଶ....କେତେ ମୁଲାଏମ୍...ଫୁଲର ପାଖୁଡ଼ା ଭଳି,, ନା ପରାଗରେଣୁ ଭଳି ? ଛୁଇଁବାକୁ ହାତ ବଢ଼େଇଲି....ଆରେ !! ଇୟେ ତ ମୋରି ଦେହ ।

ସକାଳର ଖରା ଭଳି ଆଲୁଅ ଫିଟିଫିଟି ପଡ଼ିଲା ।

ତା' ହେଲେ ଏଇ ଦେହକୁ ଆଶ୍ରା କରିଛି ମୁଁ ? ଏଇଠି ଅଛି ...ଏଇ ଭିତରେ ?

ଅଥଚ....

ମୋତେ କ'ଣ ଏଇ ଦେହଟା ବନ୍ଦୀ କରି ରଖିଛି ? ମୁଁ ମୁକ୍ତ ନୁହେଁ ? ଭୟରେ ଜଡ଼ସଡ଼ ହେଇଗଲି । ମୋତେ ଭୟ ଲାଗିଲା କାରଣ, ମୁଁ ବନ୍ଦୀ ହେବାକୁ ଚାହୁଁ ନଥିଲି ।

ନା, ମୁଁ ବନ୍ଦୀ ହେବାକୁ ଚାହେନା । ମୁଁ ବନ୍ଦୀ ନୁହେଁ ।

ଭାବିଲି, ସ୍ଥୂଳଟାକୁ ସିନା ଏ ଦେହ ବାନ୍ଧି ରଖିଛି, କିନ୍ତୁ ମୁଁ ଚେତନାର ସୂକ୍ଷ୍ମତମ ପ୍ରକାଶ...ଦୀପ୍ତିମନ୍ତ ବିନ୍ଦୁଟିଏ ।

କିଏ ତାକୁ ବାନ୍ଧିବ ? ସିଏ ତ ମୁକ୍ତ, ଏ ପବନ ଭଳି ଆଲୋକ ଭଳି-ଚଉଦ ବ୍ରହ୍ମାଣ୍ଡ ପରିକ୍ରମା କରିପାରିବ ମୁହୂର୍ତ୍ତକରେ ।

Digitized by PPRACHIN, SOA

ଆଶ୍ୱସ୍ତ ହେଲି ମୋ ଭିତରୁ କିଏ ଯେମିତ କହି ଉଠିଲା, ମୁଁ ଅଛି ଏଇଠି, ସୂକ୍ଷ୍ମରୁ ସୂକ୍ଷ୍ମତମ ହେଇ, ସବୁରି ଭିତରେ ମିଶିମାଶି, ଗୋଳିଆଗୋଳି ହେଇ-ପାଣିରେ ଚନ୍ଦନ ଭଳି, ପବନରେ ବାସ୍ନା ଭଳି, ଅଗ୍ନିରେ ତାପ ହେଇ, ଜୋଛ୍ନାରେ ଶୀତଳତା ହେଇ ମୁଁ ସବୁଠି ଅଛି । ଆକାଶର ନୀଳିମାରେ, ମାଟିର ଉଷ୍ମତାରେ, ଗଛଲତାର ସବୁଜିମାରେ, ଫୁଲର ସୁରଭିରେ, ଅରଣ୍ୟର ନିଶ୍ଚୁପତାରେ, ସଂଗୀତର ମୂର୍ଚ୍ଛନାରେ, ପକ୍ଷୀର କାକଳିରେ, ହସରେ, ଲୁହରେ, ଉଚ୍ଛ୍ୱସିତ ଆନନ୍ଦରେ ଆଲୁଅରେ, ଅନ୍ଧାରରେ ସବୁଠି ଅଛି ମୁଁ ।

ମୁଁ ଏକ ଅନିର୍ବଚନୀୟ ଉପଲବ୍ଧି ।

ମୋତେ ଉପଲବ୍ଧି କଲେ ହେଲା ।

ଆଶ୍ଚର୍ଯ୍ୟ !!

ତା'ହେଲେ ...!

ମୁଁ ପୁଣି ଫେରିଆସୁଥିଲି ସେଇ ପହିଲୁ ପହିଲୁ ବିନ୍ଦୁ ପାଖକୁ, ଚେତନାର ବିନ୍ଦୁଟିଏ ହେଇ ।

❑❑❑

Digitized by PPRACHIN, SOA

ଡକ୍ଟର ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର

ଜନ୍ମ : ୧୫ ଅଗଷ୍ଟ, ୧୯୪୭
ପାରଳାଖେମୁଣ୍ଡି, ଅବିଭକ୍ତ ଗଞ୍ଜାମ

ଶିକ୍ଷା ଓ ବୃତ୍ତି : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍.ଏ. (ଓଡ଼ିଆ), ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଗନ୍ନାଥ ସାହିତ୍ୟ ଉପରେ ଡକ୍ଟରେଟ୍ ଉପାଧି । ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ସଂପ୍ରତି ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପ୍ରାଧ୍ୟାପିକା ଭାବେ ଅବସ୍ଥାପିତ ।

ସାହିତ୍ୟ କୃତି : ''ନୀଳରାଗ'', ''ଇଚ୍ଛାର ଅପହଞ୍ଚ ଗଳି'' ଓ ''ଦୁର୍ଲଭା'' ଭଳି ତିନୋଟି ଗଳ୍ପ ସଂକଳନର ପ୍ରକାଶ ଓ ବିଶ୍ୱ କ୍ଲାସିକ୍ ସାହିତ୍ୟର ଗଳ୍ପରୂପର ସଂପାଦନା ।

ଡକ୍ଟର ମିଶ୍ରଙ୍କ ଏହା ଚତୁର୍ଥ ଗଳ୍ପ ସଂକଳନ ।

-ପ୍ରକାଶକ

Digitized by PPRACHIN, SOA